ଆଖିରେ ଆଖିର ସମୁଦ୍ର

ଅଭମ୍ୟୁ ବାରିକ



Digitized by PPRACHIN, SOA

ଆଖିରେ ଆଖିରେ ସମୁଦ୍ର

ଲେଖକ
ଡକ୍ଟର ଅଭୟୁ କାଷିକ

ଓଡ଼ିଶା ବୁକ୍ ଷ୍ଟୋର

Digitized by PPRACHIN, SOA

ଆଖିରେ ଆଖିରେ ସମୁଦ୍ର
(ଗଳ୍ପ ସଙ୍କଳନ)

ଲେଖକ

ଡକ୍ଟର ଅଭୟ ବାରିକ

ପ୍ରକାଶକ

ବିଜୟ ଶଙ୍କର ପାତ୍ର

ଓଡ଼ିଶା ବୁକ୍ ଷ୍ଟୋର୍

ବିନୋଦ ବିହାରୀ, କଟକ-୭୫୩୦୦୨

ପ୍ରଥମ ସଂସ୍କରଣ : ଦୋଳପୂର୍ଣ୍ଣିମା, ୧୯୯୬

ପ୍ରଚ୍ଛଦ

ଅସିତ୍ ମୁଖାର୍ଜୀ

ମୁଦ୍ରଣ :

ଲିପିକାର

ଝାଞ୍ଜିରିମଙ୍ଗଳା, କଟକ-୯

ମୂଲ୍ୟ : ଅଠେଇଶ ଟଙ୍କା ମାତ୍ର (ସାଧାରଣ)

AKHIRE AKHIRE SAMUDRA

(An Anthology of Short Stories)

by

Dr. Abhaya Barik

Published by

Bijoy Shankar Patra

Orissa Book Store

Binode Behari, Cuttack-753 002

1st Edition :**1996**

PRICE : **Rs 35/-**

ISBN 81-7400-143-3

Digitized by PPRACHIN, SOA

"My life consists, and basically always has consisted, of attempts at writting, mostly unsuccessful. But when I didn't write, I was at once flat on the floor, fit for the dustbin."

—**Franz Kafka**

(Letters to Felice)

Digitized by PPRACHIN, SOA

ସରସ୍ୱତୀ ସମ୍ମାନ ବିଜେତା

''ଶ୍ରୀରାଧା''ର କବି

ଶ୍ରୀ ରମାକାନ୍ତ ରଥଙ୍କୁ

ସମର୍ପିତ :

ସ୍ନେହାନୁବଦ୍ଧ

ଅଭୟ

ଅକ୍ଷୟତୃତୀୟା—୧୯୯୫

Digitized by PPRACHIN, SOA

ତାଙ୍କ କଥା ମୋ' କଥା

ଏ ସଙ୍କଳନ ସମ୍ପର୍କରେ କିଛି ନକହିବ ବୋଲି ମନସ୍ଥ କରିଥିଲି । ପାଣ୍ଡୁଲିପିଟିକୁ ନେଇ ପହଞ୍ଚିଥିଲି ଆମ ଉପର ପୀଢ଼ିର ଆମ କଥା-ସାହିତ୍ୟର ପିତାମହ ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁଙ୍କ ଶହୀଦନଗରସ୍ଥ "ଆକାଶପାତାଳ" ବାସଭବନରେ । ସେ ଆଖିପକେଇଲେ ଏବଂ ଏଗୁଡ଼ିକୁ ପତ୍ରପତ୍ରିକାରୁ ପଢ଼ିଛନ୍ତି ବୋଲି କହିଲେ । ଦୀର୍ଘ ଅଢ଼େଇ ଘଣ୍ଟାକାଳ ଆମ ସାହିତ୍ୟର ପ୍ରବାଦ ପୁରୁଷଙ୍କ ପାଖରେ କେମିତି କଟିଗଲା କେଜାଣି ! ଫେରିଲାବେଳକୁ ମୋତେ ଲାଗିଲା ଏଇ ଯେମିତି ଆସିଥିଲି । ଶହୀଦନଗରରୁ ବାଣୀବିହାର ଚାଲି ଚାଲି ମୋର ଆସିବାର କଥା । କିନ୍ତୁ ତାଙ୍କର ପାଦ ଛୁଇଁ ତାଙ୍କଠୁଁ ଆସିଲାବେଳକୁ ମୋ ତମାମ ଶରୀରରେ ଯେମିତି କିଏ ଗୋଟାଏ ସବାର ହୋଇଛି । ବାଟ ଭୁଲିଯାଇଥିଲି ବୋଲି ଜାଣିଲି ଯେତେବେଳେ ଆସି ଉଠିଲି ଜାତୀୟ ରାଜପଥରେ । ଭାବିଲି : ରାଜଧାନୀ ତ ମୋ' ପାଇଁ ନୂଆ ନୁହେଁ !!

ଆଲୋଚନା ପ୍ରସଙ୍ଗରେ ମୁଁ ପଚାରିଥିଲି : ସାର୍, ଆପଣଙ୍କର କ'ଣ ଏମିତି ହୁଏ ଯେ ଗୋଟିଏ ଶବ୍ଦ ଜଳ ଭିତରେ ଧକ୍କା ଖାଇଲେ ତା'ଠୁଁ ସୃଷ୍ଟି ହେଉଥାଏ ଗୋଟେ ଗପ ? ସେ କହିଲେ : ସେଇଟା ହେଉଛି ଗୋଟେ Key । ଅର୍ଥାତ୍ ସେ ଚାବିକାଠିଟି ସେଇ ଘରଟିର ଦୁଆରକୁ ଯେମିତି ମୁକୁଳେଇଦିଏ । ତା' ଭିତରର ସମସ୍ତ ଅନ୍ଧାର ସମସ୍ତ ଆଲୋକ ଧସେଇ ଆସେ ଆଉ ତା'ର ଭିତରେ ହାତ ଖୋଲିଯାଏ । କାହାଣୀ ଆପେ ଆପେ (ତା'ର କର୍ତ୍ତୃକ) ସୃଷ୍ଟି ହୋଇଯାଉଥାଏ । ଆମ ଭିତରେ ଜଣେ 'କହାଣୀ ବନାନେ ୱାଲା' ଥାଏ । ସେ କହିଚାଲିଥାଏ ।

ଆଉ ଦୁଇଟି ଅନୁଭୂତ କହିଥିଲେ, ଯାହାଦ୍ୱାରା ମୁଁ ଏକାମ୍ର ହୋଇ ଯାଇଥିଲି ।

: ଥରେ ମୋ' ଉପରେ ଗୋଟେ କାହାଣୀ ସବାରହେଲା । ସେ ଆସିଯିବାକୁ ବାଟ ଚାହୁଁଥିଲେ ବି ଆସିପାରୁନଥିଲା । ମୋର ସାରା ଶରୀରକୁ ସେତେବେଳକୁ ସେ ଆବୋରି ସାରିଲାଣି । ମୋର ଧମନୀରେ ସେ ପ୍ରବଳ ଉତ୍ତେଜନା ସୃଷ୍ଟି କରିସାରିଲାଣି । ତା'ର କୋପରେ ପ୍ରବଳ ଜ୍ୱର ହେଲା । ମୋତେ ସମଗ୍ର ପୃଥିବୀଟା

Digitized by PPRACHIN, SOA

ଅସ୍ଥିର ଲାଗୁଥିଲା; ଅସ୍ଥିର ଲାଗୁଥିଲା ମୋତେ ନିଜକୁ ନିଜେ । ସେତେବେଳେ ରେଭେନ୍ସାରେ ଅଧ୍ୟାପନା କରୁଥାଏ । ସେହି ପ୍ରବଳ ତାତି ଭିତରେ ମୁଁ ଖଣ୍ଡେ ସାଇକେଲ ଧରି ଗ୍ଲିଲି କଟକ ସହରର ଉପକଣ୍ଠରେ । ଅନେକ ଦୂର ଗଲାପରେ ଦେଖିଲି ଗୋଟେ ପୋଖରୀରେ କଇଁ ଭର୍ତ୍ତିହୋଇଛି । ପ୍ରବଳ ଜ୍ୱର ସତ୍ତ୍ୱେ ସେଇ ଗାଡ଼ିଆ ଭିତରେ ପଶିଲି । ଗୋଛାଏ କଇଁଫୁଲ ତୋଳିଲି । ତାକୁ ସାଇକେଲ କ୍ୟାରିଅର୍‌ରେ ଲଦି ସିଧାସଳଖ ଶ୍ରୀମାଙ୍କ ଆଶ୍ରମକୁ । ମାଆଙ୍କ ପାଖରେ ଫୁଲଗୋଛାଟା ରଖିଦେଇ ବସିଗଲି । ଟିକେ ଆଶ୍ୱସ୍ତ ଲାଗିଲା । ତା'ପରେ ଘରକୁ ଫେରି ଆସିଲି । ରାତି ଗୋଟାଏରୁ ତା ପରଦିନ ସକାଳ ନଅଟା ପର୍ଯ୍ୟନ୍ତ ଗପଟିଏ ଲେଖି ଚାଲିଥିଲି । ଏ ସବୁ କରୁଥିଲି । ଜାଣିପାରୁଥିଲି । ଅଥଚ ମୋ କର୍ତ୍ତୃତ୍ୱ ଭିତରେ ମୁଁ ନଥିଲି । ଗପଟି ସରିଗଲା ପରେ ମୋ' ଦେହରୁ ପୂରାପୂରି ତାତି ଓହ୍ଲେଇଯାଇଥିଲା ଏବଂ ମୋତେ ବେଶ୍ ହାଲ୍‌କା ଲାଗୁଥିଲା ।

: ଆଉ ଦିନକର କଥା—ମୋ' ପତ୍ନୀ ଓ ମୁଁ ଯାଉଥାଉ ବାରିପଦା । ଭଦ୍ରକ ଟପିଲା ପରେ ଦକ୍ଷିଣ-ପଶ୍ଚିମ କୋଣରୁ ଆସିଲା ସାଙ୍ଘାତିକ ପବନ ଓ ବର୍ଷା । ସାରା ପୃଥିବୀଟା ଯେମିତି ଅନ୍ଧାର ଭିତରେ କୁଆଡ଼େ ନିଶ୍ଚିହ୍ନ ହେବାକୁ ବସିଲାଣି । ଇତ୍ୟବସରେ ପତ୍ନୀ ମୋ' କାନ୍ଧରେ ଭରାଦେଇ ଶୋଇ ଗଲେଣି । ଝରକା ପାଖରେ ବସି ମୁଁ ବାହାରକୁ ଚାହିଁଥାଏ । ହଠାତ୍ ଲାଗିଲା ଯେମିତି ଗୋଟେ ଥରଥର ବୁଢ଼ୀଟିଏ ରାଉ ରାଉ ହୋଇ କ'ଣ ସବୁ ଗପିଗଲା ବେଳାଏ ଖଣ୍ଡେ ଆଉ ସେଗୁଡ଼ିକ ମୋ' ଭିତରେ ଯେମିତି ଅବିକଳ ରେକର୍ଡ଼ ହୋଇଯାଇଥିଲା । ତା'ପରେ ବାରିପଦାରେ ମୋ' ଶ୍ୱଶୁରଘରେ ପହଞ୍ଚି ତା'ର ଆଉଟ୍ ଲାଇନ୍ସ କରିନେଲି ଏବଂ ଗପଟିକୁ ପରେ ସାରିଲି ।

: ତା'ହେଲେ ସେ ବୁଢ଼ୀଟି କିଏ ? ମୁଁ ଉତ୍ସୁକତା ତଥା ବିସ୍ମୟର ସହିତ ଜିଜ୍ଞାସା କଲି ।

: ଦେଖ ଅଭିଷ୍ଟ, ନା'ଓ ଆଇ ଆମ୍ ଏ ମ୍ୟାନ୍ ଅଫ୍-ସିକ୍ସ୍ଟି ଫାଇଭ । ମୋ' ଭିତରେ କାହିଁ କେଜାଣି କେଉଁ ଦିନରୁ ମୋର ଶୈଶବରୁ ସେ ବୁଢ଼ୀଟିର ଛବି ମୋ' ଅବଚେତନ ଭିତରେ ସଂଗୁପ୍ତ ହୋଇ ରହିଥିଲା । ଆଉ ହଠାତ୍ ଦିନେ ସେ ବାଟ ଖୋଜି ପାଇଗଲା । ସେମିତି ପଚିଶ/ପଞ୍ଚାବନ ବର୍ଷରେ 'ଅଭିଶପ୍ତ ଗନ୍ଧର୍ବ'ମାନେ ମୋ' ଦେଇ ପ୍ରକାଶ ହେଉଛନ୍ତି । ସେଗୁଡ଼ିକ ସେଇ ଶୈଶବର ଚେତନା । ତେଣୁ ଗପ କେମିତି ଲେଖାଯାଏ କ'ଣ ବା କୁହାଯାଇପାରିବ ତା'ର ଉତ୍ତରରେ ? ବେଳେବେଳେ ମୁଁ ସବୁ ଅଜବ ସ୍ୱପ୍ନ ଦେଖେ ଆଉ ସେଇ ସ୍ୱପ୍ନ ଭିତରେ ମୋ' କାହାଣୀଗୁଡ଼ାକ ସବୁ କହି ହୋଇଯାଏ । ଆଜିକୁ ପ୍ରାୟ ପାଞ୍ଚବର୍ଷ ହେବ ଗପ

Digitized by PPRACHIN, SOA

ଲେଖିନ । ଲେଖିହେଉନ, ଲେଖି ହେଉନ ଏଇଥିପାଇଁ ଯେ ମୋ' ସ୍ନାୟୁରେ ଆଉ ସେ ପ୍ରକାର ତାଡ ଆସୁନ । ସବାର ହେଉନ ଗପ ପାଇଁ । ଅନ୍ୟ କଥା ଅଲଗା ।

ସମ୍ଭାରେ ଗୃଲ୍ଗୃଲୁ ଷ୍ଟବୁଥିଲ ଶାରଳା ଦାସ କହୁଥିଲେ ସେ ମହାଭାରତ ଲେଖିନାହାନ୍ତି । ଶାରଳା ଚଣ୍ଡୀ ତାଙ୍କ ସ୍ୱପ୍ନରେ ଯାହା କହନ୍ତି, ଦବସରେ ସେ ତାକୁ ହିଁ ଲେଖିଯାଆନ୍ତି । ଏହା କବିଙ୍କର ବିନମ୍ରୋକ୍ତି ନୁହେଁ ଆମ୍ଭୋକ୍ତି । ପ୍ରତ୍ୟେକ ସ୍ରଷ୍ଟା ଭିତରେ ଗୋଟେ ଶାରଳାଚ୍ଚି ରହନ୍ତି । ତାହାହିଁ ସବୁ ବନ୍ଦଘରର ଗୃବକ ଠିକଣା ସମୟରେ ଖୋଲିଦଏ ।

ଏବେ ମୋକଥା ।

ମୋର ସବୁଗପର ସୃଷ୍ଟି ଏମିତ । ଗୋଟିଏ ଗୋଟିଏ ଶବ୍ଦ ମୋ' ଭିତରେ ବେଳେବେଳେ ଲୁଚିଯାଏ । ତଣ୍ଟିରେ ଭାତ ଲଗିଗଲ ପରି । କାଶି କାଶି ନଯ୍ୟାନ୍ତ ହେଲାପରେ—ଗଳଦ୍‌ଘର୍ମ ହେଲାପରେ ନିଃଶ୍ୱାସ ପ୍ରକ୍ରିୟା ଠିକ୍ ଫେରିଆସିପାରେ । ଦନ ଦନ ଧର ସେମିତ ସେଇ ଶବ୍ଦ ମତେ ଉଠାପକା କରୁଥାଏ । ଥରେଇ ଦେଉଥାଏ । ମୋତେ ମୋ' ଭିତରେ ଉଖେଇଥୋଇ ଦେଉନଥାଏ । ସେ ବାହାରି ନଆସିଲା ଯାଏ ରକ୍ଷାନାହିଁ । ସେତେବେଳେ ମୁଁ ଯେମିତ ସହଜଯାନର ସଦ୍ୟ ଋତୁସ୍ନାତା ରଜୋବତୀ ସହଜ ସୁନ୍ଦରୀ । ସେ ଯେମିତ ମୋର ମନ୍ତ୍ରସିଦ୍ଧ ଦୁର୍ଦାନ୍ତ ଯୋଗୀ । ମୋତେ ରମଣ କରୁଥାଏ । ଚଉଷଠି ବନ୍ଧରେ ମୋତେ ନଚଉଥାଏ । ମୁଁ ନାଚୁଥାଏ । କଷ୍ଟ ପାଉଥାଏ । ଅଥଚ ନେତେ ଭଲଲାଗୁଥାଏ । ତା'ର ପୀଡ଼ନରେ ମୋର ଅଷ୍ଟାଙ୍ଗ ଶରୀର ରୁଧିରକ୍ତ ହେଉଥାଏ, ଅଥଚ ତା'ର ଅବର୍ତ୍ତିମାନରେ ମୁଁ ଯେମିତ ଦଶଦଶା ଭୋଗୁଥାଏ । ସେଇ ମହାସୁଖକୁ ଲୋଡ଼ୁଥାଏ ।

ଥରେ ଜଣେ ତଥାକଥିତ ରକ୍ଷଣଶୀଳ ପାଠକ/ସମ୍ପାଦକ (ଏକଦା ବହୁଲ୍ୟା କବି) ମୋର ଗୋଟିଏ ଗପକୁ ତାଙ୍କ ପତ୍ରିକାରେ ପ୍ରକାଶିତ ନକରି ଫେରେଇ-ଦେଲେ ଏବଂ ସଫେଇ ଦେଇଥିଲେ : ଗପରେ ନିଜ କଥା ଏତେ ରହୁଛି ଯେ ସମାଜ ପ୍ରତି ଦୃଷ୍ଟିନାହିଁ । ଅନେକ ଦନ ପର୍ଯ୍ୟନ୍ତ ସେଇ ଚିନ୍ତାରେ ଭାଳିହେଲି । କାହାକୁ ନେଇ ତେବେ ଗପ ଲେଖିବ ? ଅର୍ଥାତ୍ ମୋତେ ବାଦଦେଇ ଗପ ଲେଖିବ ? ସମାଜ କଏ କି ?? ତା'ପରେ ଯେତେବେଳେ ଗପ ଲେଖିଛି ପ୍ରତିଥର ସେଇ 'ମୁଁ'ଟି ବାହୁଡ଼ି ଆସିଛି ମୋ' ପାଖକୁ । ମୋ' ଭିତରର ଅନ୍ତନାଡ଼, ଶୋଣିତ-ମାଂସ, ତନ୍ତୁକୋଷ, ଲୋହିତ ଓ ଧବଳ ରକ୍ତକଣିକା, ନାସାରନ୍ଧ୍ର-ଲୋମକୂପ, କ୍ଷୁଦ୍ରାନ୍ତ୍ର ଓ ବୃହଦାନ୍ତ୍ର, ପିତକୋଷ ଅଗ୍ନ୍ୟାଶୟ, ବୃକକ୍, ମଳଦ୍ୱାର, ମୁଖଗହ୍ୱର, ଚକ୍ଷୁନାଶାକର୍ଣ୍ଣ, ଜନନେନ୍ଦ୍ରିୟ, କୃମୀକୀଟ, କଫଶ୍ଳେଷ୍ମ, ହୃଦୟ—ସବୁ ଆନାଟୋମି ଭିତରୁ ମୋ' ଶବ୍ଦ, ମୋ' ଭାଷା,

Digitized by PPRACHIN, SOA

ମୋ' ଚେତନା, ମୋ' ସଭ୍ୟ ଅସଭ୍ୟ ଅଚେତନତା, ମୋ ନାଭିପଦ୍ମର ସମସ୍ତ ସଞ୍ଚିତ ଅନ୍ଧାର, ମୋ' ହୃଦ ରନ୍ଧ୍ରର ସକଳ ବହ୍ନିତ୍ୱ ଓ ଲଲାଟରନ୍ଧ୍ରର ସବୁ ନିଃସୀମ ଉଜ୍ଜଳତା ଓ ସଙ୍ଗୋପନ ମୋ ନିଧାରର ନିଃଶବ୍ଦ ପ୍ରଖରତା ଯେମିତି ଏକକ ସ୍ପର୍ଶରେ ଟପୁଡ଼ି ହୋଇଯାଆନ୍ତି ଆଉ ମୋର ଯଥାଶକ୍ତିର ଚୌହଦ ଭିତରେ ମୋ' ମହା-ଶୂନ୍ୟର ଜଗତ ଭିତରୁ ସେ 'କହ୍ନାଇ ବନାନେ ଓ୍ୱାଲେ' ସବୁ କହିଦେଇଯାଏ । ମୋର ଆଉ କା ଗତ୍ୟନ୍ତର ନାଇ !!

ଆଜି ଏଇ ଅବସରରେ ସେଇ ବର୍ଷୀୟାନ ସଂପାଦକ/ପାଠକଙ୍କୁ ମୋର ହୃଦଭରା କୃତଜ୍ଞତା; ଯାହାଙ୍କର ମତାମତଟି ମୋତେ ମୋ' ସମ୍ପର୍କରେ ମୋ 'କହ୍ନାଇ ବନାନେ ଓ୍ୱାଲେ' ସମ୍ପର୍କରେ ପୁଣିଥରେ ନିଶ୍ଚିତ କରାଇଦେଲା ।

ଧନ୍ୟବାଦ ମଧ୍ୟ ମୋର ପ୍ରିୟ ପାଠକ ଓ ପ୍ରିୟା ପାଠିକାମାନଙ୍କୁ ଯେଉଁମାନେ ମୋ' ଉପରେ ଗଦ୍‌ଗଦ୍ ହୋଇ ଅଜସ୍ର ଶୁଭେଚ୍ଛା ପଠାଇଥାନ୍ତି । ସେମାନଙ୍କ ଭିତରୁ ଅଗ୍ରଜ ପ୍ରତିମ କବି-ଗାଳ୍ପିକ ଅଜୟ ସ୍ୱାଇଁ ଓ ଡକ୍ଟର ପ୍ରକାଶ କୁମାର ପଣ୍ଡା ଏବଂ ରିତୁ ପଟ୍ଟନାୟକ···।

କୃତଜ୍ଞତା ପୂଜ୍ୟ ଶ୍ରୀଯୁକ୍ତ ମହାପାତ୍ର ନୀଳମଣି ସାହୁଙ୍କୁ ଯିଏ ମୋ' ଆଗରେ ବି ମୋ' ଅଗ୍ରଜନ ସୃଷ୍ଟିର, ମୋ' ଚରିତ୍ରର, ମୋ' ଭାଷାର, ମୋ' ଢାଞ୍ଚାର ଗୁଣଗାନ କରିଥାନ୍ତି । ମୋ' ସାଧନାର ଦୀର୍ଘାୟୁ କାମନା କରିଥାନ୍ତି ।

ପ୍ରଣାମ ପୂଜ୍ୟ କବି ଶ୍ରୀଯୁକ୍ତ ରମାକାନ୍ତ ରଥଙ୍କୁ, ଯାହାଙ୍କର ନିରାସକ୍ତ ଭଲ ପାଇବା ନିକଟରେ ମୁଁ ବାରମ୍ବାର ହାରିଯାଉଥାଏ—ଲେଖିବାରୁ ନିବୃତ୍ତ ନରହୁ ବୋଲି ଯିଏ ଆଶିଷ ବର୍ଷୁଥାନ୍ତି ।

କୃତଜ୍ଞତା ବି ମୋର ପତ୍ନୀ ପୁଷ୍ପାଙ୍କୁ, ଯାହାଙ୍କର ଅଦୃଶ୍ୟ ଭଲପାଇବା ମୋ' ଭିତରର ଚରିତ୍ରମାନଙ୍କୁ ବାରମ୍ବାର ନିଦରୁ ଉଠେଇ ଦେଉଥାନ୍ତି ।

ପୂଜ୍ୟ ପ୍ରକାଶକ ତଥା ଚିତ୍ରଶିଳ୍ପୀଙ୍କୁ ମୋର ଆନ୍ତରିକତା ।

ଶୀତଳଷଷ୍ଠୀ
୧୬।୫।୯୫
ଜଟଣୀ

ବିନମ୍ରାବନତ
ଅଭୟ ବାରିକ

ସୂଚୀପତ୍ର

ବିଷୟ	ପୃଷ୍ଠା
୧ । ଗଳ୍ପିତ ଗଳ୍ପ	୧
୨ । ଗୋଠବାହୁଡ଼ା	୧୩
୩ । ଆଖିରେ ଆଖିରେ ସମୁଦ୍ର	୩୦
୪ । ଏପାରି ସେପାରି	୪୨
୫ । ଛୁଟିଲେ ଘଣ୍ଟ	୫୭
୬ । ତମକୁ ମିଛ	୬୭
୭ । ଆମେ ତ ଭାଗ୍ୟବାନ୍ ପିଲାରେ	୭୯
୮ । କେବଳ ବୟସ୍କମାନଙ୍କ ପାଇଁ (ଏକ)	୯୧
୯ । କେବଳ ବୟସ୍କମାନଙ୍କ ପାଇଁ (ଦୁଇ)	୧୦୦
୧୦ । ସେ କନ୍ତୁ ଆସୁନଥିଲା	୧୧୩
୧୧ । ଗୋଟିଏ କାହାଣୀ ସମ୍ପର୍କରେ	୧୨୨

Digitized by PPRACHIN, SOA

ଏହି ଲେଖକଙ୍କର ଅନ୍ୟାନ୍ୟ

ସମାଲୋଚନା :

ଭିନ୍ନ ଇଲାକା ଭିନ୍ନ କଥା

ସାଂପ୍ରତିକ କବିତା ଓ କବି ରମାକାନ୍ତ

ଗଳ୍ପ ଗ୍ରନ୍ଥ :

ଆଧାର ଶିଳା

ଏରକାର ବନ

Digitized by PPRACHIN, SOA

ଗାଲ୍ଣି ଓ ଟାଲ୍

ସତକୁ ସତ ଏମିତି ଏକ ବେଳ ଆସିଲା, ଯେତେବେଳେ ଆମକୁ ଘର ଛାଡ଼ିବାକୁ ପଡ଼ିଲା । ଆମେ ଛଅଭାଇ, ଛଅ ଭଉଣୀ, ବୋଉ ଓ ଆଈଙ୍କୁ ବାପା ଯେତେବେଳେ ଘରୁ ଆଣି ଦାଣ୍ଡରେ ଠିଆ କଲେ, ସେତେବେଳେ ଆମେ ଗୋଟାସୁଦ୍ଧା ଥରୁଥିଲୁ । ମୁଁ ଭେଁ-ଭେଁ ହୋଇ କାନ୍ଦୁଥିଲି । ଭାଇ ଢେଗା ଢେଗା ଆଖିରେ ଚାହୁଁଥାନ୍ତି । ସାନ ଟୋକାଟାକୁ ବୋଉ ଛାତିରେ ଜାକିଥାଏ । ଗୋଟା ଚାଦରରେ ତାକୁ ଢାଙ୍କି ଦେଇଥାଏ । ଛଅଭଉଣୀଯାକ କଇଁ କଇଁ ହେଉଥାନ୍ତି । ଆଈ ତ ଜମାକୁ ମନାକରୁଥାଏ ଘରଛାଡ଼ି ଯିବ ବୋଲି । ବାପା ବେଳେବେଳେ ଖୁବ ଗମ୍ଭୀର ହୋଇ ଖାଲି ଏପଟ ସେପଟ ହେଉଥିଲେ ବି ପରିସ୍ଥିତି ଅସମ୍ଭାଳ ହେବାରୁ ବାଧ୍ୟହୋଇ ଆମକୁ ଛାଡ଼ିଆସିବାକୁ ସ୍ଥିରକଲେ । ସେ ଆଦୌ ବେଶି ଗପିପାରୁନଥିଲେ । ତାଙ୍କ ପାଟି ଖନ୍ଦିବାନ୍ଧିଯାଉଥିଲା । ଓଦା ଗାମୁଛାଟାକୁ ସେ ଥରକୁଥର ଚିପୁଡ଼ିଦେଇ ମୁଣ୍ଡ ଉପରେ ପକେଇ ଏଘର ସେଘର ହେଲାବେଳକୁ ଆଈ ବିରକ୍ତ ହେଉଥିବ । ଯେତେବେଳେ ଆମ ବାଡ଼ିପଟ କାନ୍ଥ ପୁରା ପଡ଼ିଗଲା ଆଉ ରଡ଼ମଡ଼ ଶବ୍ଦ କରି ଛଅଟା ନଡ଼ିଆଗଛ ପବନ ସାଥିରେ ଯୁଝି ଯୁଝି ହାରିଯାଇ ଭୂତଳଶାୟୀ ହେଲେ, ସେତେ-ବେଳେ ବାପାଙ୍କର ସାଙ୍ଘାତିକ ଧୈର୍ଯ୍ୟଚ୍ୟୁତି ଘଟିଲା ଏବଂ ଆମକୁ ଦାଣ୍ଡରେ ଆଣି ଠିଆକରେଇ ଏକ ନିରାପଦ ଆଶ୍ରୟ ସ୍ଥଳକୁ ପଠେଇଦେବାର ବ୍ୟବସ୍ଥା କଲେ ।

ଆମେ ଯେଉଁ ଘରେ ବିଶ୍ରାମ ନେଇଥିଲୁ ସେଇଟା ଥିଲା ଆମ ବାଟଘର । ଉପରେ ଶଙ୍ଗା ବନ୍ଧାହୋଇଥିଲେ ବି ସେତେବେଳକୁ ଚଟାଣସାରା କୁଟା ଓ ପାଣି କାଦୁଅର ଏକ ଆସ୍ତରଣ । ପୁରୁଣାକାଳିଆ ଦଦରା ଖଟ ଉପରେ ଆମେ ସମସ୍ତେ ଯିଏ ଯାହା ପାଇଛୁ ଝିଣ୍ଡେଲେଖାଁ ଦେହରେ ପକେଇ କୁକୁରିକାକର ହୋଇ ବସିଆଛୁ । ପବନ ଆରମ୍ଭହେଲାଣି ରାତି ଦଶଟାରୁ । ଏବେ ଆସି ଉପରବେଳା । ସକାଳେ କେହି ପଖାଳ ଖାଇପାରିଲେନି । ଖାଲି ଦାନ୍ତ ଠକ୍ ଠକ୍ ମାରୁଥାଏ । ଶିପା ମୁଢ଼ି ମୁଠାଏଲେଖାଁ ଚୋବେଇ ଅମେ ଛୁଆମାନେ ଭୋକରେ ଆଉଟିପାଉଟି ହେଉଥାଉ । ଦି'ପହରକୁ ବାସି ପଖାଳ ଗଣ୍ଡାଏ ଗଣ୍ଡାଏ ଖାଇବାକୁ ବାଧ୍ୟ ହେଲାବେଳକୁ, ଯୋଗକୁ ବାଲିପଟ କାନ୍ଥ ପଡ଼ିଲା ଏବଂ ରୋଷେଇଘରେ ବୋଉର ଫୁଟଣ ଡବା, ତେଲ ଶିଶି, ଲୁଣ-

Digitized by PPRACHIN, SOA

କାଠୁଆ, ଢେଉପିଣ୍ଡି, ଜାଲିଚଟୁ, ଡାଓ୍ୱା, ପିଠାଝଡ଼ିକା, ଭଜାଭଜା ଝୁଣୁକାଠୁ ଆରମ୍ଭକରି ହାଣ୍ଡିମାଠିଆ ସବୁ ମାଟିତଳେ ପୋତିହୋଇଗଲା । ପୋତିହୋଇଗଲା ସବୁଠୁ ଦାମିକା ଜିନିଷ ଏଇ ହସ୍ତାହ୍ୱକ ତଳେ ଫୁଟା ଡେକ୍‌ଚିହାଣ୍ଡିକୁ ବଦଳେଇ କିଣିଥିବା ନୂଆ ସିଲ୍‌ଭର୍ କରେଇଟା ଯୋଉଥିରେ ବୋଉ ଅଦୌ ଆମିଷ ରାନ୍ଧିବାକୁ ଦେଉନଥିଲା ।

ବୟସ୍କମାନଙ୍କ ସେମିତି ଶୋକ ହେଉନଥିଲା । ସେମାନେ କାହିଁକି କିଛି କହୁନଥିଲେ । ଆମେ ତିନିଜଣ ବେଳେବେଳେ ଶୋକ-ଶୋକ ବୋଲି ମନେପକେଇ-ଦେଉଥିଲୁ । ଭଉଣୀ ତିନିଟା ବି କିଛି କହୁନଥିଲେ । ତଟସ୍ଥ ହୋଇ ଆମଆଡ଼କୁ ଚାହିଁ-ରହୁଥିଲେ । ମୋ' ଠିକ୍ ଉପର ଭଉଣୀ ମୋତେ ଟିକେ ଚିମୁଟିଦେଲା । ମୁଁ ତା' ଉପରକୁ କୁଦିପଡ଼ିଲି । ତା' ଚୁଟିକି ଧରି ଭିଡ଼ି ଆଣିଲି । : ଦୁନିଆ ପ୍ରଳୟ ହବାକୁ ବସିଲାଣି, ଏଗୁଡ଼ାଙ୍କ ମନରେ ଟିକେହେଲେ ପଶୁନି, କି କଳିକାଳ ହେଲା ଲୋ ମାଆ । ଆମ ଅମଳରେ ଏମିତି କେବେ ହେଇନି । ଏଗୁଡ଼ାଙ୍କ ବେଳକୁ ସବୁ ଘଟୁଛି । ଅଧର୍ମ ବଢ଼ିଗଲା, ଆଉ ପୃଥିବୀ ମାତା କେତେ ସହିବ···ଏମିତି ଖାଲି ଆଈ ଆମର ଗପି ଗପି ଆମ ଉପରକୁ ବିରକ୍ତ ହେଉଥିଲା । ଆମେ ତା' ପ୍ରତି ବେଶି ଧ୍ୟାନ ଦେଉନଥିଲୁ । କିନ୍ତୁ ବାପା ଯେତେବେଳେ ଗୋଟା ତୋରା କାଢ଼ିଲେ ଆମେ ଚୁପ୍ ହୋଇଗଲୁ ସତ; କିନ୍ତୁ ଜିଭ ଓ ଦାନ୍ତ ଦେଖେଇ ପରସ୍ପରକୁ ଖତେଇହେଲୁ ।

ଆମ ଘର ପାଖରୁ କିଛିବାଟ ଆସିଛୁ, ଦେଖିଲୁ ଯେ ଦାଣ୍ଡରେ ଯିବା ମୁସ୍କିଲ । ଠାକୁର ଗାଡ଼ିଆ ପାଖରେ ଥିବା ବରଟ କୃଷ୍ଣା ଗଛ ଉପୁଡ଼ିଯାଇ ପଡ଼ିଛି ମଝି ଦାଣ୍ଡରେ । ତା' ଉପରକୁ ଉପର ପଡ଼ିଛି ପାଞ୍ଚ ସାତଟା ଦୀର୍ଘକାୟ ନଡ଼ିଆଗଛ ଛନ୍ଦାଛନ୍ଦି ହୋଇ । ବାପା ଆମକୁ କିଛି ସମୟ ଅଟକେଇଦେଲେ । ପାଖରେ ହଲୁଥିବା ନଡ଼ିଆଗଛମାନଙ୍କୁ ଦେଖି ଆମେ ଆଶଙ୍କିତ ହୋଇଯାଉଥିଲୁ । କିଛି ସମୟ ପରେ ସାମାନ୍ୟ ପ୍ରସ୍ତୁତି ଭିତରେ ବାପା ଆମକୁ ବାଟ କଢ଼େଇଲେ । ଠାଏ ମୋ ଗୋଡ଼ରେ ଚୁରେଇହେଇଗଲା ଗୋଟା କଣ୍ଟା । ମୁଁ ଓଲଟିପଡ଼ିଲି । ଘରୁ ବାହାରିଲାବେଳୁ ତ କାନ୍ଦୁଥାଏ । ମୋ' କାନ୍ଦଣାଲହରୀ ଅଧିକ ବଢ଼ିଗଲା । ମୁଁ ଯେତେବେଳେ ଝୁଣ୍ଟିପଡ଼ିଲି, ସେତେବେଳେ ମାଧୁରୀଅପା 'ମୋ' ଝିଅଲୋ....' କହି ମୋ ଉପରେ ହାମୁଡ଼େଇ ପଡ଼ିଲା । ମୋତେ କୁଣ୍ଢେଇମୁଣ୍ଢେଇ ଧରିବାକୁ ଚେଷ୍ଟା କରୁଥାଏ । ସେ ତ ଗୋଟାସୁଦ୍ଧା ଥରୁଥାଏ । ସେତେବେଳେ ମାଧୁରୀଅପାକୁ ମୋର ପ୍ରତିଦ୍ୱନ୍ଦ୍ୱୀ ବୋଲି ଜମାରୁ ମନେକରୁନଥିଲି । ତାକୁ ଆଉ ମାରିବନି କି ଖତେଇ ହେବନି ବୋଲି ଭାବୁଥିଲି । ଝିଅ ଭଉଣୀ ହାତ ଧରାଧରି ହୋଇ ଚାଲିଥାଉ । ଆଈଙ୍କ

Digitized by PPRACHIN, SOA

ଧଣଥାନ୍ତି ବାପା । ବୋଉ ସବୁ ଚୁଆଙ୍କୁ ନଜରଦେଇ ଗୁଣୁଗୁଣୁ ହୋଇ ଖାଲି ଶାରଳା ମାଆଙ୍କୁ ଡାକୁଥାଏ । କେମିତି ତା' ପିଲାମାନଙ୍କର କିଛି ନହେଉ ।

ମୋ' କାନ୍ଦଣା ତ ଜମାରୁ ସରୁନଥାଏ । ଘର ଭିତରେ ରହିଗଲେ ମୋ କୁକୁଡ଼ା ପଞ୍ଝାଟା । ଯଦି ଘରର ସବୁ କାନ୍ଥ ପଡ଼ିଯାଏ, ତେବେ କୁକୁଡ଼ା ଘର ରହିବ ତ ? ତା'ର ବା କି ଶକ୍ତି ! ବାଉଁଶ କଣି ଓ ଝିଟା ଉପରେ କାଦୁଅ ଲେପା-ହୋଇ ପଟା ଖଣ୍ଡେ କବାଟ ହୋଇଛି । ସତରେ କ'ଣ ମୋ' କୁକୁଡ଼ା ଥିବେ···? ? ଏଇ ମାଟି ଘର ଛାଡ଼ିଲାବେଳକୁ ମୁଁ ଜିଦ୍ ଧରିଥିଲି ଯେ ମୋ' କୁକୁଡ଼ାମାନଙ୍କୁ ସାଥିରେ ନେଇକରି ଯିବି । ବାପା ଆଦୌ ରାଜି ନଥିଲେ । ବିରକ୍ତ ହେଲେ । ବୋଉ କହିଲା; ତମେ ସବୁ ଆଗ କୋଉଠି ଜୀବନ ପାଅ··· । ଆଈ କହିଲା, କାମ ତ ନାହିଁ ଟ୍ରୁପରା ହଉଚ··· । ବଡ଼ଅପା କହିଲା, ପାଠଶାଠ ନାହିଁ, ଖାଲି କୁକୁଡ଼ା-କୁକୁର-ବିଲେଇ ପୋଷିବ···କୋଉଠି ଛତରଖିଆ ଥିଲା କେଜାଣି···। ତା' ତଳ ଅପା କହିଲା: ଓହୋଃ···କୁକୁଡ଼ା ଯେମିତି ଏଇଟାର ପୁଅଝିଅ । ଜୀବନ ତ ଖାଲି ଛାଡ଼ିଯାଉଛି··· ।

ଅତଃପର ମୁଁ ସଜୋରରେ କାନ୍ଦିବାକୁ ଆରମ୍ଭ କରନ୍ତେ ଖାଇ ରଗି ଠାଏକରି ଲଗେଇଦେଲେ ମୋ' ଗାଲରେ ଗୋଟା । ପୁଣି ମୋ କାନ୍ଦଣାଲହରୀ ବଢ଼ିଯାଇ-ଥିଲେ ବି କେହି ମୋ' କଥାରେ ସମ୍ମତି ପ୍ରକାଶ କଲେନାହିଁ । ଅବଶେଷରେ ମୁଁ ମୋର ପ୍ରିୟ କୁକୁଡ଼ାମାନଙ୍କୁ ଛାଡ଼ି ସେମାନଙ୍କ ସାଥିରେ ଗଲି । ଗଲିନ ତ ମୋତେ ନେଇଗଲେ ।

ଆମେ ଯେଉଁଠି ବିଶ୍ରାମ ନେଲୁ ସେଇଟା ଥିଲା ଲାଇବ୍ରେରୀ କୋଠାଘର । ଛନୋଟି ବଖରା । ଗୋଟିଏ ଲମ୍ବା ବାରଣ୍ଡା । ଆଜବେଷ୍ଟସ୍ ଛାଉଣୀ । ସେତେ-ବେଳକୁ ସେ ଘରେ ଆଉ ଖୁଦ ପକାଇବାକୁ ଜାଗା ନଥାଏ । ଆମ ଗାଁରେ କୋଠା କହିଲେ ସେଇ ଖଣ୍ଡିକ । ବହୁଦିନ ପର୍ଯ୍ୟନ୍ତ ଆମର ଧାରଣା ଥିଲା କୋଠାଘର ମାନେ ଏଇଆ । ସା' ଅଗଣାରେ ଖେଳିବାକୁ ଖୁବ ଭଲ ଲାଗୁଥିଲା । ପାଦକୁ ଥଣ୍ଡା ଓ ଚିକ୍‌କଣ ଲାଗୁଥିଲା । ତା'ତଳେ ମଳି ଲାଗୁନଥିଲା । ଆମେ କଥାବାର୍ତ୍ତା ହେଉ— ଏମିତିଆ ଘର୍‌ଖଣ୍ଡେ ଯଦି ଆମର ଥାନ୍ତା ନା··· । ବାରଣ୍ଡାରେ ନାଲି, କଳା ଓ ଧଳା ରଙ୍ଗରେ ଅଙ୍କାଯାଇଥିବା ଚିତ୍ର ଆଦୌ ଲିଭୁନଥିଲା । ସବୁଦିନେ ଯେମିତି ସେମିତି । ମାଘମାସ ଗୁରୁବାର ବେଳକୁ ଆମ ଘର କାନ୍ଥ ସାରା ଚିତ୍ର ହୋଇ-ଯାଉଥିଲା ଡାହି-ଦଳା-ଧଳା ରଙ୍ଗର ବିବିଧ ଚଢ଼େଇ, ଫୁଲ, ମନ୍ଦିର ଓ ଗଛପତ୍ର, ପଶୁମାନଙ୍କ ଚିତ୍ରରେ । ପନ୍ଦରଦିନଯାଏ ମୋ' ବୋଉ ଭଉଣୀ ଲାଗିଯାଇଥିବେ । ଦାଉଦାଉ ହୋଇ ଜଳୁଥିବ କାନ୍ଥ । ହେଲେ କ'ଣ ହେବ ଯେଉଁଦିନଠୁଁ ଆସିବ ବର୍ଷା—ଆସ୍ତେ ଆସ୍ତେ କୁଆଡ଼େ ତାକୁ ଧୋଇନବ । ତା'ପରେ କାନ୍ଥ କାନ୍ଥଛଡ଼ା

Digitized by PPRACHIN, SOA

ବାଲୁଆ ପରି ପଡ଼ିରହିବେ ପୁଣି ଆରମାସ ମାଡିଯାଏ । ମଝିରେ ମଝିରେ ଲିପାପୋଛା ହେଉଥିଲେ ବି ଚଟାଣର ଛିଞ୍ଚାସବୁ ରହିଯାଇଥିବ ଘାଆ ଦାଗପରି । ତା' ଉପରେ ଆମେ ଲେଖିଯାଉ ଜାତୀୟ ସଙ୍ଗୀତଠୁ—ହିତୋପଦେଶ, ନୂଆ-ନୂଆ ଶିଖିଥିବା ଇଂରାଜୀ ଅକ୍ଷରରେ ଆମ ନାଁ—ଗାଁ—ଠିକଣା, ଗୁଡ୍-ବ୍ୟାଡ୍, 'ମଦର୍ ସ୍ନେକ ଲାଗିଲାଣି ରାଇସ୍ ଆଣ' ବା 'ବିଗ୍ ମଦର୍ ସିକ୍ସ୍ କରି' (ବଡ଼ମାଛ ତରକାରି) କିମ୍ବା ''ଶାନ୍ତ+ଶରୁବ=ପୁଅ'' କିମ୍ବା ମେଲେରିଆ ଜ୍ୱର ପାଇଁ କାନ୍ଥରେ ଢଆଣ ହୋଇ-ଥିବା ଟେବୁଲ୍‌ର ନକଲିକରଣ ଇତ୍ୟାଦି ଇତ୍ୟାଦି··· ।

ଏଇ ଲାଇବ୍ରେରୀ ଘରେ ଆଶ୍ରୟ ନେଇ ମଣିଷ ଉପରେ ମଣିଷ ଚଢ଼ାଚଢ଼ି ହେଉଥିଲେ । ପିଲାଛୁଆ ସେତେବେଳକୁ ହଗାମୂତା କରି ତାକୁ ଗୁହାଳରେ ପରିଣତ କରିଦେଇଥାନ୍ତି । ଫୁର୍‌କୁଟିଆ ଗନ୍ଧ ବାହାରି ଅଇ ଉଠୁଥାଏ । ଅମର ଆଗରେ ପଧାନଘର ଛୁଆ ମଡ଼ମଡ଼ କରି ବିସ୍କୁଟ ଖାଉଥାନ୍ତି । ମୁଁ ତାଙ୍କ ଆଡ଼କୁ ଚାହୁଁଥାଏ । ପୁଣି ଗନ୍ଧରେ ନାକ ଫାଟିପଡ଼ୁଥାଏ । ମୋ' ସାନଭାଇ ହାତ ବଢ଼େଇ-ଦେଲା ସେ ଆଡ଼କୁ । ପଧାନ ଟୋକାଟା ତାକୁ ବିଧା ଉଞ୍ଚେଇଲା । ମୋ' ଭାଇଟା ବିକଳରେ ରାହିଁ ରାହିଁ କାନ୍ଦିଉଠିଲା । ବୋଉ ତାକୁ କୋଳରେ ଜାକି କ୍ଷୀରଦେଲା । ସେ ଟିକେ ଟିକେ ପୁଣି ହୁଣ୍ଡୁଥାଏ, ତା'ପରେ ଶୋଇଗଲା କି କ'ଣ । ମୋତେ କିନ୍ତୁ ଏ ଲାଇବ୍ରେରୀ ଘର ଜମାରୁ ଭଲ ଲାଗୁନଥାଏ । ମୋ' ଘର, ମୋ ହେଂସ, କନ୍ଥା, ପାଣିଶୁଆ କଥା ମନେପଡ଼ୁଥାଏ । ଆରାମରେ ବୋଉ କୋଡ଼ରେ କୁଙ୍କୁରିକାଙ୍କୁରି ହୋଇ ଶୋଇବାକୁ ଇଚ୍ଛା ହେଉଥାଏ । ମୋ କୁକୁଡ଼ା···ବହିବସ୍ତାନୀ, କାନ୍ଥ ଫଟୋ ···କ୍ୟାଲେଣ୍ଡର···ଅବଶ୍ୟ ସେଗୁଡ଼ିକୁ ଦିନକ ଆଗରୁ କାନ୍ଥରୁ ଓହ୍ଲେଇ ଗୋଟେ ବେଡାରେ ପୁରେଇ ଖଟତଳେ ରଖିଥିଲୁ । ଯଦି ଏପଟ ଘର କାନ୍ଥ ପଡ଼ିଯାଏ ?

ମୁଁ କାନ୍ଦକାନ୍ଦ ହୋଇ ବାପାଙ୍କୁ ଖୋଜିଲି । ବୋଉ କହିଲା, ବାପା ନାହାନ୍ତି, ଘରକୁ ଯାଇଛନ୍ତି । ମୋତେ ଆହୁରି ଜୋର୍‌ରେ କାନ୍ଦ ଲାଗିଲା । ବୋଉ ବି ବାରଣ କରିବା ସତ୍ତ୍ୱେ ବାପା ଘରକୁ ଛାଡ଼ିପାରୁନଥାନ୍ତି । ସେ ଆମକୁ ଏଠି ଛାଡ଼ି ପୁଣି ଘରକୁ ଯାଇଛନ୍ତି । ବାଟରେ ଗଛ···ଘରେ କାନ୍ଥ, କାଳେ କ'ଣ ମୋ' ବାପାଙ୍କର ହୋଇଯିବ ! ବାପା ଘର ଛାଡ଼ିପାରୁନଥିଲେ । ଉପକୂଳ ଅଞ୍ଚଳରେ ଆମ ଘର ହୋଇଥିବାରୁ ବର୍ଷକୁ ଦି' ତିନି ଥର କାନ୍ଥରୁ ଫଟୋକୁ ଓହ୍ଲାଇବାକୁପଡ଼େ । ବହି ବସ୍ତାନୀକୁ ଡେକ୍‌ଚିରେ ପୁରେଇ ଖଟତଳେ ଜରି ଘୋଡ଼େଇ ରଖିବାକୁପଡ଼େ । ଏଇ ଗତବର୍ଷ ଏମିତି ଥରେ ହେଲା । ତା'ପରେ ଅବଶ୍ୟ ସବୁ ଶାନ୍ତ ପଡ଼ିଗଲା । କିନ୍ତୁ କ୍ଷୟକ୍ଷତି ହୋଇନଥିଲା । ଝୁମୁଅପା କାନ୍ଥ ଓ ଚାଳରେ ଝାଡ଼ୁମାରି ପୁଣି ଫଟୋଗୁଡ଼ିକୁ ଯଥାସ୍ଥାନରେ ଅବସ୍ଥାପିତ କରିବାର ଦାୟିତ୍ୱରେ ଥାଏ । ମୋତେ ଡାକିଲା । ସେ

Digitized by PPRACHIN, SOA

ଝଣ୍ଟୁଣୀ ଲଗାଇ ଗୋଟା ଗୋଟା ଫଟୋ ଝୁଲେଇବ ଆଉ ମୁଁ ତଳେ ଠିଆହୋଇ ତା' ହାତକୁ ବଢ଼େଇଦେବ । ସେ କନାରେ ପୋଛି ବାନ୍ଧିଚାଲିବ । ଦୈବାତ୍ ମୋ' ହାତରୁ ଗୋଟା ଫଟୋ ଖସି ତଳେ ପଡ଼ି ଚୁର୍‌ମାର୍ ହୋଇଗଲା । ଝୁମ୍‌ଅପା ସିଧା ଡେଇଁପଡ଼ିଲା ତଳକୁ ଦାନ୍ତ କଡ଼ମଡ଼ କରି । ମୋ' ପିଠିରେ ଲଦିଦେଇଗଲା । ତା' କରାଳ ମୂର୍ତ୍ତି ନିକଟରେ ମୁଁ କାବୁଛି ହୋଇଗଲି । ସେଇଟା ଥିଲା ତା' ହାତତିଆରି ସ୍ୱାଗତମ୍ ଫଟୋ । ଉଲାରେ ରଙ୍ଗ ଚୁମୁକି ଦେଇ ଖୁବ୍ ସୁନ୍ଦର ଭାବରେ ତିଆରି ଥିଲା ।

ମୋ' ଭୁରୁ ଥରୁଥାଏ । ମୁଁ କିଛି କହିପାରୁନଥାଏ । ଯେତେବେଳେ ସେ ମୋ' ଗାଲ ପିଠିରେ ଆଉରି କିଛି ଲଦିଦେଲା, ସେତେବେଳେ ମୋ' ରାଗ ବି ପଞ୍ଚମରେ ଧରିଗଲା । ଆଉ ଗୋଟେ ଫଟୋକୁ ନେଇ ସେଠୁ ଦଉଡ଼ିଗଲି ଏବଂ ବାରିପଟ ପଥରରେ କଚାଡ଼ିଦେଲି । ସେଇଟା ଥିଲା ଆଣ୍ଠୁଆ ଗୋପାଳର ଫଟୋ । ଅପା ମୋ' ପଛରେ ଗୋଡ଼ାଉଥାଏ । ମୁଁ ଦୌଡ଼ୁଥାଏ । ଥୋଡ଼ାଏ ବାଟ ଦୌଡ଼ିଲା ପରେ ସେ ଫେରିଗଲା । ମୁଁ ସେଇ ବେତବୁଦା ମୂଳେ ଲୁଚିପଡ଼ିଲି । ଲୁଚିପଡ଼ିଲି ସିନା ମନ ଭଲ ଲାଗୁନଥାଏ । ଠାକୁରଙ୍କ ଫଟୋ ଭାଙ୍ଗିଦେଲି । କାଲେ ଯଦି ମୋର ପାଠ ନହୁଏ···! ପରୀକ୍ଷାରେ ଫେଲ୍‌ହୋଇଯାଏ ! ପଞ୍ଚୁଆ ଯଦି ମୋଠୁ ଅଧିକ ନମ୍ବର ରଖି ଫାଷ୍ଟ୍ ହୋଇଯାଏ ! ! ମୋ କୁକୁଡ଼ାମାନଙ୍କୁ ଯଦି କଣ୍ଟାସ ଖାଇଯାଏ ! ଅଣ୍ଡାଗୁଡ଼ାକ ଯଦି କାଞ୍ଜିଆ ହୋଇଯାଏ ! ଛୁଆ ନଫୁଟେ ! ବୋଉ ଯଦି ମାମୁଘରୁ ନଫେରେ ! ବାପା ହଳ କରୁ କରୁ ଯଦି ଝୁଣ୍ଟିପଡ଼ନ୍ତି··· ! ଆମଘର କାନ୍ଥ ଯଦି ଭାଙ୍ଗିଯାଏ ··· ! !

ସନ୍ଧ୍ୟାବେଳକୁ ଘରକୁ ଲୁଚି ଲୁଚି ଆସିଲାବେଳେ ଯୋଗକୁ ସେଇ ପଥର ଉପରେ ତଥାପି ପଡ଼ିଥିବା କାଚ ଖଣ୍ଡିକ ମୋ' ଗୋଡ଼ରେ ପଶିଗଲା । କିଛି ରକ୍ତ ବାହାରିଲା । ସମସ୍ତେ ଘେରିଗଲେ । ଝୁମ୍‌ଅପା କହିଲା : ଭଲ ହୋଇଚି । ଠାକୁର ଭଲ କରିଚନ୍ତି । ଏ କଥାରେ ବୋଉ ରାଗି ଖପ୍‌ପା ହୋଇଗଲା । ତାକୁ ଗାଳିଦେଇ କହିଲା, ଛୁଆଟା ତ ଭାଙ୍ଗିଦେଲା, ତୋ' ମନ କେମିତି ହଉଚଲେ ବକଟେ କାଳିଆ ଜୋକଟାକୁ ଏମିତି କହିବାକୁ । ମୋର ସେତେବେଳକୁ ସାହସ ବାନ୍ଧିଯାଇଥିଲା, ଆଉ ମୁଁ କହିଦେଲି, ଭଲ ହୋଇଛି··· । ଆଈ ତା' କାନରେ ରକ୍ତଯାକ ପୋଛି ହାତକଟା ତେଲ ଟିକେ ଆଣି ମାରିଦେଲା ।

ଏସବୁ କଥା ମନେପଡ଼ି ଭାରି କାନ୍ଦଲାଗୁଥିଲା । ଆଉ କ'ଣ ଆମର ଘରଥିବ ଯେ ପୁଣି ଯାଇ କାନ୍ଥରେ ଫଟୋ ଟାଙ୍ଗିବୁ ! ! ମୋ' କୁକୁଡ଼ାମାନେ କ'ଣ ସତରେ ଥିବେ··· ! କମ୍ କଷ୍ଟ ସହିଛି କୁକୁଡ଼ାମାନଙ୍କ ପାଇଁ । ପ୍ରଥମେ ପ୍ରଥମେ ସମସ୍ତେ ଅମଙ୍ଗ ଥିଲେ ଯେ ଘରେ କୁକୁଡ଼ା ରହିବେନି । ସେଗୁଡ଼ାକ ଘରଦ୍ୱାର ହଗି

Digitized by PPRACHIN, SOA

ବୁଢ଼େଇବେ । ଗନ୍ଧେଇବ । ଲକ୍ଷ୍ମୀ ଗୁଣ୍ଡିଯିବ । କାହାଘରର ପର କୁକୁଡ଼ା ରଖିବ । ଆମ ଘର ପାଖରେ ଚକଗ୍ନ, ହୁଣ୍ଡା ପଞ୍ଝାଏଲେଖାଁ କୁକୁଡ଼ା ରଖି ଯେତେବେଳେ ଖୁଦ ଖୁଆଉଥିବେ, ସେତେବେଳେ ମୋ' ମନଟା ଭାର ଓଜନଆ ଲାଗେ । ରାତିରେ ସ୍ୱପ୍ନ ଦେଖେ : ମୁଁ ଗୋଟେ ଗ୍ରେଟ ଘର ବନେଇଛି । ତା' ଭିତରେ କୁଡ଼ୁକ ବସିଛି ମାଈ କୁକୁଡ଼ା । ସକାଳୁ କବାଟ ଖୋଲିଦିଏ ତ ତା' ଭିତରୁ ବାହାରିଆସୁଛନ୍ତି ଥୋଡ଼ାଏ କୁନି କୁନି ଭୁମଲଗା ଛୁଆ । ଚିଁ-ଚିଁ ଶବ୍ଦରେ ଆମଘର ପୂରିଯାଉଥିଲା । ତା'ପରେ ସେଇମାନଙ୍କ ସେବାରେ ସମୟ କଟୁଥିଲା । ସେମାନଙ୍କ ଦେହରେ ପର ଲାଗିଲେ ଯେମିତି ମୋ' ଡେଣା ଖୋଲିଯାଉଥିଲା ଆକାଶରେ ଉଡ଼ିବାକୁ । ଯେଉଁଦିନ ପ୍ରଥମ କରି ମୋ' ଗଞ୍ଜା ଖଡ଼ ରଡ଼ାଦେଇ ପଞ୍ଝୁଆ ଲଣ୍ଡିକୁ ଡ଼ାଣିଲା, ସେଦିନ ମୁଁ ଗଡ଼ ଜିତିଛି ବୋଲି ଧରନେଇଥିଲି । ଆଉ ଯେଉଁଦିନ ମୋ' ଲଣ୍ଡି ଅଣ୍ଡା ଦେଲା— ଗ୍ରେଟିଆ ଅଣ୍ଡାଟିଏ, ସେଦିନ ଯେମିତି ମୁଁ ସୁନା ଅଣ୍ଡାଟିଏ ପାଇଥିଲି ।

କୁକୁଡ଼ା ରଖିବାର ସୁଯୋଗ ପାଇଲି ସେଇଦିନ ଯେଉଁଦିନ ଆମ ଘରକୁ ଡାକ୍ତର ଆସି ମୋ' ଝାଇଙ୍କୁ ପରୀକ୍ଷା କଲେ ଏବଂ ତାଙ୍କର ରୋଗ ଭଲ ହେବାପାଇଁ ଅଣ୍ଡାଦେବାକୁ ଆଦେଶ ଦେଇଗଲେ । ମୁଁ ତ ସ୍ୱର୍ଗ ପାଇଗଲି । ସାଙ୍ଗେ ସାଙ୍ଗେ ବୋଉକୁ ପଟାପଟି କରି ଦଉଡ଼ିଲି ଷେଇ ସାହିକି । ସେଠି ନିର୍ମଳ ସାଥିରେ କଥାବାର୍ତ୍ତା କରି ଅଧିଆକୁ ଆଣିଲି କୁକୁଡ଼ାଟିଏ । ସେଇଥିରୁ ଲମ୍ବିଯାଇଛି ମୋ' ବଂଶ । ସବୁଠୁ ବେଶି ଭଲ ପାଉଥିଲି ସେଇ ଗଞ୍ଜାଟାକୁ ଯାହା ଦେହରେ ହରେକ ରଙ୍ଗର ପର ଝଞ୍ଜା ହୋଇଯାଇଥିଲା । ସେ କାହାରିକୁ ଖାତିର କରୁନଥିଲା । ସକାଳ ନହେଉଣୁ ଘରୁ ବାହାରିବାକୁ ବ୍ୟସ୍ତ ହେଉଥିଲା । ନିଦ ଭାଙ୍ଗିଯାଉଥିଲା ତା' ଡାକରେ । ତା'ଠୁ ବେଶି ଦରଜ ପ୍ରକାଶ କରୁଥିଲି ଗୋଟେ ମାଈ କୁକୁଡ଼ା ଛୁଆ ଉପରେ ଯିଏ ଖୁବ ରୋଗୀଣା ଥିଲା । ଯେତେ ମୁଢ଼ି-ପିଆଜ ଦେଲେ ବି ତା' ଦେହରେ ଲାଗୁନଥିଲା ।

କେତେଥର ଆସି ବାରଣ୍ଡାରେ ଉଣ୍ଡିଛି—କାଲେ ଝଡ଼ ବନ୍ଦ ହୋଇଯାଇଥିବ —ସକାଳ ହୋଇଥିବ । ସେତେବେଳକୁ ଟିକେ ଶାନ୍ତ ପଡ଼ିଆସିଲା । ମୋତେ ଆଶ୍ୱସ୍ତ ଲାଗୁଥିଲା ଯେ ମୁଁ ଘରକୁ ଯିବି । କିନ୍ତୁ ଦି' ମିନଟ୍ ପରେ ପୁଣି ଘନଘୋର ଗର୍ଜନ କରି ବର୍ଷା ପବନ ମାଡ଼ିଆସିଲା । ହରିବୋଲ ହୁଳହୁଳିରେ ଘର ଭିତରଟା ଉଚ୍ଛୁଳି- ପଡ଼ିଲା । ସାନ ଭାଇଟା ଉଠିପଡ଼ିଲା । ଭେଁ-କିନି କାନ୍ଦିଲା । ଗ୍ରିଆଡ଼କୁ କୁଲୁକୁଲୁ କରି ଗୁହିଁଲା । ସେତେବେଳକୁ ପଧାନଘର ଟୋକା ପାକୁଳି କରୁଥିଲା । ଦାନ୍ତରେ ଲାଗିଥିବା ବହୁଟକୁ ଅଙ୍ଗୁଠିରେ ତାଡ଼ି ପୁଣି ଗୁଟୁଥିଲା ।

ଆଉ ଦି' ଘଣ୍ଟା ନଡ଼ିଆଗଛ ଦୁଲ୍‌ଦାଲ ହୋଇ 'ବଳନ୍ନାଦରେ ଭୂମ୍ପୁଡ଼ି ପଡ଼ିଲେ ଠିକ୍ ଲାଇବ୍ରେରୀ ଘରର ପଛପଟରେ । ଆମେସବୁ ଛଟ୍‌ଛଟ୍ ଚମକି

Digitized by PPRACHIN, SOA

ପଡ଼ିଲି । ଘର ଭାଙ୍ଗି ବାପା ଗୁଡ଼ପାରୁ ନାହାନ୍ତି ଯେ ! ଥରଥର ମାଧୁରୀ ଅପା ଜୋର୍‌ରେ କାନ୍ଦିଉଠିଲା : ମୋ' ବାପା କୁଆଡ଼େ ଗଲା ? ବଡ଼ ଦାଦା ଆସି ପହଞ୍ଚିଲେ । ସେ ତ ଆମ ଗାଁର ସବୁଠୁ ବଳୁଆ ଆଉ ସାହାଯ୍ୟକାରୀ ଲୋକ । ସେ ମାଧୁରୀ ଅପାକୁ କୋଳକୁ ନେଇ କହିଲେ : ମା' ବ୍ୟସ୍ତ ହ'ନା । ବାପା ଘରେ ଅଛନ୍ତି । ତୁ କାନ୍ଦ ବନ୍ଦ କଲେ ମୁଁ ତୋ ବାପାକୁ ଯାଇଁ ନେଇଆସିବି । ଏ କଥାରେ ମୁଁ ବି ଟିକେ ଆଶ୍ୱସ୍ତ ହେଲି । ଏହା ଭିତରେ ଗୋଳ ଖୁବ୍ ବଢ଼ିଯାଇଥିଲା । ଲୋକ ଆଉ ଉପାସରେ ସମସ୍ତେ ଥରୁଥିଲେ । ବଡ଼ ଦାଦା କିଛି ସମୟ ପରେ ବଡ଼ ନଡ଼ିଆ ଓ ପଇଡ଼ ଆଣି ଆମ ନିକଟରେ ପହଞ୍ଚିଲେ । ସେଥିରୁ ଖଣ୍ଡେ ଖଣ୍ଡେ ଲେହେଇ ଲେହେଇ ମୁଁ କେତେବେଳେ ଶୋଇଯାଇଥିଲି ବୋଉ ପିଠିକି ମୁଣ୍ଡ ଦେଇ ।

ମୁଁ ଦେଖିଲି : ମୋ' କୁକୁଡ଼ା ଘର ମେଲା ହୋଇଯାଇଛି । ଗୋଟେ କୋଦା କଳା ଭୁଆଁ ତା' ଭିତରକୁ ପଶିଯାଇଛି । ମୋ' କୁକୁଡ଼ାମାନେ ଭୟରେ କାଁ କାଁ ହେଲାବେଳକୁ ଭୁଆଁଟା ବିକଟ ହସ ହସୁଛି । ତା'ପରେ କୁକୁଡ଼ା ଓ ଭୁଆଁ ଭିତରେ କଥା କଟାକଟି ଚାଲିଛି । କୁକୁଡ଼ାମାନେ ଏକାଥରେ କହୁଛନ୍ତି : ଆମକୁ ଛାଡିଦିଅ—ଆମେ ତୁମର କି ଦୋଷ କରିଛୁ ? ଆମ ମାଲିକ ନାହାନ୍ତି, ଏତିକିବେଳେ ଆମକୁ ତମେ ଖାଇବ—ସେ ଆସି କ'ଣ କରିବ ? ଏ କଥାରେ ଭୁଆଁଟା ଠୋ-ଠୋ କରି ହସୁଛି । ତା' ବିକଟ ହର୍ଷ ନାଦରେ ଘରଟା ଉଚ୍ଛୁଳି ପଡ଼ୁଛି । ଭୁଆଁଟା ପ୍ରଥମେ କେତୋଟି ଅଣ୍ଡାକୁ ନଖରେ ଫଟେଇ ତା' ଭିତରେ ଅଧା ତିଆରି ହୋଇଥିବା ଛୁଆମାନଙ୍କୁ ଚୁହିଦେଉଛି । ତଥାପି ତା' ମନ ବୁଝୁନି ; ତା'ପରେ ଧରିଲା ମୋ' ଚଣିତ ଗଣ୍ଡାଟାକୁ । ତା' ବେକକୁ ମୋଡ଼ିଦେଲା । ଏମିତି ଏମିତି ଯେତେ-ବେଳେ ସବା ପଛରେ ଥରୁଥିବା ଶେଗିଣା ମାଈଟାକୁ ଝାମ୍ପିପଡ଼ିଲା, ମୋ କଲିଜା ଭିତରେ ଯେମିତି ଗଳିଯାଉଥିଲା କେତୋଟି ତୀକ୍ଷ୍ଣ ଛୁରୀ । ମୋ' ଗୁହ ଭିତରୁ ସବୁଯାକ ରକ୍ତ ଏକାବେଳକେ ବାହାରିପଡ଼ୁଥିଲା । କୁକୁଡ଼ାମାନଙ୍କର କାନ୍ଦଣା ଶୁଣି ବାପା ଉଠିଲିବେଳକୁ ଗୋଟିଏ ଗଛ ପଡ଼ିବାର ଶବ୍ଦ ଶୁଣିଲି ଏବଂ ଦେଖୁଥିଲି ଯେ ତା'ର ଆଘାତରେ ଆମ ଘରର ସବୁକାନ୍ଥ ଭୁଶୁଡ଼ି ପଡ଼ିଲା । ତା' ଭିତରେ କୁଆଡ଼େ ହଜିଯାଉଥିଲେ ବାପା । ମୁଁ ଆଉ ସମ୍ଭାଳି ନପାରି ହୁଁ କରିଉଠିଲି ଏବଂ ଏତେ ଜୋର୍‌ରେ ଗୋଟେ ଚିତ୍କାର କରି ଯେ ସମସ୍ତେ ଚଂକି ପଡ଼ିଲେ ।

ତା'ପରେ ମୁଁ ନିଜକୁ ଆବିଷ୍କାର କଲି ବାପାଙ୍କ ଗୁହଠରେ, ସେତେବେଳକୁ ଝଡ଼ ଥମିଯାଇଥିଲା । ଆକାଶ ଫରଚ୍ଛ ଦେଖାଯାଉଥିଲା । ଆମେ ସମସ୍ତେ ଆମର କନ୍ଥା, ପଖିଆ, ବୁଜୁଲା ଧରି ଘରକୁ ଚାଲିଲୁ ।

ଘରେ ପହଞ୍ଚି ଦେଖିଲି : ବାଡିପଟ କାନ୍ଥ ଭାଙ୍ଗିଯାଇଥିଲା, ଦାଣ୍ଡପଟ ଠିକ୍ ଅଛି । ଆମ୍ବଗଛ ଆସି ପଡ଼ିଛି ଟିଙ୍କି ଚାଳରେ । ନଡ଼ିଆଗଛ କେତୋଟି ପୋଖରୀର

Digitized by PPRACHIN, SOA

ଏପଟ ସେପଟକୁ ଯୋଡ଼ିଦେଇଛୁ । ମୋ' କୁକୁଡ଼ାମାନେ ଭୟବିଜଡ଼ିତ ଆଖିରେ ବାଗପଟ ପିଣ୍ଡାରେ ଜାକିଜୁକି ହୋଇ ଠିଆହୋଇଛନ୍ତି । ଗୋଟେ ଭୁଆଁ ବିରାଡ଼ି କିଛି ଦୂରରୁ ସେମାନଙ୍କୁ ନିର୍ନିମେଷ ନୟନରେ ଗୁହାଁରିହୁଛି । ଖଣ୍ଡିଆ ଇଟା ଫୋପାଡ଼ିଲି । ବିଲେଇଟା ଚଟ୍‌କିନା ଚଢ଼ିଗଲା କାନ୍ଥ ଉପରକୁ । ଠାକୁରଙ୍କୁ ପ୍ରାର୍ଥନା କଲି ଏବଂ ଈଶ୍ୱର ବଡ଼ଲୋକ ବୋଲି ହୃଦୟଙ୍ଗମ କଲି ।

ସେଦିନ ଘଟଣାଟିଏ ଏମିତି ଘଟିଲା : କିଛି ନଥିଲା । କୁଆଡ଼ୁ କେଜାଣି ମାଡ଼-ଆସିଲା ପ୍ରବଳ ବର୍ଷା । ଡ୍ରଇଁରୁମ୍ ସୋଫାରେ ଆମେ ସବୁ ବସି ବସି ଟି.ଭି.ରେ କ୍ରିକେଟ୍ ଦେଖୁଥାଉ । ପତ୍ନୀ ଆସି ଚ୍ୟ' ଦେଇଗଲେ । ମୁଁ ପେପର ଖେଳାଉଥାଏ । ପୁଅ ମୋର ମନ ମୂନ ଚୈତନ୍ୟ ଦେଇ ଖେଳ ଦେଖୁଥାଏ । ତାଳି ମାରୁଥାଏ । ଶଚ୍ଚିନ୍‌ର ବ୍ୟାଟିଂକୁ ପ୍ରଶଂସା କରୁଥାଏ । ଇମ୍ରାନ୍‌ର ବୋଲିଂକୁ ଦେଖି ବିସ୍ମିତ ହୋଇଯାଉଥାଏ । ଏତିକିବେଳେ ପ୍ରବଳ ବେଗରେ ପବନ ଆସିଲା । ଗାଁ ଦାଣ୍ଡରେ ଖେଳୁଥିବା କେତେକ ଛୁଆ ଆମ ବାରଣ୍ଡା ଉପରକୁ ଚଢ଼ିଆସିଲେ । ପବନ ମେଘ ଛିଟିକା ମାରିବାରୁ ସେମାନେ ଆଉ ବାହାରେ ଛିଡ଼ାହେବା ସମ୍ଭବ ହେଲା ନାହିଁ । ମୁଁ କବାଟ ଖୋଲିଦେଲି । ସେମାନେ ଘର ଭିତରକୁ ପଶିଆସିଲେ । ଖେଳ ଦେଖିଲେ । ପଞ୍ଚାଏ ପିଲା ବସିବାରୁ ଡ୍ରଇଁରୁମ୍‌ଟିର ଖେଁ-ଖାଁ ହେଲେ । ପୁଅ ମୋର ଏଥିରେ ପାଚ ଖପ୍‌ପା । ସେ ଜମାରୁ ସହିପାରୁ ନଥିଲା ଏ ପିଲାମାନଙ୍କର ଅପରି-ଚ୍ଛନ୍ନତାକୁ—ବାବଦୁକତାକୁ ଏପରିକି ଅନଭିଜ୍ଞତାକୁ । କିଏ ଗୋଟାଏ ପିଲା କାନ୍ଥରେ ଝୁଲୁଥିବା ଅଏଲ୍‌ପେଣ୍ଟିଂଟାକୁ ହାତରେ ହଲେଇଦେଲା । ପୁଅ ତ ମୋର ସିଧା ସୋଫା ଉପରୁ ଉଠି ଆସି ତା' କାନକୁ ଧରି ଘରୁ ଉଠେଇ ଦେବାକୁ ଯାଉଥିଲା । ମୁଁ ବାରଣ କଲି । ସେ କିନ୍ତୁ ଜଳୁଥିଲା । ସେମାନଙ୍କ ଧୂଳି-ପାଣିରେ ଚଟାଣଟା ସାରା କାଦୁଆ ହୋଇଗଲା । ସେ ଖାଲି ନାକ ଟେକୁଥାଏ । ଘରେ ଟିକେ ପାଣି ଗାଳି-ହୋଇଗଲେ କି ପଙ୍କ କାଦୁଅ ଲାଗିଗଲେ ସେ ଆଦୌ ସହିପାରେନା । ଚଡ଼ଚଡ଼ି ହୁଏ । ସେ କିନ୍ତୁ କେମିତି ଜାଣିବ ଯେ ଗୋବରମାଟି ଲିପା କାନ୍ଥର କି ରୂପ ! କି ବାସ୍ନା ପ୍ରସରିଆସୁଥାଏ ମାଘ ମାସ ସକାଳୁଆ ଶୀତରେ ଥରଥର ହୋଇ ଗୋବର ପାଣିରେ ସଡ଼ସଡ଼ କରି ଲିପୁଥିବା ବୋଉର ହାତରୁ—ଜେଜେଙ୍କ ଶ୍ରାଦ୍ଧ ଦିନରେ—ମାଣବସା ଗୁରୁବାର ଦିନରେ···! ଘର ଗୋଟାକଯାକ ଯେତେବେଳେ ଗୋବର ପାଣିରେ ଗାଧୋଇ ସନ୍ତସନ୍ତ ହେଉଥିବ କି ଆନନ୍ଦ ଲାଗେ ସେଥିରେ ପାଦ ଚପି ଚପି ଗୁଲ୍ ଗୁଲୁ ପଡ଼ିଯାଇ ଗାଡ଼ୁଆ ଗୁଠରେ ଲୁଗା ହକାଳିବାରେ ! କି ଆନନ୍ଦ ଲାଗେ କୁଆଁର ପୁନେଇଁ ରାତିରେ ଧୂଳିବୋଳିହୋଇ ପାଲଭୂତ ସାଜି ନାଚିବାରେ ! କି ଆନନ୍ଦ ମିଳେ ଖରାବେଳେ ଗୋଟାକଯାକ କଞ୍ଚା ଆମ୍ବ, ତେନ୍ତୁଳି ଝୋଡ଼େଇ

Digitized by PPRACHIN, SOA

ନଈ ପାଣିରେ ବୁଡ଼ି ବୁଡ଼ି ଆଖି ଲାଲ କରିବାରେ !! ସେ ଜୋତାପିନ୍ଧି ଫିଲ୍ଡ଼ରେ କ୍ରିକେଟ ଖେଳୁଛୁ । ବ୍ୟାଡ଼ମିଣ୍ଟନ୍ ଖେଳୁଛୁ । ଚପଲ୍ ପିନ୍ଧି କମୋଡ଼ରେ ବସୁଛୁ । ସେ କେମିତି ଜାଣିବ ଉଦୁଉଦିଆ ଖରାରେ ଗାଁ ଦାଣ୍ଡରେ ଖାଲିପାଦରେ ଚାଲିଲାବେଳେ କେମିତି ଲାଗେ—କେମିତି ପୋଡ଼ିଯାଉଥାଏ ତଳିପା—କିନ୍ତୁ କି ମଜା ଲାଗୁଥାଏ ସେଇ ତାତି ଭିତରେ, ସେ ବା କେମିତି ଦେଖିବ ଶୀତଦିନଆ ସକାଳୁ ସକାଳୁ ସ୍କୁଲକୁ ଗଲାବେଳେ ହିଡ଼ବାଟରେ କାକର ଲାଗିଯାଉଥିବ ଗୋଡ଼ରେ, ଖାଲି ହାପ୍‌ସାର୍ଟ ଆଉ ହାପ୍‌ପ୍ୟାଣ୍ଟ ଭିତରେ ଥରିଯାଉଥିବା ତା' ବାପାର ଥରଥର ଚେହେରା !

ସେ କ'ଣ କେବେ ଦେଖିପାରିବ ଏଇ ସୋଫାତଳେ ହଜିଯାଇଛୁ ଗୋଟେ ଦରଭଙ୍ଗା ଫଟା ଖଟ । ଏଇ ଡନ୍‌ଲପ୍ ତଳେ ଲୁଚିଯାଇଛୁ ମୂତ ସାଲୁବାଲୁ ସାତସିଆଁ କନ୍ଥା—ପୁରୁଣା ଦରଘ, ଆଉ ତା' ଭିତରେ ସାତ ସାତଟା ଛୁଆଙ୍କୁ ଶୁଆଇ ତଳେ ଖଣ୍ଡେ ମସିଣା ପକେଇ ରାତିସାରା ଛଟପଟ ହେଉଥିବା ବୁଢ଼ା-ବୁଢ଼ୀ ଦିହିଙ୍କୁ !! ରାତି ପାହିଲେ କିଏ କହିବ—ସ୍କୁଲ୍ ଫିସ୍, କିଏ କହିବ—ଜାମା-ପ୍ୟାଣ୍ଟ-ଖାତା-ବହି, କିଏ ଅମୁକ ନହେଲେ ଖାଇବନି—କାହା ଆଖିରେ ଲୁହ—କୋଉ ବଲରେ ଘଳଆ ପଡ଼ି ପାଣି ବୋହିଗଲା—ସକାଳୁ ସକାଳୁ ଜନ୍ତ୍ରଲଗେଇ ପାଣି ଟେଣ୍ଡିବାର ଦୃଶ୍ୟ—ହିଡ଼ ହଣାହଣିରେ ଗଷ୍ଟର କର୍ମି ଯାଉଥିବାର ଗୀତ ?? ସେ କ'ଣ ଏବେ ବୁଝିପାରିବ ଯୋଡ଼ା ଯୋଡ଼ା ବଢ଼ିଲା ଝିଅକୁ କାହା ହାତରେ ଟେକି ନଦେଇ ପାରୁଥିବା ବୁଢ଼ାବୁଢ଼ୀଙ୍କର ଗୁଣୁଗୁଣୁ ନାଦ ? ସେ କ'ଣ କେବେ ବାରି-ପାରିବ ମରୁଡ଼ି ପଡ଼ୁଥିବା ବର୍ଷ ସାତସାତଟା ଛୁଆଁଙ୍କୁ ମୁଠେ ମୁଠେ ଭାତଦେଇ ନିଜେ କୋଳଥ କି ମାଣ୍ଡିଆ ଜାଉରୁ ଗିନାଏ ଘୁଟିଦେଇ ରବିସଫଲରେ ନିଜ ଲାଞ୍ଜକୁ ଫାଶିଫଟଉଥିବା ଝାଳର ବାସନା ??

ସେ ବିଶ୍ୱାସ କରିପାରିବନି ଯେ ସେଦିନ ଆମେ ସବୁ ସକାଳୁ ସକାଳୁ ଘରେ ପହଞ୍ଚିଲାବେଳକୁ ଘରସାରା କେମିତି ଖେକ ଚରିଯାଇଥାଏ । ଆମେ ସବୁ ଭାଇ ଭଉଣୀମାନେ ବିକଳରେ ଛଟପଟ ହେଉଥାଉ । ବାପା ଖୁବ ବ୍ୟସ୍ତ ଜଣାପଡ଼ୁଥାନ୍ତି । ବୋଉ ଲସରପସର ହୋଇ ମାଟିତଳୁ ଆବିଷ୍କାର କରୁଥାଏ—ଡେପ୍‌ଟା ହାଣ୍ଡି, କଡ଼େଇ, ଖପରା, ଫୁଟଣ ଡବା, ତେଲ ଶିଶି, ଗୁଡ଼ଲ ଦୁମ, ବରିମାଠିଆ, ସୋରିଷ ବଣା । କିଛି ସମୟ ପରେ ବାପା ଦରଶୁଖିଲା କାଠ କେଇଖଣ୍ଡ ଆଣି ବୋଉ ପାଖରେ ପକେଇଦେଲେ ।

ଚୁଲି ଫୁଙ୍କି ଫୁଙ୍କି ବୋଉ ଆଖି ଗେଣ୍ଡାପରି ଫୁଲିଗଲାଣି । ସେଦିନ ଆମେ ଦରଫୁଟା ଭାତ, ଲାଉ ସିଝା ଓ ବରିଡାଲି ଟିକେ ଖାଇଲାବେଳେ ଆମକୁ ଅମୃତ

Digitized by PPRACHIN, SOA

ପାଇଲାପରି ଲାଗୁଥିଲା । ସେଇ ସନ୍ତସନ୍ତିଆ ପୁଚୁପୁଚୁ ଘର ଭିତରେ ଆମେ ଶୋଇଯାଇଥିଲୁ । ବାପା ବୋଉ ଲାଗିପଡ଼ିଥାନ୍ତି ସଫାସୁତୁରା କାମରେ । ଉପରବେଳା ଖରା ଚକ୍‌ଚକ୍ ମାରୁଥାଏ । ହାଣ୍ଡି ଭିତରୁ କାଢ଼ିଲି ମୋ' ବହି ବସ୍ତାନି । ସବୁ ଓଦା ଜୁଡ଼ୁବୁଡ଼ୁ । ଆଖି ଝାଳେଇଆସୁଥିଲା । ଅମ୍ବଗଛ ଗଣ୍ଡିରେ ସେଗୁଡ଼ିକୁ ଶୁଖେଇଲି । ଚକ୍‌ଚକ୍ ଖରାରେ ସତକୁ ସତ ବହି ଶୁଖିଯାଉଥିଲା । ମୋ' ଗୀତଖାତା କିନ୍ତୁ ତା' ରୂପ ହରେଇଥିଲା । କାଳିମାର୍କା କାଳିର ଢେଗାଢେଗା ଅକ୍ଷରଗୁଡ଼ିକ ଯେମିତି କାନ୍ଦ କାନ୍ଦ ନସ୍ୟାନ୍ତ ହୋଇଯାଇଥିଲେ ।

ବାପା ଲାଗିଯାଇଥିଲେ ଆଉ ଗୋଟେ କାମରେ । ସଙ୍ଗା ଉପରେ ବନ୍ଧାହୋଇ ପଡ଼ିଥିବା ପୋଥିଗୁଡ଼ିକୁ ସେ ଖରାରେ ଗୋଟାଗୋଟା କରି ଶୁଖେଇ ଚାଲିଥାନ୍ତି ଏବଂ ସଜାଡ଼ିବା ଦାୟିତ୍ୱ ମୋ ଉପରେ ନ୍ୟସ୍ତଥିଲା । ବାପା କହିଲେ, ତୁ ଆକୁ ପଢ଼ିପାରିବୁ ? ମୁଁ ଚେଷ୍ଟାକଲି । ହାରିଗଲି । ବୁଝିଲି, ଏଗୁଡ଼ାକ ସବୁ ପୁରୁଣାକାଳିଆ ପଠ । କରଣୀ ଲେଖା, ତେମେ ସବୁ ପାରିବନି । ତୋ' ଜେଜେ ଥିଲାବେଳେ ଏସବୁ ଲେଖିଥିଲେ— ପଢୁଥିଲେ । ବାପାଙ୍କୁ ଅନେକ ସମୟରେ ଦେଖିଛି ସେ ଗୁଣୁଗୁଣୁ ହୋଇ ସେଥିରୁ ଗୀତ ଗାଆନ୍ତି । ବୋଉ ବି ସଞ୍ଜବେଳେ ସେଠି ଦୀପ ଜାଳି ପ୍ରଣିପାତ କରେ । ସକାଳବେଳା ଗୁଡ଼ଟିକେ କି ଚନ୍ଦନଫୁଣ୍ଟେ ଦେଇ ପାଣିବୁଲାଏ ।

ଦିନେ ମୋ' ପୁଅ ପଚାରିଲା—ବାପା, ଏଗୁଡ଼ାକ ତ ସବୁ ନଷ୍ଟ ହୋଇଗଲାଣି, କାହିଁ ଅଯଥା ଜଞ୍ଜାଳଗୁଡ଼ାକ କପଡ଼ା ଗୁଡ଼େଇ ରଖିଛ ? ଘରେ ଜାଗା ଧରୁନି ।

ଏ କଥାରେ ମୁଁ କିଛି କହିପାରୁ ନଥିଲି, ଖାଲି ମୋ' ଭିତରେ ହିଁ ମୁଁ ଥରୁଥିଲି !

ସାନପୁଅଟାକୁ ଡି. ପି. ଟି. ଦେଇ ଫେରିବାରେ ପତ୍ନୀଙ୍କର ଡେରି ହେଲା । ବଡ଼ପୁଅ ବିରକ୍ତ ହେଉଥିଲା ।

ଝଡ଼ ପରେ ପରେ ବ୍ୟାପିଲା ହଇଜା । ଗାଁ-ଗାଁରେ ଲୋକେ ମଲେ । ରିଲିଫ୍ କାମ ଚାଲିଥାଏ । ଗାଁକୁ ଆସିଲେ ଡାକ୍ତର । ଇଞ୍ଜେକ୍‌ସନ ନାଁ ଶୁଣିଲେ ଗ୍ରାମ ଥରୁଥାଏ । ମୁଁ ତ ସେତେବେଳକୁ ମରେଇ କଣରେ ଲୁଚିଥାଏ । ଅନେକ ଖୋଜାଖୋଜି ପରେ ଶେଷକୁ ଆବିଷ୍କୃତ ହେଲି ଏବଂ ବୋଉ ମତେ କୁଣ୍ଢେଇ ଧରିଥାଏ । ବାପା ହାତକୁ ଜବର ଧରିଥାନ୍ତି । ତା'ପରେ ଡାକ୍ତରବାବୁ ଫୋଡ଼ିଦେଲେ । ମୋ' ଭିତରେ ଯେମିତି ଶଗଡ଼େ ଯନ୍ତ୍ରଣା କଲ୍‌ବଲ୍ ହେଉଥାନ୍ତି । ତା'ପରେ ମୋ' ଭୟ ତୁଟିଗଲା । ଅନ୍ୟ ପିଲାଙ୍କ ପରି ମୁଁ ଡାକ୍ତରଙ୍କ ପଛେ ପଛେ ଗୋଡ଼େଇଲି । କେଉଠି

Digitized by PPRACHIN, SOA

ସାଇରେ ପହଞ୍ଚିଲାବେଳକୁ ଟୋକା ପଞ୍ଝାଟା ନଡ଼ିଆକଣ୍ଢା ଖାଇବାରେ ବ୍ୟସ୍ତ ଥାନ୍ତି । ଡାକ୍ତରଙ୍କୁ ଦେଖି କିଏ କୁଆଡ଼େ ଲୁଚିଗଲେ । ଚାଲିଲା ପୁଣି ଖୋଜାଖୋଜି । ମୋ' ସାଙ୍ଗରେ ପଢ଼ୁଥିବା ଧନେଶ୍ୱର ଓରଫ୍ ଧନିଆକୁ ଯେତେବେଳେ ବୁଝେଇ ସୁଝେଇ ତାଙ୍କ ଖଟତଳୁ ଆଣି ଡାକ୍ତରଙ୍କ ନିକଟରେ ପହଞ୍ଚେଇଦେଉଥିଲି, ସେତେବେଳେ ଡାକ୍ତର ମୋତେ ଚାହିଁ ହସୁଥିଲେ ଆଉ ମୁଁ ଯୁଗପତ୍ ଲଜ୍ଜା ଓ ଭୟରେ ଫ୍ରିଜ୍ ପାଲଟି ଯାଉଥିଲି । ସେତିକିବେଳେ ବୁଝିଲି ଯେ ଡାକ୍ତରମାନେ ଏଡ଼େ ସୁନ୍ଦର ପୋଷାକ ପିନ୍ଧି ବି ହସନ୍ତି···!!

ଯେଉଁଦିନ ମୁଁ ବଦଳି ହୋଇ ଆଉ ଗୋଟେ ସହରକୁ ଘର ବଦଳେଇଥିଲି, ସେଦିନ ମୋତେ ପୁରୁଣା ଘର ଛାଡ଼ିଲାବେଳକୁ ଭିତରେ ଭିତରେ କାନ୍ଦ ଲାଗୁଥିଲା । ଘର ଆଗରେ ଗାଡ଼ି, ଗୋଟାକୁ ଗୋଟା ଜିନିଷ ବୁହାଚାଲିଛି । ପୁଅ ମୋର ଗାଡ଼ିରେ ବସିସାରିଲାଣି । ନିରାପଦ ଭାବରେ ଉଠିସାରିଥାଏ ତା' ଶୁଆଶାରୀର ପଞ୍ଜୁରି, ତା' ଆକ୍ୱାରିମ୍ ବକ୍ସକୁ । ପିମ୍ପୁଡ଼ି ପରି ବୋହି ଚାଲିଥାଏ ହରେକ୍ ଚିଜ । ଶେଷକୁ ବାଥ୍ରୁମ୍ ପାଖରେ ପଡ଼ିରହିଥିବା ପୁରୁଣା ଚଟି ହଳକୁ ଯେତେବେଳେ ମୁଁ ପଲିଥିନ୍‌ରେ ଗୁଡ଼େଇ ଆଣୁଥିଲି, ସେତେବେଳେ ପୁଅ ମୋର ଟିକେ ହସିଦେଇ କହିଲା, ବାପା ସେଟା ଛିଡ଼ା ଚଟିଟା—କ'ଣ ହେବ ? ଫିଙ୍ଗିଦିଅ । ମୁଁ କିଛି କହିପାରିଲିନି ।

ବହୁଦିନ ପର୍ଯ୍ୟନ୍ତ ମୁଁ ବି ବୁଝିପାରିନଥିଲି ସେଦିନ ଆମେ ସମସ୍ତେ ଘରଛାଡ଼ି ବାହାରିଆସିଥିଲେ ବି ବାପା କାହିଁକି ଆସି ପାରୁନଥିଲେ । ଘରେ ବା କ'ଣ ଥିଲା ? କେତେଟା ଧାନବସ୍ତା—ଚାଉଳ ଓଡ଼ିଆ—ମାଠିଆଏ ମୁଗ—ବଣାଏ କୋଳଥ, ଅଧା ବେଶୀରେ ପୁରୁଣା କଂସା ବାସନକୁସନ, ଭଙ୍ଗାଗୋଡ଼ର ଗୋଟେ ଖଟ, ଗୋଟେ ଛୋଟ ଆଲମାରି, ଯାହା ଭିତରେ ଆଲମାରିକା ପୁଳାଏ ଡବା—କୋଉଥିରେ ପୁଞ୍ଜାଏ ଦି'ପୁଞ୍ଜା କଣ୍ଟି କଉଡ଼ି, ଦି'ଫାଳେ ଗୁଆ, କାଚ ଖଇର ମୁଣ୍ଡାଏ, ହଳଦୀ କେଇଖଣ୍ଡ, ଲଭ, କଲସ, କଖାରୁ ମଞ୍ଜି, ଓନ୍ଧ ବାଡ଼ି କବଲ, ପାଞ୍ଜି, ନୃସିଂହପୁରାଣ, ଝଣ୍ଟିକିଆ ହରିବଂଶ ପୋଥି, ଲଙ୍ଗଳ, ଜୁଆଳି—ନହେଲେ ମାଟିକାନ୍ଥର ଚାରୋଟି ବଖରା—ଏତିକି ତ ? ଅଥଚ ବାପା ଏସବୁକୁ ଛାଡ଼ି ଆସି ପାରିନଥିଲେ । ସାରା ଦୁନିଆ ବତାସି ଝଡ଼ରେ ଭାଙ୍ଗିପଡ଼ୁଥିଲେ ବି ବାପା ସେମିତି ସେଇ କାନ୍ଥକୁ ବିଶ୍ୱାସ କରି, ସେଇ ଚାଳ ଉପରେ ଆସ୍ଥା ରଖି ପଡ଼ିରହିଥିଲେ ତା' ପରଦିନ ସକାଳଯାଏ । ଆମେ ସବୁ ନିରାପଦ ଦୂରତ୍ୱରେ ଥିଲାବେଳେ ସେ କାହିଁକି ଆସନ୍ନ ଭଙ୍ଗାଆକାଶ ତଳେ ତଥାପି ମୁଣ୍ଡପାତି ପଡ଼ିରହିଥିଲେ !!

Digitized by PPRACHIN, SOA

ଆମ ଗାଡ଼ି କିଛି ଦୂର ଗଲାପରେ ହଠାତ୍ ଆଗରେ ଗୋଟେ ଥୁରୁଥୁରୁ ବୁଢ଼ା ରାସ୍ତା ପାରହେଲା । ଚାଳକ ଏତେ ଜୋର୍‌ରେ ବ୍ରେକ୍ କଷିଲା ଯେ ସବୁକିଛି ହଲ୍‌ଚଲ ହୋଇଗଲା । ପୁଅର ଆକ୍ୱାରମ୍ ବକ୍ସଟି ଭାଙ୍ଗି ଟୁକୁଡ଼ା ଟୁକୁଡ଼ା ହୋଇଗଲା । ପାଣିସବୁ ନିଗିଡ଼ିଗଲା ତଳକୁ । କେତୋଟି ଚନ୍ଦିତ ମାଛ ଭଙ୍ଗା କାଚ ଉପରେ ଛଟପଟ ହେଉଥାନ୍ତି । ପୁଅ ମୋର ସେମିତି ଚାହିଁରହିଥାଏ । ଆମେ ଚୁ-ଚୁ କରି ଉଠିଲେ ବି ସେ ସେମିତି ଚାହିଁ ରହିଥାଏ ।

ମୁଁ ଦେଖିଲାବେଳକୁ ମୋ' ପୁଅ ଆଖିରେ ଲୁହବନ୍ଦୁ ଟଳମଳ ହେଉଥିଲା ।

Digitized by PPRACHIN, SOA

ଗୋଠବାହୁଡ଼ା

ସେତେବେଳକୁ ଏପଟ ଗ୍ରାଇ ସେପଟକୁ ମାଡ଼ିଯାଇଥିଲା । ଅର୍ଦ୍ଧଠା ଛଉପର ଖଣ୍ଡେ ମେଘ ଉଠିଆସିଲା ଠିକ୍ ସୂର୍ଯ୍ୟର ଗାଲ ଦେଇ । ମୋତେ ଲାଗିଲା ଯେମିତି ସଞ୍ଜ ହୋଇଗଲା । ଆଖି ଟିକେ ଲାଗିଆସୁଥିଲା । କିଏ ଜଣେ ଆସି ଡାକିଲା । ସେବତୀ, ହଁ, ସେବତୀ ଡାକରେ ମୁଁ ଚାଁ କିପଡ଼ିଲି । ସେ କହୁଥିଲା ତା' ପୁଅ ଏଯାଏ ଫେରିନି । କିଛି ବାତାନ ମିଳିଲାକି ? ମୁଁ ତାକୁ ବୁଝେଇବାକୁ ଚେଷ୍ଟା କରୁଥିଲି । ଏଠୁ ତ ଗୋପ କେତେ କୋଶ ଦୂର । କୋଉ ଦି' ପ୍ରହର ଘଣ୍ଟାର ବାଟ ହୋଇଛି ଯେ ଆରଦିନକ ବାହୁଡ଼ା ଆସିବ । ପୁଣି ଜନ୍ମଷଠକ ବନ୍ଧି ନସରିଲେ କୋଉ ପାଦ ଫେରିବ ? ଆମର କଥାରୁ ବୁଝୁନୁ, ଏବକୁ ସିନା ବଅସ ହୋଇଗଲା । ଦେହରୁ ରଥ ଗୁଡ଼ିଗଲା । ଶକତ ତୁଟିଗଲା । ଯାଇ ପାରୁନୁ । ମନେପକେଇଲୁ ଲୋ ସେଦିନ କଥା ! ଦିପହର ଖରାରେ ଯମୁନା ନଈର ଯୋଉ ବାଲି । ଖାଲି ଖଇ ଫୁଟୁଥାଏ । ଆଉ ପାଣିରେ ପହଁରିଲାବେଳକୁ ଠିକ୍ ଏତିକି ବେଳ । ନୁହେଁ ଲୋ ? ଆମେ ମାଇପି ଲୋକ ଯେ ସେମିତି ଅଦରା ଦରରେ ଦେଇ ଦେଇ ଖାଡ଼ି ଘରଘଡ଼ିକି ଆସି ପହଁରିଲୁ । ସେଇ ଯେଉଁ କୋଚିଲା ଗଛ ଲୋ, ଠିକ୍ ତେମେ ସବୁ ଯେତେ ଗୀତ ଗାଇଲେ ବି ମୁଁ ପରା ଦବିଗଲି । ଦି'ଓଳି କାଳ ମୁଣ୍ଡଟା ଉଠେଇ ପାରିଲିନି । ଝିମ୍ ଝିମ୍ ଲାଗୁଥାଏ । ସେଇଥିରେ ଗୁହାଳ ପୋଖରୁ ଗାଈ ଦୁହାଁ, ଘେଷେଇବାସରୁ ମଜାମଜାଯାଏ ସେମିତି କରୁଥାଏ । ଦେହରେ ଦେହରେ ମାରୁଥାଏ । ଶରୀର ଆଉ ସମ୍ଭାଳି ପାରୁନି । ଏଣୁତେଣୁ କୁଆଡ଼ୁ ବାହୁଲାଲ । ସେ ତ ଗାଁ ଦଶାପ ଛୁଡ଼ିକି ଛୁଡ଼ିକି ଆସିଲେ କେତେ ରାତକ । ସେତେବେଳକୁ ମୋ' ଦେହ ଭିତରେ ସେ ଉଠାପକା କରୁଥାଏ । ସିଏ ଜାଣିପାରିଲେ କି କ'ଣ ତାଳପତ୍ର ଲେଖା ଧୂଆ ପାଣିରୁ ଗିଲାସେ ପାଣି ପିଆଇ-ଦେଲେ । ସେଇ ପାଣିରୁ ଘର ସ୍ୱରକଣରେ ଛାଟି ଯେମିତି ମୋ' ଆଖିରେ ମୁହଁରେ ଛାଟିଦେଇଛନ୍ତି, ସେ ତ ଖଳ୍‌କନି ଓହ୍ଲେଇଗଲା । ଏକଥା ଲାଜରେ ଆଜିଯାଏ କାହାକୁ କହିନଥିଲି ଲୋ । ମଲା, ତେମେ ସବୁ ତ ହସରେ ଉଡ଼େଇଦେଇଥାନ୍ତ ।

ହଁ ଲୋ ଯଶୋଦା, ସେ କାଳ ଆଉ ଅଛି । ତୁ କହିଲୁ, ମୁଁ କ'ଣ କରିବି ? ମୋ ଧନ' କୁଆଡ଼େ ରହିଲା, କ'ଣ କଲା ?

Digitized by PPRACHIN, SOA

ହଁ, ମୁଁ ପରା କହୁଥିଲି, ଇଲୋ ତାଙ୍କର ଚୋବାଠା କଳିଆ କଥା । ସିଏ କାହିଁ ଆମପରି ତରବର ହେବେ । ସେ କୋଉ ଆଉ ଅଧାରଖିଆ ଛୁଆ ହୋଇଛନ୍ତି ଯେ ଆମ ପଛେ ପଛେ ଚାଲିବେ । ତାଙ୍କର ଡେଣା ଲଗିଲଣି । ସେ ଉଡ଼ିବେ । ଆଉ କେଇଦିନ ତାଙ୍କୁ କାନତଳେ ଘୋଡ଼େଇ ରଖିଥିବା ? ସେଠି ପରା ଏଇ ମାସରେ ନା କେବେବେଳେ ଯାତରା ହୁଏ । ରହିଯାଇଥିବେ । ଯାହାଫାହା ଦେଖି କାଲି ବାହୁଡ଼ିବେ ।

ସେଦିନ ସେବତୀଙ୍କ ଏତେ କଥା ବୁଝେଇଲା ପରେ ମୁଁ ମୋ' ନିଜ ଭିତରେ ଯେ ଏତେ ଅବୁଝା ଆଉ ବୁଝିବା ଯେ ଏତେ କଷ୍ଟ ପ୍ରଥମକରି ଅନୁଭବ କଲି । ମୁଁ ଜାଣୁଥିଲି ଏଠି କେହି ବୁଝନ୍ତିନି । ବୁଝେଇବାର ଲୋକ ଯେ ନିଜେ ଅବୁଝା । ମୁଁ ଜାଣିଛି ଆଉ ଟିକେ ଅବୁଝା ହେଲେ ସେବତୀ ମାଳୀ କି କେତକୀ ସିଏ ହେଉ ଜଣେ ଆସିବ । ମୋତେ ବୁଝେଇବ । ମୁ ବୁଝିଯାଉଥିବି । ବୁଝିଯାଉଥିବି ବୋଲି ଅବୁଝା ହୋଇଯାଉଥିବି । ସେମାନେ ଏଇ କାମ କିଛି ସମୟ ପାଇଁ ଚଳେଇବେ । ତା'ପରେ ପୁଅ ହେଉ କି ଝିଅ ହେଉ କାହାର ନା କାହାର ଡାକରେ ପୁଣି ନିଜ ଘର ଭିତରକୁ ଚାଲିବେ । ସେଠି ଏମିତି ବାନ୍ଧିହୋଇଯିବେ ଯେ, ମୋତେ ସେମାନେ ବୁଝାଉଥିବେ । ପ୍ରବୋଧନା ଦେଉଥିବେ । ମୁଁ ଏମିତି ଅବୁଝା ରହିଯାଉଥିବି ।

ମୁଁ ଏବେ ଭଲ ଭାବରେ ଜାଣେ ଯମୁନାରେ ପାଣି ଆସିଛି । ପାଣି ତ ନୁହେଁ ନୂଆର ଆସିଛି । ନୂଆର ନୁହେଁ ତ ପିଶାଚ ମାଡିଛି । ବଉଳା ଛୁଆ ଦେଲାପରେ ଭାରି ଓଲିଆ ହୋଇଯାଇଛି । ଢେଙ୍କିଆ ପକାଇଲେ ବି ଖୋଇ ଛୁଉଁନି । ଓଙ୍କଣୀଟା ଆଜି ଖାଲି ନଈପଠାକୁ ପଳାଉଥିବ । କଅଁଳ ରଗଡ଼ା ଘାସ ପାଇଁ ସେ ପାଗେଳୀ ହୋଇ- ଯାଉଥିବ । ମରିଯାଉଥିବ । କାହିଁକି ମୋର ଆଜି ଟିକେ ଶାନ୍ତିରେ ବସିନଥିବ । ଝରାବେଳେ ପଖାଳଗଣ୍ଡାକ ବି ଭଲରେ ଖାଇ ପାରିନଥିବ । ପାଗେଳୀଟା ବଡ଼ି ଚଟଣି ପାଇଁ ତ ଭାରି ଲୋଭ କରେ । ମୁଁ ଓଙ୍କଣୀଟା ଆଠଦିନ ହେଲା ଭାବୁଛି ବଡ଼ିଗଣ୍ଡା ରଗଡ଼ି ପାଣିରେ ପକେଇବି । କ'ଣ ସେଇ ଆଳୁଭଜାଟିକେ ଲଗେଇ ପଖାଳ ମୁଠାକ ଉହ୍ନାଳ ବେଳାରେ ଖାଇଥିବ । ସବୁଦିନେ ଯେମିତି ମୋ' ପୁଅ ମୁହଁ ଦେଖାଯାଏ ଆଜି କାହିଁ ମଉଳିଯାଇଥିଲା । ଖିଲିପାନ ଝଣ୍ଡେ ବି ନେଲାନି । ଚାଲିଗଲା ! ତମର ଅଭ୍ୟାସ ହେଇଗଲା । ସେଇ ପାନଖାଇ ସବସ୍ୱ ଗଲା । ଛୁଆଟା କୋଉଠି ଟିକେ ଗୁଆପାନ ଜାକିଦେଲା ଯେ ସେଥିରେ ଦୁନିଆ କଟକଣା । ଆଉ କୋଉ ପିଲାପରି ଯଦି ବଡ଼ି, ଗଞ୍ଜେଇ ଖାଉଥାନ୍ତା, ତେବେ ଆଉରି କ'ଣ କରନ୍ତି । ବହିଲା ପରି ଏଇ ଆଇସ ଫାଇସ ଟିକେ ଖାଇଥିଲେ ପାଟିରେ ଟିକେ ଗୁଆପାନ ପକେଇଦିଏ । ମୁଁ ଓଙ୍କଣୀଟା ଖଙ୍ଗିକରି ଆଉଟିକେ ଆଗରୁ ତା' ଗାମୁଛାରେ ବାନ୍ଧିଦେଇଥିଲେ ହୋଇଥାନ୍ତା । ସେ ତ

Digitized by PPRACHIN, SOA

କୁଅକୁ ଆସି ଠିକ୍ ଆଗରେ ଠିଆ ହୋଇଗଲେ । ପୁଅ ମୋର ପଛକୁ ଅନେଇ ଅନେଇ ଚାଲିଗଲା । ତମର ଯଉ ଏତେବଡ଼ ମାମଲତ ତେବେ କାହାକୁ ଗୋଟା ଆଣି ରଖନା । ବଳଦଟେ ବୋଲି ଛୁଆ । ତା'ର ଗାଣ୍ଡିରେ ପାଞ୍ଚଣ । ଧାନ ପେଷେ । ସେଇ ପେଷିବ । ହାଟକୁ ଯାଅ, ସେଇ ଯିବ । କ୍ଷୀର ନେଇ ଯାଅ କାନ୍ଥୁଅଙ୍କ ପାଖକୁ, ସେଇ ଯିବ । ବନ୍ଧୁବାନ୍ଧବ ଘରେ ଖବର ଦେଖବର ପଡ଼ିଲା, ସେଇ ଯିବ । ଏମିତି ଏବେଠୁ ତାକୁ ଖଟେଇ ଖଟେଇ କୁରୁମ କରବ । ଅଉ ସେ କି ଭେଣ୍ଡା ହବ ! କାଲିଠୁ ତମକୁ ପରୁ କହୁଥିଲି, ତେମେ ପାଳଟା ବାଢ଼େଇନେବ । ସେ ଟିକେ ବଡ଼ପଣ ଦେଖିବ । ଆଗକୁ ପଞ୍ଚାଷ । ସକାଳୁ ସକାଳୁ କ'ଣ ଏମିତି ନଶାପ ପଡ଼ିଲା ଯେ ଏଯାଏ ବି ସେ ଓଲିଆଟା ଦୁହାଁ ହେଉନି । ସେମିତି ଫିଟେଇଦେଲି । ଘାସ୍କୁ ଯିଏ ନେଇ ଘର କରବନା ବାଳ ଛିଣ୍ଡେଇ ମରବ ।

ଏଥର ଉପର ମୁଣ୍ଡରୁ କୁଆଡ଼େ ପାଣି ଆସିଚି । କୁମ୍ଭୀର ଆସିଥିବେ କି କ'ଣ ! ମା ଆଲୋ ସନ୍ତୋଷୀ, ତୁ ଭରସା । ମୋ କାଳିଆସୁନା ଯେମିତି ହସିଖେଳି ବାହୁଡ଼ି-ଆସୁ । ତେଲ ଶିଶି ଦେଖିଲି ଯେ ଠୋପାଏ କି ଦ'ଠୋପା ମାଲପା । ତେଲଟିକେ ଥିଲେ ତାକୁ ଉମ୍ପୁମେଇ ରସୁଣ ପରଖ ଦେଇ ମୋ' ସୁନାର ପା'କୁ ଘଷିଦେବି । ତୁଚ୍ଛା ଟକଲାଟା ପରୁ । ଦାନ୍ତି ଦଉଡ଼ି ଆଜି ବନ୍ଦାହାତ ଉଠେଇପାରବନି । ମୂଳରୁ କହୁଚି, ପୁଅରେ ତୁ ଗୁହାଳିକି ଯାଅ । ତୁ ମୁଣ୍ଡାଟା ଯଉ ପାଠପଢ଼ାରେ ମନମୁନ ଦେଇଥାନ୍ତୁ, ଆଜି କିଏ ତତେ ଗାଈପାଳିକି ପଠେଇଥାନ୍ତା, ତୁ ନଗଲୁ ତୋ'ର ଉପରେ ହଟ ସାଧୁଛନ୍ତି ।

ତୋ'ର ପାଇଁ କ'ଣ ନକରିଚିରେ ପୁଅ । ବାହାହେବାର ଦ'କୋଡ଼ି ଦ' ବରଷରେ ତୁ ସଞ୍ଚରିଲୁ । କେତେ ଦାଆଁ ଦେବତାଠି ଲଞ୍ଚ ରଖିବାରୁ ତୁ ଆସିଲୁ । କହୁନାରେ ପୁଅ, ସେ ହାନସ୍ତା କଥା । ତୋର ଆଈ କମ୍ ନୁହନ୍ତି । ତୁ ସିନା ଆଇଲାରୁ ସେ ପଶୁ ବଦଳିଗଲେ । ତା' ଆଗରୁ ସେ ପଶୁ ଗୋଖର । ବାଞ୍ଝ ମାଇପ ଗୁଇ ମାଡ଼ିଲେ କୁଆଡ଼େ ଅପଶକୁନ । ଦେଉଳ ଯିବା ମନା । ହାତରୁ କୁଆଡ଼େ ଯୋଗୀ ଭିକାରି କେହି ମୁଠେ ନେବେନି । କାହିଁ କୁଆଡ଼େ ହାତରୁ ପାଣି ପାଇବନି । ନରକରେ କେଇ ବଂଶଯାଏ କୁଆଡ଼େ ସପତପୁରୁଷ ଘାଣ୍ଟି ହେବେ । ତୋ'ର ପିଇସୀ ସେତେବେଳେ ମତେ ନାକରେ ପାଣି ପିଆଇଚିରେ ପୁଅ । ଏବକୁ ସିନା କଥା ଲୁଚିଗଲା । କୋଉ ମନରୁ ଯାଉଚି । ନମଡୋହ ରାଣୀପର ସାତପିଠିରେ ଲୁହ ପୋଛୁଚି । ତୋ' ବାପାର ସିନା ଘୋଡ଼ାଶାଳ ନଥିଲା, ହେଲେ ସେମିତିଆ ଗୁହାଳଟେ ଅଛିରେ ବାପା, ଏଯାଏ ସେମିତି ପୋଛୁଚାଲିଚି । କୋଉ ଦିନକୁ ତୁ ମଣିଷ ହବୁ ଯେ ମୋ ଦୁଃଖ ଘୁଞ୍ଚିଯିବ ।

Digitized by PPRACHIN, SOA

ତୁ ଆସିଲାବେଳକୁ ଏଇମିତି ଏଇ ନଈ ବଢ଼ିଥିଲା । ଆରପାରିରେ ସେ ଶୁକ୍ଲଆଣୀ ବୁଢ଼ୀଘର । ସକାଳୁ ସକାଳୁ ହୁଲ୍ଲା ହେଲା । ତୋ ବାପା ତ ଏକୁଟିଆ ଲୋକ । ଯୁଆଡ଼େ ନଗଲେ ନଚଳେ । କ'ଣ ବା ସେ କରିବେ ? ସେଦିନ ପୁଣି ଥାଏ ଗାଁ ପଞ୍ଚୁଆତ; ବେହେରାଘର ଝିଅ କନ୍ୟା ନେଇ । ତାଙ୍କ ଉପର କାହିଁ । କିଏବା ପରଲୋକ ସେପାରିକୁ ଯାଇ ତାକୁ ଆଣିବ । ତୋ' ବାପା ଖାଲି ସଭାକୁ ଯାଉଥାନ୍ତି ଘଣ୍ଟାଏ । ପୁଣି ଟିକେ ମୁହଁ ମାରି ଦେଇ ଯାଉଥାନ୍ତି । ସେତେବେଳକୁ ଝିଅ ଲେଉଟିଲାଣି । ହଁ. ଠିକ୍ ଏତିକିବେଳ ହେବ ତ ମୁଁ ଆଉ କିଛି ଜାଣି ପାରିଲିନି । ଖାଲି ଅନ୍ଧାର ଛଡ଼ା ମୁଁ ଆଉ କିଛି ବାରିପାରୁନଥିଲି । ତୁ ଆସିଲାବେଳକୁ ରାତି ଅଧରୁ ବଳିପଡ଼ିଲାଣି କି କ'ଣ । ତୁ କାନ୍ଦୁଥିଲାବେଳକୁ ଚାରିଆଡ଼େ ଆଲୁଅ । ଏତେ ଆଲୁଅ ଯେ ମୁଁ ଜମାରୁ ଚାହିଁ ପାରୁନଥିଲି । ଖାଲି ନାଲି ନାଲି ଆନ୍ଧାର ଭିତରେ କ'ଣ ଗୁଡ଼ାଏ ଚକମକ ଘୂରିଯାଉଥିଲା । ଆଖି ପାଉନଥିଲା ସେ ଦଗକୁ । ପାଖରେ କେହି ନାହାନ୍ତି । ସେଇ କରମଙ୍ଗା ଗଛନେଇ ସାଇପାଖରେ ପାଟିତୁଣ୍ଡ ଲାଗିଥାଏ ଯେ କୋଉ ଗୋଟାଏ ହେଲେ ମାଇପେ ଆସୁନଥାନ୍ତି । ତୋ' ବାପାଙ୍କୁ ଧନ୍ୟ କହିବରେ ପୁଅ । ଧାଈମା' ପରି ସବୁ କଲେ । ଗରମ ପାଣିଠୁ ଶୁଳଧରିବାଯାଏ ସେମିତି କରିଚାଲିଥାନ୍ତି । ଯୋଗକୁ ନଶାପଟା ତୁଟିଗଲା । ତ'ଥିଇ ଭିନେ ହେଲେ ଯେ ହେଲେ, ଯାହା କୁହରେ ପୁଅ, ଜହ୍ନିଲାପରି ଜମିଦାରିଆ ଝିଆସଟାର ଶିଙ୍ଘ ତୁଟି-ଗଲା । ଆଉ ଥାଏ ? ଫାଟିଲା ହାଣ୍ଡିରେ ଆଉ କାଦୁଅ ଲେପିଲେ କ'ଣ ହେବ ! ତୁ ଆସିଲା ପରେ ମୋର ସବୁ କଷ୍ଟ କୁଆଡ଼େ ନିମିଷକେ ଉଭେଇଗଲା । କିଛି ଜାଣି-ପାରିନ । ତୁ କୁଆଡ଼େ ଆଜିଯାଏ ଥିଲୁରେ କାହ୍ନୁ, ଏତିକି ହଟିଆ ତୁ ।

ଉଠିଗଲୁ, ଉଠିଗଲୁରେ କାଉ, ମୋ' ଧନ ଆଉଟିକି ? ଦେଖିଲୁ ଯଦି ସମ୍ଭାଳି ନପାରିଲୁ ଛାଡ଼ିଦେଲୁ ହେଲେ ଚାଲିଆସନ୍ତୁ । ଛାଡ଼ିବ ଆସିବ କ'ଣ ଏ ରାଢ଼ ବାପାଠୁ ପୁଣି ଗାଳି ଖାଇବାକୁ । ଚଇତମାସିଆ ଦିନ । ଚାରିଆଡ଼େ ଫସଲଫସୁଲା । ପୁଳାଏ ନେବ ତ ସଞ୍ଜବେଳକୁ କଂସାଥାଳି ବଜାପକେଇବାକୁ ହେବ । କିଏ ଏତେ କାଞ୍ଜିଆହୁଦାକୁ ଧାଇଁବ । କୁଆଡ଼େ ଗଲେ ହେଲେ ଆସନ୍ତେ । ତା' ପାଖକୁ ଟିକେ ଯାଆନ୍ତେ । ନଙ୍ଗଳା ଝୁଆଟା, ଗାଈଗୁରୁଜା ଇଆଡ଼େ ସିଆଡ଼େ ତାକୁ ଦଉଡ଼ଉଥିବେ । ଖାଲି ନିଶାପଟରେ ତ ଅମର ପେଟ ପୂରିବ । ଯୋଉ ବାହାରିପଡ଼ୁଚି ଦେଖୁନ । ଆର ବର୍ଷ ରଜକୁ ଝଣ୍ଟେ ମୋ' ଝିଅ ଦେଇଯାଇଥିଲା ଯେ ହେଇ ଏ ବର୍ଷ ରଜ ଗଲା । ସେଇଥିରେ ଧୋଇ ଶୁଖେଇ ମାରୁଚି । ସେଇ ତ' ଓଳି ତ' କଂସା ଭାତକୁ ଛାଡ଼ିଦେଲେ ଖାଲି ଛୀଙ୍କି ପୁରରେ ତ ଗୋଡ଼ ବୁଡ଼ିଯାଉଚି । ଯେତେ କହିଲେ ସେ ହେବେନି । ଚୁଲି ଧଇଲା ପରେ ଆଉ କ'ଣ ଥାଏ ? ହଁ, ଆସନ୍ତୁ ସେ ଆଜି ରାତିକି ।

Digitized by PPRACHIN, SOA

ତାଙ୍କର ପାଳିକି ମୋର ପାଳି । ଅନ୍ତୁଡ଼ି ଛୁଆଟାକୁ ପଠେଇଦେଇ କେତେ ମାମଲତ କରିବ, ଦେଖିବା ।

ଯାଏଲୋ ମା' କୁହୁଳାଟା ପକେଇଦିଏ । କାହିଁ ତ ଆସିଲାନି । ଇଏ ଭାତ-ଗଣ୍ଡାକ କ'ଣ ଆଉ ଖାଇ ହେବ । ଶୁଖି ଝୁଣୁକା ହୋଇଗଲାଣି । ରୋଗଣାଟା ତ ଜନ୍ମରୁ । ଔଷଧ ଗୁଡ଼ା ନାହିଁ । ସେଇଥିରେ ପୁଣି ଖାଇବା ପିଇବା ଠିକ୍ ନାହିଁ । ମା'ଲୋ ମଙ୍ଗଳା ତୁ ସାହା, ଭାତ ହାଣ୍ଡି ଦକ ଦକ ହୋଇ ଫୁଟୁଥିଲା । ଝୁଣୁକାରେ ଗୁଲ୍ଲାହୋଇ ଦି'ଟା ବାଇଗଣ, ଦୁଇ ଚାରିଟା ଆଳୁ ସେମିତି ଧକଧକ ହୋଇ ହାଣ୍ଡି ଭିତରେ ନାଚ କରୁଥିଲେ । ସୋରିଷ ଦି'ଟା, ଜିରା ଗଣ୍ଡାଏ ଛେଚା ହଳଦିପାଣିରେ ଯୋଗାଡ଼ିଦେଲି ବନ୍ତୁଲ କଦଳୀରୁ ନେଇ ଚେନା । ଛନଛନିଆ ସଜନାପତ୍ରରୁ ଡାଳେ ଛିଣ୍ଡେଇ ପକେଇ ହତୁରେଇ ଦେଲି ।

ଭାତ ତିଅଣ ଛଅ ଭଜା ହୋଇଥାଉ କି ସାଗୁଆଡ ହେଇଥାଉ ଏଇ ଟିକକରେ ମୋ' ପୁଅର ଭାରି ଶରଧା । ହଁ, କୋଳଥ ଡାଲିରେ ରସୁଣ ଫୁଟେଇଲେ ଭାରି ବାସେ । ପିଲାଦିନେ ବୋଉ ମୋର କେତେ ଖୁଆଇଛି । ସ୍ୱାଙ୍କର ତ ଗୋଟେ ବଦ ଅଭ୍ୟାସ । ବଡ଼ିଖାଇ ଭଣଭଣ ଧୂଆଁ ଛାଡ଼ିବେ । ହେଲେ ରସୁଣବାସ ସହ୍ୟ-ପାରିବେନି । ସେଇଲାଗି ଡାଲିରେ ରସୁଣ ପକାଏନି । ସେବଥର ସେଥରକ ରସୁଣ ଚଘରା ଡାଲିରୁ ଟିକେ ଦେଇଥିଲି ଯେ ପୁଅ ମୋର ଆଙ୍ଗୁଠି ଚାଟି ଖାଉଥାଏ । ହଁ, ଆଜି ସେମିତିଆ ଡାଲି ଟିକେ କରିବି । ତାଙ୍କ ପାଇଁ ପଛେ କାଢ଼ି ରଖିଦେବି । ଆମର ପରେ ଛୁଙ୍କ କରିବି ।

ଡାଲି ବଘାର ଶିକାକୁ ଚାହିଁଲି । ପିମ୍ପୁଡ଼ି ଧାର ଲାଗିଛନ୍ତି । ମନେପଡ଼ିଲା, କୋଉଦିନରୁ ଦି'ଟା ପିତାଶୁଖୁଆ ଘଡ଼ିରେ ପଡ଼ିଥିଲା । ପାଗେଲାଟା ପରା ମୋର ଗୁଣକୁ ସବୁ ଆଣିଛି । ପିତାଶୁଖୁଆ ବାଇଗଣ ସୋରିଷ ଦେଇ କଲେ ଆଉ ଟିକେ ଆଉ ଟିକେ ମାଗୁଥିବ । ଭାତ ଦୋ'ଟି ଆଉ ନେବ । ଛୁଆଲୋ, କଥାରେ ପରା କହୁଛି, ମାଆ ଡାଆଁଣୀ ଆଗ । ଥୁଃ… । ରୋଷେଇଘର କବାଟ ଦେଇ ବାରିପଟକୁ ଗଲି । ଖରାଟା ତଥାପି କଇଁଥଗଛ ଡାଳରେ ଝିକ ଝିକ କରୁଛି । ଡାଆଣୀ କଇଁଥ ସବୁ ଗଛ ଅଧରେ ପଡ଼ିବ । ସେ ସାଇଟୋକା କ'ଣ ମାଇକିନିଆକୁ ତ ଗଛରେ ହଦ ନାହିଁ । ଶୁଣୁଥିବ ଚୋ-ଢା । ପୁଅ ମୋର କହେ, ବୋଉ ଚାଲ ଯିବା, ଲଣ୍ଡନ ଲଗେଇ କଇଁଥ ଆଣିବା । କିଏ ଏ ଗଛରେ ମୋର ଛୁଆଟାକୁ ନେଇ ବାରିଭିତରକୁ ଯିବ ଲୋ ମାଆ । ଖାଆନ୍ତୁ । ସେମିତି ମତେ ମିଳୁ । ତାଙ୍କୁ ନମିଳୁ । ଏତିକବେଳେ ଗୋଟା ପଡ଼ନ୍ତାକ ନଡ଼ିଆ ଫାଳେ ଭୁରୁଙ୍ଗା ପଥର ଦେଇ ଟିକେ ଛେଚିଦିଅନ୍ତି । ପୋଖରୀ ହୁଡ଼ାକୁ ଗଲାବେଳକୁ ନେଉଟିଆ ପଟାଳି ପାଖରେ କଇଁଥଟିଏ । ଫାଳେ

Digitized by PPRACHIN, SOA

ପୋକ ଲାଗିଛି । ଆରଫାଳକୁ କୋଶ ଚଟଣି ଟିକେ ବାଟିଲି । ଡାଆଁଣୀ ଭାଉଟା ଚା-ଚା ହଉଚି । ଉଡ଼ିଗଲୁ···ଉଡ଼ିଗଲୁ··· । ସେ ଉଡ଼ିଗଲା । ସଜନା ଗଛ ଡାଳକୁ ହଲେଇ ଚାଲିଗଲା । ମୋତେ ଲାଗିଲା ଯେମିତି କାହ୍ନୁ ମୋର ଦାଣ୍ଡରେ ଠିଆ-ହୋଇଚି । ପାଣି ଲୋଟାଟାକୁ ଢକଢକ କରି ଟେକିଦେଉଚି । ଖାଲିପେଟରେ ପାଣି-ଚୁରୁକ କାଢ଼ିକି ପିଉଛୁରେ ପୁଅ । ଗୁଣ୍ଡାଏ ପାଟିରେ ନିଏ । ତା'ପରେ··· । ସେ ମୋ' ଆଡ଼କୁ କଟମଟ ଆଖିରେ ଚାହିଁବ । କାହିଁକି ତାକୁ ଗାଳିକି ପଠେଇଲି ବୋଲି ତା'ରି ପ୍ରତିବାଦରେ ନିଜ ପ୍ରତି ଅତ୍ୟାଚାର କରିବ । ମୁଁ ସେତେବେଳକୁ ଗୋଟାସୁଦ୍ଧା ଥରୁଥାଏ । କାଲେ ଧନ ମୋର ବିଗିଡ଼ିଯିବ । ଖୁମାଣିଆଟା ତ । ଟିକେ ମୁନ ଏପଟ ସେପଟ ହୋଇଗଲେ ଗଲା । ଆଉ ହରିବ୍ରହ୍ମା ତ ତାକୁ ବୁଝେଇ ପାରିବେନି । ଫି ଦିନରେ ତ ହାଣ୍ଡି ବଦଳାଉଛି । ସେଦିନ ପୁରୁଣା ଘିଅ ଘଡ଼ିଟାକୁ ପାଞ୍ଚଣରେ ଦେଲି ଚୁଳ ଯେ କୋଉ ଅମଳର ଘିଅତକ ମାଟିଖାଇଲା । ମୁଁ ଥରୁଥିଲି । କେମିତି ସେ ବିଗିଡ଼ି ନଯାଉ । କେତେ ଶରଧାରେ ଓଳଟାହାଚା ରାନ୍ଧୁଛି । ସବୁ ସେମିତି ପାଣିରେ ଯିବ ।

କିଛି ନକହି କାନରେ ତା' ଦେହକୁ ପୋଛିଆଣିଲି । ତା' ଦେହର ସବୁତକ ଝାଳ ଯେମିତି ମୋ' ଆଖିବାଟେ ବୋହିଗଲା । ସେ ଭାରି ଦୁର୍ବଳିଆ ଦେଖାଯାଉଥିଲା । ଗୀତ ଗାଇପାରୁନଥିଲା କି ମହନ୍ତ ମଠ ମେଲଣରୁ ଏକା ଜିଦ୍‌ରେ କିଣିଆଣିଥିବା ବଂଶୀ ଖଣ୍ଡିକ ଜମାରୁ ଫୁଙ୍କି ପାରୁନଥିଲା । ସେ ଭାରି କାଉନ୍ଦା ଜଣାପଡ଼ୁଥିଲା । ସତରେ ପୁଅ ମୋର ବାଙ୍କୁଣିଆ ହୋଇଯାଇଛି । ଗୁଣ୍ଡାଏ ଦି'ଗୁଣ୍ଡା ଖୋଇଦେଲି ପରେ ତେଣିକି ସେ ବୁଝିଯିବ । ତା'ପରେ ନିଜେ ନିଜେ ଖାଇବ । ସେଇଠୁ ଆରମ୍ଭ-ହେବ ସୁଦାମ, ସୁବଳ ତାକୁ କେମିତି ବାଟରେ ହଇରାଣ କଲେ । ବଳିଆଟା କେମିତି ତାକୁ ଷଣ୍ଢ ମୁହଁରୁ ଟାଣିଆଣିଲା । ନହେଲେ ନା ମୁଁ ଷଣ୍ଢକୁ ମାରେ କିମ୍ବା ସେ ମୋତେ ମାରୁ ଯାହା ଗୋଟେ ଫଇସଲା ହୋଇଯାଇଥାନ୍ତା । ଏ କଥାରେ ମୋ' ଦେହ ଶୀତେଇ ଉଠୁଥିଲା । ତା'ପରେ କହିବ ପଟ୍ଟନାୟକ ଘର ଚାକରଆ କେମିତି ତାକୁ ଶଗଡ଼ ଦଣ୍ଡାରେ ବସେଇ ନଚେଇଲା । ଶେଷ ଦଣ୍ଡା ଭାଙ୍ଗିଗଲା ଯେ ଆମେ ଦୁଲ୍‌ଦାଲ୍ ପଡ଼ିଲୁ । ତା'ପରେ ଚମ୍ପଟ ଛୁ । ନହେଲେ ବୁଢ଼ା ଯଦୁ ବାହାରିଥାନ୍ତା ନା ଆମକୁ ଆଉ ରଖି ନଥାନ୍ତା । ସେଦିନ କେମିତି ପାଣି ବସେଇ ବଗ ଧରିଲା । ତାକୁ ନେଇ ସଙ୍ଗରେ ଭୋଜି କରିବାକୁ ଯୋଜନା ଚାଲିଥିଲେ ବି ତାକୁ ଜର ହୋଇଗଲା ଯେ ସବୁ ବିଗିଡ଼ିଗଲା । ଆଉ ଦିନେ କେମିତି କିଆ ବଣରେ ନିଆଁ ଲାଗିଲା ଯେ ସେ ଗୋଟେ କୁନି ନେଉଳ ଛୁଆକୁ ଧରି ଛୁଉ । ଅନେକ ଦିନ ପର୍ଯ୍ୟନ୍ତ ପଞ୍ଜୁରିରେ ରଖି ଗଣ୍ଡଶା ଆଣି ଖାଇବାକୁ ଦେଉଥିଲା । ନେଉଳ ଖାଇବ ବୋଲି ଥରେ ସେ ଗୋଟେ କଳା ଲୁଣି ଧଣ୍ଡକୁ ଆଣି ଛାଡ଼ିଦେଲା ଯେ ନେଉଳ ତାକୁ ଖଣ୍ଡିଆଖାବରା କରିଦେଲା ।

Digitized by PPRACHIN, SOA

ତା'ପରେ ତା' ଲଞ୍ଜକୁ ଧରି ବୁଲେଇ ବୁଲେଇ ଫୋପାଡ଼ିଦେଲା । ରକ୍ତ ବାନ୍ତିକରି ସେଟା ମଲା ମଝିଦାଣ୍ଡରେ । ମୋ' ଦେହ ସେତେବେଳକୁ ଗୋଟାସୁଦ୍ଧା ଥରୁଥାଏ । ସାପକୁ କୋଉ ବିଶ୍ୱାସ ଅଛି !

କମ୍ ଚଗଲା ବଦମାସ୍ କି ସେ ! ହୁଁ ସେଦିନ ପରି ଆରସାହି ସଣ୍ଢ ଦହି ମୁଣ୍ଡେଇ ଯାଉଥିଲା ଯେ ମାରିଲା ଗୋଟା ଟେକା । ବିଚରି ତା' ଦିନକର ଆଧାର । ଏମିତି କଲେ ମୁଁ ବୋଲି ସିନା ସହୁଚି । ଗାଁ ମାଇପେ ସହିବେ ? ଯା'ହେଉ ମୋ' ପୁଅର ଏ ଗୁଣ୍ଡେଟକାଟିଆ ଚଗଲାମି ଥିଲେ ବି ଝିଅପିଲାଙ୍କ ଆଡ଼କୁ କୁନଜର ନାହିଁ । ତା'ର ପୁଣି ଏଡ଼େ ସାହସ । ଛଇଳୀ ଆସି କହିଲା, ମୋ' କାହ୍ନୁ କୁଆଡ଼େ ମାଇପି ଘାଟ ପାଖରେ ଗଛରେ ବସି ଖତେଇଦେଲା । ଟୋକୀଗୁଡ଼ାକ କୁଆଡ଼େ ପାଣିରେ ପଶିଗଲେ । କହିଲାପରି ତେମେ ଟୋକୀ ଭୁଆସୁଣୀଗୁଡ଼ାକ ଦେଖିବୁହିଁ ଗା'ଧୋଇବେନା । ଏମିତି ଯୁଗ ହେଲା ଲୋ ମା', କି ସାବୁ କି ସବୁ ବାହାରିଛି ଯେ, ଗଲା ତ ଘଷିହେଉଚନ୍ତି ଓଳିକଯାକ । କେମିତି ସେ ଗନ୍ଧ ତାଙ୍କୁ ଭଲଲାଗୁଛି କେଜାଣି ! ମୋ' ନାକ ଜମାରୁ ସହୁନି । ସେ ଏବେ ଚଗଲା ପିଲାଟା, ତାକୁ ଏତେକଥା ଜଣା ଅଛି ? କୁଆଡ଼େ ବୁଲୁବୁଲୁ ପଶିଯାଇଥିବ । କହିଲାପରି ଛନ୍ଦ ନଜାଣିଲ ନନ୍ଦର ରାଣୀ ନା ପୁତନା କୋଳେ ପୁଅ ଦେଉଛି ଆଣି । ଗୁଡ଼ ଲୋ ମାଆ, ମୋ' କାହ୍ନୁ ନାଆଁରେ ଯେମିତି ବାହାର କରୁଚ, ତମଠି 'ସେମିତି ଫଳିବନି । ଧରମ ନାହିଁ ଧରଣୀ ରହୁଛି କେମିତି !

ସେଇଟା ପରି ସେମିତି ଫଳିକଟା । ଯେତେ କହିଲେ କ'ଣ ବୁଝିବ ? ତେତେ କଏ ମୁଠାଏ ଦଉଛି ନା କ'ଣ କରୁଚ, ସେଗୁଡ଼ାକ ମୋ' ପୁଅକୁ ଏତେକଥା କହିବେ । ତା' ବାପା ଧନରେ ସେ ମଣିଷ ନା ଏ ଛତରା ଗାଁ ମାଇପେ କଂସାଏ ଦଉଚନ୍ତି । ତୁ ତ ତୋର ଘରେ ଖାଇଲୁ । ତୋ' ପାଇଟି କଲୁ । ସନ୍ତ୍ରରେ ଟିକେ ବହି ଖେଳେଇଲୁ । କି ଭାଗବତ ଅଧ୍ୟାୟେ ଶୁଣିଲୁ । ତୋର କ'ଣ ଦରକାର ଏ ବାଳୁଙ୍ଗା ଟୋକାଙ୍କ ସାଙ୍ଗରେ ଯମୁନା ଘାଟକୁ ଯିବା । ସେଠି ତ ଏ ଛତରା ଟୋକୀଙ୍କର ନାଟ । ବୁଢ଼ୀଆ ଟୋକାଙ୍କ ସାଙ୍ଗରେ ଭଲ । କହିଲା ପରୁ ଆମେ ଆଉ ଟୋକୀ ହେଇନଥିଲୁ ? ଏଇମାନେ ହାଲକୁ ଦେଖେଇହଉଚନ୍ତି । ଶାଶୁଘର ଆସିବାଯାଏ ଗାଁ ଏମୁଣ୍ଡ ସେମୁଣ୍ଡ ଦେଖିନଥିଲୁ । ଏଇଠି ଆସି ମଣିଷ ଏତେ ଖଟିଲା । ଯାହା ନଦେଖିବା କଥା ଦେଖିଲି । ଯାହା ନକରିବା କଥା କରିଲି । କଏ କୁଆଡ଼େ ତ ଖସି ପଳେଇଗଲେ । ଶେଷକୁ ତୁ ହିଁ ଧରାପଡ଼ିଲୁ । ଦେଧ ହରକରା ଖଣ୍ଡେ ସିଏ । ଘଇତା ତ ରହିଲା କୋଉଠି ଯାଇ । ଅବୁଟେ ହେଲେ ତ ସାଙ୍ଗରେ ନେଲାନି । ଆଇଥେଲା ଯେ ଗଲାକୁଟିରେ ଠାକୁର ପିଣ୍ଡାରେ ଶୋଇ ଶୋଇ ଗଲା । ମାଇପର କ'ଣ କମ୍ ଭାଉ ! ଏଇଟା କୁଆଡ଼େ ଏତେ ସଣ୍ଢ ସାବଜୀ । ମୋ ନଙ୍ଗଳା ଛୁଆଟା

Digitized by PPRACHIN, SOA

ତା' କାନ ଝାଣିଲା । ସେ ତ ବଗୁଲା ଛୁଆଗୁଡ଼ାକ ଗୁଲ୍ ଖେଳୁଥିଲେ । ତୁ ତ ତୋର ପାଣି ନେଇ ବାଟେ ବାଟେ ଯାଉଥାନ୍ତୁ । ଏତେ ଜାଗା ଥାଉ ଥାଉ ସେଇ ସିଧା କାହିଁ ଆସିଲୁ ? ତା' ବାଲ୍ କୁଆଡ଼େ ବାଲ୍‌ରେ ପୋଡହେଇଗଲା କ କ'ଣ ହେଲା । ସେ ଖବର ତୁ ଗୁଲ୍ ନେଇଚୁ । ସେଇଥିପେଇଁ ତୋ ପିଣ୍ଡା ଧରଥିବ । ଇଆବୋଲି ସେ ତୋ ଉପରେ ଅ.ଖିଦେଲା । ତା'ର କ'ଣ ହେଲଣି ଯେ ସେ କ'ଣ ଜାଣିଥିବ । ସୁନୁକୁ ପୁଅଟାକୁ ମୋର ସେଦନ ଏତେ ମାରଲା । ଲୁହନାଲ ଏକାଖଣ୍ଡ ହୋଇ ସେମିତ ଶୋଇଲା । ଭାତ ହାଣ୍ଡିରେ ପାଣି ପୁରେଇ ଶୋଇଲି । ଗୁଡଯାକ ଆଖି କଷାପଡ଼ନ । ଗୁଡକଯାକ ପୁଅଟା ମୋର ଖାଲି ମୋ' ଗୁଲ, ମୋ'ଗୁଲ ବୋଲ ବଲବଲଉଥାଏ । ସେ ଆସିଲା ବେଲକୁ ଭାତକଂସା ସେମିତ ଥୁଆହୋଇଥାଏ ଚୁଲିମୂଳେ । ସେ କେତେବେଲେ କ'ଣ ଆଣି ଖାଇଲେ କେଜାଣି ମୁଁ ଆଉ ଜାଣିନ ।

ଇଏ ଗାଁରେ କ'ଣ ଆଉ କେହ ନାହାନ୍ତ । ଧନୁଯାତ୍ରା କଲେ ତମ ପୁଅକୁ ସବୁ କୃଷ୍ଣ କରୁନା । ଏଇଟା କ'ଣ ମୋର ପୋଲା ପଡ଼ୁଛ । ତମ ଆଖିରେ ଖର ମାହାଲିଆ । ତା'ଠି ସମସ୍ତଙ୍କର ଦୃଷ୍ଟି । କହ୍ଲାପର କୃଷ୍ଣ ଠାକୁର । ସେ ଯଦ ପ୍ରବେଶ କରବେନା, ନା'ଲେ ମା' ମୋ ସୁନା ସେ କାମ କରପାରବନ । ଷଠୀ ତାକୁ ·କୋଟି ଅୟୁଷ ଦେଇଥାଉ । ସେ ସେତେ ବଡ଼ ହେଉ । ନାଚ କରବ ତ, ତା' ଦେଲ କୁଆଡ଼େ ଯାଉଚ ? ଧନଟା ପରା, ଆଉ ଟିକେ ଠେକ୍ ହୋଇଯାଅ—ତେଣିକ ଯାତ୍ରାରେ ପଶିବୁ । ଏକା ଜିଦ୍ ଧରଲା । ସେ ଟୋକାଟା ପରା ତାକୁ ଉସ୍‌କେଇଲା । ହଁ, ଯେମିତ ସ୍ୱତନ୍ତ୍ରର କୃଷ୍ଣ ତ । କୋଉଠି ମୋ' କାଲିଆ ଜୋକଟା ଥିଲା କେଜାଣି । ମୟୂର ପୁଚ୍ଛ ଲଗେଇ ବଂଶୀ ଧର ତ୍ରିଭଙ୍ଗ ଠାଣିରେ ଠିଆହେଲାବେଲକୁ ବାରହେବନ । କୋଉଠି ନବରଙ୍ଗିଆଟା ଥିଲା କେଜାଣି । ଏତକ ସୁନ୍ଦର ଲଗେଇବ ସେ !

ବାରପଟ ଖଲାରେ ଠିଆହୋଇ ଦାଣ୍ଡକୁ ଚ୍ହିଁଲି । କାହିଁ କେହ ତ ଦେଖା-ଯାଉନ । ଗାଈଖୁରା ଶୁଣି ଚମକପଡ଼ିଲି । ମୋ କାହ୍ନୁ ଆସିଗଲା କ ? ଦାଣ୍ଡକୁ ଉଠିଗଲି । ପଧାନଘର ଢ଼'ଟାଯାକ ଦାମୁଡ଼ି ପଘା ଛଡ଼େଇ ଲଢ଼ାଲଢ଼ି ହୋଇ ମାଡ଼-ଆସୁଚନ୍ତ । ପିଣ୍ଡା ଉପରକୁ ଚଢ଼ିଗଲି । ଦ୍'ଟାଯାକ ଠେଲାଠେଲି ହୋଇ ଆଡ଼ ପକାଉଥାନ୍ତ । ଖୁରାରେ ମାଟି ତାଡ଼ ଗୁମ୍ଫୁଡ଼ି ପକାଉଥାନ୍ତ । ମୂଲିଆ ଠେଙ୍ଗାରେ ପାହାରେ ଲେଖାଏଁ ବସିବାରୁ ତରକଯାଇ ଶାନ୍ତପଡ଼ଲେ । ଖରା ଆଉ ନାହିଁ । ଖାଲି ଯାହା ପାଣିଚଆ ନାଲି ଧାସ ଟିକେ ଟିକେ ପଡ଼ୁଛ । ଗାଁ ମୁଣ୍ଡକୁ ଗଲି । ଅନେଇଲି । କଛ କୁଆଡ଼ୁ ଦେଖାଯାଉନ । ଖାଲି ପାଣି ପାଣି । ଯୁଆଡ଼େ ଚ୍ହିଁବ ଯେମିତ ଯମୁନା ମାଡ଼ିଆସିଚ । କୁଆଡ଼େ ଗଲା ଏତେ ବେଲଯାଏ ? କୋଉଠି ବନ୍ଧଫନ ଭାଙ୍ଗିଯାଇଥିବ କ କ'ଣ ? ଗାଈଗୁଡ଼ାକ ଗୁଡ଼ ଆସିପାରୁନଥିବ । ପାଣି

Digitized by PPRACHIN, SOA

ପୁଚୁରୁ ପୁଚୁରୁ ଯେ ଚପଲ ହୁଲକ ନେଇ କ’ଣ ବା କରିଥାନ୍ତା ? ହୋଇଲଖା କଣ୍ଟା ହୁଡ଼ ସାଗ୍ର । ଭେଡ଼ା ଭର୍ତ୍ତି ବେଣାମୂଳ । କାଟିପକାଉଥିବ ମୋ ପୁଅ ଗୋଡ଼ । ଯେତେ କହିଲେ ଛତା ନେବନି । ସେମିତି ପଛେ ସାତ ଅସରା ମେଘ ଖାଇବ । ମୁଣ୍ଡଫଟା ଖରାରେ ଫୁଙ୍ଗୁଲାଟା ବୁଲୁଥିବ, ଛତା ନବାକୁ କ’ଣ ତା’ର ମନହୁଏନି କେଜାଣି ! କୋଉଠି ମନୁଆଟା ଥିଲା କେଜାଣି !

ଏଇ ସୁ-ସୁ ହୋଇ ମାଡିଆସିଲାଣି ମେଘଟା । ନୂଆଁଣିଆ ପାଗ । ଟିକେ ଝଡ ଟିକେ ବର୍ଷା । ବିଜୁଳି ଚମକେଇଦେଲା । ଅଣ୍ଡା ପବନରେ ଦେହ ଶୀତେଇ ଉଠିଲା । ଟୋପା ଟୋପା ମେଘରେ ମୋ’ ଦେହ ମୁଣ୍ଡ ଓଦେଇଗଲାଣି । ଗ୍ରୁଡ଼ ଭିତରଟା ଠକ୍ ଠକ୍ କଲାଣି । ଯାଏଲେ ମାଆ, ଦାଣ୍ଡ କବାଟ, ବାରିକବାଟ ଠିଆମେଲା । କୁକୁର ପଶିବ । ନହେଲେ ଏ ଧୂମାଳିଆ ପବନ ପଶି ଛପର ଉଡ଼େଇନେବ କି କ’ଣ ! ତରବରରେ ସେଠୁ ପଳେଇଆସିଲି । ଘରସାରା ଶୁଖିଲା ପତ୍ର, କୁଟା ଗଦା ହୋଇଗଲାଣି । ବଂଶୀ ଖଣ୍ଡିକ ତ ପଡ଼ି ଗଡ଼ୁଛି । ପିଢ଼ା ଉପରୁ ଝସିପଡ଼ୁଛି । ହଁ, ଆଜି ନେଇନି । କାଲିଠୁ କେଜାଣି ଅଠା ଲଗେ, ଜରି କାଗଜ ଖଣ୍ଡି ପିଢ଼ା ଉପରେ ଶୁଖେଇଥିଲା । ପବନରେ ଗଳିପଡ଼ୁଛି । ବାଲି ସରସର । କାନରେ ପୋଛୁଆଣିଲି । ଧଇଲିବେଳକୁ ପୁଳାଏ ପବନ ସଁ-ସଁ ହୋଇ ତା’ ଭିତରକୁ ପଶିଗଲା । ପବନରେ ଯେମିତି ସେ ବାଜିଉଠିଲା । ମୁଁ ଚମକିପଡ଼ିଲି । କାହ୍ନୁ ମୋର ଆସିଗଲା କି ? କବାଟ ଖୋଲି ଦେଖେ ତ ଝଗଡ଼ା ଆଉରି ବଢ଼ି ବଢ଼ି ଘରଭିତରକୁ ପଶିଆସୁଥିଲା । ତରତର ହୋଇ କବାଟ କିଳିଦେଲି । ଏତେବେଳଯାଏ ସେ ବି ଆସିଲେନି ।

ଯେତେ ଯେତେ ଅନ୍ଧାର ବଢ଼ୁଥିଲା, ସେତେ ସେତେ ମୁଁ ଉଚ୍ଛନ୍ନ ହୋଇଯାଉଥିଲି ! କବାଟର ପଛପଟେ ଶିକୁଳି ଦେଇ ମୁଁ ଦାଣ୍ଡରେ ପାଦଦେଲି । କଏ କୁଆଡ଼େ ଘର ଭିତରେ ପଶିଯାଇଥିଲେ । ସେବସ୍ତାକ ହେଲେ ଯାଇ ପଚାରିବ ତା’ ପୁଅ ଆସିଲାଣି କି ନାହିଁ ? ମାଳତୀ ଘର ଟୋକା ଆଜି ବୋଧେ ନାହିଁ । କୁଆଡ଼େ କୁଣିଆ ଘରକୁ ଯାଇଚି । ଆଉ ସାହି ସେ ଟୋକାଟା ନାଁ କଣ ବା···ହଁ, ମଧୁଆ, ସେ କ’ଣ ଆସିବଣି ? ସାହସ କରି ଗ୍ଲିଲି ଆରସାହି ଆଡ଼କୁ । ଦାଣ୍ଡସାରା ପଙ୍କ ଓ ବାହୁଙ୍ଗା ପଡ଼ି ବାଟ ଦିଶୁନି । ତା’ ତଳେ ତଳେ ପାଣି ସୁଅ । ପାଦଦେଲାବେଳକୁ ଲାଗୁଛି ଯେତେକ ପା’ତଳେ ଶହ ସାପ ସର୍‌କିନା ଗ୍ଲିଯାଉଛି ! ଗୋଡ଼ ଉଠେଇ ଆଣୁଥିଲି । ପୁଣି ଆଗକୁ ପାଦ କାଢ଼ୁଥିଲି । କେତେ ଦେଖି ଗ୍ରୁନିଆ ହୋଇଗଲା । କହିଲା, କାହ୍ନୁ ଆସିନି ? ମଧୁଆ ତ କେତେବେଳୁ ଆସି ଖାଇପିଇ କୋଉଠି ତାସ୍ ଖେଳୁଛି । ମୋ ମୁଣ୍ଡରେ ଯେମିତି ଆକାଶ ଛିଡ଼ିପଡ଼ିଲା । ଅନ୍ଧାର ଦେଖାଗଲା । ଭାବିଲି, ବୋଧହୁଏ, ଆରମୁଣ୍ଡ ଲାଇବ୍ରେରି ଘର ପାଖରେ ମୁଣ୍ଡ ଗୁଞ୍ଜିଦେଇଥିବ, ମେଘଟା ଆସିଲା ତ । ଗ୍ଲିଲି ଏକ ମୁହାଁରେ ।

Digitized by PPRACHIN, SOA

କେତେ ମନାକରୁଥିଲି, କେମିତି ଏ ଝଡ଼ରେ ଆରମୁଣ୍ଡ ଯାଏ ସିଏ ? ତା' କଥା ମୋ କାନରେ ପଶୁନଥାଏ । ବାଟରେ ଦେଖାହେଲା ଜଗୁଆ । ପଇଡ଼ କାନ୍ଧଟାକୁ ଟେକି ଟେକି ନେଉଥାଏ ତା' ନିଜ ଘରକୁ । ମତେ ଦେଖି ଟିକେ ରହିଗଲା । କିଛି କହିଲାନି । ଚାଲିଗଲା । ମୋ' ମୁଣ୍ଡ କୋଉ ସେଠି ଥାଏ । ଚାଲିଲି, ସେ ପଟ୍ଟନାୟକ ବାଡ଼ିପଟରୁ ତା' ଘର ଆଡ଼କୁ ମୁହାଁଇଲି । ଲାଇବେରି ଘର ପାଖରେ ପହଞ୍ଚିଲା ବେଳକୁ କେହି ନାହାନ୍ତି । ସବୁ ଝଲୁଚି । ପଛପଟ ବାରଣ୍ଡାରେ ପାଟି ଶୁଭିଲା । ଧୀରେ ଧୀରେ ଗଲାବେଳକୁ ଶୁଭୁଚି ସେ କଥା । ସଜାସାଢଣୀ ରାନ୍ଧି ବସି ତାସ୍ ଖେଳୁଚି ଟୋକାଙ୍କ ସାଙ୍ଗରେ । ମୋ' ଦେହ ତ ଜଳିଗଲା । ପବନ କମିଆସିଥିଲା ସେ ମେଘ ତ ଜମାରୁ ଛାଡ଼ିନି । କିଛି ନକହି ପୁଣି ଗଲି ଠାକୁରଘର ପାଖକୁ । ସେଇଠୁ ଦେଖାଯାଏ ନଈ ପାଟ ବଣବୁଦା । ବର୍ଷା କୁହୁଡ଼ି ପାଇ ଘେରିଯାଇଥିଲା । କିଛି ଦେଖିପାରୁ ନଥିଲି । ଖାଲି ମେଘଛଡ଼ା ଆଉ କିଛି ଦିଶୁନଥିଲା କି ଶୁଭୁନଥିଲା । ସେମିତି ଠିଆହୋଇଥାଏ । ମନ ଥରି ଯାଉଥାଏ । ମନ ସମାଳି ହେଲାନି । ଚାଲିଲି ପାଦେ ପାଦେ । ଭେଡ଼ା ପାଖରେ ପହଞ୍ଚିଲା ବେଳକୁ ଏଡ଼େ ବଡ଼ ତମ୍ବ ସାପଟା ମାଡ଼ିବସିଥାଏ ବାହୁଣୀ ବେଙ୍ଗଟାକୁ । କଟର କଟର କରି କମ୍ପଉଥାଏ । ଝାପ୍‌ସା ଅନ୍ଧାର ଭିତରେ ସାପଟା ପାଣି ଭିତରକୁ ଖସିଗଲା । ବୁଢ଼ା ପୀରକୁ ନଡ଼ିଆ ଯାଚିଲି ।

କୁଆଡ଼େ କିଛି ସ୍ୱର ଶବ୍ଦ ନାହିଁ । ଗାଈଗୋରୁ ତ ଦେଖାନାହାନ୍ତି । ଏପଟକୁ ଚାହିଁଲି, ପାଳଦା ଭିତରେ ଦ' ଟୁଗଟା ଚରୁଛନ୍ତି । ବର୍ଷାଭିଜା କଖାରୁ, ଫୁଟି, କାକୁଡ଼ି ଲଟାଗୁଡ଼ାକ ମଡ଼ି ପକାଉଛନ୍ତି । ହଁ, ସେ ତ ମହାନ୍ତି ଘର ଗାଈ । କିଏ ବା କହିବ ! ଶେଷକୁ ମୋ'ରି ପୁଅର ହେବ ଦୋଷ । ଯାହା ଗାଈ ଖାଇଲେ ନାଆଁ ହେବ ପାଳିଆର ।

ହଁ, ମୁଁ ଭଲଭାବରେ ଜାଣିଛି, ମୋତେ ଏବେ ତମେସବୁ ପାଗେଳୀ କହୁଚ । ଦାନ୍ତ ଦେଖେଇ ମୋ ପଛେ ପଛେ ଗୋଡ଼ାଉଚ । କେତେ ଆଉ ସହନ୍ତି ? ବିରକ୍ତ ହୋଇ ତମକୁ ସଁପାକଟା କରୁଚି । ତମକୁ ଆହୁରି ଭଲଲାଗୁଚି । ତମେ ପୁଣି ଗୋଡ଼ାଉଚ । ଶେଷକୁ ଚିଗି ଟେକା ପଥର ପିଙ୍ଗୁଚି ତମକୁ ଡରେଇବା ପାଇଁ । ଏଥରକ କିଏ ଗୋଟା ଗୋଡ଼ ଛାଡ଼ିଦେଲା ସେ ବାଜିଲା ଆସି ମୋ ମଝି ପିଠିରେ । କ'ଣ ହେଇଗଲା ଜାଗାଟା । ଫାଟିଗଲା ଯେମିତି । ମୁଁ କ'ଣ ତମ ଥଟ୍ଟା ନା ତାମସା ? ମୋର ମୁଁ ଖୋଜୁଚି ମୋ' ପୁଅକୁ । କହିଲାପରି ସକାଳ ପହରୁ ଗଲାଣି, ଏଯାଏ ଫେରିନି । ତା' ବାପାଟା ବି କୁଆଡ଼େ ଯାଇଚି । ତମ ମନ କିଛି ହଉନି । ଆହୁରି ତେମେ ମତେ ଥଟ୍ଟା କରୁଚ ? ଆଲେ, ତେମେ ସବୁ ଛୁଆପିଲା ଜନମ କରିଚ ନା ନାହିଁ

Digitized by PPRACHIN, SOA

ହା, ଅଲେ ବାଈ କରକଟୀ ପର କ'ଣ ଗୁହିଁଚବା ? କହୁନା ମୋ' ପୁଅ କୁଆଡ଼କୁ ଗଲା ? ଏତକ କହୁ ସେ ହାତର ଚୂଡ଼ିକୁ ଏକ ଦୁଇ କରି ଗଣୁଥିବ । ମଥାରେ ଲଗାଇଥିବା ସିନ୍ଦୂର ପୁଳାରୁ ଝାଳ ପୋଛୁ ଆଣୁଥିବ ପୁଣି ଭଙ୍ଗା ଦର୍ପଣ କାଚଖଣ୍ଡେ ଧରି ସଜାଡ଼ି ଆଣୁଥିବ ।

ପିଲାଦିନେ ଶରଧା ବାମ୍ଭଣୀକୁ ଏହି ରୂପରେ ଦେଖିଲେ ମୋତେ ଖୁବ ଦୁଃଖଲାଗେ । ତା' ଅଲୁଲାୟିତ କେଶ, ବଲ୍ଲୋଳିତ କେଶ, କୁଞ୍ଚିତ ମୁହଁ, ଖୋଳିଆ ଖୋଳିଆ ଆଖି ଓ ଅଶଲ୍ଲ ଅଶଲ୍ଲ କଣ୍ଠ ମୋତେ ଯୁଗପତ୍ ଭୟ ଓ ବେଦନାରେ ଭିଜେଇଦିଏ । କେବେଳାରେ ତାକୁ ପଚାରେ, ତୁ କ'ଣ ଖୋଜୁଛୁ ? ତୋ' ପୁଅ କ'ଣ କୁଆଡ଼େ ହଜିଗଲା ? ସେ ମୋ' ଆଡ଼କୁ ଗୁହିଁ ମୁରୁକି ମୁରୁକି ହସିଦିଏ । କହେ, ହଁ ବା ସେ ଗଲା ଗଲା । ସେ କୋଉ ମୋ' ଧନ । ଧନ ହେଉଥିଲେ ମୋ' ହାତଛଡ଼ା ହୋଇଥାନ୍ତା ? ତେମେ ସବୁ କ'ଣ ମୋ' ପିଲା ନୁହଁ ? ହଁ ତୋ ନାକପରି ତା'ର ଛୁଞ୍ଚିନାକ । ଏମିତିଆ ଗୋଟିଏ ବାଳ । ତୋ'ରି ରଙ୍ଗ ତ । ପୁଅପିଲା କ'ଣ ସଫା ଗୋରାହେଲେ ସୁନ୍ଦର ଦେଖାଯାଆନ୍ତି ? ମାଇଚିଆ ଦେଖାଯାଆନ୍ତି । ଝିଅ ସିନା ଅସଫା ହେଲେ ହଇରାଣ । ଶରଧା ବାମ୍ଭଣୀ ଏମିତି ଗପି ଚାଲିଥାଏ । ବେଳେ-ବେଳେ ପାଟିରେ ଜାକିଥିବା ଚୂନପତ୍ରକୁ ଜଡେଇ ଆଣି କଲେ ଛେପ ଗ୍ରୁଟିଦେବ ପିଣ୍ଡାତଳକୁ । ତା' ମୁହଁରେ ଥିବା ଘାଉଟି ଏଥରକ ଫାଟିଯାଇଥିଲା । ଗୋଟାଏ କଣା ହୋଇଯାଇଥିଲା । ସେହି ଘାଉଟା ଉପରେ ହାଲୁଥିବା କଳାବାଳଟା ଅଙ୍କା ନଥିଲା । ସେଠୁ ଗଣ୍ଡପୂଜ ଥୋପି ପଡୁଥିଲା । ଏଣିକି ସେ କଥା କହିଲାବେଳକୁ ଖୁବ ଦୁର୍ଗନ୍ଧ ହେଉଥିଲା । ସେ ପୁଣି ବଡ଼, କାଉଁରିଆ କାଠି, ଶୁଖିଲା କଖାରୁ ଡଙ୍କ ଯାହା ପାଇଲା ତାକୁ ଟାଣିଲା । ସତରେ ଖୁବ ଦୁର୍ଗନ୍ଧ ହେଉଥିଲା । ତାକୁ କ୍ୟାନସର୍ ଧରିଥିଲା କ୍ୟାନସର୍ ।

ଏ ଘଟଣାର କିଛିଦିନ ପରେ ଦେଖାଗଲା ଯେ ଶରଧା ଗୋଟେ ରବର କଣ୍ଢେଇକୁ କାନାଶେଯରେ ଜାକି ବାଟ ଚାଲୁଥିଲା । ଯାହା ଘରୁ ତୋରାଣି କଂସେ, ପଖାଳ ମୁଠେ ଆଣୁଥିଲା, ଆଗ ତା' ପାଟିରେ ଟୋପେ ଢାଳୁଥିଲା । ମୁଢ଼ି ଗଣ୍ଡେ ପାଇଲେ ବି ତା' ପାଟିରେ ଯୋଡ଼େ । ଏପରି ଦେଖାଯାଏ ଯେ ଦୋକାନୀ ପାଖରୁ କକ୍‌ଲେଟ୍ କିଣି ତା' ପାଟିରେ ଦେଉଥିଲା । ଟାଣ ଚଣା ଟିକି ପୁଅ ପାଟିରେ ହେବନି ବୋଲି ଦରଚୋବା କରି ଛେପ ଗାଳୁ ଗାଳୁ ଚଣାତକ ତାକୁ ଖୋଇଦେଉଥିଲା । ଏ ଦୃଶ୍ୟରେ କେବଳ ମୁଁ ନୁହେଁ, ହୃଦୟସ୍ଥ ଥିବା ପ୍ରତ୍ୟେକ ମଣିଷ ଦୋହଲି ଯାଉଥିଲେ । ଯେବେ ସେ ଆମ ଗାଁକୁ ଆସୁଥିଲା, ସେବେ ବୋଉ ମୋର କାନ୍ଦ କାନ୍ଦ ହେଉଥିଲା । ଆଗଦିନ ପରି ତା' ମୁହଁରେ ହସ ନଥାଏ । ପାଦରେ ଗତିନଥାଏ । ମୋଟାମୋଟି ଭାବେ ତା' ମନଟା ଯେମିତି ମରିଯାଇଥାଏ ।

Digitized by PPRACHIN, SOA

କିଏ କହୁଥିଲା ଶରଧା ଝିଅପ ଚଣ୍ଡଙ୍କର । ପାପଗର୍ଭ ହେଇ ଭଙ୍ଗେଇଲା ପେ ସେବେଠୁ ଏମିତି ହେଉଛି । ଆଉ କିଏ କହୁଥିଲା ଶରଧାର ପୁଅଝିଅ କିଛି ନଥିଲା ! ବାଞ୍ଝ ହେବାରୁ ଘରୁ ଗେଉଣ୍ଡ, ଶାଶୁ ବାହାର କରିଦେଲେ । ବୟସ ଥିଲାବେଳେ ଚାଲିଗଲା । ଏବକୁ ଗୋଟାଏ ଫନ୍ଦ ଧରି ପାଗେଲୀ ହେଇଚି । ନହେଲେ ଚଳିବ କେମିତି ? ଆଉ ଜଣେ କିଏ କହୁଥିଲା ସେ ପରୁ ଯାତ୍ରା ପାର୍ଟିରେ ଥିଲା । ଯଶୋଦା ପାର୍ଟ କରୁଥିଲା । କୃଷ୍ଣ ଯେତେବେଳେ କଂସର ଡାକରା ପାଇ ଅକ୍ରୂର ସାଙ୍ଗରେ ମଥୁରା ଗଲା, କୋଉ ମାଆ ଗ୍ରୁତ ଧରିବ କହୁନ ! ଓଃ ସେ ପାର୍ଟଟାକୁ ଶରଧା ଏମିତ-କରେ ଯେ ସାରା ଦର୍ଶକ କାନ୍ଦପକେଇବେ । କୃଷ୍ଣ ଗଲା ମଥୁରାକୁ । ଏଣେ ଗୋପପୁର ଖାଲି । ଗାଈ ବାଛୁରୀ ସେମିତି ତଟସ୍ଥ ହୋଇ ଠିଆହୋଇଥାନ୍ତି ଯମୁନା ଘାଟରେ । କଦମ୍ବ ଫୁଲରୁ ଖସିପଡୁଥାଏ ପରାଗ । ଗୋପାଙ୍ଗନାମାନେ ନୀରବ, ନିସ୍ତବ୍ଧ । ବୁଢ଼ା ନନ୍ଦ ଯେଉଁଠି ବସିଥାନ୍ତି ସେଇଠି । ସୁଦାମ, ସୁବଳ ତ ଖେଳ ଗ୍ରୁଡ଼ି ବାଟଗ୍ରୁହିଁ ବସିଛନ୍ତି । ଯେଉଁଆଡ଼େ ଗ୍ରୁହିଁବ ଯେମିତି କାହ୍ନୁ ଗ୍ରୁଇ ମାଡ଼ିପଡୁଛି । ଯେଉଁ ଆଡ଼କୁ କାନଦେବ ଯେମିତି ନୀରବତାର ବଂଶୀ କୁହରୁଉଠୁଛି । ଯମୁନାରେ ଲହଡ଼ିନାହିଁ । ହମ୍ବାରଡ଼ି କେବେଠୁ ଶୁଭୁନ । ଗ୍ରୁହିଁଛି ଯଶୋଦା । କାହ୍ନୁ ତା'ର ଫେରିଆସିବ । ଖଣ୍ଡ କ୍ଷୀର ଖୋଇଦେବ । ଅଝଟ କରିବ; କିନ୍ତୁ କାହ୍ନୁ ଆସୁ ନଥିଲା । ଗ୍ରୁହିଁରହୁଥିଲେ ନନ୍ଦ ଯଶୋଦା । ଗ୍ରୁହିଁରହୁଥିଲେ ଷୋଳସହ ଗୋପନାରୀ । ଗ୍ରୁହିଁରହୁଥିଲେ ସଖା ସୁଦାମ ସୁବଳ । ଗ୍ରୁହିଁରହୁଥିଲେ ରୋହଣୀ, ଚମ୍ପା, ବଉଳା କାମିନୀ !!

ଶରଧା ଆଉ ସହୁପାରୁନଥିଲା । ଉଦ୍ଧବ ଆସି ଖବରଦେଲା ଯେ ଏବେ କୃଷ୍ଣଚନ୍ଦ୍ର ଆସିପାରୁନାହାନ୍ତି, ବହୁ ଗୁରୁତ୍ୱପୂର୍ଣ୍ଣ କାମରେ ସେ ବ୍ୟସ୍ତ ଅଛନ୍ତି । ଗୋପାଙ୍ଗନାମାନେ ତ ଦଶଦଶାରେ ପହଞ୍ଚିଥିଲେ । ଉଦ୍ଧବ କହିଲା, ସେ ଠାକୁରେ । ଗୋପୀମାନେ ମାନିଲେନି । ଉଦ୍ଧବ କହିଲା, ସେ ପରମାତ୍ମା । ତାଙ୍କ ସାଥିରେ ମିଶି ତେମେ ଧନ୍ୟ ହୋଇଗଲ । ମୋକ୍ଷ ହୋଇଗଲ । ଗୋପୀମାନେ ବୁଝିପାରିଲେନି । ଉଦ୍ଧବ କହିଲା, ସେ ଈଶ୍ୱର । ତାଙ୍କୁ ଜ୍ଞାନମାର୍ଗରେ ପାଇହେବ । ଗୋପୀମାନେ ହସରେ ଉଡ଼େଇଦେଲେ । ଗୋପୀମାନେ ଗ୍ରୁହିଁରହିଥିଲେ ଫେରନ୍ତା ଉଦ୍ଧବଙ୍କୁ । ଉଦ୍ଧବଙ୍କ ଆଢ଼ୁଆଳରେ ଯେମିତି କୃଷ୍ଣଚନ୍ଦ୍ର ଲୀଳାୟିତ ଭଙ୍ଗୀରେ ଲୁଚିଆସୁଛନ୍ତି । ଶରଧାର ବିଳାପ ଦେଖିବ । ଯଶୋଦା ବିଳାପ ଠିକ୍ ଯେମିତି ଅବିକଳ ।

ସେଥରକ ବୋଉ କହିଲା, ତୁ ଏବେ କି ପାଠ ପଢ଼ିଲୁ ଯେ ମୋ ଆଗରେ ତ ଆଉ ତୋ ପଢ଼ାବହି ଗୀତ ପଢୁନୁ । ଖାଲି ଇଂରେଜୀ ପଢୁଛୁ । ସେଇ ଯୋଉ ଘଟଣାଲି ଗୀତ । କଅଣରେ···ହଁ ଶ୍ରୀକୃଷ୍ଣ ବନଗମନ···। ଟିକେ ବୋଲିଲୁ । କେତେ କୁଆଡ଼େ ଶିଖିଥିଲୁ, ସବୁ ଭୁଲିଗଲୁନା ମନେ ଅଛି ବା ? ମୁଁ ତା'ର

Digitized by PPRACHIN, SOA

ପଦସବୁ ଭୁଲିଯାଇଥିଲେ ବି ସେ କବିତାର ଧ୍ୱନି ମୋ' ଭିତରେ ତ ଏଯାବତ୍ ଶବ୍ଦାୟମାନ ହୋଇଉଠୁଛି । 'କଳାକଳେବର କହ୍ନେଇ'ଠାରୁ 'ଉଠିଲୁ ଏଡ଼େ ବେଗି କାହିଁକରେ ଦୁଃଖୀଧନ' ଯାଏ ବୋଲି ପକାଉଥିଲି । ଗାଇସାରିଲା ପରେ ଗୃହେଁ ତ ବୋଉ ଆଖି ଛଳ ଛଳ । ସେ ଅଂଖି ପୋଛୁଆଣୁଥିଲା । ତା' ଓଠ ଥରୁଥିଲା । ଓଠ କିଛି କହିବାକୁ ଚାହୁଁଥିଲା; କିନ୍ତୁ କହିପାରୁନଥିଲା ।

ତୁ ତ ଯେତେବେଳେ ବହି ଶୁଣିବୁ, ସେତେବେଳେ କାନ୍ଦିବୁ । ସେଇଥିଲାଗି ତୋ' ଆଗରେ କିଛି ପଢ଼ିବାକୁ ମୋତେ ଭଲ ଲାଗେନି । ହଁରେ ପୁଅ, କ'ଣ କରିବି ? ସହିପାରେନି ଜମାରୁ । କୋଉ ମାଆ ଏକଥା ସହିବ କହିଲୁ ? ମାଆ ରକ୍ତଣିଟି । ଦଇବ ତାକୁ କୋଉଥିରେ ଢିଆଁରିଛି କେଜାଣି ! ତୋ' ପାଦରେ କଣ୍ଟାଟିଏ ବାଜିଲେ ମୋ ଛାତିରେ ଚପ୍‌କିନି ଗଳିଯାଏ । ସେ କଥା କହୁଛୁ, ତୁ ଆଠ ଦଶ ମାସର ହୋଇଥାଉ । ଗରମପାଣି କଂସାକରି ଥୋଇଦେଇ ତୋତେ ଗାଧୋଇବାକୁ ଆଣୁଥାଏ । ତୋ ବାପା ଡାକିଲେ କ'ଣ ଗୋଟାଏ ପାଇଁ । ତତେ ଛାଡ଼ି ଉଠିଗଲି । ହଁ, ତାଙ୍କୁ ଖଣ୍ଡେ ପାନ ଭାଙ୍ଗି ଦେଉଥିଲି । ଭେଁ କରି ଉଠିଲୁ । ଦେଖୁ ତ ତୋ' ଦ'ହାତରୁ ଚମ ଉତୁରିଯାଇଛି । ନାଲି ଥୋପି ପଡ଼ୁଛି । ମୋ ମୁଣ୍ଡରେ ବଜ୍ର ଖସିପଡ଼ିଲା । ସେଇ ଯେଉଁ କେଇ ଦିନ ରାତି ନାହିଁ ଦିନ ନାହିଁ । ସେମିତି ରାତିସାରା କାନ୍ଧରେ ପକେଇ ମୁଁ ବୁଲୁଥିବି । ସିଏ ବୁଲୁଥିବେ । ପାଞ୍ଚ ମିନଟ୍ ଆଖି ବୁଜିଥିବାକ ନାହିଁ ପୁଣି ଉଠିବୁ । ଯୋଡ଼ା ଘାଆର ଦାଉ କିଏ ସମ୍ଭାଳିବରେ ପୁଅ । ଯମ ଯନ୍ତ୍ରଣା ଭୋଗିଛୁ ତୋ'ଣ ଲାଗି । ଦେଖୁନୁ, ତୋ' ଡାହାଣ ହାତ ବୁଢ଼ା-ଆଙ୍ଗୁଠି ଗଣ୍ଠିରେ ତଥାପି ଟିକେ ଚିହ୍ନ ରହିଯାଇଛି । ଡାକ୍ତର ଯେତେବେଳେ କଇଁଚିରେ ତୋ ଚମଡ଼ା କାଟିପକେଇଲା ସତେକି ମୋ ଛାତିରୁ କଲିଜାଟିକୁ କିଏ ଛିଣ୍ଡି ଆଣୁଚି । ତୋ' ବାପା ତ ସେଠି ଠିଆହୋଇ ପାରିଲେନି । ସେ ଭେ-ଭେ ହୋଇ କାନ୍ଦୁଥାନ୍ତି । ମୋର ମନେପଡ଼ିଗଲା ଅନେକ ଦିନରୁ ଦେଖିନଥିବା ଶରଧା ବାୟାଣୀ କଥା । ବୋଉ କହିଲା, ତା' ଗାଲରେ ଯେଉଁ ଘାଆ ହୋଇଥିଲା, ସେଇଥିରେ ସେ ମଲା । ଆଜକୁ ଦୁଇ ପାଞ୍ଚବର୍ଷ ହେବ ସେ ମଲାଣି । ତୁ ହଷ୍ଟେଲକୁ ଗଲାଦିନୁ ଅଉ ତା'ର ଦେଖାନଥିଲା । ଦିନେ କୁଆଡ଼ୁ ଆସି ପହଞ୍ଚିଲା । ତା' କଣ୍ଢେଇଟାକୁ ବାଳୁଙ୍ଗା ପିଲାଏ କୁଆଡ଼େ ଛଡ଼େଇ ନେଇ ଫୋପାଡ଼ିଦେଲେ । ତଥାପି ସେ ସେଇ କନାପୁଡ଼ାଟାକୁ କାଖରେ ଜାକିଥାଏ । ବାପା ଯାଇଥିଲେ କୁଜଙ୍ଗ ହାଟକୁ । ଦେଖି ଆଇଲେ ହାଣ୍ଡାଶାଳ ପୋଲତଳେ ସେ ମରିପଡ଼ିଥିଲା । ତା' ହାତ କୁଆଡ଼େ ସେମିତି ଜାକିଧରିଥାଏ ସେ କନାପୁଡ଼ିଆଟାକୁ । ବୋଉଠାରୁ ଏକଥା ଶୁଣିଲାପରେ ମୋ ଛାତି ଭିତରଟା ଖରି ଦୁର୍ବଳ ହୋଇଯାଉଥିଲା । ବୋଉକୁ ମୁଁ କଅଣ କହୁଥିଲି ? ମୁଁ ତ କାନ୍ଦିପକେଇବି ନହେଲେ ଫାଟିଯିବି ।

Digitized by PPRACHIN, SOA

ଏତିକବେଳେ ବାପା ଅସି ପହଞ୍ଚିଲେ । ପାନ ଖାଇଲେ, ମୋ' ମନଟା ବଦଳିଗଲା । ପୁଣି ଅନ୍ୟ ପ୍ରସଙ୍ଗ ପରେ ବୋଉକୁ ପଚାରିଲି, ବୋଉ, ଶରଧା ବାମ୍ଭଣୀର ପୁଅ କ'ଣ ସତରେ କୁଆଡ଼େ ଚାଲିଯାଇଥିଲା ? ବାପା କହିଲେ, ହଁ ସେତେବେଳେ ଖବରକାଗଜରେ ଗୋଟେ ସମ୍ବାଦ ବାହାରିଥାଏ । ସେ ବର୍ଷ ବଳାରେ ବଢ଼ିମାଡ଼ିଥାଏ । ମହାନଦୀ ଉଛୁଳୁଥିଲା । କେତେବେଳେ ବନ୍ଧ ଭାଙ୍ଗିବ ଠିକ୍ ନଥାଏ । ଗହଳ ଘର ତ, ଗାଈ ନେଇ ରଖିଥାନ୍ତି ପଠାରେ । ବାପପୁଅ ଆଆନ୍ତି ଗୋଠରେ । ଆଉ ଆସିପାରିଲେନି । ଶେଷକୁ ଭାସିଗଲେ । ଖବରକାଗଜରେ ବାହାରିଥାଏ ଫଟୋ ସହ ଖବରଟା । ଅବଶ୍ୟ ଫଟୋ ଚିହ୍ନି ହେଉନଥାଏ । ପ୍ରଳୟଙ୍କରୀ ନଈବଢ଼ିର ନଖଦାନ୍ତରୁ ବଞ୍ଚେଇବାପାଇଁ ବାପା ପୁଅକୁ ଗ୍ଭଣ୍ଡରେ ଚାପି ଧରିଛି । ହେଲେ ଉଭୟେ ତା'ର ଶିକାର ହୋଇଗଲେ । ସେବେଠୁ ସେ ଘରଗ୍ଭଣ୍ଡି ବାମ୍ଭଣୀ ହୋଇଯାଇଥିଲା । ଏଣେତେଣେ ବୁଲି, ଶେଷକୁ କ୍ୟାନ୍‌ସର୍‌ରେ ସଡ଼ି ସଡ଼ି ମଲା । କ'ଣ ତା' ଦେହରେ ଥିଲା କେଜାଣି, ତାକୁ କାଉ କୁକୁର ବ ଛୁଇଁଲେନି । ସେମିତ ଥୋଡ଼ାଏ ଦିନ ପଡ଼ି ପଡ଼ି ଶେଷକୁ ମେହେନ୍ତରମାନେ କାଢ଼ି ଲୁଗିନଈକୁ ଠେଲିଦେଲେ । ମୋ ପିଲାଦିନେ ଆମକୁ ଅନେକ ଆନନ୍ଦ ଓ ପ୍ରଫୁଲ୍ଲତାର ଖୋରାକ ଯୋଗାଇଥିବା ଚରିତ୍ରଟିର ଇତିହାସ ଯେ ଏତେ ଅଶ୍ରୁଳ, ଏତେ ରକ୍ତକ୍ଷୟୀ ତାହା ମୋତେ ସେତେବେଳେ ସ୍ତମ୍ଭୀଭୂତ କରିଦେଲା । ମୁଁ ବାପାଙ୍କ ଆଗରେ କିଛି କହି-ପାରୁନଥାଏ । ବୋଉ ବ ସେମିତ ଝାଳେଇ ଉଠିଥାଏ । ଆମେ ପରସ୍ପର କେହି କାହାକୁ କିଛି କହିପାରିଲୁ ନାହିଁ । କିଛି ସମୟପରେ ବୋଉ କହିଲା, ତୁ ଯୋଉଠିକି ବଦଳି ହୋଇ ଯାଉଛୁ, ସେଠି ସବୁ କ'ଣ ଭଲ ତ ? ବାପାରେ, ବିଦେଶ ଜାଗା, ଭଲରେ ଚଳିବୁ । ସମସ୍ତିଙ୍କ ସାଥିରେ ହାତମିଳେଇବୁ । ସବୁର ମନ କିଣିବୁ । କଳେ ଠିକ୍ ଥିଲେ ସବୁ ଠିକ୍ । ହଁ ବାପା, ଗାଡ଼ିମଟରରେ ହୁସିଆରରେ ଯାଉଥିବୁ । ହଁ ମନେରଖିଥିବୁ, ମୋ' ଦେହ ଖରାପ କଥା ଶୁଣିଲେ ତୁ ଯୋଉଁଠି ଥାଆ ପଛେ ଆସି ପହଞ୍ଚିବୁ । ହେଲା କରିବୁନିରେ ପୁଅ, ତୋ'ଠି ମୋ' ସାହା ଠାକୁରୁ । ଏବେ ମୁଁ ବୁଝୁଛି, ଶରଧା ବାମ୍ଭଣୀ କାହିଁକି ସବୁବେଳେ ଗୋଟାଏ ଏଣୁତେଣୁ କାଗଜ ଧରିଥିବ । ଯୋଉଠି କାଗଜ ଖଣ୍ଡେ ପାଇବ ତାକୁ ଅତି ସନ୍ତର୍ପଣରେ ସାଉଁଟି ନେବ । ପଢ଼ିଲା ପଢ଼ିଲା ଆଖିରେ ଚାହିଁବ । ତା'ପରେ ଗୁଣୁଗୁଣୁ ହୋଇ ବାଟ ଚାଲିବ । ରାସ୍ତା ଦ୍'କଡ଼କୁ ଚାହୁଁଥିବ ।

ମୁଁ କହିଯାଉଥିଲି ଏଠିକାର ବଜାର ରେଟ୍, ମିଳୁଥିବା ପନିପରିବା, ଲୋକମାନଙ୍କର ହାବଭାବ, କଥାଭାଷା, ମୋ' ଚାକିରିର ଭଲମନ୍ଦ, ଦରମାହାର, ପାଣିପାଗ, କେମିତି ଖରାଦିନେ ନାକରୁ ରକ୍ତପଡ଼େ, ପାଣିଟୋପେ ମିଳେନି, ଶୀତ ଦିନେ ଗ୍ଭଣ୍ଡ ଫାଟିଯାଏ, ବର୍ଷାଦିନେ ଘରୁ ପାଦ କାଢ଼ି ହୁଏନି, ପାନ ଭାରି ମହଙ୍ଗା,

Digitized by PPRACHIN, SOA

କଡଲୀ ଘର ଶଯ୍ୟା, ଚୂନାମାଛ କମାଲୁ ମିଳେନ ଇତ୍ୟାଦି ଇତ୍ୟାଦି । ବୋଉ ମୋର ଶୁଣୁଥାଏ । ସେ କହୁଥିଲା, ତୁ ଟିକେ ସେଠି ଭଲ ଭାବରେ ଠିକ୍ ହୋଇଯା'। ମୁଁ ଯିବି ଟିକେ ତୋ' ପାଖକୁ । ଏଇଠି ଏଇ ଘର ଭିତରଟାରେ ରହି ରହି ଥୟୁ ହୋଇଗଲେଣି । ପୁଅ ଜନ୍ମ କରିଥିଲି ଟିକେ ଆରାମ କରିବି ବୋଲି ବା ଏମିତି ଜୀବନଯାକ ଖଟି ଚାଲିଥିବି । ଏଥରକ ତମ ସଂସାର ତେମେ ଚଳାଅ । ମୁଁ ଚାଲିଲି ।

ଏକଥା ଶୁଣି ବାପା ମୁରୁକି ମୁରୁକି ହସୁଥାନ୍ତି । ତାଙ୍କ ଗୁଡ଼ ଗଙ୍ଗରେ ଫୁଲି-ଉଠୁଥାଏ । ମୋତେ ଆଜି ମଣିଷ କରିଛନ୍ତି । ମୁଁ ରୋଜଗାର କରୁଛି । ସେମାନଙ୍କ ନାଆଁକୁ ଟେକିରଖିଛି ।

ଏସବୁ କଥା ମୋ କାନରେ ପଶୁଥିଲା । ବାପା ବୋଉ ବି ମୋତେ ସ୍ପଷ୍ଟ ଦେଖାଯାଉଥିଲେ । କିନ୍ତୁ ଶରଧା ବାମ୍ଭୁଣୀର ଇତିହାସ ଡେଇଁ ମୁଁ ପହଞ୍ଚି ଯାଉଥିଲି ସେଦିନର ଗୋଟିଏ ଆଳାପ ଭିତରକୁ । ଶରଧା ବାମ୍ଭୁଣୀ ମୋତେ କହିଥିଲା, ମୋ ପୁଅ ନାକ ଠିକ୍ ତୋ'ରି ନାକପରି । ତା' ରଙ୍ଗ ତୋ ରଙ୍ଗ ସମାନ । ପୁଅ ଯିନା କଳା ହେଲେ ମାନନ୍ତି । ଯଶୋଦା କେମିତି ଶରଧାରେ ପରିଣତ ହେଲା ବୋଉକୁ ପଚାରିଲି । ବୋଉ କିଛି ସମୟ ଭାବିଚିନ୍ତି କହିଲା, ସବୁବେଳେ ସେ ନାକ ସଡ଼ସଡ଼ କରୁଥିଲା । ଶରଦ ତାକୁ ଛାଡୁନଥିଲା, ସେଇଥିଲାଗି ହବ କି କ'ଣ ପିଲାମାନେ ଚଡ଼ାଇ ଚଡ଼ାଇ ସେଇ ନାଁଟା ରହିଯାଇଥିବ । ଏସବୁ ଭିତରେ ସେଦିନ ସହକର୍ମୀ ବନ୍ଧୁ ଜଣଙ୍କ କହୁଥିବା କଥା ମନେପଡ଼ୁଥିଲା ।

: ଷ୍ଟେସନ୍‌ରେ ବୁଲୁଥାଏ ପାଗେଳିଟା । କନାପୁଡ଼ିଆ ଭିତରେ ଛୁଆଟିଏ । ସେତେବେଳକୁ ଛୁଆଟି ଦେହ ପଚି ଗନ୍ଧେଇଲାଣି । ମାଂସ ଝଡ଼ିଆସିଲାଣି । ତଥାପି ବାମ୍ଭୁଣୀଟା ସେମିତି କୁଣ୍ଢେଇ ଧରିଥାଏ ଏବଂ ଖୋଜି ଖୋଜି ବୁଲୁଥାଏ ମଙ୍ଗଳା ମାଆଙ୍କୁ ଯିଏ ତା' ଛୁଆକୁ ବଞ୍ଚେଇଦେବ । ଡାହାଣ ହାତରେ ଜାକି ଧରିଥାଏ । ବାଁ ହାତରେ ମାଛି ହୁରୁଡ଼ାଉଥାଏ । ବେଳେବେଳେ ଚୁମା ଦେଉଥାଏ । ନାନାବାୟା ଗାଉଥାଏ, ପୁଣି ବେଳେବେଳେ ତା ଶୋଥାଳିଆ ଜଣ୍ଡିସ୍ ଆଖିରୁ ଟପ୍ ଟପ୍ ହୋଇ ଲୁହ ଗଳପଡ଼ୁଥାଏ । ଯାହାକୁ ଦେଖୁଥାଏ ତାକୁ ପଚାରୁଥାଏ, ଏଠୁ ସନ୍ତୋଷୀ ମାଆ ମନ୍ଦିର କେତେ ବାଟ ? ଅଜି ରାତିକ ଭିତରେ ପହଞ୍ଚି ପାରିବ ତ ? ପୁଣି ପର-ମୁହୂର୍ତ୍ତରେ ଠୋ-ଠୋ କରି ହସୁ ହସୁ ଶୀତଦିନ ପବନରେ କୁଆଡ଼େ ହାରିଯାଉଥାଏ । ଶାଙ୍କୋଡ଼ି ଯାଉଥାଏ । ବୋଉ ଆଗରେ ଏକଥା କହିବାକୁ ଚାହିଁ ମୁଁ ସେଦିନ କହିପାରିଲିନ । କହିପାରୁନଥିଲି । ଝିଅ ମୋର ଘରେ ରଡ଼ି ଛାଡ଼ୁଥିଲା । ବୋଉ ତର ତର ହୋଇ ଉଠିଗଲା । ସେପଟରୁ ଝିଅର କାନ୍ଦଣା ଲହରୀ ଉହାଇ ଉହାଇ ଉଠୁଥିଲା । ମୁଁ କିନ୍ତୁ ଫେରିଯାଉଥିଲି ଏଇ କେଇଦିନ ତଳକୁ ।

Digitized by PPRACHIN, SOA

ସେଦିନ ଆକାଶ ସାରା ଜହ୍ନ । ତା ଗୁଳ ବି ମାଟିପାରା । ଦିନର ପ୍ରବଳ ଗରମ ପରେ ପରେ ସନ୍ଧ୍ୟାବେଳେ ଟିକେ ଶୀତଳ ପବନ । ଏମିତିଆ ଏକ ଉଦାସ ମୁହୂର୍ତ୍ତରେ ମୋତେ ସବୁଠୁ ଭଲଲାଗେ କୌଣସି ସମଦର୍ଶୀ ବନ୍ଧୁ ସାଙ୍ଗରେ ସାହିତ୍ୟ/ଜୀବନଚର୍ଚ୍ଚା କରିବାକୁ । କନ୍ଦରପୁରରେ ଥିଲେ ବନ୍ଧୁ ଦୁର୍ଗାବାବୁ । ତାଙ୍କଠାରୁ ଆସିବା ପରେ ମୁଁ ଖୁବ ଅଣନିଃଶ୍ୱାସ ଅନୁଭବ କରୁଥିଲି । ଖୁବ ଫାଙ୍କା ଫାଙ୍କା ମଣୁଥିଲି । ଏହା ଭିତରେ ପ୍ରଫେସର୍ ମହାନ୍ତିଙ୍କ ସହିତ ବେଶ୍ ପରିଚିତ ହୋଇଯାଇଛି । ଅର୍ଥନୀତିର ଅଧ୍ୟାପକ ହେଲେ ବି ମନଟି ଠିକ୍ ସାହିତ୍ୟ/ଜୀବନ ଭିତରେ ଗଭୀର ସମ୍ବନ୍ଧ ରଖିପାରିଛି । ଅନେକ ସମୟ ଏହି ବିଷୟ ପଢ଼ିଆ ମଝିଟାରେ ବସିଲୁ । ସେଠୁ ଆରମ୍ଭହେଲା କାଫ୍‌କାଙ୍କ 'ମେଟାମର ଫୋସିସ୍', 'ହଙ୍ଗର ଆର୍ଟିଷ୍ଟ' ଗଳ୍ପର ସ୍ଥିତିବାଦୀ ଚରିତ୍ରମାନଙ୍କର ଜୀବନଜିଜ୍ଞାସା, କମଲା ଦାସ, ଷଷ୍ଠୀବ୍ରତ, ନାଇପଲ୍, ଆର୍.କେ. ନାରାୟଣ, ହାର୍ଡି, ଗୋଲ୍‌ଡିଂ, ମାର୍କ୍ୱେଜ, ଭୁସ୍‌ହ, ବିଜମସେଠ୍‌ଠୁ ନେରୁଦା, ପ୍ଲାଥ୍, ଜୟନ୍ତ ମହାପାତ୍ର, ଗୋପୀନାଥ, ମନୋଜ ଦାସ ପ୍ରମୁଖଙ୍କ ସମ୍ପର୍କରେ କେତେ କ'ଣ ।

ତା'ପରେ ସେ କେତୋଟି କଥା କହିଲେ ଯେଉଁ ଅନୁଭୂତି ସହିତ ମୁଁ ପୂର୍ବପରି ମିଶିଯାଇଥିଲି । ଏବେ ଏବେ ଲେଖିଥିବା ମୋର ଗୋଟେ ଗପ ସମ୍ପର୍କରେ ତାଙ୍କୁ କହିଲି । ସେ ଚମତ୍କୃତ ହେଲେ । ତା'ପରେ ସେ କହିଲେ, ଅଭୟବାବୁ, ମୋ ଜୀବନରେ ଏତେନୋଟି ଦୃଶ୍ୟ ଦେଖିଛି । ଯାହା ମୋତେ ଚହଲେଇଦେଇଛି । ମୁଁ ତ ଆଉ ଲେଖିପାରୁନି । ତୁମେ ହୁଏତ କୋଉଠି ତାକୁ ଯୋଗ କରିପାରିବ ।

: ହାଓଡ଼ା ଷ୍ଟେସନରେ ବୁଲୁଥାଏ । ପ୍ରାୟତଃ ମୁଁ ଟିକେ ଇନ୍‌ଟେଲ୍‌କ୍ସିକେଟେଡ୍ ହୋଇଥାଏ । ବାପାଟିଏ । ପୁଅଟିଏ । ଲୋକଗହଳି ବିଶେଷ ନଥାଏ । ବାପା ହଠାତ୍ ପକେଟରୁ ପାନିଆଟିଏ କାଢ଼ିଲା ଏବଂ ସେମିତି ଠିଆ ଠିଆ ପୁଅର ଅଳିଆ ମୁଣ୍ଡକୁ ସାଉଁଳେଇ ଆଣୁଥିଲା··· ।

ତା'ପରେ ଟ୍ରେନ୍ ଡବା ଭିତରେ ମୁଁ ବସିଥାଏ । ସ୍ତ୍ରୀଲୋକଟିଏ ଝରକା ରେଲିଂଦେଇ ହାତଟା ବାହାରକୁ ରଖି ଶୋଇଯାଇଥାଏ । ତା'ପରେ ଟ୍ରେନ୍ ଛୁଟିଲା । ତା'ର ସ୍ୱାମୀ (ପ୍ରୌଢ଼) ଜଣକ ଆସିଲେ । ଝରକା ବାହାରୁ ଅତି ଧୀରେ ତା' ହାତଟାକୁ ଆଣି କୋଳରେ ରଖି ସାଲ୍‌ଟିଏ ଘୋଡ଼େଇଦେଲେ । ତା'ପରେ ସେ କହିଲେ, ଅଭୟବାବୁ, ଏମିତି ବେଳେବେଳେ ସମୟ ଆସେ—ପ୍ରାୟତଃ ଠିକ୍ ସଞ୍ଜବେଳେ ଆକାଶକୁ ଚାହିଁଲେ ଯେମିତି ଜଣାପଡ଼େ, ସତେକି ଏକ୍ସିଥିଙ୍ଗ୍ ସିନେସ୍ ଅର୍ଥାତ୍ ଉଡ଼ିଯାଉଥିବା ପକ୍ଷୀଟି ଉଡ଼ୁ ଉଡ଼ୁ ମଝି ଆକାଶରେ ଯେମିତି ରହିଯାଇଛି ।

Digitized by PPRACHIN, SOA

ସୂର୍ଯ୍ୟ ବୁଡ଼ୁ ବୁଡ଼ୁ ଯେମିତି ଧଗ୍‌ବଳୟରେ ଲାଖିଯାଉଛି । ଜହ୍ନ ଉଦୟ ହେଉ ହେଉ ସ୍ଥିର ପାଲଟିଯାଉଛି । ଛୁଆମାନେ ଖେଳୁଖେଳୁ ଅଟକିଯାଉଛନ୍ତି··· ।

ଫେରିଆସି ଆଉ ରାତିରେ ଜମା ଶୋଇ ହେଲାନି । ମୁଠେ ଖାଇଲି । ଖାଲି ଅନ୍ୟମନସ୍କ ବାହ୍ୟତଃ ହୋଇଉଠୁଥିଲି । ବନ୍ଧୁ ନରେନ୍ଦ୍ର ବାବୁ କହୁଥିଲେ ଏମିତି ଚୂପ୍‌ଚାପ୍ କାହିଁକି ? କ'ଣ ବା କହି ତାଙ୍କୁ ବୁଝାଇବ ? ସତରେ ପ୍ରଫେସର୍ ମହାନ୍ତିଙ୍କୁ ମନେମନେ ପ୍ରଣାମ କରୁଥିଲି ।

ଉନ୍ନତନ ହେଲା ଖବର ପାଇଛି ଯେ ଝିଅଟିଏ ହୋଇଛି ମୋର । ଏହା-ଭିତରେ ସାତଦିନ ହେଲାଣି । ତାକୁ ଦେଖିବା ପାଇଁ ମନ ଗୋଳେଇଯାଣି ହେଉଥିଲା । ନୂଆକରି ସୂର୍ଯ୍ୟ ଓ ମାଟିକୁ ଦେଖିବାକୁ ଆସିଥିବା ମୋର ନବଜାତକଟି କ'ଣ ସତରେ ତା'ର ମୂଳକୁ ଖୋଜୁଥିବ···ଖୋଜୁଥିବ ନା ??

ଏଇ ମୁହୂର୍ତ୍ତରେ ମେଡ଼ିକାଲ ଲିଭ୍ ପାଇଁ ଦରଖାସ୍ତଟିଏ ଲେଖିଲି । କାରଣ ବୋଧହୁଏ ଦେହ ଖରାପ ବେଳକୁ ଇ.ଏଲ୍. ଓ ସି.ଏଲ୍. ସବୁ ସରିଯାଇଥିଲା । କାଲି ସଞ୍ଜବେଳ ପାଇଁ ଅଗ୍ରୀମ ଟିକଟ ବ୍ୟବସ୍ଥା କରିବାର ଯୋଜନାରେ ରାତି ସରି ସରି ଆସୁଥିଲା । ସକାଳର ସୂର୍ଯ୍ୟ କୁଆଁ କରିଲାବେଳକୁ ମୁଁ ରିଙ୍ଗ୍ କରୁଥିଲି ଟ୍ରାନ୍‌ସପୋର୍ଟ ଅଫିସକୁ; କିନ୍ତୁ କେହି ଧରୁନଥିଲେ । ଏତେ ସକାଳୁ କିଏ ବା ଅଫିସକୁ ଆସିଥିବ ଯେ ! ପାହାନ୍ତା ପହରକୁ ତ ସବୁ ଛୁଆମାନେ କାନ୍ଦୁଉଠନ୍ତି, ଯେତେବେଳେ ବାପା ମାଆ ଆଉ ଟିକେ ଗେଳେଇ ତଳେ ପଡ଼ିରହିବାକୁ ଚାହୁଁଥାନ୍ତି । ସିଗାରେଟ୍‌ରେ ନିଆଁ ଧରେଇ ପୁଣି ଥରେ ଡାଏଲ କରିବାକୁ ଯାଉଥିଲି ।

Digitized by PPRACHIN, SOA

ଆଖିରେ ଆଖିରେ ସମୁଦ୍ର

ଶେଯରୁ ସ୍ୱପ୍ନ ସରିଗଲା ପରେ ଅ.ଖି ଭିତରେ ସ୍ୱପ୍ନ। ଗୋଟିଏ ପାଖରେ ଶୋଭାମୟୀ ସ୍ୱପ୍ନ ସୁନ୍ଦରୀ, ଅନ୍ୟ ପଟରେ ଥୁରୁଥୁରୁ ବୁଢ଼ାଟିଏ। ଜଣେ ମୋର ହଜିଲା ପ୍ରେମିକା, ଆଉ ଜଣେ ମୋର ଜନ୍ମଦାତା। ଏ ଦୁଇଜଣଙ୍କ ମଝିରେ ଥିବା ଦୂରତ୍ୱ ଭିତରେ ମୁଁ ଯେମିତି ସେତୁଟିଏ। ଅସମର୍ଥ ସେତୁଟିଏ। ମୋତେ ଲାଗୁଥିଲା : ଯେ କୌଣସି ଅନାକାଂକ୍ଷିତ ମୁହୂର୍ତ୍ତରେ ମୁଁ ଭାଙ୍ଗି ପଡ଼ିବି। ତା'ପରେ ଏ କୂଳର ପାଣି ସେ କୂଳକୁ ମାଡ଼ିଯିବ, ସେ କୂଳର ପାଣି ଏ କୂଳର ପଥର ପାହାଚରେ ଧକ୍କା ଖାଇବ। ସେତୁ ଭାଙ୍ଗିଯିବାର ଦୃଶ୍ୟରେ ହତଚକିତ କାରୁଣ୍ୟ ଅନୁଭବ କରି ମୁଁ ଯେମିତି ଥରୁଥିଲି। ଗୋଟାସୁଦ୍ଧା ଥରୁଥିଲି। ଆଉ ପ୍ରତିକ୍ଷଣରେ ଉତ୍କଣ୍ଠିତ ହୋଇଉଠୁଥିଲି।

ସେତେବେଳକୁ ବାପା ସେମିତି ଠେକଣାକ ହୋଇ ବସିଥାନ୍ତି। ତାଙ୍କ ଧଳା କାମିଜ ତଳ ଓ ଧୋତି ଉପରେ କେତେବେଳୁ ବାଲି ଜମିଯାଇଥିଲା। ଏଇ କିଛିକ୍ଷଣ ପୂର୍ବରୁ ସେ ପାନ ପାଗୁଳି କରୁଥିଲେ। କେତେ ଥର ଥୁ-ଥୁ କରି ଛେପ ଫିଙ୍ଗୁଥିଲେ। ଖୁଂ-ଖୁଂ ହୋଇ କାଶୁଥିଲେ। ମଝିରେ ମଝିରେ ଝଙ୍କାର ମିଶା ଛେପକୁ ଦୂରକୁ ଛୁଟି ପକାଉଥିଲେ। ଏବେ କିନ୍ତୁ ସେ ପାଗୁଳି ପୂରାପୂରି ବନ୍ଦ କରିଦେଇଛନ୍ତି। ଆଖି ବି ପିଛୁଡ଼ା ପଡ଼ୁନି। କାଶ ଆସିଲା ବେଳକୁ ବାପା ଗୋଟାସୁଦ୍ଧା ଥରିଲା ପରି ମୋତେ ଲାଗୁଥିଲେ ବି ସେ କିଛି ହେଉନଥିଲେ। ଯେମିତି ତାଙ୍କର କିଛି ଘଟିନି। ସେ ସେମିତି ସ୍ଥିରହୋଇ ରହିଥାନ୍ତି ତ ସ୍ଥିରହୋଇ ରହିଥାନ୍ତି।

ବୋଧହୁଏ ମୋ ପୁଅକୁ ମଝିରେ ମଝିରେ ଦିଶୁଁଥିଲା। ହସିଲା ହସିଲା ମୁହଁରେ ତା' କୋଳକୁ ଡାକୁଥିଲା। ପୁଅ ମୋର କିନ୍ତୁ ପ୍ରଥମେ ପ୍ରଥମେ ଭାରି ଡରିଯାଇଥିଲା। କେବେ ଦେଖିନଥିବା ବିଶାଳ ଜଳମାରେ ସେ ଯେମିତି କାରୁଣ୍ୟ ପାଲଟିଯାଉଥିଲା। ସ୍ଥିରହୋଇ ପାରୁନଥିଲା ତ'ପରର ସୂର୍ଯ୍ୟଙ୍କୁ ଦେଖିଲା ପରି। ମୋତେ ଜାବୁଡ଼ି କରି ଧରିଥାଏ। ତା' ମା' ପାଖକୁ ହାତ ଠାରୁଥାଏ। ବିଶାଳ ଗର୍ଜନରେ ସେ ଥରି-ଉଠୁଥାଏ। ତା' ଭିତରେ କୋଉଠି କ'ଣ ଯେମିତି ଅସଜଡ଼ା ହୋଇଯାଇଥିଲା। କିଛିଟା ହାବୁକା ମାରୁଥିଲା। ଲଲିପପ୍, ମାଙ୍ଗୋମୁଡ଼୍ କି କାଡ଼୍‌ବରି ଦେଲେ ମଧ୍ୟ ଏକଦା ତା'ର ଅତି ପ୍ରିୟବସ୍ତୁ ପ୍ରତି ସେ ଆଉ ଆଖିରେ ଦିଶୁଁନଥିଲା। ମୁଁ ଭାରି

Digitized by PPRACHIN, SOA

ଅବ୍ୟବସ୍ଥିତ ହୋଇପଡ଼ୁଥିଲି । ବୋଉ ତା' ଉପରକୁ ବିରକ୍ତ ହେଉଥିଲା : ଏଇଟା କୋଉଠିକାର ମାନ୍ଦାଟା । ଛୁଆସବୁ ବାଘ ପାଟିରେ ହାତ ପୂରେଇଦଉଚନ୍ତି । କୋଉଠି ଡରୁକୁଳାଟା ଥିଲା କେଜାଣି ! ବାପା ଯେମିତି ଛୁଆଟା ବି ସେମିତି । ଘର ପେଲୁଆ । ସବୁକୁ ପଛ ।

: ବୋଉ କାନକୁ ମୁଁ ଆପ୍ରାଣ ଭିଡି ଧରିଥାଏ ଯେତେବେଳେ ଚନ୍ଦ୍ରଭାଗା କୂଳରେ ଲହଡ଼ି ଘିଞ୍ଚୁଥାଏ ସମୁଦ୍ର । ଅଗଣିତ ଲୋକ ଭିତରେ ମୁଁ ଲୁପି ହୋଇ ପଡ଼ୁଥାଏ । ମୋର କଇଁଉଠୁଥାଏ । ସମୁଦ୍ରର କଳାଧୂମର ଗୁଡ଼କ ମୋର ଆଖି ପାଉ ନଥାଏ । ସେ ଯେତେ ଜୋର୍‌ରେ ଆସୁଥାଏ, ମୋତେ ଜଣାପଡ଼ୁଥାଏ, ସତେକି ସେ ମାଡ଼ିଆସିବ ଆଉ ବୋଉକୁ ଓ ମୋତେ ଉସେଇନେବ । ସେପାଖରେ କୋଉ ମାମୁଘର ଅଛି ଯେ ବୋଉ ମୁଁ ଏକାଠି ଶୋଇବୁ । ଏକାଠି ଖାଇବୁ । ଏକାଠି ଗାଧୋଇବୁ । ଏକାଠି ଯାତ୍ରା ଯିବୁ । ଏକାଠି ଗାଁ ମାଇପେଙ୍କ ସହ ଗପିବୁ ! ଏକାଠି ପାଲା ଶୁଣିବୁ, ରାମଲୀଳା ଦେଖିବୁ ! କାହିଁ, ସେ ଆଡ଼େ ତ ଘରପିଢ଼ା ଦେଖାଯାଉନି । କାଉ ଉଡ଼ୁନାହାନ୍ତି । କୁକୁଡ଼ା ବୋବଉନାହାନ୍ତି । କୁକୁର ଭୁକା ଶୁଭୁନି । ଗଛବୃଛ ନାହିଁ । ଶେଷକୁ ଏମିତି ହେଲା ଯେ ବୋଉ ବୁଡ଼ ପକେଇ ପାରିଲାନି । ଖାଲି ପାଣି ଟିକେ ଆଣି ଛିଞ୍ଚିଦେଲା ଆଉ ମୋ' ମୁଣ୍ଡରେ ମୁହଁରେ ସେଇଥିରୁ ଟିକେ ଆଣି ବୋଳିଦେଲା । ସେଦିନ ଯେତେବେଳେ ଓଠରେ ଜିଭ ବୁଲେଇ ଆଣିଲି, ଜାଣିଲି ଯେ ସମୁଦ୍ର ପାଣି ଲୁଣିଆ । ଏତେଟିକେ ଏତେ ଲୁଣି । ସମୁଦ୍ର ଭିତରେ କେତେ ଲୁଣ ନଥିବ ! ଆମ ଗାଁକୁ ଶଗଡ଼ିଆ ଯେଉଁ ଲୁଣ ଓଦରରେ ଲଦି ଆଣିଥାନ୍ତି, ସେମାନେ କ'ଣ ସମୁଦ୍ର ଭିତରେ ବୁଡ଼ିପାରନ୍ତି ? ଏତେ ଗଭୀରକୁ ଯାଇ ଲୁଣ କେମିତି ଆଣନ୍ତି ?

ସେବେଠୁ ଭାବିଲି ଆମ ବାରି ଗାଡ଼ିଆରେ ବୁଡ଼ିବି ଆଉ ସେଠୁ କ'ଣ ବାହାରିବ, ଦେଖିବି । କେତେଥର ବୁଡ଼ିଛି, ସେତେଥର ହୁଡ଼ା ଉପରେ ଚୁଟିଆ ଧରି ବଳେ ହୋଇଥିବା କରାଳମୂର୍ତ୍ତିକୁ ଦର୍ଶନ କରି ସବୁ ଭୁଲିଯାଏ । ହାତ ପାପୁଲିରେ ଖାଲି ଯାହା କଳା ମଚ ମଚ ପଙ୍କ ପୁଳାଏ ଲାଗିଥାଏ ।

ଆଜି ଭାବୁଛି : ସେହି ପଙ୍କକୁ ଖାଲି ଜୀବନ ସାରା ପାପୁଲିରେ ବୋହିଚାଲିଛି । ପଙ୍କ ଭିତରେ ପଦ୍ମ ଫୁଟିବାର ଜାଣି ସାରିଲା ପରେ ତଥାପି ହାତମୁଠାରେ ପଦ୍ମ ପରାଗର ରେଣୁ କେବେ ବୋଳି ହୋଇନି ।

ଏହା ଭିତରେ ପୁଅ ମୋର ବାଲି ମୁଠା କରିଲାଣି । ତା'ର ଅଶଲ ଅଶଲ ପାଦରେ କୂଳକୁ ଚହଲାଯୁକ୍ତ କରିଦେଲାଣି । ସେ ଜାଣିପାରିଲାଣି ଯେ ତା' ହାତମୁଠା

Digitized by PPRACHIN, SOA

ଭିତରୁ ଖସିଗଲାଣି ମୋ' ହାତ, ତା' ବୋଉର ତତ୍‌କ୍ଷଣ ପଣତକାନି । ବୋଉ ବି ସେମିତି ବାପାଙ୍କ ପରି ନିଅର ପାଲଟିଗଲାଣି । ତା' ହାତ ମୁଠାରେ ପାନ ଖଣ୍ଡେ ସେମିତି ରହିଛି । ପାଟିକୁ ନେଇପାରୁନି । ଚବିଶଘଣ୍ଟା ଯାହା ପାଟିରେ ପାନ ପାକୁଳି ଗୁଳିଥାଏ ସେ କିନ୍ତୁ ଏବେ ପାନଖିଆ ଭୁଲିଯାଇଛି ।

ସେତେବେଳକୁ ପଶ୍ଚିମାଶାରେ ପାତଳ ଅନ୍ଧାର । ପୂର୍ବାଶାକୁ ଫଟେଇ ବାହାରିଆସୁଚି ସୁନାଥାଳିଆ ଜହ୍ନ । ପୁଅ ଆସ୍ତେ ଆସ୍ତେ ଆମ ପାଖରୁ ଦୂରେଇ ଯାଉଛି । ବାପା ଜୋର୍‌ରେ କାଶିଉଠିଲେ । ଫୁସ୍‌ଫୁସ୍ ଥରିଉଠିଲେ । ତା'ପରେ ଗାମୁଛା କାନିରେ ଆଖି ପୋଛି ଆଣି ପଛକୁ ଚାହିଁଲେ । ପୁଅ ମୋର ଆଉ ଗୋଟିଏ ସମବୟସ୍କ-ଠାରୁ ବଲ୍‌ଟିକୁ ଛଡ଼େଇବାକୁ ଚେଷ୍ଟା କରୁଛି । ଉଭୟେ ଠାରରେ ଠାରରେ ନିଜ କର୍ତ୍ତୃତ୍ୱ ଜାହିର କରିବାକୁ ବସୁଛନ୍ତି । ଶେଷକୁ ଦୁଇମୁଠା ବାଲି ଧରି ପରସ୍ପର ପରସ୍ପର ପ୍ରତି ବିସ୍ଫୋରଣ କରି ବସିବାବେଳକୁ ବାପା ଧଡ଼୍‌କିନି ଉଠି ପୁଅକୁ ମୋର ଟିକି ଆଣିଲେ ଏବଂ ତା' କଅଁଳିଆ ଗାଲରେ ଦାଢ଼ିଭର୍ତ୍ତି ମୁହଁଟାକୁ ଘୋଷାଡ଼ି ଅଣନ୍ତେ ସେ ଜାଲ ଭିତରେ ପଡ଼ି ଛଟପଟ ହେଲା ପରି ସେଠୁ ମୁକ୍ତ ଚାହୁଁଥିଲା ଏବଂ ବାପାଙ୍କ ଓଠରେ ଓଠ ହସ ଖେଳି କୂଳ ଲଙ୍ଘୁଥିଲା । ପୁଅ ଖପ୍‌କିନି ତେଇଁପଡ଼ିଲା ବାଲିରେ ଲୁଡ଼ୁଲୁପୁଡ଼ୁଲୁ ହୋଇ । ମୋ ଆଡ଼କୁ ଖେପିପଡ଼ୁଥିଲା ଏବଂ ସେଇ ବଲ୍‌ଧରା ପିଲାଟି ପ୍ରତି ଠାରୁଥିଲା । ମୁଁ ତାକୁ ଗୁଡରେ ଜୋର୍‌ରେ ଚୁପିଦେଲି ଏବଂ ଗଲାବେଳକୁ ବଜାରରୁ ଇତ୍ୟାଦି ନେବା ବୋଲି ଭରସାମାନ ଦେଉଥିଲି । ସେ ବୁଝୁନଥିଲା ଏବଂ ତା' ଜିଦ୍‌ରେ ଆଉରି ବେଳକୁବେଳ ଅଟଳ ହୁଅନ୍ତେ ବିବ୍ରତ ହୋଇପଡ଼ୁଥିଲି ।

ଏହା ଭିତରେ ବୋଉ ସେମିତି ବସିଥାଏ । ବାପା ବଟୁଆ ବାହାର କରି ପାନ ଭାଙ୍ଗିଲେ ଏବଂ କୁଟା ପାନରୁ ଟିକେ ପ୍ରଥାସିଦ୍ଧ ଭାବେ ବୋଉ ପ୍ରତି ବଢ଼େଇ ଦେବାକୁ ଗଲାବେଳେ ସେ ଜମାରୁ ଜାଣିପାରୁନଥିଲା । ବାପା ବାଁ ହାତରେ ଟିକେ ହଲେଇଦେବାରୁ ବୋଉ ଗମ୍ଭୀର ନିଦରୁ ଉଠିଲାପରି ଚାଁକପଡ଼ି ତରତରରେ ପାନତକ ହାତରେ ଧରି ମୋ' ପୁଅ ଆଡ଼କୁ ଦୃଷ୍ଟି ଦେଲା । ସେତେବେଳକୁ ସେ ପୁଣି ବାଲି ସାଥିରେ ବନ୍ଧୁତ୍ୱ ବାନ୍ଧିସାରିଥିଲା । ପୁଣି ଥରେ ଆମେ ପରସ୍ପର ଚୁପ୍ ହୋଇଗଲୁ । ବାପାଙ୍କର କାଶ ବି ବଢ଼ିଯାଉଥିଲା ।

ପୁରୀକୁ ଆସିବୁ ବୋଲି ଛଅମାସ ଆଗରୁ ବୋଉ ମୋ' ପଛେ ପଛେ ଲାଗିଛି । ଯେବେ ଛୁଟିରେ ଘରକୁ ଯିବି, କଥା ଛଳରେ ସେ ସେଇ କଥା ହିଁ ଉଠେଇବ : ଦିନଅର ହେଇଚ । କେତେବେଳେ କ'ଣ ହେଇଯିବ, ଆଉ ମଣିଷ ଜୀବନ ପାଇବିନିରେ । କାହି କରିବୁ ଉ ମତେ । ତୋ' ଇଚ୍ଛା । ଏତେବଡ଼ କଥାକୁ ମୁଁ

Digitized by PPRACHIN, SOA

ହସି ହସି ଉଡ଼େଇଦିଏ । ପୁଣି ମୁଣ୍ଡରେ ହାତଦେଇ ପୁରୁଣା ଡାଏରି ଫର୍ଦ୍ଦ ଖୋଲେଇ ମାସିକ ଦରମାର କ୍ରେଡିଟ୍ ଡେବିଟ୍ ଟେବୁଲ କଷିପକାଏ ।

ପୂଜାଛୁଟିରେ ଗାଁକୁ ଗଲା ପୂର୍ବରୁ ଭାବିଥିଲି ଏଥର ଯାତ୍ରା ହେଉ ବାପାବୋଉଙ୍କୁ ଟିକେ ପୁଷ୍ଟ ନେଇଯିବି । ଦିନଦିନ ଆଗରୁ ବୋଉ କେଉଁ ଲୁଗା ପିନ୍ଧିବ, ଦୋସରା କେଇଖଣ୍ଡ ନେବ, ସେଗୁଡ଼ିକ ସବୁ ଠିକ୍‌ଠାକ୍ ଅଛି କି ନାହିଁ—ଗୁଣ୍ଡି ତିଆରି କରି ସୋଖୀନ ଡବା ଭିତରେ ପ୍ୟାକ୍ କରିବା, କଟାଗୁଆ କେତକୀ ଖଇରଠୁ ଆରମ୍ଭ କରି ନୂଆ ପଥର ଚୂନ (କାରଣ, ଶିପ ଚୂନ ଅଇଁଷ, ମଝିର ଭିତରକୁ ସେ ଯିବ ଶିପ ଚୂନ ଖାଇ !!) ଇତ୍ୟାଦି ଫର୍ଦ୍ଦରେ ଲାଗିପଡ଼ିଲି । ଝୁମଅପା ଦେଇଥିବା ପାନଖିଆ ନୋଟ୍ କେଇଖଣ୍ଡକୁ କାଗଜରେ ଗୁଡ଼େଇ ତା' ଉପରେ ଜରିଦେଇ ଖୋଷଣିରେ ମାରିଲି । ରାତିରେ ତିନିଥର ମୋ' ଶୋଇବା ଘର କବାଟ ବାଡ଼େଇ ରାତି କେଇଟା ହେଲା ବୋଲି ଥରକୁ ଥର ପଚାରେ । ମୁଁ ନିଦ ବାଉଳାରେ ଯେତେବେଳେ କହେ, ନାହିଁ ଟାଇମ୍ ହେଇନି; ସେତେବେଳେ ମୋ' ସ୍ତ୍ରୀକୁ ଡାକେ ଏବଂ କାନ୍ଥ ଘଣ୍ଟାରେ କେତେଟା ହେଲାଣି ବୋଲି ଚପା ଚପା କଣ୍ଠରେ ପଚାରେ ମୁଁ ବିରକ୍ତ ହେବି ବୋଲି । ଶେଷଥରକ ସେ ଆସି ଡାକିଲା ବେଳକୁ ଠିକ ସଜଡ଼ା ସଜଡ଼ି ହେବାର ସମୟ ଆସିଯାଇଥିଲା । ଘରଠୁ ଆମେ ଚାଲି ଚାଲି ଆସିବୁ ପ୍ରାୟ ଚାରି କି. ମି. ବାଟ । ଏତେ ସକାଳୁ ବା ରିକ୍ସା କୋଉଠୁ ମିଳିବ ? ତା' ପୂର୍ବରୁ ବାପାଙ୍କୁ ଅଣ୍ଟା ଧରିଥିଲା । ସକାଳୁ ସକାଳୁ ଗାଧୋଇ ପୁଣି ଅଣ୍ଟାରେ ଚାଲି ଚାଲି ତାଙ୍କୁ ଅଣ୍ଟାଟା ଜୋର୍ ଧରିନେଲାଣି । ସହଜେ ତ ଅଜ୍‌ମା ପେସେଣ୍ଟ୍ । କେତେବେଳେ କ'ଣ ହେଇଯିବ । ମୋ' ମନ ଭିତରଟା କୁଟୁକୁଟୁ ହେଉଥାଏ ।

ବୋଉ ସେମିତି ଚାହିଁରହିଥିଲା ସେ ଆଡ଼କୁ । ସେଠି ଥିଲା ଖାଲି ନୀଳ ନୀଳ ଆକାଶ । ନୀଳ ନୀଳ ପାଣିର ଆସ୍ତରଣ । ତା'ରି ଭିତରେ କିଏ ଜଣେ ଉବୁଟୁବୁ ହେଉଥିଲା । ପାଣି ପିଇଯାଉଥିଲା ଢୋକକୁ ଢୋକ । ନାକପଟେ ପାଣି ଯାଇ ଯେମିତି ଶ୍ୱାସସ୍ଥିତ ହୋଇଯାଉଛି ଏଡ଼େବଡ଼ ବସ୍ତୁଟିଟା । ବୋଉ କାନ୍ଦୁ ଥରୁଥିଲା । ତା' ଆଖି କାନ୍ଦୁ ଆଦୌ ପିଛଡ଼ା ପଡ଼ୁନଥିଲା । ମୁଁ ବୋଉ ଆଡ଼କୁ ଯେତେଥର ଚାହିଁଲେ ବି ବୋଉ ଜମାରୁ ମୋତେ ଦେଖି ପାରୁନଥିଲା । ମୁଁ ତାଙ୍କୁ ଦେଖୁଥିଲି । ସମୁଦ୍ର ଦେଖୁଥିଲି ।

ଗାଡ଼ି ଭିତରେ ସମସ୍ତେ ବସିଥିଲେ ବି ମୁଁ ଯେତେବେଳେ କଦଳୀ ଆଣି ଫେରିବାର ସମସ୍ତ ଅତିକ୍ରାନ୍ତ ହୋଇଗଲା ଏବଂ ଗାଡ଼ି ଛାଡ଼ିଦେଲା, ସେତେବେଳେ ମୋ' ବୋଉର କାନ୍ଦଣା ଲହରୀ ବି ସାରା ପରିବେଶଟାକୁ କେତେକ୍ଷଣ ଦ୍ରବୀଭୂତ କରିଦେଲା । ଇତ୍ୟବସରରେ ମୁଁ କମ୍ପାର୍ଟମେଣ୍ଟରେ ନିଜକୁ ଅବସ୍ଥାପିତ କରି ମୋ ବୋଉର ପାରମ୍ପରିକ ପ୍ରତିକ୍ରିୟା ପ୍ରତି ବିଶେଷ ସଚେତନ ହୋଇ ଚାରିପାଖର

Digitized by PPRACHIN, SOA

ଆବହାଓ୍ୱାକୁ ମଧ୍ୟ ବାରିପାରୁଥିଲି । ବୋଉ ଖାଲି ଏପଟ ସେପଟ ହେଉଥିବ । ଥରକାଳ ବସି ପାର୍ଶ୍ୱଯାତ୍ରୀମାନଙ୍କୁ ଅସୁବିଧାରେ ନପକାଇବାର ମୋ କଡ଼ାକଡ଼ି ନିର୍ଦ୍ଦେଶକୁ ସେ ପୂରାପୂରି ଭୁଲିଯାଇଥିବ । ବାପାଙ୍କୁ କହୁଥିବ : ହଇହୋ, ଚୁପ୍‌ଚାପ୍ ବସିଚ ବା' କ'ଣ ? ଦେଖୁନା ଛୁଆଟା କୁଆଡ଼େ ରହିଗଲା । ଗାଡ଼ି ଛାଡ଼ିଦେଲାଣି । ତମର ତ ଜମାରୁ ମନରେ ପଶୁନି । ବାପା ଟିକେ ଧୈର୍ଯ୍ୟ ଧରି କହୁଥିବେ : ହଁ, ସେ ପାଖ ଡବାରେ କୋଉଠି ଉଠି ଆସିଥିବ । ତୁ ଏତେ ବ୍ୟସ୍ତ କାହିଁ ହଉଚୁ.... ।

ବୋଉ ମନ ଆଦୌ ବୁଝୁନଥିବ । ସେ ପୁଣି ଏପଟ ସେପଟ ହେଇ ଝରକା ଦେଇ ଚାହିଁଲା ବେଳକୁ ଏକ ନିର୍ଦ୍ଦିଷ୍ଟ ଚଳନ୍ତ ସ୍ଥାନ ବ୍ୟତୀତ ସେ ଆଉ କିଛି ଦେଖି ପାରୁନଥିବ, ଯଦିଓ ଏକାଥରକେ ଢେର୍ କିଛି ଦେଖି ଯିବାର ତା'ର ଗଭୀର ମାନସିକତା ଥାଏ । ମୁଁ କିନ୍ତୁ ତାକୁ ଦେଖାଯାଉ ନଥାଏ । ସେହି ଖୁଲାଖୁଲା ଜମି, ଯା' ଉପରେ ଖାଲି ଅଣ୍ଟା ପନ୍ଦରିକିଆ ସକାଳର କୁହୁଡ଼ିରେ ମୁଣ୍ଡ ହଲଉଛି । କେବେ କେମିତି କଜଳପାତିଟିଏ ଆସି ଲଞ୍ଜ ପିଟୁଥାଏ ହେଡ଼ମୁଣ୍ଡାରେ ନଡ଼ୁବା ତଥାପି କେଇ ଖଣ୍ଡ ହାତ, ଆଙ୍ଗୁଠିକୁ ଝୁଲେଇ ଠିଆହୋଇଥିବା ଧନଗ୍ରୁ ଗଛରେ ଅଥବା ଗୋଟିକିଆ ବଣିଟିଏ ଫନ୍‌ଫକ୍ ଡିଆଁ ମାରୁଥାଏ ଏ ଗୁଛଣ୍ଡରୁ ସେ ଗୁଛଣ୍ଡକୁ । ପୁଣି ଗୋଟେ ତେନ୍ତୁଳି ଗଛ । ପଥ ଛଡ଼ା ଆଉ କିଛି ଦେଖାଯାଉନି । ତା'ଭିତରେ କିଏ ଗୋଟେ ଫକ୍‌କିନି କରିଦେଲା । ବୋଉ କାନରେ ଯେମିତି ପେଗ୍ରିଟିଏ କ୍ରିଡ଼ାଟ ମାରି ମାରି ଉଡ଼ିଗଲା । ସେ ଥରିଉଠିଲା । ତଣ୍ଡି ଶୁଖିଆସୁଥିଲା । ସେ ତା' ବୋହୂ ଆଡ଼କୁ ଚାହିଁ କହିଲା, ଆରେ ତେମେ ସବୁ ଏଠି କ'ଣ ଆରାମରେ ବଇଚ ବା......?? ଦେଖୁନା, ପୁଅଟା ମୋର କୁଆଡ଼େ ଗଲା...!!

ସେତେବେଳକୁ ସାରା କମ୍ପାର୍ଟମେଣ୍ଟର ଲୋକେ ମୋ ବୋଉର ଏକ ଗୁରୁତର ସମସ୍ୟା ଉପରେ ଲଘୁ ମନ୍ତବ୍ୟମାନ ଦେଉଥିବେ । କେହି କେହି ମହାନୁଭବତା ପ୍ରଦର୍ଶନ ପୂର୍ବକ ମୋ' ବୋଉକୁ ସାନ୍ତ୍ୱନା ଦେଇଚାଲିଥିବେ ଯେ : ଆଗ ଷ୍ଟେସନ୍‌କୁ ଗାଡ଼ି ରହିଲେ, ତୁମ ପୁଅ ଫେରିଆସିବେ । ବ୍ୟସ୍ତ ହୁଅନା । ପୁଅ କ'ଣ ତମର ଗ୍ରେଟ ହୋଇଛନ୍ତି......! କ'ଣ କରନ୍ତି ?

: ହଁ ସେଇ ଲେକ୍‌ଚରର ହେଇଚ । ସେଟା ସେତେ ଧୂରନ୍ଧରିଆ ପିଲା ନୁହଁ । ବାପା, ପାଠ ସିନା ପଢ଼ିଲା ବୋଲି ଚାକିରିଟା କଲା, ନହେଲେ କୋଉଥିକି ନୁହେଁରେ ପୁଅ । କୁଟା ଖଣ୍ଡକୁ ଦ'ଖଣ୍ଡ କରିବନି । ବୁଢ଼ୀଗାଇଟା ରଡ଼ି ଛାଡ଼ୁଥିଲେ ବି କୁଟାପୁଳେ ନେଇ ପକେଇବନି । ଆଉ ଗୋରୁ ମୋହିବା କଥା ଛାଡ଼ । ଦିନେ ଗୋରୁ କୁଣ୍ଡରେ ହାତ ଦେଲା ଯେ ଦିନମାନଯାକ ସାବୁନରେ ହାତଧୁଆ ଚାଲିଥାଏ । ଥରକୁଥର ହାତ

Digitized by PPRACHIN, SOA

ଶୁଙ୍ଘାହେଉଥାଏ । ଉପରଉପରେ ଟିକେ ଚାଲିପାରିବନି କ'ଣ ? କେନାଲ ସୋଟକୁ ବି ଡେଇଁପାରିବନି । ସେଇଥିପାଇଁ ସେ ଯେତେବଡ଼ ହେଲେ ବି, କି କୁଆଡ଼େ ଗଲେ ବି ମୋ ମନଟା ଥାଏ ତା' ଠେଇଁ । ସବୁବେଳେ ଖାଲି ବହି ଧରି ବସିବ । କହୁନି ପୁଅ, ରାତି ପାହିଯିବ, ଜାଣିପାରିବନି । ଜନେ ବି ଏତେ ବଡ଼ ବହି ଲେଖିଛୁ । ମୋ ନାଁ ବି ଲେଖିଛୁ । ଯେତେବେଳେ ବୋଉ ମୁହଁ ଟିକେ ଉଠେଇ ଅପି ପୁଣି ମଉଳିଯାଉଥିବ । ପାର୍ଶ୍ୱଯାତ୍ରୀମାନେ ମୃଦୁମୃଦୁ ଆନନ୍ଦ ପାଉଥିବେ ।

ଆଉ କିଏ ଜଣେ କହୁଥିବ : ମାଉସୀ, ତମେ କ'ଣ ଏମିତି ସବୁଦିନେ ପୁଅକୁ ଜଗିଚାଲିଥିବ ? ନାଇଁରେ ପୁଅ, ମୋର ତ ଆସି ଦିନ କାଳ ହେଲା । ଆଉ କେଇଟା ଦିନ ବା ଏ ସଂସାରରେ ରହିବି । ମୋର ତ ଖେଳାମେଳା ସରିଲା । ମୁଁ ଅଛି ବୋଲି ସାହାଟା ତା'ଠି ଠାକିଛି । ଗଲେ ତ ନିଭିଗଲି । ଗଲା ତେଣିକି ତା' ଭାଗ୍ୟକୁ ଆଦରି ସେ ଚାଲିବ । ମୁଁ ଆଉ ଆଉ....।

ଏପରି ଏକ ଘଟଣାରେ ମୋ ସ୍ତ୍ରୀ ଜନକୁ ଘରି ଅବ୍ୟବସ୍ଥିତା ମନେକରୁଥିଲେ ବି ମୋ ବିଷୟରେ ଅନ୍ୟ କେହି ହସ୍ତକ୍ଷେପ କଲେ ମୋ' ବୋଉ ଯେ କି ପ୍ରକାର କୁବଳଚଣ୍ଡୀ ରୂପ ଧାରଣ କରିପାରେ ସେ ଦୃଶ୍ୟ ପତ୍ନୀ ଅନେକଥର ଦେଖି ଏତେ ଭୀତଚକିତ ହୋଇଯାଇଛନ୍ତି ଯେ, ଏବେ ସେ ପୁନଃ ସେ ଦୃଶ୍ୟ ଦେଖି ସାରା ଦୁନିଆଟା ଆଗରେ ହାସ୍ୟାସ୍ପଦ ହେବାକୁ ଚାହୁଁନଥିଲେ ।

ଏହାପରେ ଗାଡ଼ିର ବେଗ କମିଆସୁଥିଲା । ବୋଉ ଟିକେ ଆଶ୍ୱସ୍ତ କଣ୍ଠରେ କହିଲା—କ'ଣ ଷ୍ଟେସନ ଆସିଗଲା ? କ'ଣ ପଟିଆ ? ନା ମାଉସୀ, କିଏ ଗୋଟା ଚେନ୍ ପୁଲିଂ କରିଦେଇଛି । ବୋଉ କିଛି ବୁଝିପାରିଲାନି । ତା' ମନଟା ଶୁଖିଗଲା । କାଲେ ମୁଁ ଆସୁଥିବି କି ? ତା' ପୁଅ ଆସିନଥିଲା । ପୁଣି ଗାଡ଼ି ଛାଡ଼ିଦେଲା । ବୋଉ ମନ ଆହୁରି ଝାଉଁଳିଗଲା, ସେ ବୋଧେ ଏ ଗାଡ଼ିରେ ଆସିନି । ପଛ ଷ୍ଟେସନ୍‌ରେ ରହିଗଲା···।

ତା' ଈପ୍ସିତ ଷ୍ଟେସନଟା ଠିକ୍ ସମୟରେ ଆସି ପହଞ୍ଚିଲା । ସେ ମୋ ପିଠିକି ଆଉଁଶି ଆଣିଲା, ତୁ କୁଆଡ଼େ ରହିଲୁ ? ··· ବୁଝିଲୁ, ତୁଟା ଆଜିଯାଏ ସେମିତି ହୁଣ୍ଡା ମାଧିଆ ହୋଇ ରହିଗଲୁ । ବୁଦ୍ଧିଶୁଦ୍ଧି କିଛି ହେଲାନି । ଖାଲି ପାଠ ପଢ଼ିଲେ ପଡ଼ିକୁ । ଆଜି ସିନା ଆମେ ସମସ୍ତେ ଥିଲୁ···ମୋ' ପିଲାଙ୍କୁ ଆଣି ଆସିଥାନ୍ତୁ···କ'ଣ ହୋଇଥାନ୍ତା କହିଲୁ ? ଆଜିକାଲି କାଳବେଳ ଯାହା ହେଲାଣି, ତମକୁ କିଛି ଜଣାପଡ଼ୁନି । ରେଡ଼ିଓ, ଟିଭି, କାଗଜରେ କେତେ କଥା ବାହାରୁଚି, ତଥାପି ଚେତୁନା । ଏମିତି କହିଚାଲିବା ଭିତରେ ସେ ଆପେ ଆପେ ଚୁପ୍ ନହେବା ପର୍ଯ୍ୟନ୍ତ

Digitized by PPRACHIN, SOA

ଆମେ ଚୁପ୍ ପାଲଟିଯାଇଥାଉ । ତା' ମନ ଶାନ୍ତ ହେଲାପରେ ଲୁଗାକାନିରୁ ପାନବଟା ଖୋଲିଲା । ଖଣ୍ଡେ ପାଟିରେ ପୂରଉ ପୂରଉ ମୋ' ହାତକୁ ହାତ ବଢ଼େଇଦେଲା ।

ଗାଡ଼ିରୁ ଓହ୍ଲେଇ ଷ୍ଟେସନ ସିଢ଼ିରେ ଚଢ଼ିଲାବେଳକୁ ବୋଉ ହାତ ଧରି ମୁଁ ତାକୁ ସାହାଯ୍ୟ କଲାବେଳକୁ ସେ କହୁଥିବ : ତୁ ଆସ୍ତେକରି ପାଦ ପକା । ରିକ୍ସା ଷ୍ଟାଣ୍ଡ୍ ଯାଏ ଯିବା ପର୍ଯ୍ୟନ୍ତ ସେ ଖାଲି ଆଗକୁ ପଛକୁ ତରକି ଚାହୁଁଥିବ । ମୋ କଡ଼ଦେଇ ଗାଡ଼ିଟିଏ ସର୍‌କିନା ଚାଲିଗଲାବେଳକୁ ସେ ସେମିତି ଚିଁ କି ପଡ଼ୁଥିବ । ପଛରୁ ଆସୁଥିବା ଗାଡ଼ି ପାଖେଇଆସୁଥିବା ଦେଖି ମୋ' ହାତକୁ ଧରି ଆହୁରି ରାସ୍ତା କଡ଼କୁ ଭିଡ଼ିଆଣିବାର ଉପକ୍ରମମାନ କରିଚାଲିଥିବ । ବେଳେବେଳେ ଭାରି ଅବାଗିଆ ଲାଗେ । ତା'ପରେ ସେ କହୁଥିବ ଆମମାନଙ୍କୁ, ଯେଉଁମାନେ କି ତାକୁ ଗୋଟେ ମସ୍ତବଡ଼ ଦାୟିତ୍ୱ ଦେଇଛନ୍ତି । ନହେଲେ ସେ କେତେ ଖୁସିରେ ଥା'ନ୍ତା । କେତେ ଫୁର୍ତ୍ତିରେ ପାଦ ପକାନ୍ତା ।—ଏଥିରୁ ଦି'ଟା ଏବେ ହାଲକୁ ମୋତେ ଦଉଛନ୍ତି । ଉହକ ଗଲା ଏମିତି ଏମିତି । ଆଉ ଏବକୁ ସବୁ ବାହାରୁଚି ଭିଦରାମି ! ମୁଁ ଆଉ ପାରିବିନିରେ, ମାଆଲୋ, ଏତକ ଓଜନଆ ହେଇଚି ଏଗୁଡ଼ାକ । କୁଣ୍ଢାମାନେ ତ ପଇସା ନବ, ତା'ର କ'ଣ ଅଛି ? ବାର ଡିଜାଇନରେ ମାଆ ଘଇତା ଉଆଁରି କରୁଚନ୍ତି । ଗ୍ରେପର କାମ ସବୁ ଏ । ଫୋଟକାଗୁଡ଼ା ହେଇ କୋଳପରି ଓହ୍ଲାଇପଡ଼ିଲଣି, ପାରିବିନି ଆଉ ।

ଚାହୁଁ ଚାହୁଁ ଚପଲ ହଳକୁ ବାଁ ହାତରେ ଧରି କନ୍ଦ୍ର୍ୟରେ ଚାଲିଲା ଏବଂ ମୁଁ ପରେ ତା' ଉପରକୁ ବିରକ୍ତ ହେବାର ଭୟଟା ସେ ପୂରାପୂରି ଭୁଲିନଯାଇ ମୋ' ଆଡ଼କୁ ମୂରୁକେଇ ମୁରୁକେଇ ଚାହୁଁଥାଏ । ରିକ୍ସାରେ ବସିଗଲାପରେ ବି ତା'ର ଶାନ୍ତି ନଥିଲା । ସେ କହୁଥିଲା : ଷ୍ଟେସନରୁ କେଇ ଗୋଟି ବାଟ ଯେ ପୁଣି ରେକ୍ସା କରିବା ! ଉନ୍ନକଷ୍ଟ କରି ଗଲେ ସିନା ଭଲ । ଠାକୁର ଶୁଣିବେ । ତଥାପି ତା'ର କଥା ହାର ମାନୁଥିଲା ଏବଂ ଆମମାନଙ୍କର କଥା କ୍ରିୟାଶୀଳ ହୋଇଉଠୁଥିଲା । ରିକ୍ସାରେ ଗଲୁ ଏବଂ କିଛି ଦୂର ପର୍ଯ୍ୟନ୍ତ ରିକ୍ସାବାଲା ଆମକୁ କେବେହେଲେ ତୃପ୍ତ ମାଲିକ ବୋଲି ଗ୍ରହଣ କରିପାରୁନଥିଲା, ବୋଉର ଅନିଚ୍ଛୁକତା ଯୋଗୁଁ । ମୋ ମଲାଶ୍ରୀର ଘରେ ପହଞ୍ଚିଲାବେଳକୁ ବେଳ ଆସି ଢେର ହୋଇଯାଇଥିଲା । ପିଲାମାନେ ଶୋଇକେଇଲେଣି । ଅମେ ସିଢ଼ି ଚଢ଼ି ଉପର ମହଲାକୁ ଗଲାବେଳକୁ ବୋଉକୁ ଭାରି ଅନ୍ଧାରୁଆ ଅନ୍ଧାରୁଆ ଲାଗୁଥିଲା ଏ ପାଗ୍‌ପେଟି ପରି ହେଇଥିବା ଘରଟା । ମୁଁ ବୋଉକୁ ଆଗରେ କଡ଼େଇ ଚାଲିଲାବେଳକୁ ସେ କହୁଥିବ : ଥିଇରି ଥିଇରି ଆରେ ପୁଅ, ଭାରି ଅନ୍ଧାରଟା ହେଇଚି । ଏତେ ଖାଖ କାହିଁ ତୋ' ମାମୁ ଏ ଘର କରିଚି କାଳେ ବୋହୂ ? ମୋତେ ଗୋଟା କେମିତି କେମିତି ଲାଗୁଥାଏ । ତାକୁ ବି କିଛି କହିପାରୁ-

Digitized by PPRACHIN, SOA

ନଥାଏ । ନହେଲେ ସେଇଠି କହିବ : ହଁବା, ମୁଁ କ'ଣ ତମକୁ ଜନ୍ମକରିଚ ? ତେମେ ପରା ମତେ ଜରିଚ । ଖାଲି ମୋ' ପାଇଁ ସବୁବେଳେ ବନ୍ଧହେବ । ମୋତେ କୁଆଡେ କଥା କହି ଆସେନ । ଏଇମାନେ ଖାଲି ବୁଦ୍ଧିଆ । ଇଏରେ ବୁଦ୍ଧିଆ କେମିତି ହେଲ ? ଏଇଠୁ ନା ଆଉ କୋଉଠୁ ? ଘୁଷୁରି ପେଟରୁ ମାଣିକ ଜାତରେ । ମୋତେ ଖାଲି ସବୁବେଳେ ନଘା ଆରେ ।

ଉପର ଘରେ ପହଞ୍ଚିଲାପରେ ସେମାନେ ହର୍ଷିତ ହୋଇ ଆମର ପାନୀୟ ଓ ଖାଦ୍ୟର ବ୍ୟବସ୍ଥାରେ ଲାଗିଗଲେ । ବୋଉହେଇରକା ସେ ଘରେ ଖାଇଲେ ଏବଂ ଆମେ କେତେଜଣ ତା' ପାଖ ଘରେ ଖାଇବସିଲୁ । ପଛରେ ଆଣି ବୋଉ-ଆଳଆରେ ମାଂସ ତରକାରି ଟିକେ ଦେଇ ଦେଇ ବୋଉ ଚହଲ କରିପକାଏ : ମୋର ସେ ମାଉଁସ ଫାଉଁସକୁ ମନ ନଥାଏ । ଶାଗଟିକିକରେ ଆଶା । ସେଠା ମାଉଁସ ରକ୍ଷଣାଠା । ଗାଁରେ କଦବା କୋଉଠି ଛାସି ମରିଲେ ଗ୍ରହରେ ତାକୁ ନଦ ନଥବ । ସକାଳୁ ସକାଳୁ ହାକର । ତା' ପିଲାବେଳେ ତାକୁ ଧୂମ୍ ଖୁଆଇଛୁ । ସେଠାର ତ ବହରେ ଜମାକୁ ଲାଗେନ, ଏମିତି ଏମିତି ପିଲାଟି ଉନରୁ । କୋଉଠି କାଉଁରିଆଠା ଥିଲା କେଜାଣି ! ମୁଁ ତାଲକୁ ମୁହଁ ପୋତି ଅଣ୍ଟିଆଏ । ଦୁ'କଡ଼ରେ ଦୁ'ଜଣ ଶାଳୀ ବସି ଖାଉ ଖାଉ ମୁରୁକିହସା ମାରି ଖେଁ-ଖାଁ ଅବସ୍ଥାକୁ ପହଁଚିବା ଉପରେ । ବୋଉ ମୋର ଯେତେବେଳେ କହିଲା : ଭାରି ଝଗଡ଼ାଠା ଥିଲା ଲୋ ସମୁଦୁଣୀ । ଉନକୁ ଥରେ ଲେଖାଏଁ ଆମର କୁମ୍ଭାରଠୁଁ ହାଣ୍ଡି ମାଣ୍ଡିଆ ରହେ; ସେତେବେଳେ ଶାଳୀ ଦୁଠା ଆଉ ସମ୍ଭାଳି ନପାରି ହସରେ ଫାଟିପଡ଼ିଲେ । ସେଇକ-ବେଳେ ବୋଉ କହିଲା, ଆଲୋ ମା', ସେ ଘରେ ପିଲାଙ୍କ ପାଖରେ ପାଣି ଗିଲାସ ଦେଇନା କି ? ପିଲାଙ୍କ ତଣ୍ଟିରେ ଲାଗିଲାଣି···। ଆଇ.ଏ. ଫେଲ୍ ହୋଇ ଦୁ'ବର୍ଷ ହେଲା ଘରେ ବସି ବସି ସ୍ୱେଟର ବୁଣୁଥିବା ଶାଳୀଟି କହିଲା—ଭାଇନା, ତୁମ ବୋଉ ଭାରି ଭଲ ଲୋକ, ନୁହେଁ ? ତୁମକୁ ସେ କେତେ ଭଲପାଆନ୍ତି···। ଏବଂ ଏବେ ଏବେ ପ୍ଲସ୍ ଟୁରେ ନାମ ଲେଖାଇଥିବା ଶାଳୀଟି ବବ୍ ହେୟାର ତଳୁ ଫିସ୍ ଫିସ୍ ଗଳାରେ କହିଲା, ଏ ମାଁ' କି ସିଲି । ସେତେବେଳେ ମୁଁ ସିନା ସେମାନଙ୍କ କଥାରେ ଖାଲି ଦାନ୍ତ ଉପରୁ ଅଧରମାନଙ୍କୁ ଟିକେ ଜବରଦସ୍ତ ଉଠେଇଆଣିଲି, କିନ୍ତୁ ମନ ଭିତରେ କିଏ ଜଣେ କହିଯାଉଥିଲା : ବୁଝିଲୁ ଟୋକା, ସବୁ ମାଆମାନେ ଏମିତି ସିଲି । ନହେଲେ ଏତେ କ'ଣ ଭଲପାଇ ହୁଏ ।

ଆମେ ଉପରତାଲରେ ଟହଲ ମାରୁଥିଲୁ । ତଳେ ବୋଉ ଓ ଅନ୍ୟମାନେ ବସି ପାନ ଖାଉଥାନ୍ତି । ବୋଉ ଖଣ୍ଡେ ପାନଭାଙ୍ଗି ମୋ ସବା ସାନଶାଳୀ ହାତରେ ମୋ' ପାଖକୁ ପଠାଇଲାବେଳକୁ ମନାଶାଶୁ ତୁନି ତୁନି କଣ୍ଠରେ କହୁଥିଲେ—ସମୁଦୁଣୀ,

Digitized by PPRACHIN, SOA

ପଢ଼ାପିଲାଗୁଡ଼ିକଙ୍କୁ ପାନଖିଆ କ'ଣ ଶିଖାଇଲ ? ବୋଉ ଦବିଯାଇ କହୁଥିଲା : ମୋର କିଛି ଦୋଷ ନାହିଁ ଲୋ ସମୁଦୁଣୀ । ଧନିଆ ଚାଉଳ ଚାଖୁଚାଖୁ ଏବେ ଜରଦା ନହେଲେ ଚଳୁନ । ମୋର ସେ ଜରଦା ଫରଦା ଚଳେନ । ଧୂଳିଗୁଣ୍ଡି ଟିକେ ହେଲେ ହେଲା । ଏଇ ସୁଦ୍ଧାମାତ୍ର । ସମୁଦୁଣୀ, ଦେଖୁନା, ଏ ଜଣାଟା ବି ସେଇଆ ନୁହେଁ କି ? ତା'ପରେ ବୋଉ ପାନଖିଲକୁ କଳରେ ଜାକିଦେଲାବେଳକୁ ଈଷତ୍ ହସିଲା ଆଖିରେ ମାଈଁଙ୍କ ଆଡ଼କୁ ଚାହିଁ ଡାଲାଟା ଠେଲିଦେଉଥିବ ।

ଦୁଷ୍ଟ ଶାଳୀଟା ମୋ' ଜାଙ୍ଘରେ ଡୋ ଦରି ଗୋଟେ ଚାପ ଦେଇ କହିଲା : କି ଅସନା ଲୋକ ତମେ, ପାନଖାଇ ଦାନ୍ତଗୁଡ଼ାକ ଲାଲ୍ କରିସାରିଲଣି । ମୁଁ ଭାବୁଥିଲି, ଏବେ ଏଇ ନାଲିନାଲି ଦାନ୍ତରେ ବି ରୂପା ଚାଇ ପିନ୍ଧିଲେ ଛଇଳୀ, ତୁ କ'ଣ ଜାଣିନୁ ସବୁ ବୋହୂମାନେ ହିଁ ପାନଖିଆ ଶିଖେଇଥାନ୍ତି ! ସବୁ ବୋଉଙ୍କ ଭିତରେ ଟିକେ ଟିକେ ବିଷ ଥାଏରେ । ସେ ବିଷ ଥାଏ ତା' ଥନରେ, ତା' ଗର୍ଭ ଦ୍ୱାରରେ, ତା' ଜିହ୍ୱାଗ୍ର ବେଦୀରେ, ତା' ନିଶ୍ୱାସରେ । ସେ 'ବାରଣସିରେ କରିଦେଲା'ଠୁଁ ବି ବିଷ ଭିତରେ ବୁଲୁଛି । ଏବେ ସେଇ ବିଷ ଚାମଚରୁ ଆମର ଜନ୍ମରେ । ତା'ପରେ ଶାଳୀଟା ଆସି ମୋ' ଦେହରେ ଧକ୍କା ଖାଉଥିଲା ଓ ପରିପକ୍ୱ ଚୁମ୍ବନମାନଙ୍କୁ ବିତରଣ କରିବାରେ ମୁଁ ଆଦୌ କୁଣ୍ଠିତ ନଥିଲି ।

ଲୋକନାଥ ମନ୍ଦିର ବେଢ଼ା ଭିତରେ ଆମେ ସବୁ ପହଞ୍ଚିଲା ବେଳକୁ ପହଞ୍ଚିଗଲେ କେତେ ଜଣ ପଣ୍ଡା । ଜଣେ ମୋ ହାତଧରି ଟିକିନେଲା ଦରଜା ପାଖ ଏକ ଗ୍ରୋଟ ଗୁମ୍ଫା ଭିତରକୁ, ଯେଉଁଠି ବିରାଜମାନ କରୁଛନ୍ତି ସ୍ୱୟଂ ଶିବରାଜ ଶିବ । ମୋତେ ସାଷ୍ଟାଙ୍ଗ-ପ୍ରଣିପାତ କରିବାକୁ ଆଦେଶ ଦିଆଗଲା ଏବଂ ପଣ୍ଡାଙ୍କ ସହ ସମକଣ୍ଠରେ ମଙ୍ଗଳାଚରଣ ମନ୍ତ୍ରପଢ଼ୁ ପୁଅର ବୟସ ମାସ ଅନୁସାରେ ଯେତିକି ସେତିକିନ ସୁଉକ ପକାଇ ରିଷ୍ଟ ଖଣ୍ଡନ ହେବାକୁ ମଧ୍ୟ ଆବଶ୍ୟକ ହେଲା । ମୁଁ ଅଠରଟା ସୁଉକ ପକାଇବାରେ କୁଣ୍ଠାବୋଧ କରି ଦେଢ଼ଟଙ୍କା ପକାଇ ଚାଲିଗଲାବେଳେ ପଣ୍ଡା ଜଣଙ୍କ କ୍ରୋଧବଶତଃ କହିଚାଲିଥିବେ : ଗର୍ବ କରନା । ଶିବ କାହାରି ଗର୍ବ ସହିପାରନ୍ତି ନି । ଏଇ କଥା ପଦକରେ ବୋଉ ମୋର ଥରିଉଠିଲା : ତୁ ଆଉ ଦେଇ ଦେ ବାପା, ଶିବଙ୍କର ବଳାରେ ଦାଉ । ବାଧ୍ୟ ହୋଇ ଗଣିଲି, ଏବଂ ପରେ ଶାଳୀମାନେ ମୋ' ଉପରେ ବିରକ୍ତ ହୋଇ ମୋର ଧର୍ମଭୀରୁ ବେକୁବ୍‌ପଣିଆକୁ ନିନ୍ଦୁଥିଲାବେଳେ ମୁଁ ଖାଲି କହିବାକୁ ଚାହୁଁଥିଲି : ବୁଝିଲରେ, ଅନ୍ତତଃ ପକ୍ଷେ ଜଣଙ୍କ ମନ ଭିତରେ ଏତିକି ବିନିମୟରେ ଏଡ଼େବଡ଼ ଦୁଃଖଟା ଢଅ.ଶ କରେଇଦେବା ଶୁଭ କଥା ନୁହେଁରେ ! ପୋଷକୁ ପୋଷ ପାଦୁକ, ଛଡ଼ାଫୁଲ ମୋ ପୁଅ ପାଟିରେ ବୋଳିବୋଳି ଆଉ ଛୁଆଁଇ ଦେଇଥାଏ ମୋ' ପାଟିରେ ମହାଦେବଙ୍କ ଛଡ଼ା ବେଲପତ୍ରକୁ । ମୋ' ମୁହଁରେ ଦାଉ ଦାଉ ହୋଇ

Digitized by PPRACHIN, SOA

ଦେଖାଯାଉଥିବା ଧଳା ଛୁଅଁଟା ଉପରେ ଛଡ଼ାଫୁଲ ଘଞ୍ଚୁ ଘଞ୍ଚୁ କେତେ କ'ଣ ଗୁଣୁଗୁଣୁ ହୋଇଯାଉଥିଲା ।

ପରଦିନ ମୋ' ପୂଅ ପାଇଁ ମନାସିଥିବା ବ୍ରାହ୍ମଣ ଭୋଜନ ପାଇଁ ବାପା ଭାରି ତତ୍ପରତା ପ୍ରକାଶ କରୁଥିଲେ । ବୃଦ୍ଧ ବ୍ରାହ୍ମଣ ଆନନ୍ଦ ବଜାର ପିଣ୍ଡା ଉପରେ ବସି ଆମ ହାତରୁ ଖାଦ୍ୟ ସାମଗ୍ରୀ ଗ୍ରହଣ କରିଦେଲେ ସେମାନେ ଆଶୀର୍ବାଦ କରୁଥାନ୍ତି ଏବଂ ମୋ' ବୋଉ ଜଣେ ଅତିବୃଦ୍ଧଙ୍କ ପା'ଧୂଳି ଆଣି ମୋ' ମୁଣ୍ଡରେ ବୋଳି-ଦେଇ ତା' ନାତି ପାଖକୁ ହାତ ଉଠେଇଲା ବେଳକୁ ଆଉ ଜଣେ ବ୍ରାହ୍ମଣ ହସି ଦେଉ ଦେଉ ମଙ୍ଗଳାଷ୍ଟକ ପଢ଼ୁଥାନ୍ତି । ବାପା ଅତଃପର ଏକ ବିରାଟ ବୋଝକୁ ମୁଣ୍ଡରୁ ଖସାଇ ଦେଇ ଏତେ ଆଶ୍ୱସ୍ତ ହୋଇଗଲେ ଯେ ତାହା ଭାବିବା କଷ୍ଟ । ବାପା ନିଜକୁ ଭାରି ହାଲ୍‌କା ମନେକରୁଥିଲେ ଏବଂ ଏକ ଅସାଧାରଣ ତୃପ୍ତିରେ ଫାଟିପଡ଼ୁଥିଲେ ।

ଅନେକ ସମୟ ଧରି ସେମାନେ ଜାଳିଆ ପାଖରେ ହାତ ଯୋଡ଼ି ଠିଆହୋଇ-ଥାନ୍ତି । ତା' ଭିତରେ କ'ଣ ଦେଖାଣି ଦେଖି ଖାଲି ଝଲମଲ ହେଉଥାନ୍ତି । ବୋଉ ମାମୁଘର ପାଖରେ ପହଞ୍ଚି ଯାଇ କହୁଥିଲା : ହେଇ ଦେଖିଲ, କେତେବେଳୁ କହିବି ବୋଲି କହୁଚ ହେଲେ କହିପାରିଲିନି । ମୋ ଡକ୍କୁଣୀ ମନ୍ଦୁଟା ପରି ସେମିତି । ଏ ପାନଗୁଆକ ମତେ ଆରଭିନରେ । ସେ ଧୂଳିଗୁଣ୍ଡିରୁ ଗୋଟା ଆଣିଥାନ୍ତି ହେଲେ···।

ସେତେବେଳକୁ ରାତି ଢେର୍ ବଢ଼ିଯାଇଥିଲା । ଯାତ୍ରୀମାନେ ପାତଳ ପଡ଼ି-ଆସୁଥିଲେ । ଗ୍ୟ'ବାଲା, ଗ୍ରନ୍ଥ୍‌ବାଲାଙ୍କ କଣ୍ଠସ୍ୱର କ୍ଷୀଣ ହୋଇଉଠି ନଇଁଟରେ ପର୍ମ୍ ସରିଆସୁଥିଲା । ସମସ୍ତେ ଉଠିଲୁ । ପଛରେ ଛାଡ଼ିଆସୁଥିଲୁ ଗୋଟିଏ ସମୁଦ୍ରକୁ; ଗୋଟିଏ ଜୁଦ୍ଧୈତ ସମୁଦ୍ରମାନଙ୍କୁ··· । ପଛରୁ ଆମକୁ ସମୁଦ୍ର ଡାକୁଥିଲା । ନା, ଆମେ ସମୁଦ୍ର ପାଇଁ ଆକୁଳ ହେଉଥିଲୁ । ସେ ଦୂରେଇଗଲା ରାତିରେ ପିଚୁଘେରା ପାଲିସକରା ରାସ୍ତାର ସେପାଖରେ ।

ଏପଟରେ ଆମେ ରହିଗଲୁ ଯେଉଁମାନେ ଅସିଥିଲୁ ଖାଲି ତାକୁ ଟିକେ ସୌଜନ୍ୟ ସାକ୍ଷାତ ପାଇଁ । ଅମର ଅନ୍ତରଙ୍ଗତା ନାହିଁ ବୋଲି ସେ ଭାବିବ । ମନେମନେ ବିଷାଦ ଭଜିବ । ଆମର ବା କେତେ ଶକ୍ତି ? ଫୁଟେ ମାଉଁସ, ଗୁନ୍ଦାଏ ରୁଧିରର କାରବାର । କାହାର ବା ରୁଚି ଅଛି ଏଡ଼େ ବଡ଼ ଗର୍ଜନଟାକୁ ସେ ଏଡ଼େ ସହଜରେ ସମ୍ଭାଳିନେବ । ଏଡ଼େବଡ଼ ନିଆଁ ପିଣ୍ଡଟାକୁ ଆଁ ଭିତରେ କାବୁକରି ନେବ ।

ଆମେ ଫେରିଆସିଲୁ । ସେଠୁ ପୁଣି ଶଶୁର ଘରକୁ । ସେଠି ସେମାନେ କିଛିଦିନ ବିଶ୍ରାମ ନେବେ । ମୁଁ କୁଟୁମ୍ବ ପୋଷିବା ପାଇଁ ବୃତ୍ତିଧାମକୁ ବାହୁଡ଼ିବି ।

Digitized by PPRACHIN, SOA

ଯୋଗାଡ଼ଯନ୍ତ୍ରରେ ଲଗିଥାଏ । ପତ୍ନୀ ଟୁଥ୍‌ବ୍ରସ, ପେଷ୍ଟ, ଟଙ୍ଗ୍ କ୍ଲିନର, ସେଭିଂ ସେଟ, ପାଇଜାମା କୁର୍ତ୍ତା, ସୁଟ୍, ଟାଏ, ବ୍ରୁଟ୍ ପଲିସ୍, ଟାଲକମ୍ ପାଉଡ଼ର, କ୍ରିମ୍, ପେନ, ଡାଏରି, ଗାମୁଛା ଇତ୍ୟାଦି ଇତ୍ୟାଦିକୁ ଆଟାଚି ଭିତରେ ରଖୁଥାନ୍ତି । ମୋତେ ଟିକେ ଖୁବ କାନ୍ଦଣା ଲାଗୁଥାଏ । ପୁଅଟାକୁ ମୋର ଛାଡ଼ିକରି ଯିବ । ଏତିକବେଳେ ତା'ର ଦରଦୀ ଭାଷା, କଥାଗୁଡ଼ିକ ହିଁ ମୋର ସବୁଠୁ ଆକର୍ଷଣୀୟ ହୋଇପଡ଼ିଛି । ପତ୍ନୀ ବି ଟିକେ ଶୁଖିଲା ଶୁଖିଲା ଦେଖାଯାଉଥାନ୍ତି । ବୋଧେ ତ ମୋର ଭଲରେ ଦ'ଟା ଖାଇଲାନି । ସବୁଥରକ ତା'ର ଏମିତି । ମୁଁ ଯେବେ ଘର ଛାଡ଼େ ସେ ସେବେ ଖୁବ ଛାଡ଼େ । ମୁଁ ଘରେ ପଶିଲେ ତା' ପେଟକୁ ଭୋକ ଆସେ ବୋଲି ସେ ଅନେକବାର ଗୋଟିଏ ରେକର୍ଡ଼କୁ ଘୂରାଉଥାଏ ।

ବାପା ବି ବୁଝାଉଥାନ୍ତି : ଇରେ ତୁ ତ ଆଜି ଯାଉଛୁ । ହଁ, ଦେଖିଚାହିଁ ଯିବୁ । ଚାଲିଚାଲି କରି ଖୁବ ଭାଙ୍ଗି ଯାଇଛୁ । ତୁମିଆରରେ ଆଟାଚଫାଟାଚ ନବୁ । ଆଖି ଆଗରେ ସବୁ ଲୁଟି ନେଉଚନ୍ତି ।

ବାପା ଧୀରେ ଧୀରେ ମୋ ଆଖିରେ ଦୁର୍ବଳ ଦେଖାଯାଉଥିଲେ । ତାଙ୍କ ଭିତରୁ ଯେମିତି ରକ୍ତ ମରିଯାଇଛି । ଖାଲି କଙ୍କାଳଟିଏ ଯେମିତି ରହିଯାଇଛି । ବାପାଙ୍କ ରୂପ ଦେଖିଲେ ଆଖି ଭିତରେ ମୋର ଭାରି ଯନ୍ତ୍ରଣା ହୁଏ । ଘର ଛାଡ଼ିବା ସମସ୍ତ ଆସିଗଲା । ମୋ' ପୁଅ ରହିଗଲା ମୋ' ପଛରେ । କିଛି ବାଟଯାଏ ବୋଧେ ଚାଲିଲା । କହୁଥାଏ : ଧୂଅପାଆ ଜଗି ଚଳିବୁ । ହଁ, ଟଙ୍କା ଟଙ୍କା ପଇସା ପୋରୁହାଁରେ, ଭଲକରି କ'ଣ ପଠାଇବୁ । ସେଟା ତ ଖୁବ ଅବଗୁଣିଆଟା । ତାକୁ ଟିକେ ଅଲଗା ଦେଖିବୁ । ସେ ସେଇଠି ରହିଲା ପରେ ବି ବାପା ଚାଲିଥିଲେ । ମୁଁ ତାଙ୍କ ପାଦଧୂଳି ଆଣିଲା ପରେ ସେ ତଳକୁ ମୁହଁପୋଛି ଆଣିଲେ ଏବଂ ପୁଣି କହିଉଠିଲେ—ଇରେ ସେ ଟୋକାଟା ହାତରେ ଟିକେ ଗୁଣ୍ଡି ପଠାଇବୁ ।

ମୁଁ ପଛକୁ ଫେରି ଚାହିଁଲି । ଦେବଦେବୀମୂର୍ତ୍ତି ଦୁଇଟିକୁ କିଏ ଏହା ଭିତରେ ଆଣି ଥୋଇଯାଇଲାଣି । ଗୋଟିଏ ମୂର୍ତ୍ତି ବସିଥାଏ ଧ୍ୟାନରେ । ମୁଦ୍ରିତ ଚକ୍ଷୁ । ଗୋଟାସୁଦ୍ଧା ଯେମିତି ଅଛୁଥାଏ । କ'ଣ ମନ୍ତ୍ର ପାଠ କରିଯାଉଥାଏ ଏବଂ ତା'ର କିଛି ଦୂରରେ ମୁଣ୍ଡମାଡ଼ି ବସିଥାଏ ଦେବୀଟିଏ । ପୋଷକୁ ପୋଷ ବାଲି ଏବେବି ମୋ ସାର୍ଟକୁ ଖସିନି । ପୁଣି ସେ ସେମିତି ପୋଷକୁ ପୋଷ ଆଣି ମୋର ବାସ୍ତୁବାସ୍ତୁ ଶରୀରରେ ଯେମିତି ଲେପିଦେଉଥିଲେ । ଆଖି ଝାଳେଇଉଠିଲା । ଏକାଥରକେ ଯେମିତି ଅନେକ ସମୁଦ୍ର ଉଚ୍ଛୁଳିଉଠିଲା . ଏବଂ ମୁଁ ସେଇ ପ୍ରଶାନ୍ତ ଶୀତଳତା ଭିତରେ ନିଜକୁ ଖୁବ ଅସହାୟ ମନେକରୁଥିଲି ଏବଂ ଏମିତି ଏକ ମୁହୂର୍ତ୍ତ ଆସିଲା ଯେତେ-ବେଳେ ମୋର ସବୁ ଭୟ ପାଇବା, ଡରିଯିବା, ହାରିଯିବାର ସମସ୍ତଗୁଡ଼ିକୁ କିଏ

Digitized by PPRACHIN, SOA

ଜଣେ ମୋ' ପିଠିରେ ହାତ ଆପୁଡ଼ୁ ଆପୁଡ଼ୁ ମୋଠୁ ଶ୍ରେଣୀକରି ନେଲା । ସେବେଠୁ ଲାଗେ, କିଏ ଜଣେ ମୋ' ପିଠିରେ ହାତ ଆପୁଡ଼ୁଛି ଆଉ କହୁଛି, ତୋ' ପିଠିରେ ସମୁଦ୍ର । ଆଉ ଡର କାହାକୁ ?

ସମସ୍ତେ ପଛରେ ରହିଗଲେ । ମୁଁ ଗାଡ଼ି ଭିତରେ ପଶିଗଲି । ଯାନ୍ତ୍ରିକ-ସଙ୍ଗୀତରେ ମୁହ୍ୟମାଣ ହୋଇପଡ଼ିବାର ଚେଷ୍ଟାରେ ବିଫଳ ହୋଇଯାଉଥିଲି । କାମ ଭିତରେ ଛନ୍ଦିହେଲେ ବି ମୁଁ ଖୋଜୁଥିଲି ଖାଲି ସମୁଦ୍ର ସ୍ନାନଟିଏ ମୋ ଉତପ୍ତ ପ୍ରତ୍ୟଙ୍ଗ ପାଇଁ ।

ମୁଁ ମୋ ବୟସରେ ବେଶ୍ ସଚେତନ ଥିଲି ବୋଲି ଦୃଢ଼ ଧାରଣା ରହିଛି । ହଠାତ୍ ଯେମିତି ଆକାଶରୁ ଖସିପଡ଼ୁଥିଲି । ମୋତେ ଗ୍ରାସିବା ଭଳି ଦ'ଟା ସମୁଦ୍ର ଦେଖାଯାଉଥିଲେ । ଏତେ ବଡ଼ ଅବଶୋଷଟିଏ ରହିଯିବ ବୋଲି ଭାବିନଥିଲି । ବାପା ଅନେକଦିନରୁ କହୁଥିଲେ, ବୋଉ ବି କହୁଛି : ଆନନ୍ଦ ବଜାରରେ ଏଥର କିଛି ମହାପ୍ରସାଦ ଖାଇବା ।

ଏଥର କି ମୁଁ ହାରିଗଲି । ସେମାନଙ୍କୁ କିଛି ମହାପ୍ରସାଦ ଖୁଆଇ ପାରିଲିନି । ମୁଁ ଘୋର ଯନ୍ତ୍ରଣା ଭୋଗୁଥିଲି ଏବଂ କ୍ଷମା ମାଗୁଥିଲି ମନେ ମନେ । ବାପା କିନ୍ତୁ ଭୁଲିଯାଇଥିଲେ ଏସବୁ କଥା ।

ଏ ଘଟଣାର ଅନେକ ଦିନପରେ ମୁଁ ଯେତେବେଳେ ପୁଣି ଘରକୁ ଫେରିଲି, ବୋଉ କହିଲା, ତୁ ଯୋଉ ଗୁଣ୍ଡିଟା ପଠେଇ ନଥିଲୁରେ ବାବୁଲି ହାତରେ ଗଲାଦିନବା, ଭଲ ପଡ଼ିଲାନିରେ । ଗମଗ୍ ଲାଗିଲା । କିଛିଟା ତ ଭଲମନ୍ଦ ବାଣ୍ଟିପାରୁନୁ, ଆଉ କି ଘର କରିବୁବା ?

ମୁଁ ତା' ଆଡ଼କୁ ପୁଣିଥରେ ଚାହିଁଲି । ଏବେଯାଏ ଚିହ୍ନି ପାରିନଥିବା ସମୁଦ୍ର-ଭଳି କ'ଣ ଫୁଲାଏ ଖଣ୍ଡେ ମୋ' ବୋଉ ଆଖିରେ ନାଚୁଥିଲେ । ମୁଁ ସେଇ ଆଡ଼କୁ ଚାହିଁଥିଲି ଏକାଲୟରେ । ଏକ ଚିତ୍ତରେ । ସମୁଦ୍ର ଆଡ଼କୁ । ମୋ' ବୋଉ ଆଡ଼କୁ । କେତେବେଳେ ତୁଟିଯିବ ଏ ବାଲିସେତୁଟି କେଜାଣି ! !

ଏପାରି ସେପାରି

ମୁଁ ଭାବୁଥିଲି ଯେ ଘର ପାହାଚରେ ମୋ ପାଦ ଶବ୍ଦ ଶୁଣିଲାବେଳକୁ ଘର ଭିତରୁ କବାଟ ଖୋଲିଦିବାର କର୍କଶ ଚିତ୍କାର ଶୁଭନ୍ତା । ସେତେବେଳକୁ ଏକ ଅଜଣା ଆଶଙ୍କାଜନକ ସମ୍ଭାବନାରେ ମୋ' ଛାତି ଭିତରଟା ଅସାଧାରଣ ଭାବେ ଦୁଲୁକି ଉଠନ୍ତା । ଏକ ଦୀର୍ଘକାୟ ଶକ୍ତ ହାତର କର୍କଶ ସ୍ପର୍ଶ ମୋ ଦାଢ଼ିଭର୍ତ୍ତି ମୁହଁସାରା ତା'ର ସଜୋର ଚାପିଦିଅନ୍ତା । ଗହଳ ଦାଢ଼ି ଭିତରୁ ବି ମୋ ଗାଲର ଫୁଲିଲା ଫୁଲିଲା ନାଲିଚଆ ପାଞ୍ଚ ଆଙ୍ଗୁଠିର ଚିହ୍ନ ସ୍ପଷ୍ଟ ବାରିହୋଇପଡ଼ନ୍ତା । ହଳେ ଜଳନ୍ତା ଆଖିର ଧ୍ୱଂସମନ୍ଥୀ ଅଗ୍ନିଗଡା ଭିତରେ ମୋର ସବୁ ଫେଚକାମି, ଦାମ୍ଭିକପଣ ପୋଡ଼ିଜଳି ଝିଙ୍ଗିଯାଆନ୍ତା । ତା'ପରେ ମୁଁ ପଦେ କଥା ଉଚ୍ଚାରି ପାରନ୍ତିନି ଏବଂ ଏକ ସୁନାପିଲା ପରି ଠୋକ୍‌କର ଖାଇ ମୋ' ଦାଗକୁ ବଦଳେଇ ଦିଅନ୍ତି । ଏକାଥରେ ସୁଧାର ବନିଯାନ୍ତି । ଏହି ସମୟରେ ଘର ଭିତରୁ ବାହାରିଆସନ୍ତା ଅଥୟ ଦେବୀ ମୂର୍ତ୍ତିଟିଏ । ବରାଭୟ ମୁଦ୍ରାରେ ସେ ତା' ପଣତକାନିର ଅଢ଼ୁଆଳରେ ଲୁଚେଇ ଦିଅନ୍ତା ଏକ ବିଶାଳ ଅଥବା କ୍ଷମାଳୟକୁ । ଏତେଟିକେ ଆଙ୍ଗୁଠି ଛୁଇଁଦେବାର ଆଉ କାହାର ସାହସ କି ସାମର୍ଥ୍ୟ ବି ନଥାନ୍ତା । ଏହି ଘଟଣାକୁ କେନ୍ଦ୍ରକରି ଏକ ତୁମ୍ବି-ତୋଫାନ ଲାଗିଆନ୍ତା । ଯୁକ୍ତିତର୍କ, ରାଗରୁଷାର କଥା କଟାକଟିରେ ମୁଁ ଯେମିତି ପଙ୍ଗୁ, ସ୍ଥବିର ପାଲଟି ଯାଉଥାନ୍ତି । ଏସବୁ ଯେ କ'ଣସବୁ ଘଟିଯାଉଛି ତା'ର କିଛି ମୂଳଚୂଳ ପାଇପାରୁନଥାନ୍ତି । ଲଜ୍ଜିତ ଅପମାନ ଭିତରେ ମୋର ସାରା ଅହଂଭାବ ଭାଙ୍ଗିରୁଜି ଟୁକୁଡ଼ା ଟୁକୁଡ଼ା ହୋଇ ମିଳେଇ ଯାଉଥାନ୍ତା । ଦୁଇହଳ ପବିତ୍ର ପାଦ ନିକଟରେ ।

କିନ୍ତୁ ଏସବୁ କିଛି ହେଉନଥିଲା ।

ହେଉନଥିଲା ଯେମିତିକି ଏଇ କିଛିକ୍ଷଣ ପୂର୍ବରୁ ମୁଁ ବୋଉ କାନି ଧରି ଧରି ଚାଲିଛି । ବୋଉର ହାତରେ ସଞ୍ଜଦୀପ । ମୁଣ୍ଡରେ ନାଲି ଓଢ଼ଣା । କାନି ତଳେ ତଳେ ଗୋଡ଼ାଏ ଜଳନ୍ତା ସଞ୍ଜବତି । ଠାଆକୁ ଠାଆ ସେ ଦୀପଟିଏ ଜାଳିଦେଉଥିଲା ଆଉ ମୁଣ୍ଡନୁଆଇ ପ୍ରଣାମ କରୁଥିଲା । ତା' ପଛେ ପଛେ ମୁଁ ମାଟିରେ ମୁଣ୍ଡ ଛୁଆଁଇ ଦେଉଥିଲି । ବୋଉ ଦି'ପାଦ ଆଗକୁ ଆଉ ଠାଆକୁ ଚାଲିଗଲାବେଳେ ମୁଁ ଫୁ କରି

Digitized by PPRACHIN, SOA

ନିଭେଇ ଦେଉଥିଲି । ଧିକ ଧିକ ହୋଇ ବାହାରିଆସୁଥିବା ଧୂଆଁ କୁଣ୍ଡଳୀ ଭିତରେ ମୋର ଗଡ଼ ଜିଣିବାର ଦମ୍ଭିଲାପଣ ହିଁ ମୋତେ ମୁହ୍ୟମାଣ କରିଦେଉଥିଲା । ଆଉ ପରବର୍ତ୍ତୀ କ୍ଷଣରେ ବୋଉର ନା-ନା ସ୍ୱର ମୋତେ ଚକିତ କରି ଡାକିନେଉଥିଲା ଗୋଟିଏ ସ୍ୱେଚ୍ଛକାଟିଆ ବାସ୍ନା ଚହଟୁଥିବା ଘର ଭିତରକୁ । ସେଠାରେ ବିବିଧ ମୁଦ୍ରାରେ ପୁଷ୍ପମଣ୍ଡିତ ଦେବାଦେବୀଙ୍କ ସମ୍ମୁଖରେ ଆଣ୍ଠୁମାଡ଼ି, ଆଖିବୁଜି, ଯୋଡ଼-ହସ୍ତରେ 'ଅହେ ଦୟାମୟ ବିଶ୍ୱବିହାରୀ'ଙ୍କୁ ହିଁ ଆବୃତ୍ତି କରିବାକୁ ପଡୁଥିଲା । ବୋଉ ସେମିତି ଅନେକବେଳ ବୁଜନ୍ତା ଆଖିରେ ପଡ଼ିରହୁଥିଲା । ମୁଁ ଯେତେ ଥର ମିଞ୍ଜି ମିଞ୍ଜି ଆଖିପତା ଭିତରୁ ତାଙ୍କୁ ଦେଖିଛି, ସେତେଥର ସେ ସେଠି ବାଲ୍ମୀକୀ ବନିଯିବାର ରୂପରେ ହିଁ ମୋତେ ଜସ୍ତ କରିଦେଇଛି । ଘଣ୍ଟି ବାଜିଉଠେ । ପୋଷକୁ ପୋଷ ଘର ଚନ୍ଦାଣର ବଭୂତିକୁ ଗୋଟିଏ ହାତ ମୋ ଅଷ୍ଟାଙ୍ଗ ଶରୀରରେ ଲେପି ଚାଲିଥାଏ । କି ଗୁଣୁଗୁଣୁ ମିଶ୍ରିମନ୍ତ୍ର ସେ ଜପିଚାଲିଥାଏ··· ! ବୁଝି ପାରୁନଥାଏ କି ଜପି ପାରୁ ନଥାଏ ।

ତା'ପରେ ପଢ଼ା ଖଟ ଉପରେ ନାଲି ନେଳି ପେନ୍‌ସିଲ୍‌ର ଗାର ମୋ ଖାତାସାରା । 'ଅ' ରୁ 'କ୍ଷ' ଯାଏ, 'ଏ'ରୁ 'ଜେଡ୍' ଯାଏ ଭିତରେ ଅନେକ ପରିକ୍ରମା । ଶକ୍ତ ହାତର ଶକ୍ତ ଚାପୁଡ଼ା । ଭାତ ଥାଳିରୁ ପହିଲି ଗୁଣ୍ଡା ମୋ ପାଟିରେ । ଏକ ଉନ୍ମୁକ୍ତ ବଳୟ ଭିତରେ ମୋର ଅସପତ୍ନ ଅଧିକାର । କେତେକେତେ କଣ୍ଢେଇ-ମାନ ଭାଙ୍ଗିଯିବାର, ଗଢ଼ି ହୋଇଯାଉଥିବାର ଛକାପଞ୍ଝା ଖେଳ ଭିତରେ ପୁଣି ସକାଳର ସୂର୍ଯ୍ୟ ଝରକା ସନ୍ଧିରେ ସ୍ୱୈରପଣ ମୋ ଘରକୁ ପ୍ରବେଶ କରେ । ସ୍କୁଲ୍ ବେଳ, ଖେଳବେଳ, ଖିଆବେଳ, ଏମିତି ସବୁବେଳେ ସବୁ ଖେଳର । ସବୁ ଲୀଳାର··· ।

ଚଢୋପୂଲା ଗୃହରେ ବୁଡ଼ିପାରି ଗୋଡ଼ ଲମ୍ବେଇଦେଲେ ପାଦ ପଡ଼େ ଆମ ଘର ଓଳିତଳ ପଥର ଉପରେ । ବେଳେବେଳେ ମୋ' ଘର ପାଲଟିଯାଏ ଚଢୋପୂଲା । ଚଢୋପୂଲା ବି ମୋ' ଘର ।

ହଁ, ଚଢୋପୂଲା, ତୋ ଗୃହ ଭିତରେ ପ୍ରତିଦିନ ତ ତୁ ସୂର୍ଯ୍ୟୋଦୟ ଦେଖୁଛୁ । ପୁଣି ସୂର୍ଯ୍ୟାସ୍ତ । ତୋ' ପାଇଁ ନୂଆ ନୁହେଁ । ଏମିତି ତୁ ଦେଖିଚାଲିଥିବୁ । ଯୁଗାବଧି ପର୍ଯ୍ୟନ୍ତ । ହେଲେ ଆଜି ମୋ' ଜୀବନର ଏକମାତ୍ର ସୂର୍ଯ୍ୟାସ୍ତ ବେଳାରେ ମୁଁ ଖୋଜୁଛି କେଉଁ ଗୋଟିଏ ରଶ୍ମିପରି ତୋତେ ଚକ୍ଷୁକରିଦଅନ୍ତି । ମୁଁ ଭଲ ଭାବରେ ଜାଣେ ଆଉ କେଇ ମୁହୂର୍ତ୍ତ ପରେ ମୋ' ଆକାଶରୁ ସୂର୍ଯ୍ୟ ଲିଭିଯିବ । ଶେଷ କିରଣ ଟିକକ ଥିବା ପର୍ଯ୍ୟନ୍ତ ତୋ' ଦେହକୁ ଚାହିଁ ପାରୁନଥିବ । କିନ୍ତୁ ଆଜି ମୋର ଶେଷ ଇଚ୍ଛା ଅନ୍ଧାରରେ ଥାଇ କେବେ ମୋର ଆଲୋକ ଲୋଡ଼ାନାହିଁ । ଖାଲି ତୋର ଅଥଳ

Digitized by PPRACHIN, SOA

ଅଳ ପାଣି ଭିତରେ ମୁଁ ଗୋଡ଼ ଚୁବୁଚୁବୁ କରୁଥାନ୍ତି । ମୁଁ ତୋ ଭିତରେ କି ତୁ ମୋ' ଭିତରେ ଏମିତିଆ ଭେଳିକିଟିଏ ଲାଗିରହୁଥାନ୍ତା। ମୋ ଇହକାଳଠୁ ପରକାଳ ଯାଏ । ତୋ' କୂଳରେ ମୁଁ କି ମୋ' କୂଳରେ ତୁ···??

ଚନ୍ଦ୍ରୋପଲା, ଏବେ ତୁମକୁ ମୁହାଁକଲେ ମୁଁ ନିଜକୁ ଯେଜେ ଦେଖିପାରେ । ଠିକ୍ ସେତିକିବେଳେ ମୋ' ଫଟାକପାଳର ଦାଗଟା ଦାଉ ଦାଉ ହୋଇଉଠେ । ପାଣିର ନଅର ଭିତରେ ତମେ ତ ସେମିତି ଉଦାସିନୀ ରାଜକୁମାରୀଟିଏ । ତମେ ବା କେମିତି ବୁଝିବ, ଏଇ ଫଟା ଦାଗର ମୂଳ ! ତମ ନିକଟରେ ସତ କହିବାରେ ମୋର ଆପତ୍ତି ନାହିଁ । ରାଜକୁମାରୀଟିଏ ସିନା ହେଲେ, ମୋ' ଗାଈଆଳ-ଇତିହାସ ତମକୁ କୋଉ ଅଛପା ଅଛି ଯେ !! ତମେ ତ ମୋତେ ଚହ୍ନେଇଛ : ଏଇଟା ଶାମୁକା—ଏଇଟା ଗେଣ୍ଡା—ଏଇଟା ବାଲିଗରଡ଼ା—ଏଇଟା ଶାଳଗ୍ରାମ—ଏଇଟା ପଦ୍ମକଢ଼ି—ଏଇଟା ତା' ମୂଳରେ ଛପିରହିଥିବା କଳାଦାଗ । ଏସବୁକୁ ଚହ୍ନେଇ ଦେଲାପରେ ତମେ ତ ସେବେଠୁ ଚୁପ୍ ହୋଇଗଲ । ଚୁପ୍ ହୋଇଗଲନି ଯେ ମୋ' ନାଟ ଦେଖିଲ ! ମୁଁ ଭଲ ଭାବରେ ଜାଣିଥିଲି, ଶାମୁକା ଭିତରେ ମୁଁ କେବେ ମୁକ୍ତା ପାଇପାରିବିନି । ବାଲିଗରଡ଼ାରେ ମୋ' ଡ୍ରଇଁ ରୁମ୍‌ର ସୋ-କେସ୍‌କୁ ସଜେଇ ପାରିବିନି, ଶାଳଗ୍ରାମକୁ ଖଟୁଲିରେ ଥାପି ଚନ୍ଦନଚର୍ଚ୍ଚିତ କରି ପୀତ ବସନରେ ଆରାଧନା କରିପାରିବିନି କି କଳାନାଗ ବଧ କରି କାହାପାଇଁ ଲକ୍ଷସ୍ୱର ପଦ୍ମ ଭେଟି ଦେଇ ପାରିବିନି । ସେଦିନ ସବୁଠୁ ଅଗ୍ରାହ୍ୟ ବସ୍ତୁ ଭିତରେ ଯେ ମୁଁ ରହିଯାଇଥିଲି ଅର୍ଥାତ୍ ତା' ଭିତରେ ଯେ ମୁଁ ବେଙ୍ଗବଣ୍ଣ ପାଲଟିଯାଇଥିଲି ବହୁତ ଦିନପରେ ଆବିଷ୍କାର କଲି । ମୁଁ ଯେ ଏହା ଭିତରେ କେବେଠୁ ଗେଣ୍ଡାଟିଏ ପାଲଟିଯାଇଥିଲି ସେଦିନ ବୋଉ କହିବାରୁ ବୁଝିପାରିଲି ।

ଏମିତି ଦିନେ କଥା ପ୍ରସଙ୍ଗରେ ବୋଉ କହିଦେଲା, କୋଉଠି ଗୋଟା ଅଥବା ଗେଣ୍ଡାଟା ଥିଲୁ କେଜାଣି ! ଯେତେ କହିଲେ ଭାଗବତ ନା ତୋଷ ନୋହିଲା ମୋର ଚିତ୍ତ । ହଁ, ସର୍ପ ଜନମ ଦେଲୁ ମତେ, ସ୍ୱଭାବ ଛାଡ଼ିବ କେମନ୍ତେ ! ସେମିତି ତୁ ରହିଗଲୁ । ସମ୍ଭାଳ ଏଥରକ ତୋ' ସଂସାରକୁ । ମୁଁ କୋଉ ସବୁଦିନ ବସି-ରହିଥିବି ଯେ ସବୁକଥାକୁ ତୋର ଆଖି ରଖିଥିବି । କହିଲା ପରି ଆଜି ମଲେ କାଲିକି ଅନ୍ତର । କିଏ ବା ଆଶା କରିଥିବ ତୋ' ପୁଅ ମୋତେ ଗୋଟା ବୁଡ଼ ଦେବବୋଲି । ହଁ ବା ଯଦି ରାତିରେ ଗଲି, ତେବେ ତା' ମା' କହିବ, ଥାଉ ବା ରାତିଟାରେ ପୁଅକୁ ମୋର ଅଣ୍ଟା ଧରିବ । ସେମିତି ଟିକେ ପାଣି ସିଞ୍ଚିହୋଇପଡ଼ୁ । ମଲା, ଏଇଥିପାଇଁ ଏତେ ଲୋଭ—ଏତେ ମୋହମାୟା ଏଗୁରାଙ୍କଠି ଲାଗେଇଛି । ହେଲପରି, ଆଖି ଆଗରେ ଭଜନା ଚାଲିଗଲା । ମଣିଷ ଜୀବନ ଏମିତି । ପାଣିଫୋଟକା । ହେଇ ଅଛି

Digitized by PPRACHIN, SOA

ହେଇ ନାହିଁ । ନୁହେଁ ତ ଆଉ କ'ଣ ? କାଲି ବୁଢ଼ାଗୋଟାକ କୁଆଡ଼େ ବସି ପାନ ନାଚୁଲା । ସକାଳୁ ସକାଳୁ ଗାଧୋଇପାଧୋଇ ଦର୍ଶନ କଲା । କୁଉଁପାଟିଆ ଦୀକ୍ଷା ନେଲାଠୁ ସେ ଟିକେ ବଦଳିଯାଇଥିଲା । ନହେଲେ ଆଗରୁ ବଜାରେ ହୁଡ଼ଙ୍ଗା ଥିଲା । ଥିଲା ଥିଲା କ'ଣ ହେଲା ଖାଲି ଗୋଟା ପୂଜା ଝାଳ ହୋଇଗଲା । ଆଉ କିଛି ନାହିଁ । ପାଟି ପଡ଼ିଗଲା । ଆଉ କିଛି ନାହିଁ । କଟକ ନେଇ ଯାଉଥିଲେ ବାଟରେ ଗଲା । କ'ଣ ସେ ନକର ଥିଲା ! କହିଲାପରି ସକାଳୁ ଗୃହଯାଏ ସେମିତି ଲହୁଲହାଣ ହୋଇ ମାଟି ସାଥିରେ ମାଟି ହୋଇଥିଲା । ଘରଦୁଆର କଲା । ଭେଣ୍ଡାବେଳେ ପରର ମନୁଷ୍ୟ ଲାଗୁଥିଲା । ଏଇ ଆମରି ଘରେ କେତେଥର ହଲଯୋଡ଼ିଛି । କଲେ ନେଶା ନୂନପଥର ଜାକି ଦେଢ଼ଗୋଡ଼ିଆଟା ଖାଲି କାମରେ ଲେଟିଯାଉଥିବ । ଏବକୁ ସିନା ଧଳାଘର କରିନାହିଁ ଓଁହଲେଇ ବୁଲିଲେଣି । ମାଇପ ଖଣ୍ଡେ ପିନ୍ଧିବାକୁ ପାଉନଥିଲା । ଛୁଆଟୁଡ଼ା କମ୍ ଦହଗଞ୍ଜ ହେଉନାହାନ୍ତି । ଏବେ ଛଇଛଟକକୁ ଦେଖ ! ଶଶୁର ମରିକି ପଡ଼ିଛି । ବୋହୂଟା ପରା ତା' ପୁଅକୁ ଗଲାପରୁ କ୍ଷୀର ପିଆଉଛି । ଟୋପେ ଲୁହ ଅଛିନା କ'ଣ ? ତା' ଗେରସ୍ତ ପଛେ ପରହାଣ୍ଡି ଚୋରାଣିରେ ମଣିଷ ହେଉଛି । ଏବକୁ ଚହଟ ଦେଖ ! କିଏ କାହାରବା ।

ଏଇଥି ପାଇଁ ମୁଁ ଖାଲି ଗମ୍ଭୁଡ଼ି ଝାମ୍ଭୁଡ଼ି ହେଉଛି । ମଲାବେଳେ ସବୁ ମୋ' ମୁଣ୍ଡ ଉପରେ ନେଇ ଅଜାଡ଼ି ଦେଇ ଆସିବ । କହିଲେ ଖାଲି ସମସ୍ତଙ୍କଠିଁ ଲାଗି-ଯାଉଛି । ଇଆ ମୁହଁ ଏଣିକି ତ ତା' ମୁହଁ ସେଣିକି । ତମ ଘର ସମ୍ଭାଳ ଏଥରକ । ମୁଁ କହିଲେ ସିନା ଦୋଷ ନେବ । ଏଣିକି ମୋ' ରାସ୍ତା ମୁଁ ଧରୁଛି । ହେଇ ଦେଖା-ଗଲାଣି ପରା । ମୁଁ ଆଉ ବେଶି ଦିନ ରହୁନାହିଁବା । ତେଣିକି ଅଖା ଧୋଉଥିବ, ଗୁଣ ଗାଉଥିବ । ହଁରେ ଟୋକା, ଯେତେ ହୁଏ ଟିକେ ମନେପକାଉଥିବ । ଏମିତିଆ ବୁଢ଼ୀଟା ଥିଲା ଯେ ଖାଲି ଗାଉଗାଉ ହେଉଥିଲା । ଯାହା କହୁଛି ତମରିମାନଙ୍କ ଭଲ ପାଇଁ । କହିଲା ପରି ଆସି ଗୋଟାକର ବାପା ହେଲୁଣି, ତୋର କୋଉଥିକି ଟିକେ ନଜର ନାହିଁ କି ଜଗା ନାହିଁ । ଏମିତି ହେଲେ ଯାହା ଘର ହେବ ଜଣାଅଛି । କୋଉଠି ମାଗିଖିଆଗୁଡ଼ିକ ଥିଲେ କେଜାଣି ! ଯିଏ ମାଗି ଖାଇଲାଣି ତାକୁ ଆଉ ନାଗି ଭଲ ଲାଗିବ । ଶିକ୍ଷିତ ପିଲା, ଦେଖୁନ ଦୁନିଆ କୁଆଡ଼େ ଯାଉଛି ।

ହଜାରେ ଥର କହିଲେଣି ଯାହା ତ ହେବାର ହେଲାଣି । ଏଣିକି ମୁଣ୍ଡ ଠିକ୍ କର । ଯାଆ ସେ କାମରେ ରହିଯାଆ । କାହାକୁ ଗୁଜରି ଖଣ୍ଡେ ମିଳୁନି । ତୁ ଏମିତି ସବୁ କଥା ବେଖାତିର କରି ହାତଛଡ଼ା କରୁଛୁ । ଶେଷକୁ ଭୋଗିବୁ । ସେତେବେଳେ ହାତ ଲୁହ ପିଠିରେ ପୋଛୁଥିବୁ । ଆଗକୁ କେହି ନଥିବେ କି ପଛକୁ କେହି ନଥିବେ । ଦେଖିବୁ ତୁ ଯଦି ସାତ ହିନସ୍ତା ନହେବୁ, ତେବେ ମୋ' ନାଁରେ କୁକୁର

Digitized by PPRACHIN, SOA

ପାଲଭୂ । ପୁଅଟିଏ ତ ହେଲାଣି । ଦେଖିବୁ । ତାକୁ କେମିତି ମଣିଷ କରିବୁ । ସବୁ କଥାରେ ସିନା ଆମ ଦୋଷ ଦେଉଛୁ ଯେ ଆମେ ତୋତେ ଠିକ୍ ଭାବରେ ଗଢ଼ି-ପାରିଲୁନୁ—ମଣିଷ କରିପାରିଲୁନ । ଆମ ସାଧ ଅନୁଯାୟୀ ଆମେ ଲାଗିଛୁରେ ପୁଅ ! ତେଣିକି ତୋ' କପାଳରେ ଯାହା ଥିଲା ତାହା ହେଲିଗଲା । ଆମେ କ'ଣ କରିବୁ ? କହିଲା ପରି ତମରିମାନଙ୍କ ପାଇଁ ପୁଅରୁ ପୋକ ଖାଇଛୁ । ସାତ ପିଠି ଲୁହ ଶୁଖେଇଛୁ । ଆଜି ସବୁ ତମରି ମୁହଁ ଦେଖି ଭୁଲିଗଲିଣି । ତମେ କୋଉ ମୋ' ଦୁଃଖ ବୁଝିଲ ? ଏ ଉଷ୍ଣ ଜୀବନରେ କୋଉ ସୁଖ ଅଛୁ !!

ସେଦିନ ମୁଁ ଭାବୁଥିଲି, ବୋଉ ମତେ ଏମିତି ଶୋଧି ଶୋଧି ବୁଡ଼େଇ ଦଉଥିଲା । ତା' ଗାଲ ଭିତରେ ଥିବା ବର୍ଣ୍ଣାବିନ୍ଦୁ ଗୁଡ଼ାକୁ ମୁଁ ଶୋଷି ନେଉଥାନ୍ତି ବ୍ଲଟିଂ ପେପର୍ ପରି । ବାୟୁମଣ୍ଡଳ ଭିତରେ କିଛି ସମୟ ପାଇଁ ଖାଲି ଶବ୍ଦର ଚାହିମାନ ପଡ଼ିରହିଲା ସିନା ହେଲେ ସବୁକୁ ଶୋଷିନେଉଥାନ୍ତି । ବୋଉ କିନ୍ତୁ ଶୋଧୁନଥିଲା । ବାପା ମାରୁନଥିଲେ । ମୁଁ ବଡ଼ ହୋଇଯାଇଥିଲି । ବହୁତ ବଡ଼ ହୋଇଯାଇଥିଲି ସେମାନଙ୍କ ଆଖିରେ । ମୁଁ ବାପା ହୋଇଯାଇଥିଲି । ମୋ ଘର ଉପରେ ଆଉ ଗୋଟିଏ ମହଲା ଉଠେଇ ସାରିଥିଲି । ବାପା ରହିଗଲେ ତଳେ, ମୋ' ଗାଲରେ ହାତଦେବେ ମାନେ ଗାଁର ସବୁ କବାଟ ଖୋଲିଯିବ । ମୋ ପିଠିରେ ହାତ ଦେବେ ମାନେ ସବୁଲୋକେ ଏକାବେଳକେ ହସିଉଠିବେ । ମତେ କବାଟ କିଳିଦେବେ ମାନେ ଗାଁ ଭିତରେ ଛୁ-ଗୁରୁକର କରିବେ । ମୁଁ ବଡ଼ହୋଇଯାଇଥିଲି । ତେଣୁ କେହି କିଛି କହିପାରୁନଥିଲେ । ମୋ ଦାଢ଼ି ଭର୍ତ୍ତି ମୁହଁରେ ଆଙ୍ଗୁଠି ଚଳେଇ ଆଣିଲି । ଶୁଖିଲା ବ୍ରଣଟିକୁ ଚପି ଖିଲ ବାହାର କଲି । ତାକୁ ଟିପରେ ଆଣି ଆଖି ଆଗରେ ଦେଖିଲି । ଧଳାଧଳା ରସଯୁକ୍ତ ଝସା ପରି ବସ୍ତୁଟିଏ । ମୋ' ଭିତରେ ଯେ ଏମିତି ରସ ଅଛି କାହିଁ ମୋର ମନେହେଉନଥିଲା । ମୁଁ ଭାବୁଥିଲି ଖାଲି ଗୋଟାଏ ଖଣ୍ଡେ ଶୁଖିଲା ହାଡ଼କୁ କିଏ ମନଇଚ୍ଛା ନକ୍ସା ବା ମଡ଼େଲ୍ ଦେଖି ଛିଡ଼ାକରେଇଛି । ଆଉ ସେଇ ପାଲଭୂତର କଙ୍କାଳଟା ହିଁ ମୁଁ ।

ଏଣିକି ମୁଁ ତୋ'ର ଶୀତଳ ପାଣି ଭିତରେ ବୁଡ଼ି ରହି ରହି ଭାବ ଅଣନାଃଶ୍ୱାସ ମନେକରୁଥିଲି । ତୋ କୂଳର ବାଲି ଯେ ଏତେ ମୁଲାୟମ, ପୁଣି ଯେତେ ଉପରକୁ ଉପରକୁ ବାଲି ଭେଦ ମୁଁ ସିଆର କାଟିକାଟି ଯାଉଛୁ, ସେତେ ସେତେ ଯେ ବାଲିର ଉଷ୍ଣତା ମୋ' ପିଠିରେ ଗୁଡରେ ଲାଗୁଛି । ସେ ତାତ କ୍ରମଶଃ ମୋ' ଭିତରେ ପଶିଆସିଲା ବେଳକୁ ମୁଁ ନିଜକୁ ନିଜ ଭିତରେ ଖୋପେଇ ଆଣୁଥିଲି । ଏବେ କିନ୍ତୁ ସେ ଉଷ୍ଣତା ଭିତରେ ମୁଁ ସ୍ୱାଭାବିକ ଅଭ୍ୟସ୍ତ ହୋଇସାରିଲିଣି ।

Digitized by PPRACHIN, SOA

ଏବେ ମୁଁ ମୋ ଖଟ ଉପରେ କାନ୍ଥକୁ ଆଉଜି ବସିଛି । ଘରସାରା ଅସ୍ପଷ୍ଟ ଆଲୋକ । କବାଟ ଖୋଲା । ତା' ସିଧା ବରଣ୍ଡା କାନ୍ଥରେ ଥିବା ଝରକା ବି ଖୋଲା । ରାତିର ବିଳମ୍ବିତ ପ୍ରହରର ନିସ୍ତବ୍ଧତା ସାରା ଘରଟାକୁ ଆଚ୍ଛାଦିତ କରିସାରିଲାଣି । ମୁଁ ଚାହିଁଥିଲି ବାହାରକୁ । ଅନ୍ଧାର । ଚାରିଆଡ଼ ଅନ୍ଧାର । ମୋତେ ଲାଗୁଥିଲା ସେଇ ଝରକାର ଅନ୍ଧାର ଭିତରୁ ବୋଧେ ଗୋଟିଏ ସନ୍ତ୍ରାସବାଦୀ ଛପିଛପି ଆସି ଛଅ ରାଉଣ୍ଡ୍ ଧମାଧମ୍ ଚଳେଇଦେବ । କିନ୍ତୁ ଶବ୍ଦ ଶୁଣିବା ପୂର୍ବରୁ ମୁଁ ନିଃଶବ୍ଦାୟିତ ହୋଇଯାଇ-ଥିବି । ମୋର ଅସାଡ଼ ପିଣ୍ଡଟା ଏମିତି ଏ ଘରର ଖଟଉପରେ ପଡ଼ିରହିଥିବ । କାଲି ସକାଳକୁ ହୁଏତ ବଡ଼ ବଡ଼ ହରଫରେ ଏ ସମ୍ବାଦ ସକାଳର ପାଠକମାନଙ୍କୁ ବେଶ୍ ଖୋରାଖ ଯୋଗାଇବ । ସେମାନେ ଗରମ ଚା' ଢୋକେ ନେଇ ସିଗାରେଟ୍‌ରୁ ଚୂନା ଝାଡ଼ିଲାବେଳେ ଦେଶ ଯେ ଅଧୋଗତି କରୁଛି ଏବଂ ଭାରତ ସରକାର ଯେ ଏତେ ଦୁର୍ବଳ ପୁଣି ଶଳେ ଠିକ୍ କରୁଛନ୍ତି ବୋଲି ବିବିଧ ମନ୍ତବ୍ୟର ହେତୁ ହୋଇଯିବ ।

ଅତଃପର ମୁଁ ଅନୁଭବ କଲି ଯେ ଏ ରାତି ଯେଉଁ ବେଗରେ ଗତିକରୁଥିଲା, ହଠାତ୍ ତା'ର ଗତି ସ୍ଥିର ହୋଇଗଲା । କାଳଜହ୍ନଟା ସେମିତି ଲାଖିଗଲା ଆମ ନଡ଼ିଆ ଗଛ ସନ୍ଧରେ । ପବନ ଆଦୌ ବୋହୁନଥିଲା । ଧୀରେ ଧୀରେ ପବନ ସରିଆସୁଥିଲା । କିଛି ସମୟ ପାଇଁ କଷ୍ଟ ଅନୁଭବ କଲି । ଏପଟ ସେପଟ ହେଲି । ଦୀର୍ଘ ନିଃଶ୍ୱାସନେଲି । ଅଥଚ ଶରୀର ପାଇଁ ଯେ ଏତେ ପରିମାଣରେ ପବନ ଦରକାର ହୁଏ ପ୍ରଥମକରି ଅନୁଭବ କଲି । ଦୀର୍ଘନିଃଶ୍ୱାସ ନେଲାପରେ ପୁଣି ଥରେ ଇଚ୍ଛା ହେଉଥିଲା : ଖରା-ଦିନିଆ ଶୋଷରେ ପାଣି ଦେଖି ଆମୋଦିତ ହେଲାପରି ଯେମିତି ଏକ ପବନର ପୁଷ୍କରିଣୀ ଏଠି ମେଳି ହୋଇଯାଆନ୍ତା । ମୁଁ ଆକଣ୍ଠ ପବନ ପାନ କରନ୍ତି । ପ୍ରଶ୍ୱାସ ନିଅନ୍ତି । ପବନ ଯେ ଏତେ ପ୍ରିୟତମ ଆହୁରି ଥରେ ଅନୁଭବ କଲି । କିଏ କୁଆଡ଼େ ଯାଉନଥିଲେ । ଗାଁସାରା ବନ୍ଧାହୋଇଥିବା ଗାଈଗୋରୁଗୁଡ଼ାକ ସଁ-ସଁ ନିଃଶ୍ୱାସ-ପ୍ରଶ୍ୱାସ ମାରୁଥିଲେ । କୁକୁର ଦେହଟା ଏପଟ ସେପଟ ଲଥର ପଥର ହୋଇ ପୁଣି ଓଲଟଲେ ଧକଉଥିଲେ । ସେମାନେ ପବନ ଶୋଷୁଥିଲେ, ଗଛପତ୍ର ହଲିଲା । ସେମାନେ ବି ନିଃଶ୍ୱାସ ଛାଡ଼ିଲେ । ଅଥଚ ମୋ ପାଇଁ ପବନ ସରିଆସୁଛି । ମୁଁ କ'ଣ କରିବି ? ଭାବୁଥିଲି ଏଇ ମୁହୂର୍ତ୍ତରେ ମୋ ଆଗରେ ଯେଉଁ ଜୀବଜନ୍ତୁ, ଗାଈଗୋରୁ ଯାହା ପଡ଼ିବେ ତାଙ୍କୁ ହତ୍ୟାକରିବି । ଗଛପତ୍ରକୁ ଛିଣ୍ଡେଇ ପାଦରେ ଦଳିଦେବି । ଗୋଡ଼ତଳ ସଳସଳ ହୋଇଉଠିଲା । ଚାହିଁଲି । ଏଡ଼େବଡ଼ କଳାକନ୍ଦାଟାଏ । ସେ ବି ନିଃଶ୍ୱାସ ପ୍ରଶ୍ୱାସ ମାରୁଛି ଯେହେତୁ ଚଳବୁଲ କରୁଛି । ବଞ୍ଚିଛି ବୋଲି ବାରମ୍ବାର ମୋ ଆଗରେ ଉଦ୍ଧତ ଠାଣିରେ ଫଣ ଫୁଲଉଛି ଅଥଚ ମୁଁ ଏଠୁ ପାଦ ଉଠେଇବାକୁ ସାହସ କୁଳେଇ ପାରୁନି । ପାଦରେ ତାକୁ ଦଳିଦେଲି । ତା'ର ଅସ୍ତିତ୍ୱ ପୂରାପୂରି

Digitized by PPRACHIN, SOA

ମାଟିରେ ମିଶିଗଲା ଏବଂ ମାଟିର ପିଣ୍ଡ ମାଟିରେ ମିଶିଯାଏ ବୋଲି ପ୍ରତ୍ୟକ୍ଷ ପ୍ରମାଣସହ ହୃଦୟଙ୍ଗମ କଲି । ସେତେବେଳକୁ ମୋ ଅର୍ଦ୍ଧଶୂନ୍ୟ କପାଳରେ ଝାଳ ଥୋପି-ପଡ଼ିଲାଣି । ଆସ୍ତେ ଆସ୍ତେ ମୋ' ମଥାରୁ ତଳକୁ ଯାଏ ମୁଁ ଭିଜିଯାଉଥିଲି ଓ ମୋତେ ଏତେ କଷ୍ଟ ଲାଗୁଥିଲା ଯେ ଭାବୁଥିଲି ମୋ' ହାତରେ ମେଞ୍ଚାଏ ଖଣ୍ଡେ କିଏ ପବନ ଭରିଦିଅନ୍ତାକି !! ଏତେ ଖୁସି ହୁଅନ୍ତି ଯେପରି ପିଲାଦିନେ ମୋ ଆଞ୍ଜୁଳାରେ ଆଈମା' ଗୁଡ଼ିଆଣୀ ପାଖରୁ ମାଣେ ବୁଟଭଜା କିଣି ଭରିଦେଲା ପରି । ପବନ ସେମିତି ସ୍ଥିର ପଡ଼ିଯାଇଥିଲା । ମୁଁ ପ୍ରସ୍ୱେଦ୍ରେ ଟଳମଳ ହୋଇ ଭୂଷ୍‌କରି କଚ୍ଛଡ଼ା ହୋଇ ପଡ଼ିଲି । ତଥାପି ମୁଁ ଭାବୁଥିଲି, ଏହି ସମୟରେ ଆମ ଘର ଦ୍ୱାର ଖୋଲିଯିବ । ବିକଳ ହୋଇ ଧାଇଁଆସୁଥିବ ଲସର ପସର ହୋଇ ମାଆଟିଏ । କଚ୍ଛଡ଼ା ହୋଇ ପଡ଼ିବ ମୋ' ଉପରେ । ମୋ ବୁଢ଼ିଆ ମୁହଁରେ ସେ ନାକ ଘଷି ଗୁହାରିଥିବ । ବାପରେ ଧନରେ କହି ଲୁହ ବାହାର କରୁଥିବ । ବାପା କିନ୍ତୁ ଅଧୈର୍ଯ୍ୟ ହୋଇ ମୋତେ ଆଉଁଷି ପକାଉଥିଲେ ବି ମୁଁ ଶୁଣୁଥିଲି ଚୋ-ଚୋ କରି କେତେ ଝିଙ୍କୁଡ଼ା, ଗୋଇଠା ବାଜିଯାଆନ୍ତା ମୋ ପାଦରେ, ଗୁଣ୍ଠିରେ, ଗାଲରେ, ଆଖିରେ, ପିଠିରେ, କାନମୁଣ୍ଡାରେ··· । ବୋଉ ସେମିତି ଖଟ ଉପରେ ବସିଥାଏ । ଲଣ୍ଠନଟା ଅଧାଳିଭା ଆଲୁଅରେ ଆମକୁ ପରସ୍ପର ସହିତ ଚହଲାଟ କରିଦେଉଥାଏ । ବାପା ଗାଲରେ ହାତଦେଇ ଲଣ୍ଠାରୁ ଦୁଆର ପର୍ଯ୍ୟନ୍ତ ଏପଟ ସେପଟ ହେଉଥାନ୍ତି । ସେ ବୋଧହୁଏ ମନେ ମନେ ନିନ୍ଦୁଥାନ୍ତି ତାଙ୍କ ଭାଗ୍ୟକୁ, ତାଙ୍କ ପିତୃତ୍ୱକୁ, ତାଙ୍କ ଅଭିଭାବକତ୍ୱକୁ ଏପରି କି ତାଙ୍କ ସଂସାରପଣିଆକୁ । ସେ ଯଦି ଏକଥା ଶୁଣୁଥାନ୍ତି ଯେ ମୋ' ଭଳି ଅକାଳ କୁଷ୍ମାଣ୍ଡର ଅସ୍ତିତ୍ୱ ଲୋପ-ପାଇଯାଉ । ସେ ମୁକ୍ତିପାଆନ୍ତୁ ଅପନିନ୍ଦାରୁ, ଅପଯଶରୁ, ତାଚ୍ଛଲ୍ୟରୁ, ଅସହାୟସିକ୍ତ ସହାନୁଭୂତିରୁ, ଏପରିକି ବୃନ୍ଦଆଦର ବଂଶଲତାରୁ । ତେବେ ମୁଁ ଟିକେ ଶାନ୍ତିରେ ନିଃଶ୍ୱାସ ମାରନ୍ତି । ପବନର ଅଭାବକୁ ସୁଧାରି ବସନ୍ତି । କିନ୍ତୁ ବାପା ଯଦି ଭାବୁଥାନ୍ତି ଏବଂ ପ୍ରାର୍ଥନା କରୁଥାନ୍ତି—ପ୍ରଭୁ, ମୋ ପାପମୋଚନ କର । ମୋ' ପରକାଳର ସବୁ ଦୋଷାଦୋଷ ପାଇଁ ମୁଁ କ୍ଷମା ମାଗୁଛି ଠାକୁରେ, ପୁଅପଣରେ କ୍ଷମାକର । ମା' ମୋର ପରିବର୍ତ୍ତନ ପାଇଁ ଶାରଳାଙ୍କୁ କଳାଶାଢ଼ି, ଜଗନ୍ନାଥଙ୍କୁ ପାଟଛତା, ସୋମନାଥକୁ ଖେଚୁଡ଼ି ଯାଚିଲା ପରି ବାପା ଯଦି ତାକୁ ସ୍ୱୀକାର କରନ୍ତିଅନ୍ତି ତେବେ··· ।

ଏହି ସମୟରେ ମୁଁ ପୁଣି ଶରୀର କଷ୍ଟ ପାଉଥିଲି । ମୋ' ଗୁଣ୍ଠି ଶୁଖିଯାଉଥିଲା । ଜିଭଟା ଭିତରକୁ ପଶିଯାଉଥିଲା । ଆଖିରୁ ଜୁଳୁଜୁଳିଆ ପୋକ ସବୁ ଉଡ଼ିଯାଉଥିଲା । ମୁଁ ବିକଳରେ ଚିତ୍କାର କରିଉଠିଲାବେଳକୁ ବାପା ପୁଣି ଘର ଭିତରକୁ ଦୌଡ଼ି ଆସି ଅସ୍ପଷ୍ଟ କଣ୍ଠରେ କ'ଣ ଗୁଣୁଗୁଣଉ ଥିଲେ । ନିଃଶ୍ୱାସ ପୁଣି ଗୃହିଲା ଏବଂ ମୁଁ ସ୍ୱାଭାବିକତାକୁ ଫେରିଆସିଲାପରେ ବୋଉ ପୁଣି କହୁଥିଲା ଯେ, ତୁ କାହିଁକି ସେ

Digitized by PPRACHIN, SOA

ଚାକିରିଟା ଛାଡ଼ିଲୁ କହିଲୁ ? ଏତେ ପାଠପଢ଼ା ପଢ଼ିଲୁ, ହେଲେ ତୋ' ଭାଗ୍ୟରେ ତ ନାହିଁ ବଡ଼ ହାକିମ ହେବାକୁ । ସେଇ କିରାଣି ଚାକିରି କରି ପୁଣି ଲୋକେ ଚଳୁଛନ୍ତି ନା ନାହିଁ ? ଏବେ କ'ଣ କରିବୁ କହିଲୁ ? ସବୁଦିନେ କ'ଣ ତୋ' ପିଲାଛୁଆଙ୍କୁ ତା' ମାମୁଘର ପୋଷିବେ !! ଶାଶୂ ଶଶୁରଙ୍କ ପରେ କେତେ ଭାଇ-ଭାଉଜ ମୁଁ ଦେଖିଛିରେ ପୁଅ ! ପରବପରବାଣୀକୁ ମୁଠିଏଖୁଡ଼ା ପୋଷେ ଫାବଦନ ଆଉ ତୋ ସଂସାରକୁ କିଏ ଦେଖିବେ ! ଚିଠି ଆଇଥିଲା ତୁ ପୁଅଟା କ'ଣ ନାଲଙ୍ଘାଡ଼ା ହେଉଛିରେ । ପନ୍ଦରଦିନ ହେଲାଣି ଭଲ ହେବାକୁ ନାହିଁ, କେତେଥର କହୁଛୁ ତାକୁ ସେ ଡାକ୍ତରଙ୍କ ଔଷଧ ଦିଅନା । ଆରେ ତେମେ ସବୁ କେମିତି ବଢ଼ିଥିଲ ବା ? ଏବକୁ ଏତେକଥା । ପେଟରୁ ପଡ଼ୁ ପଡ଼ୁ ଖାଲି ଔଷଧ । ଡାକ୍ତର ବନ୍ଧା, କି କାଳ ହେଲାଲେ ମାଆ ! ଆମେ ଆଉ ଛୁଆ ଜନମ କରିନଥିଲୁ ନା ପାଳିନାଲି ନଥିଲୁ । ଏଇ ଚେରମୂଳି ପାନକରେ ବୁଅଡ଼େ ମେଣ୍ଢା ଛୁଆପରି ଘରବାରି ଡେଇଁଥିବେ । ଏବକୁ ତ ଘର ଦୁଆର ଡେଇଁବେନି । ଖରା ପଡ଼ିବନି । ସବୁ କଥାରେ ଡାକ୍ତର । ସେଇଟା ତ ପୂରାପୂରି ଔଷଧ ଲାଞ୍ଜୁଆ ହୋଇଗଲାଣି । ତୁ ଗଲାନୁରେ ଟିକେ ଦେଖିଆସିଥାନ୍ତୁ । କ'ଣ କହିବେ ଦାଣ୍ଡରେ ? ଅଣ୍ଡିରା ପୁଅ ବିକଟେ । ଲୋକେ କହିବେନି କେମିତିଆ-ବାପା ? ତା' ଆଖିରେ ଜମା ନାଚୁନି ?

ଏକଥା କହିଲାବେଳେ ବୋଉର କଣ୍ଠସ୍ୱର ବାଙ୍ଗେଇଉଠୁଥିଲା ଏବଂ ତା'ପରେ କାନ୍ଦ କାନ୍ଦ କଣ୍ଠରେ କହୁଥିଲା, ଛୋକାଟା ସବୁବେଳେ ମୋ' ଆଖିରେ ସେ ! ଗଲାଲୁ, ତାକୁ ଟିକେ ଦେଖି ଆସେଇ··· । ଏ କଥାରେ ମୋ' ଦେହ ଥରିଉଠୁଥିଲା । ଶଶୁର ଘର, ପୁଣି ରୋଗୀଣା ପୁଅକୁ ଦେଖିବାକୁ ଯିବ କେଉଁ ମୁହଁରେ ? ଏମିତି ବି ହୋଇପାରେ : ତାଙ୍କ ଦାଣ୍ଡ ପାହାଚରେ ମୋ ଚଟି ଶବ୍ଦ ଶୁଭୁଥିଲେ ତାଙ୍କ ଭାତ-ହାଣ୍ଡି ଝଡ଼ଝଡ଼ ହୋଇଯିବ । ଜୋତା ଖୋଲିଲାବେଳକୁ ତାଙ୍କ ରୋଷେଇ ଘରେ ଚାବି ପଡ଼ୁଥିବ । ପାଣି ଗ୍ଲାସେ ଚାହୁଁଥିଲାବେଳେ ଅଗଣାସାରା ଶୁଖିଲା ମାଠିଆ ମୋ ଆଡ଼କୁ ଚାହିଁଥିବ ! ମୁଁ କ'ଣ ଏମିତି ନିର୍ଲଜ୍ଜ, ଏତେ ବେହୁଆ ? ଏମିତି ପଥର ଖଣ୍ଡେ ଯେ ଗଲା ନଈ ସୁଅରେ ଗଡ଼ଗଡ଼ ଚାଲୁଥିବ ଆଉ ଶେଷକୁ ବାଲି ଗରଡ଼ାଟିଏ ହୋଇ କାହାର ଠାକୁର ଝଟୁଲିରେ ସଞ୍ଜସକାଳେ ଧୂପ ଶୁଙ୍ଘୁଥିବ ?? ମୁଁ କିଛି ନ କହିଲାବେଳକୁ ବୋଉ ତା'ର ଶବ୍ଦ ଯୋଡ଼ି ଚାଲୁଥାଏ ଓ ମୁଁ ଶୋଇପଡ଼ିଲିଣି ବୋଲି ତା'ର ବିଶ୍ୱାସ ଆସିଲା ପରେ ସେ ବାପାଙ୍କ ପାଇଁ କପେ ନାଲି ଚା' ନିମିତ୍ତ ନଡ଼ିଆ ପତ୍ରରେ ନିଆଁ ଧରେଇଲା । ଏବେ ଏବେ ମୋ ଚୁଲି ଭିତରୁ ହାବୁକା ହାବୁକା ଗଣ୍ଡେଇ ଧୂଆଁ ଉଠିଆସୁଥିଲା । କିଛି ସମୟ ପାଇଁ ଜାଣିପାରିଲିନି ଯେ ଯେଉଁ ଧୂଆଁ ଆମଘର ସାରା ଖେଳିବୁଲୁଥିଲା ଏବଂ ଖୋଜି ଖୋଜି ଅଦୌ ବାଟ ପାଉନଥିଲା ସେ ଧୂଆଁ କ'ଣ ଦରଶୁଖିଲା ନଡ଼ିଆପତ୍ରକୁ ଫୁଙ୍କି ଫୁଙ୍କି ନିଆଁ

Digitized by PPRACHIN, SOA

ଧସ୍ଉଥିବା ମୋ ବୋଉର ଆଖିର ଧୂଆଁ, ନା ମୋ' ଗ୍ଡଡ଼ ଭିତରୁ ଉଠୁକଉଠୁଥିବା ପୋଡ଼ା କଲିଜାର ଧୂଆ ?

ହୁଁ, ଆଜି ମନାକଲେ ବି ଶଳା ପଠାଣ ଝୋକା ଗ୍ଡଡିଲାନି । ଯୋଗକୁ ଯୁଟିଲା ଆସି ପଞ୍ଚୁଆ । ହ' ଭଣ ଦଳ ନାଚଗଲେ ତ ଘୋଟ ପରେ ଘୋଟ । ମୁଁ ଯେଉଁଥିକି ସମ୍ଭାଳିବି ବୋଲି ଭାବିଥିଲି ତା'ଠୁ ଜୋର୍ ହୋଇଗଲା । ସହକେ ତ ଚନ୍ଦୋପୃଳାରେ ଏବେ ପାଣି ନାହିଁ । ତା'ର ସ୍ନେହସିକ୍ତ ବାଲି ଶେଯ ଉପରେ ଆମେ ସବୁ ଶୋଇ-ଯାଇଥିଲୁ । ଆକାଶ, ଚନ୍ଦ୍ର, ତାରା ହେମିତି ସେଉଁକବେଳୁ ଠିଆହୋଇଛନ୍ତି ଏକ-ଗୋଡ଼ିକିଆ ହୋଇ କୋଉ ଗ୍ଡହାଳୀ ଅବଧାନର ଆଜ୍ଞାରେ କେଜାଣି ! ମନ-ହେଉଥିଲା ସେହି ଅବଧାନ କାନରେ ଗୋଡ଼ ଦେଇ ମୋଡ଼ିଦଅନ୍ତି ଏବଂ ଗଜା ବେତରେ ତା' ପିଣ୍ଡ, ପିଠି, ପେଟ ସବୁଠି ଚିହ୍ନ କରିଯାଆନ୍ତି । ଅବଧାନେ ଆସୁ ନଥିଲେ । ବରଂ ଆସି ପହଞ୍ଚିଲା ବାବୁଲି । ଶଳା ଏବେ ଗୋଟା ପ୍ରଫେସର ହୋଇଛୁ ତ ଖାଲି ଗାଁକୁ ଆସିଲେ ଭାଷଣ ଝାଡ଼ୁଛୁ ! ସାହିତ୍ୟ-ରାଜନୀତି-ବଜାରନୀତି ଇତ୍ୟାଦି ଇତ୍ୟାଦି ।

କି ସାହିତ୍ୟ ହୋ ! ସବୁ ତ ଥର ପାଲଟିଗଲା ! ସବୁଗୁଡ଼ାକ ଘୂରି ଘୂରି ଶେଷକୁ ଏମିତି ଥର ପାଲଟିଗଲେ ଯେ କେହି କୁଅଡ଼େ ଚଳ୍ପୁନାହାନ୍ତି । ଆଜି ସେଥିରେ ପୁଣି ସାହିତ୍ୟ—ରାଜନୀତି । ଶଳା ବୁଦ୍ଧୁ ଓଲୁ କାହାଁକା ! ଆମେ ତା' ସହିତ ଗପୁଥିଲୁ । ନମସ୍କାର କରୁଥିଲୁ । କୁଶଳ ଜିଜ୍ଞାସା କରୁଥିଲୁ ଏବଂ ତାଙ୍କର ଫିବା ଆସିବାର ତାରିଖ ମଧ୍ୟ ଯୋମ୍ବୁଥିଲୁ । ତା'ପରେ ଆସିଲା ଗଙ୍ଗାଧର । ଆହୁରି ତୁଳମେ ସକହେଲା ଏବଂ ସେତେବେଳକୁ ଆମେ ସବୁ ମଣିଷ ପାଲଟିଯାଇଥିଲୁ । ମଣିଷ ନୁହେଁ ତ ମହାପୁରୁଷ—ମହାମାନବ । ଆମେ ଯେମିତି ଏକ ଆସନ୍ନ ମୃତ୍ୟୁପ୍ରାପ୍ତ ପୃଥିବୀ ବୁକୁରେ ସୁନ୍ଦରର ଓ ଉଢ଼ିବୁଲିବାର କାକର ବନ୍ଦୁ ସିଞ୍ଚୁଥିଲୁ । ସମସ୍ତେ ସୁଖୀ ହୋଇଯାଇଥିଲେ । କୁଷ୍ଠରୋଗୀମାନେ ଜଳନ୍ତା ଟ୍ରେନ୍ ଆଗରେ ସମୂହ ଆତ୍ମାହୂତି ଦେଲେ । ଶବ୍‌ଖାବାଲା ଓ ଭିକାରୀମାନେ ସଶାନଆଁରେ ଝାସଦେଲେ ଏବଂ ପାଗଳ ଓ ବେଶ୍ୟାମାନଙ୍କର ବିପୁଳ ଶବ ଚନ୍ଦୋପୃଳାର ଗ୍ଡଡରେ ସନ୍ତରଣରତ ଥିଲେ । ଆମେ ସବୁ ସିଂହାସନରେ ବସି ହୁଙ୍କାରୁଥିଲୁ କରଦ ରାଜନ୍ୟମଣ୍ଡଳୀକୁ ଆମ୍ଭମାନଙ୍କର ଆଦେଶର ଫଳଶ୍ରୁତି ସମ୍ପର୍କରେ ।

ଚନ୍ଦୋପୃଳା, ତୋ'କୂଳର ଅଣ୍ଡା ପବନରେ ସମସ୍ତଙ୍କର ଆଖି ମୁଦିହୋଇଗଲା । କୋଉ ଛଟକରେ ବାଲିମୁଠେ ଗ୍ଡଟିଦେଲୁ ଯେ ଜଳନ୍ତା ଆଖି ଦ'ଟାକୁ ସେମିତି ମଳି ମଳି ଏତେ ବାଟ ଗ୍ଡଲିଆସିଲି; ଅଥଚ ଘର ଭିତରକୁ ଯାଇପାରିଲିନି । ଫଳରେ ବୋଉ ମୋର କାନ୍ଦୁଛି । ବାପା ଆପେ ଆପେ ମୁଣ୍ଡାଏ କାନ୍ଦ ଓ କୋହ । ତୁ କ'ଣ

Digitized by PPRACHIN, SOA

ଜାଣିନୁ ଚନ୍ଦ୍ରୋପୁଲା, ସେଦିନ ମୋର ଲୁଲୁପଡ଼ିଥିବା ଅଠାଳିଆ ଆଖିଦି'ଟା ତୋ'ର ଗୁଡ଼ରେ ଗୁଞ୍ଜି ଆଣିଥିଲି ଆଉ ତୋ'ର ଉଦରରେ ଫିଙ୍ଗିଦେଇଥିଲି ନାଲିକନ୍ଥା ବନ୍ଧା ସରକାରୀ ଫାଇଲ୍‌କୁ । ତୁ କହ, କେମିତି ପାରିଥାନ୍ତି ! ତଡେ ତ ଯେଉଁଠି ଦେଖିଲେ ବି ଦେଖାଯାଉ ଏକାପରି । ମାମୁଘର ବାଡ଼ିପଟରେ ଯାହା ଆମ ଗାଁରେ ସେୟା । ଟଗରଗଛ ମୂଳ ଚେର ସନ୍ଧିରେ ଯାହା ଆମ ତୁଠ ପଥର ମଝିରେ ବି ତାହା । ଅଥଚ ମୁଁ କେମିତି ନହେବା କଥାକୁ ହଁ କରିଦେଇଥାନ୍ତି । ମୁଁ ଜାଣିଛି ଏତେବଡ଼ ବିରାଟ କାମକୁ ଟେଣ୍ଡର ନେଇଥିବା ମହାଶୟ ଜଣଙ୍କ ନିଜର ବ୍ୟାଙ୍କ୍ ବାଲାନ୍ସ ବଢ଼େଇବା ବ୍ୟତୀତ ଆଉ କିଛି କରିପାରି ନଥାନ୍ତା । ଅଥଚ ମହାପାତ୍ରବାବୁଙ୍କୁ ଇଗ୍‌ନୋର୍ କରିଗଲି । ତାଙ୍କ ସିଲ୍‌ଡ଼ ଟେଣ୍ଡର୍‌କୁ ଗାଏବ୍ କରିଗଲି । ସେଇଥିଲାଗି ମନ୍ତ୍ରୀମହାଶୟ ଫୋନ୍ ଗୁଲୁ ରଖିଥିଲବେଳେ ମୁଁ ମୋ ରିସିଭର୍‌ଟାକୁ କାଚ ଦେଇଥିଲି । ଫାଇଲ୍‌ଟାକୁ ସେକ୍‌ସନ୍ ଅଫିସର୍ ଉପରକୁ ଫିଙ୍ଗିଦେଇ ରେଜିଗ୍‌ନେସନ୍ ବି ପଠେଇ ଦେଇଥିଲି । ଏଇଟା ମୋର ଦୋଷ ହେଲା । ମୋ ନାଁରେ ୱାରେଣ୍ଟ ଆସିଲା । ବାରଘଣ୍ଟା ନପୂରୁଣୁ ମୋ' ସରକାରୀ ଘରୁ ମୋର ଜିନିଷପତ୍ର ସବୁ ରାଜରାସ୍ତାକୁ ଫିଙ୍ଗି ଦିଆଗଲା । ମୋ' ସ୍ତ୍ରୀ-ଝିଅ ଗଛମୂଳେ ଠିଆହେଲେ । ପଞ୍ଝାଏ ନାକ ସିକ ସିକ କରୁଥାନ୍ତି । ପଞ୍ଝାଏ ମୁରୁକିହସା ମାରୁଥାନ୍ତି । କୋଉ ନିହାଲ ହୋଇଗଲି ଯେ !!

ହଁ, ତା'ପରେ ଅତି ବେଶିରେ ଏଇଆ ହେବ ଯେ, ଗତକାଲି ଶୁଣିଥିବା ସମ୍ବାଦ ଭିତରେ ମୁଁ ପରିଚିତ ହୋଇଯାଇଥିବି । ସମ୍ବାଦ ଯେ ସତ ଏକଥା ଅନେକ ଦିନ ପରେ ବିଶ୍ୱାସ କରିବି । ଟ୍ରେନ୍‌କୁ ମୁଣ୍ଡ ଦେଖାଇଥିବା ପଞ୍ଝାଏ କୁଷ୍ଠରୋଗୀଙ୍କ ଗହଣରେ ମୋ' ବାପା ଗଡ଼ଗଡ଼ଉଥିବେ । ସନ୍ତାନଆଁରେ ଝାଂସ ଦେଇଥିବା ରିକ୍‌ସାବାଲା ଓ ଭିକାରି ଗହଣରେ ମୋ' ପୁଅର ବହିବସ୍ତାନି ଏଣେତେଣେ ଉଡ଼ି ପଡ଼ିଥିବ । ତା' ସାହିତ୍ୟ ବହିର ଗୀତ 'ଆମେ ତ ଭାଗ୍ୟବାନ ପିଲାରେ' ଯେମିତି ବହିଟା ଆପେ ଆପେ ଗାଉଥିବ । ଚନ୍ଦ୍ରୋପୁଲାରୁ ଉଦ୍ଧାର ପାଇଥିବା ପାଗେଳି ଓ ବେଶ୍ୟାମାନଙ୍କ ପୂତିଗନ୍ଧମୟ ଶବ ଭିତରେ ମୋ ବୋଉ ଓ ମୋ' ପତ୍ନୀ ମଧ୍ୟ କୈବର୍ତ୍ତି କର୍ତ୍ତୃକ ଧରିହୋଇ ଆମ୍ଭମାନଙ୍କ ପାଖକୁ ଶବ ଚିହ୍ନଟ ପାଇଁ ଖବର ଆସିବ । ଇତ୍ୟବସରେ 'ଆମେ ତ ଭାଗ୍ୟବାନ ପିଲା' ଗୀତଟିକୁ ମୁଁ ଖୁବ୍ ଜୋର୍‌ରେ ଗାଇବାକୁ ଆରମ୍ଭ କଲି ଯେ ବୋଉ ପୁଣି ଦୌଡ଼ିଆସି ବାପଲେ, ବାପଲେ ଚହଲେଇଦେଲା । ମୋ ଧନର କ'ଣ ହେଉଚି ବୋଲି ବାପାଙ୍କୁ ଡାକ ଛାଡ଼ିଲା ।

ବାପା ରାତି ଅଧରେ ନାଲି ଷ୍ଟ'ରୁ ଗିନାଏ ଧରି ଘୁଡ଼ୁଘୁଡ଼ୁ କଲାବେଳେ ମୋର ମନେପଡ଼ୁଥାଉଥିଲା ଜାତୀୟ ସଙ୍ଗୀତର ସ୍ୱର । ଏବଂ ମୁଁ କାଳବିଳମ୍ବ ନକରି

Digitized by PPRACHIN, SOA

"ଜନଗଣମନ ଅଧିନାୟକ ଜୟ ହେ—ଜୟ ହେ…" ସୁଉଚ୍ଚ କଣ୍ଠରେ ଗାନ-କରନ୍ତେ ବାପାଙ୍କ ହାତରୁ ଗିନାଟା ବୋଧେ ଖସିପଡ଼ିଲା ଏବଂ ଏକ ଧାତବ ଶବ୍ଦ ଭିତରେ ମୁଁ କଞ୍ଚା କାନ୍ଦଣା ପୁଳାଏକୁ ଜାବୁଡ଼ି ଧରିଥିଲି । ଏହି ସମୟରେ ମୁଁ ବାପାଙ୍କୁ ବେଶି ମାତ୍ରାରେ ଭଲ ପାଇଲି ଓ ଭକ୍ତି କଲି ଯେହେତୁ ସେ ମୋତେ ମିଛୁଟାରେ ଦାୟୀ କରିନାହାନ୍ତି ଯେ ମୁଁ ଆମର ପରମ୍ପରାର କବିଙ୍କୁ ନିନ୍ଦା କରିଛି ଏବଂ ଜାତୀୟ ସଙ୍ଗୀତକୁ ସମ୍ମାନ ଦେଉନି ବୋଲି । 'ଆମେ ତ ଉଡ଼ୁ ଆଜି ଆକାଶେ, ରବିର କର ନାହିଁ ଝଲସେ' ସହିତ 'ଜୟ ହେ ଜୟ ହେ' ଧ୍ୱନିରେ ସାରା ଘର ଭିତରଟାକୁ କମ୍ପେଇଦେଲି । ବାପା ଭାବୁଥିଲେ ମୁଁ ପାଗଳ ହୋଇଯାଇଛି । ଜଣାପାଣି ଖାଇ ଖାଇ ମୁଁ ଖରାପ ହୋଇଗଲି । ଭ୍ରଷ୍ଟ ହୋଇଗଲି । ଏ ଘରର ବୁଝଆଦି ଗଲା, ପରମ୍ପରା ମାନ ଇଜ୍ଜତ ସବୁ ଗଲା । ଅଥଚ ସେ କିଛି କହିପାରୁନଥିଲେ । ବିବ୍ରତ ଜଣାପଡ଼ୁଥିଲେ ।

ହେଲେ ବି ଏମିତି ପତ୍ନୀ ମୋର ପାଖରେ ବସିଥାନ୍ତି, ମୁଣ୍ଡକୁ ଆଉଁସୁଥାନ୍ତି । ଅଧାକପାଳ ଚପୁଥାନ୍ତି । ବୁଝାଉଥାନ୍ତି ମୋ' ଭଳି ଅବୋଧ ବାଳକକୁ । ତାଙ୍କର କିଛି ଆପତ୍ତି ନାହିଁ, ଅଭିଯୋଗ ନାହିଁ । ଦାବି ନାହିଁ କି ଫରମାସ ନାହିଁ । ମୁଁ ଖାଲି କେମିତି ଚିନ୍ତାଶୂନ୍ୟ ହୋଇ ଭଲମଣିଷଟିଏ ହୋଇଯାଏ । ମୁଁ କୁଆଡ଼େ ବଡ଼ ପ୍ରଶାସନିକ ଅଫିସର ହୋଇପାରିଥାନ୍ତି । ସୁନାମଧନ୍ୟ ପ୍ରଫେସର୍‌ଟିଏ ହୋଇପାରି-ଥାନ୍ତି । ବଡ଼ କବିଟିଏ ହୋଇପାରିଥାନ୍ତି । ପୁରୁଣା ଚଟିରେ ଲେଖିଥିବା ଛନ୍ଦୋବଦ୍ଧ କବିତାର କେତୋଟି ପଂକ୍ତିକୁ ସେ ନିର୍ଭୁଲ ଭାବରେ ଆବୃତ୍ତିକରି ସେଥିରେ ମୋ' କବି ପ୍ରତିଭାର ଯେଉଁ ବୀଜ ଅଙ୍କୁରିତ ଅବସ୍ଥାରେ ଥିଲା ଏବଂ ଅନୁକୂଳ ପାଗ ପାଇଥିଲେ ତାହା ଯେ ବିରାଟ ବନସ୍ପତିରେ ପରିଣତ ହୋଇପାରିଥାନ୍ତା—ଏମିତି ଅନେକ ଗୁଡ଼ିଏ ଆମୋଦଦାୟୀ ସମ୍ଭାବନା ଭିତରେ ମୋତେ ଛୁଆଟିଏ ବନେଇ ତାଙ୍କ କୋଳକୁ ଡାକିଆଣିବାକୁ ଉପକ୍ରମ କରୁଥିଲେ ମୁଁ ଝିଅକୁ ଖୁବ୍ ଗୋଟେ ଦୁର୍ଦ୍ଦାନ୍ତ ରେପିଷ୍ଟ ଭାବରେ ମୋ' ଆଗରେ ପ୍ରତ୍ୟାଗତ ହେଉଥିଲି । ସେହି ସମୟରେ ଜଳି-ଉଠୁଥିଲି ଓ ସିଂହତ୍ୱ ନେଇ ପ୍ରଲମ୍ବିତ ମୁହୂର୍ତ୍ତଯାଏ ଦୁର୍ଦ୍ଦମ ରକ୍ତରେ ମଗ୍ନହୋଇ ପୃଥିବୀର ମାଂସର ମଧୁକୁ ଚୋଷି ଚାଲିଥିଲି । ତା'ପରେ ପ୍ରକୃତିସ୍ଥ ହେଲି । ଛୁଆ କାନ୍ଦିଲା । ସେ ଚେଇଁଲେ । ମୁଁ ଶୋଇଲି । ମୁଁ ଉଠିଲାବେଳକୁ ସେମାନେ ଶୋଇ-ଥିଲେ । ପୁଣି ସେମିତି । ମୁଁ କାନ୍ଦିବାକୁ ଆରମ୍ଭ କଲି । ସେ ମୋ ଅଲରା ମୁଣ୍ଡରେ ଆଙ୍ଗୁଠି ଚଳେଇ ଚଳେଇ ତାଙ୍କ ଗ୍ରୁଢରେ ମୋ ମୁହଁକୁ ଗୁଞ୍ଜିଦେଲେ । ମୁଁ କିନ୍ତୁ ଗୋଟାସୁଦ୍ଧା ଥରୁଥିଲି । ଦେବୀମୂର୍ତ୍ତି ଆଗରେ ମୁଁ ମହିଷାସୁର । ମୋ' ଗ୍ରୁଢରେ ତ୍ରିଶୂଳର କ୍ଷତ । ସିଂହ ସର୍ପାଦି ଦଂଶନକୁ ଧାରଣ କରି ତଥାପି ଅଟ୍ଟହାସ୍ୟର ଶେଷ

Digitized by PPRACHIN, SOA

ଝିଙ୍କ୍ୟାସବୁ ଜଳ ଭିତରେ ଚୋକ ପାଉଥିଲେ । ଏମିତି ମୁଁ ଉଛୁଳୁଥିଲି ଏବଂ ତାହାର କର୍କଶ ପାହାଚରେ ଧକ୍କା ଖାଉଥିଲି ଓ ଉଛୁଳୁଥିଲି ।

ଏକଥା ଯଦି ସତ ଯେ କେହି ମୋର ଜୀବନୀକାର ଏବେ ମୋ ନିଭୃତ ଜୀବନର କେତୋଟି ଅଧ୍ୟାୟ ସମ୍ପର୍କରେ ପ୍ରଶ୍ନ ପଚାରନ୍ତି, ତେବେ ମୁଁ ସାଫ୍‌ସାଫ୍ ମାନିଯିବି କେମିତି ଘୃମେଣ୍ଟକୁ ଅନ୍ତଃସତ୍ତ୍ୱା କଲାପରେ ବଡ଼ଡାକ୍ତରଖାନା ଗଳିରେ ତା'ର ଆବର୍ଜନ ଭରେଇଛି । ଏକାସାଙ୍ଗରେ ବି ଝୁନୁ ଓ ଝୁନୁଠୁ ଚୁମା ଖାଉଛି ବା ଗ୍ରଣ୍ଡ-ମାଇକନଆଟାକୁ କିଛି ସମସ୍ତ କୁଣ୍ଢେଇ ଧଇଲା ପରେ ମୋତେ ଘୃଣା ଜରମାଡ଼ିଛି । ତା'ପରେ ତାକୁ ଆଉ ଘୃଣେହିଁ ନ ସେ ଅଟକାଇଲେ ବି । ଏକଥା ବି ମୁଁ ମାନିଯିବି ଲୁଚେଇ ଲୁଚେଇ ସ୍ତ୍ରୀର କନିଆଦେଖା ମୁଦିକୁ ବିକି ପୁଅପାଇଁ ଡବା କିଣିବାରେ ଅକାର୍ପଣ୍ୟ ଦେଖାଇବା । ପୁଣି ବି ମାନିଯିବି ବୋଉ ଯାଇଥିବା ଘିଅ ଶିଶିକୁ ହଷ୍ଟେଲ୍‌କୁ ନେଇ ସମସ୍ତେ ସାଙ୍ଗହୋଇ ଖାଇବା କଥା । ମୁଁ ଜାଣିଛି ଚନ୍ଦ୍ରୋପୂଳା, ଏ ଅଲୋଡ଼ା ଇତିହାସ ଏ ଅଲୋଡ଼ା ଜୀବନୀ ଭିତରେ କେହି କେବେ ନିଃଶ୍ୱାସଟିଏ ଫେରେଇବାକୁ ଇଚ୍ଛା କରିବେନି । କିଏ ବା ଜୀବନୀକାର ଆସିବ ? ତେଣୁ ସେଇଥିପାଇଁ ତ ମୋର ଏ ଆତ୍ମଜୀବନୀ, ଏ ଆତ୍ମନେପଦୀ ।

ମୁଁ ଉଠିଲାବେଳକୁ ବାପା ନଈ ମଝିଟାରେ ସୂର୍ଯ୍ୟଙ୍କୁ ପାଣି ଟେକୁଥିଲେ ଏବଂ ଗୁଣୁଗୁଣୁ ହୋଇ କେତେ କ'ଣ ମନ୍ତ୍ର ଜପିଯାଉଥିଲେ । 'ଜବା କୁସୁମ ସଂକାଶଂ' ଭିତରେ ଟୋଟାସୁଦ୍ଧା ଥରଉଠୁଥିଲେ । ମୁଁ ସିଗାରେଟ୍‌ରେ ନିଆଁ ଧରେଇ ପାଇଖାନାରେ ପଶିଲାବେଳକୁ ଖରା ଆମ ସାହି ଭିତରକୁ ଆସିଯାଇଥିଲା ।

ସେଦିନ ବସ୍‌ରେ ଆସିଲାବେଳକୁ ଘୃଣପାଖ ଭରି ନିଗ୍ରୁଟିଆ ନିଗ୍ରୁଟିଆ ଲାଗୁଥାଏ । ବସ୍ ଭିତରଟା କୋଳାହଳରେ ଫାଟିପଡ଼ୁଥିଲେ ବି ମୁଁ ସର୍ବା ସେପାଖରେ ନୀରବତାରେ ସ୍ଥାଣୁ ପାଲଟିଯାଇଥିଲି । କେଜାଣି କାହିଁ ବାପୁଙ୍କ କଥା ମନେପଡ଼ିଲା । କାନ୍ଦମାଡ଼ିଲା । ଆଖି ଝାଳେଇଉଠିଲା, ହାତ ଯୋଡ଼ି ନାଥୁରାମ ଗଡ୍‌ସେଙ୍କୁ ପ୍ରଣାମ କଲି । ସେ ଦୁଇଜଣଙ୍କ ଭିତରେ କିଏ ମହାତ୍ମା ସହଜେ ନିରୂପଣ କରିପାରିଲିନି । ଉଭୟଙ୍କୁ ପୁଣିଥରେ ନମସ୍କାରକଲି । ଗଡ୍‌ସେଙ୍କ ଶ୍ରେଷ୍ଠ ବୁଦ୍ଧିକୁ ନିନ୍ଦା କଲି । ସେ କରିଥିବା ଦୋଷଟି ହେଲା ଯେ ବାପୁଙ୍କୁ ଗୁଳିକରିବା ପୂର୍ବରୁ ତାଙ୍କର ଯେତେ ଫଟୋଚିତ୍ର ଥିଲା ଏବଂ ତାଙ୍କ ଉପରେ ଯେତେ ଯେତେ ପୁସ୍ତକ ଥିଲା ସେଗୁଡ଼ିକ ନଷ୍ଟ କରିବାର ଥିଲା । କବର ଦେଇଦେବାର ଥିଲା । ତା'ପରେ ଗୁଳି କରିଥାନ୍ତା । ଇତିହାସରୁ ଯଦି ନପଢ଼ିଥାନ୍ତି ବାପୁ ବୋଲି ଜଣେ ଲୋକ ଥିଲେ । ମହାତ୍ମାଟିଏ ଥିଲେ । ଜୀବନକୁ ଜାଳିଦେଲେ । ତା'ହେଲେ କଥା ଅଲଗା ହୋଇଥାନ୍ତା । ନହେଲେ ମୁଣ୍ଡ ଉପରେ ଝୁଲୁଥିବା ଗୀତାଧାରୀ ବୁଢ଼ାଟା ପାଖରେ କେମିତି ଚନ୍ଦ୍ରୋପୂଳା, ସହଜରେ

Digitized by PPRACHIN, SOA

ସେ ଫାଇଲ୍‌ଟାକୁ ପୁଟ୍‌ଅପ୍ କରି ମନ୍ତ୍ରୀଙ୍କ ସ୍ୱାକ୍ଷର ପାଇଁ ପଠେଇଦେଇଥାନ୍ତେ ସେ ! ଛାଡ଼ ସେ କଥା । ଏତେବାଟ ବସ୍‌ରେ ଆସିଲା ଭିତରେ ମୋ' ଆଖି ଆଗରେ ଖାଲି ଅଧାଲଙ୍ଗଳା ଫକୀରଟିଏ ବସିଯାଉଥିଲା ଏବଂ ଲାଗୁଥିଲା ତା' ଗାଲରେ ମୋ ଗାଲକୁ ଟିକିଏ ଘଷିଦିଅନ୍ତି ଏବଂ ତାକୁ ଯେମିତି ମୁଁ ଫେଲକରି ଆସୁଛି, ଯେମିତି ଭକ୍ତି କରି ଆସୁଛି, ଭଗବାନ କରନ୍ତୁ ମୋ' ପରେ ପରେ ଯେତେ ଯିଏ ଆସିବେ, ସେମାନେ ବୁଢ଼ାଟାକୁ ସେମିତି ଫେଲ କରନ୍ତୁ—ଭଲପାଆନ୍ତୁ—ଭକ୍ତି କରନ୍ତୁ । ମୋ' ପରି ସେମାନଙ୍କ ରକ୍ତ, କୋଷ, ଅସ୍ଥିମଜ୍ଜା ଭିତରେ ସେ ବୁଢ଼ାଟା ସେମିତି ବସି ରହିଥାଉ ! ଆମ ପାଇଁ ସେତିକି ଯଥେଷ୍ଟ ।

କିଏ ଜଣେ ବନ୍ଧୁ କହୁଥିଲା ଯେ ମହାତ୍ମାଜୀଙ୍କ ସମାଧିପୀଠରେ କେତେକ ଏବେର ମହାପୁରୁଷ ଜୋତା ରଖିଲେ, ତାଙ୍କ ଆତ୍ମାକୁ କ୍ଷତବିକ୍ଷତ କଲେ । ଗୁଡ଼ା ଭିତରଟା ଥରଉଠୁଥିଲା । ବସ୍‌ଯାକ ସାରବାଟାଏ ମୁଁ ସେମିତି ଖାଲି ବୁଢ଼ାଟା କଥା କାହିଁ ଭାବୁଥିଲି । ଷ୍ଟାଣ୍ଡ୍‌ରୁ ଓହ୍ଲେଇ ଗାନ୍ଧିଘାଟ ନିକଟରେ ପହଞ୍ଚିଲାବେଳକୁ ଶହେଷାଠିଏ ପଣ୍ଡାଏ ଘେରିଗଲେ । କୁଆଡ଼େ ଯିବ ବୋଲି ଅନେକ ତୁଣ୍ଡର ପ୍ରଶ୍ନ ମୋତେ ଘାବରେଇଦେଲା । ତା ପରେ ସେମାନେ କିଏ କୁଆଡ଼େ ଚାଲିଗଲେ । ମୁଁ ପହଞ୍ଚିଲାବେଳକୁ ମହାତ୍ମାଗାନ୍ଧିଙ୍କ ଆବକ୍ଷ ମୂର୍ତ୍ତି ଉପରେ କାଉଟିଏ ବସି କା-କା କଲା ଏବଂ ଉଡ଼ିଯିବା ପୂର୍ବରୁ ମଳତ୍ୟାଗ କଲା । ମୁଁ ଭାବୁଥିଲି, ଚାଲିଯିବ । ମୋ ଛେପ ଲଗାଇ ପୋଛିଦେବି । ରୁମାଲରେ ଝାଡ଼ିଦେବି ତା' ମଳଜମିଥିବା କୁଲାପରି କାନ ଦି'ଟାକୁ । ପାଟଲା ଜଣ ପଟରୁ । ଗୋଲ ଗୋଲ ଚଷମା କାଚକୁ । କୁଣ୍ଢେଇ କୁଣ୍ଢେଇ ତାକୁ ବହେ କାନ୍ଦିଥାନ୍ତି । ତା' କାନରେ ଚୁପିଚୁପି ସତକଥା ସବୁ କହିଥାନ୍ତି । ଟ୍ରାଫିକ୍ ଘାର ଭିଡ଼ଥିଲା । ପୁଣି ମୁଁ ଏକ ପାଗଳ ବୋଲି କାଳେ ପ୍ରମାଣିତ ହୋଇଯିବ ସେହି ଆଶଙ୍କାରେ ମୋ ଲକ୍ଷ୍ୟସ୍ଥଳକୁ ଚାଲିଲି । ପହଞ୍ଚିଲାବେଳକୁ ଠିକ୍ ମୋ ନାଁ ଡକାହେଉଥିଲା ।

ମୁଁ ପଶିଗଲି ଶୀତତାପନିୟନ୍ତ୍ରିତ ଏକ କକ୍ଷ ଭିତରକୁ । ମୋ ଆଗରେ ବସିଥାନ୍ତି ନବରତ୍ନ ପଣ୍ଡିତବର୍ଗ । ମଝିରେ ବସିଥାନ୍ତି ରାଜା ବିକ୍ରମାଦିତ୍ୟ ଆଉ ମୁଁ ଯେମିତି ଆସିଛି ମଗଧ ରାଜ୍ୟରୁ ସଦ୍ୟ ବେଦାଧ୍ୟୟନକାରୀ ଆଲଙ୍କାରିକ ବହୁଶାସ୍ତ୍ରଦର୍ଶୀ ପଣ୍ଡିତ । ଏଠୁ କୃତକାର୍ଯ୍ୟ ହେଲେ ସେମାନଙ୍କ ରାଜଦରବାରରେ ନବରତ୍ନମାନଙ୍କ ସହିତ ଆଉ ଏକ ରତ୍ନ ଭାବରେ ଯୋଗଦେବି । କଡ଼ିଏ ବର୍ତ୍ତନ ପାଇବି । ପାଟଯୋଡ଼ି ପିନ୍ଧିବି । ମୋତେ ପ୍ରଶ୍ନ ହେଲା ଯେ 'ଅଗ୍ନି' ଓ 'ପୃଥ୍ୱୀ' ଭିତରେ ତଫାତ୍ କ'ଣ ? ମୁଁ ଆରମ୍ଭକଲି ସୃଷ୍ଟିର ଏମାନେ ଏକ ଏକ ଅଂଶ । ଏମାନଙ୍କର ପୌରାଣିକ ଓ ଐତିହାସିକ ତଥ୍ୟ । କିନ୍ତୁ ପରମୁହୂର୍ତ୍ତରେ ତାଚ୍ଛଲ୍ୟର ଶିକାର ହେଲି, ଯେତେବେଳେ

Digitized by PPRACHIN, SOA

ସେମାନେ ଏବେ ଏବେ ଭାରତର ଦୁଇଟି ଦ୍ରୁତଗାମୀ କ୍ଷେପଣାସ୍ତ୍ର ସମ୍ପର୍କରେ ପ୍ରଶ୍ନ କରିଥିଲେ ବୋଲି ବୁଝିଲି । ତା'ପରେ ମୋତେ ପଚାରିଗଲା : ଅମର କୁମର ବ୍ୟାକରଣ । ଅମରକୋଷ, ଅଳଙ୍କାର ତତ୍ତ୍ୱ । ମୁଁ ଘୁରିଘୁରି ହାରିଯାଉଥିଲି । ମୋର ମନେପଡ଼ୁନଥିଲା 'କର୍ତ୍ତା' କିଏ, 'କାରକ' କିଏ ? 'ବିଭକ୍ତି' କେତେ ପ୍ରକାର । 'ଣତ୍ୱ ବିଧି' 'ଷତ୍ୱ ବିଧି'ର ନିୟମ କି 'ଲିଙ୍ଗ' କେତେ ପ୍ରକାର ଆଦୌ ନିରୂପଣ କରିପାରୁନଥିଲି । 'ବ୍ୟାସ ବାକ୍ୟ' ସହିତ 'ସମାସ'କୁ ଏବଂ 'ନୀଳିମାରେ ବାମା ଗୁରୁ କେଶପାଶ, ତୋ ନୀଳ ଶଢୀକୁ କଲା ଉପହାସ'—'ଉତ୍ପ୍ରେକ୍ଷା' ଅଳଙ୍କାର ବୋଲି ଅଷ୍ଟମ ଶ୍ରେଣୀରୁ ଘୋଷି ଆସିଥିଲେ ବି ଆଦୌ ମନେପକାଇ ପାରୁନଥିଲି । ସେଥିରକି ମୁଁ ହାରିଗଲି । ଯେଉଁମାନେ ପ୍ରବୀଣ ସେମାନେ ଜିତିଗଲେ । ମୁଁ ଜିତିଥିଲେ ସେମାନଙ୍କ ଭିତରୁ କିଏ ହାରିଥାନ୍ତା, ଅଥଚ ମୁଁ ହାରିଗଲି ସେ ଜିତିଗଲା । ତଫାତ୍ କ'ଣ ? ଅସୁବିଧା କେଉଁଠି ? ମତେ କିନ୍ତୁ ସେମାନେ ଆଦୌ ପ୍ରଶ୍ନ କଲେନି ଯେ ମୁଁ କ'ଣ ମହାତ୍ମା ଗାନ୍ଧିଙ୍କୁ ଭଲପାଏ ? ମୁଁ କ'ଣ ନାଥୁରାମଙ୍କୁ ଘୃଣାକରେ ? ମୁଁ କ'ଣ ସତରେ ଭାଗ୍ୟବାନ୍ ପିଲା ନୁହେଁ ? ମୁଁ କ'ଣ 'ଜନଗଣ ମନ' ଗାଇବା ଦିନ ଖଟରେ କନ୍ଥା ଘୋଡ଼େଇ ଶୋଇଥାଏ ?

ମୁଁ ଭଲଭାବରେ ଜାଣେ ସେମାନେ ଏ ପ୍ରକାର ପ୍ରଶ୍ନ ମୋତେ କେବେ ପଚାରି ପାରିବେନି ଯେହେତୁ ରାଜାଙ୍କର ଶାଣିତ ଖଡ୍‌ଗ ସେମାନଙ୍କ କପାଳ ଉପରେ ଝୁଲୁଛି । ସେମାନେ ଏମିତି ସେ ଖଡ୍‌ଗକୁ ପୂଜୁଥିବେ । ତା'ର ଭିତରେ ବେଳପଡ଼ିଲେ ଝାଡ଼ା ପରିସ୍ରା ଯାଉଥିବେ । ଚଷମା ପର୍ସ ରଖିଦେଇ କ୍ୟାଣ୍ଟିନ୍‌ରେ ଚା' ଖାଉ ଖାଉ ଚାରିଟା ବାଜିଯାଇଥିବ ଏବଂ ଚାରିଟା ପନ୍ଦର ବେଳକୁ ରାସ୍ତାପାର ହେଉଥିବେ । ଝାଡ଼ୁଧରି ଠିଆହୋଇଥିବା ଲୋକଟା ସହରସାରା ଧୂଳି ହେଉଥିବ କୋଉ ଲେଖା-ଯୋଖାରେ ଦାଦା କି ମଉସା ଘର । ଆଉ କ'ଣ ଏତେବାଟ ଯାଇ ପୁଣି କାଲି ରାଜଧାନୀ ଦୌଡ଼ିବ ! ହୁଁ ରାତିଟା କଟିଗଲେ ଗଲା । ରାଜଧାନୀରେ ଗୋଟିଏ ରାତି କଟିବା ଯେ କେତେ କଷ୍ଟ ଲୋକଟି ଆଜି ଠିକ୍ ବୁଝିଯିବ ଯେ । ସତକୁ ସତ ସେଦିନ ରାତିରେ ଲୋକଟି ରାଜଧାନୀରେ ରହିଲା ।

ତା'ପରେ ମୁଁ ଫେରିଆସି ଘରେ କିଛି କହି ପାରୁନଥିଲି । ବୁଡ଼ିଯାଉଥିବା ଡଙ୍ଗାର ଫନ୍ଦ ଧରି କିଛୁକାଳ ମୁଁ ମୋର ବଳ କଷିଲି ପାଣି ସାଥିରେ । ଯୁଝିଯୁଝି ମୋ' ବଳ ଖସିଯାଇଥିଲା ଏବଂ ଅତଳତଳ ପାଣି ଭିତରେ ଅଳ୍ପ ସମୟ ପାଇଁ ଛଟପଟ ହେଲି ଏବଂ ଶେଷକୁ ଶୋଇଯାଇଥିଲି । ଏତିକିବେଳେ ପୁଅ ଆସି କବାଟ ବାଡ଼େଇଲା । ବହୁ କଷ୍ଟରେ କବାଟ ଖୋଲିଲି । ହାତରେ ଧରିଥିଲା ତୃତୀୟ ଶ୍ରେଣୀର ସାହିତ୍ୟ ବହି । ଗୋଟେ ନୋଟ୍ ଖାତା ଏବଂ ସେ ଜିଦ ଧରୁଥିଲା ଯେ ମାଆଙ୍କୁ

Digitized by PPRACHIN, SOA

କହିଲି ସରଳାର୍ଥ ଲେଖିଦେବାକୁ । ସେ କାନ୍ଥ ଘେରେଇବାରେ ବ୍ୟସ୍ତ । ତମେ ଡାକ୍ତର ହଅ । ମୁଁ ଗୁହାରି କରୁଥିଲି ଆଉ କିଛି କାଳ ନୀରବରେ ଏମିତି ପଡ଼ିରହିବ । ମୋ' ଉପର ଦେଇ ପାଣି ବୋହିଯାଉଛି । ଯାଉ । ଲହରୀ ଡେଇଁଯାଉଛି । ଯାଉ । ଆକାଶ ଖସି-ପଡ଼ୁଛି । ପଡ଼ୁ । ସୂର୍ଯ୍ୟ ଘର ଝାଡ଼ୁଛି । ଝାଡ଼ୁ । ସେ କାନ୍ଥ ନଷ୍ଟ୍ରେଚ୍ଚ ବନ୍ଧା । କହିଁକି ଧରିଲି, ପଚାରିଲି, କୋଉ ପଦଟା ? ସେ ଆଙ୍ଗୁଠି ମାରି ଦେଖେଇଦେଲେ । ଯେଉଁ ପଦଟାରେ ନାଲିଚିହ୍ନ ମାରି ମାଷ୍ଟ୍ରେ ସୂଚେଇ ଦେଇଛନ୍ତି ସରଳାର୍ଥ ପାଇଁ । ମୋ' ମୁଣ୍ଡ ଭିତରଟା ତତ୍‌କ୍ଷଣାତ୍ କ'ଣ କେମିତି ହୋଇଯାଉଥିଲା । ଗୋଟାସୁଦ୍ଧା ଝାଳବୁହିଆସୁଥିଲା । ବାନ୍ତି ବାନ୍ତି ଲାଗୁଥିଲା । ଯେମିତି ମୋ' ପେଟ ଭିତରେ ଥିବା ସବୁ ଅନ୍ତବୁଜୁଳା, ପୁଜରକ୍ତ ସବୁ ଏକାଥରକରେ ଗୋଟିଏ ଝଲକାରେ ବାହାରି ଆସିବ । ତାପରେ ମୁଁ ଟିକେ ଶାନ୍ତ ହୋଇଯିବି । ମୁଣ୍ଡରେ ହାତ ଦେଇ ବସିଗଲି । ପୁଅ ମୋର ବ୍ୟସ୍ତ ହେଉଥାଏ । ବାପା, ଶୀଘ୍ର ଲେଖିଦିଅନ୍ତ, ମୁଁ ଘରେ ପଢ଼ିଲେ କାଲି ସାର୍ ପଚାରିବେ । କାଲି ଶନିବାର ସକାଳୁଆ କ୍ଳାସ୍ ।

ଘଟିବାକୁ ଯାଉଥିବା ଘଟଣା ପରେ ଯଦି ମୋ' ନାଁରେ ଓ୍ୱାରେଣ୍ଟ୍ ଆସେ, ତେବେ ନିମ୍ନୋକ୍ତ ସଙ୍କେତାନୁଯାୟୀ ମୋତେ ବନାର୍ଦ୍ଦିଧାରେ ଯେକୌଣସି ସ୍ଥାନରେ ଆରେଷ୍ଟ୍ କରାଯାଇପାରେ । ମୋ ନାଁ ଦୟାନିଧି ଦାସ । ପିତା ବାନାମ୍ବର ଦାସ । ଗ୍ରା. ପାଟପୁର, ପୋ:ଅ ହାକିମପୁର, ଜି: କଟକ । ଉଚ୍ଚତା ପାଞ୍ଚଫୁଟ ଛଅ ଇଞ୍ଚ୍ । ଗୌର ବର୍ଣ୍ଣ, ମଧ୍ୟମ ସ୍ୱାସ୍ଥ୍ୟ, ମଥାରେ ଗୋଟେ ଫଟା ଚିହ୍ନ । ଗାଲରେ ସବୁବେଳେ ଦାଢ଼ିଭର୍ତ୍ତି । ମୋ ଡାହାଣ ପଟ ତଳିପେଟରେ ଦୁଇଟା ଖସା ଚିହ୍ନ ଏବଂ କଥା କହିଲାବେଳେ ଖୁବ୍ ଜୋର୍‌ରେ ଉଚ୍ଚାରଣ କରୁଥାଏ ।

ଏଇ ମୁହୂର୍ତ୍ତରେ ମୁଁ ସାରା ଘରଟାକୁ ଚାହିଁଲି । କେହି କୁଆଡ଼େ ନଥିଲେ । ଗୋଟିଏ ଗ୍ରନ୍ଥାମୂର୍ତ୍ତି ପରି ବସି ରହିଥିଲା ଅଥବା ମଧ୍ୟବୟସ୍କଟିଏ । ଆଉ ଗୋଟିଏ କଅଁଳା କୁଆ ଚାହିଁରହିଥିଲା ଏକାଧାନରେ କିଛିଟା ଶିଖିବ ବୋଲି । ପଣ୍ଡିତ ହେବାର ଆଶାରେ, ନବରତ୍ନ ସାଜିବାର ମୋହରେ ସେ ଏବଠୁ ନିଜକୁ ଭାଗ୍ୟବାନ୍ ପିଲାବୋଲି ମନେକରୁଥିଲା । ମୁଁ ଆଦୌ ପାରୁନଥିଲି । ଏତେବଡ଼ ଭୁଲ କଥାଟାକୁ ମୋ' ରକ୍ତର ଆଉ ଏକ କଣିକାକୁ ପୁଣି ଶିଖେଇବ ?

ଏହି ସମୟରେ ଅନ୍ଧାର ଘୋଟିଆସିଲା । ପୁଅ ମୋର ଅସହାୟ ଭାବରେ ଚିତ୍କାର କରି ମୋ କୋଳକୁ ମାଡ଼ିଆସୁଥିଲା । ମୁଁ ଠିକ୍ ତାହାର ବେକଟାକୁ ଜାବୁଡ଼ି ଧରିଥିଲି । କିଛି ଅସ୍ପଷ୍ଟ ଧ୍ୱନି ଶୁଭୁଥିଲା ଏବଂ ଘରସାରା ସଦ୍ୟ କାଗଜ ଟୁକୁଡ଼ା କେତେ ଖଣ୍ଡ ଏପଟ ସେପଟ ଚକ୍‌କର ମାରୁଥିଲା ।

Digitized by PPRACHIN, SOA

ଛୁଟିଲେ ଘଣ୍ଟ

ସବୁ ଠିକ୍‌ଠାକ୍ ଥିଲେ ବି କୋଉଠି କେମିତି କ'ଣ ଅସଜ ହୋଇଯାଉଥିଲା । ରାତିରେ ନିଦ ନଶୋଇଥିଲେ ବି ସକାଳୁ ସକାଳୁ କେହି କାହା କାମରେ ବ୍ୟତିକ୍ରମ ଘଟାଉନଥିଲେ ଯଦିଓ ଏକ ଆସନ୍ନ ଆଶଙ୍କାରେ ଆମେ ସବୁ ଠିକ୍ କାମ କରୁଥିଲେ ମଧ୍ୟ ମଝିରେ ମଝିରେ ହାତ ଅଟକିଯାଉଥିଲା । ସକାଳର କୁହୁଡ଼ି କାକରକୁ ପହଁର ପହଁର ସିଆର କାଟି କାଟି ପାଲନ୍ଦାରେ ପହଞ୍ଚିଲାବେଳକୁ ଆମ ଦେହ ଉପରେ ପାଣିରେ ଆସ୍ତରଣ ଜମିଯାଇଥିଲା । ଏଇତ ବାପାଙ୍କ ହାତରୁ ଥପ୍ ଥପ୍ ରକ୍ତ ଗଳି ପଡ଼ି କାକର ଭିତରେ ପାଣିଚିଆ ଦେଖାଯାଉଥିଲା ।

ବାପାଙ୍କ ରକ୍ତ କିନ୍ତୁ ଖୁବ୍ ଲାଲ ଦେଖାଯାଉଥିଲା ଯେଉଁଦିନ ସେ ବାଉପଣ୍ଟ ପଥର ପାହାଚ ଉପରେ ଝୁଣ୍ଟି ପଡ଼ି ଆଣ୍ଠୁଟାକୁ ମାଡ଼ିବସି କିଛିକ୍ଷଣ ପାଇଁ ଆମ ସମସ୍ତଙ୍କୁ ଆଖିବୁଜା ଭୁଲିଯାଇଥିଲେ । ହାତବଟା ତେଲକୁ ଆଈ ସେଥିରେ 'ମାଖିଦେଲା ବେଳକୁ ବାପା ଚହିଁକି ପଡ଼ି ସୁ-ସୁ ହେଲାବେଳେ ଆଈ ପାଦଟାକୁ ଆଉଁଶି ଦଉଦଉ କହୁଥିଲା : ସବୁ କଥାକୁ ତ ଖାଲି ତରତର । ଝଟିଝଟି ତ ଆସି ଏତେ ଯଶ ହେଲୁ । ଗୋଡ଼ଦଟା ଯେମିତି ଗୋଜଣା କାଠି ପରି ଦେଖାଗଲାଣି ।

ଆଈ ଆମମାନଙ୍କ ଆଗରେ କହେ : ତେମେ ସବୁ କ ସୁନ୍ଦର ହେଇଚ ବା ! ମୋ' ସାନପୁଅ ଧନା ହେଇଥିଲା ସୁନ୍ଦର । ବଡ଼ଟା ସିନା କାଳିଆ, ହେଲେ ଗଢ଼ଣଟା କ'ଣ ଅନାକାରା । ଧନା ତ ହେଇଥାଏ କଣ୍ଢେଇଟା ପରି । ଗୋରା ତକତକ । ଯୋଉଦିନ ମୋ' ଶାଶୁ ହଳଦୀ ମାଲପା ମାଖିଦେଇଥିବ ସେଦିନ ଡାକ୍ କୁଷ୍ଟ ଗୁଣୀକୁ । ଖବର ଦେଲା ମାତ୍ରେ ସେ ଆସି ପହଞ୍ଚିବ ଆଉ କହିବ, କ'ଣ ବୋହୂ ଟୋକାକୁ ଆଣି ହଳଦୀ ଦେଲୁକି ? ତମରମାନଙ୍କ ଯୋଗୁଁ ସେ ଝଟିଝଟି ଦଉଡ଼ା ହେଲା । ଏବକୁ ତେମେମାନେ ସିନା ଢଙ୍ଗ କାଢ଼ୁଛ । ସେତେବେଳେ ପୁଅମାନେ ତ ନୋଳି ପିନ୍ଧୁଥିଲେ । ଏବେବି ତା' କାନରେ କଣା ଅଛି । ବୋର୍ ହେଇଯିବଣିକ କ'ଣ ! ଢ'ଢ'ପଟ ନୋଳି, ଫାସିଆ ଲଗେଇଥିବ । ମୋ' କାଳିଆ ବଳିଆ ଯେତେ-ବେଳେ ଗୁଳୁଥିବେ, ଗୁଡ଼ ସେକଥା । ମଝିରେ ଥିବ ଉଲୁଛୁଆ । ଠିକ୍ ଭଉଣୀ

Digitized by PPRACHIN, SOA

ଗୁନ୍ଦ ମୂହିଁକି ! ସେଠା ପିନା ଅଧା ଆଣ୍ଟଷ ଆଣି ଆଇଥେଲା ଯେ ଗୁଲୁଗଲା । ମୁଁ ଡକ୍ଟଣୀ ବସିଚ ପାଚଲ୍ ବାଲରେ । ସେ ଗଲା । ବଲାରେ ବାଇଆଣୀଟେ ଥିଲ୍ । ଠିକ୍ କଥାରେ ଗୁଗରୁଷା । ଗୋଟିଏ ବୋଲ୍ ଝୁଅ । ନଅଠା ନାଇଁ କି ଛଅଠା ନାଇଁ । କ'ଣ କରିବ ତାକୁ ? ଏ ଦଣ୍ଡାଯାକ ତ ତାକୁ ତଳେ ଥୁଅନ୍ତିନ ।

ଏକଥା ସବୁ ଆଈ କହିଲାବେଳେ ତାଙ୍କ ଓଠ ଥରୁଥିବ । ପାକୁଆ ପାଟିରୁ ପାନଛେପ ଗଳି ଲମ୍ବା ହଲଦିଆ ଓଠ ଉପରେ ଡାହି ବୋଳିଲା ପରି ଝୋଟି ଲେଖି ହୋଇଯାଇଥିବ । ଲମ୍ବା ଲମ୍ବା ହାତରେ ପଟେ ଲେଖାଏଁ ପିତଳ ଖଡୁ ତା'ର ଅକାଳ ବୈଧବ୍ୟକୁ ଲୁଚେଇଦେବାକୁ ଚେଷ୍ଟାକରି ନଶୂନ କପାଳ ଓ ସୂନ୍ଥା ନକଟରେ ପରାଜୟ ସ୍ୱୀକାର କରନ୍ତି ।

: ଚେର୍ ସହଚରେ ଚୋକା ! ତମ ଜେଜେ ବୁଢ଼ା କଥା କହନ୍ତି, ଯାହା ବୁଝିଥିବ ସେଇଆ । ହରବ୍ରହ୍ମା ଆଇଲେ ତାକୁ ଆଉ ଏପଟ ସେପଟ କରିପାରିବେନି । ଖାଲି ଡରିମରି ଗଲେ । ଦାହାକଗଲା ସେମିତି ଡରଡର । ଶାଶୁ ତ ବାହାବାଳୀ ! ଧ' ବୋଇଲେ କାମୁଡ଼ି ପକେଇବା ଲୋକ ! ଢଳେ କ'ଣ ହେଇଚନା ବେଙ୍ଗଲା ପଡ଼ୁଥାଏ । ବେଳ ବୁଡ଼ୁ ବୁଡ଼ୁ କଲେଇ ଖେଳେଇ ରଖିଲେ । ରାତିରେ ମୋତେ କହିଲେ, ପାହାନ୍ତାରୁ ଡାକଦେବୁ । ଏ ଛୁଆଙ୍କ ଧନ୍ଦା ସାରୁସାରୁ ତ ରାତି ଅଧ, ପୁଣି ବୁଢ଼ାବୁଢ଼ୀ ଦ'ଟାଙ୍କ ମୋଡ଼ୁମୋଡ଼ୁ ଆଉରି ଅଧିକ । ମୋ' ଶାଶୁ ଏମିତି ଖାଣ୍ଟେଇ-ଥିଲେ ଯେ ଯେତେ ମୋଡ଼ୁଥିବ, କହିବେନି ଯାଆ ବୋଲି । ଶଶୁରଙ୍କ କଥା ନଆରା । କହିଲା ପରି ଆଜି ସେ ପୁରରେ । ଦେବତା ହେଲେଣି । ଯେତେବେଳେ ତାଙ୍କ କଥା ମନେପଡ଼ୁଛି, ଅସରାଏ ଲେଖା କାନ୍ଦୁଛି । ବାହୁନି ବାହୁନି ରହେ । ଗୋଡ଼ରେ ହାତ ଦଉ ଦଉ କହିବେ, ଯାଆ ଶୋଇବୁ ଯାଆ । ଦିନଯାକ ତ ହୁଣ୍ଡୀଟା ଝଟୁଛୁ । ଯୋଉଦିନ ଶାଶୁ ଧିଅରେ ହାତ ମାରିନଥେବ, ଗଲା ସେଦିନ । ସକାଳକୁ ଆଉ କଥା ନାଇଁ, ଗପା ନାଇଁ । ଏତେ ମୁହଁ । ଧାଣ୍ଡରେ ବାରିରେ ଖାଲି ଦେଖେଇ ଶିଖେଇ କହିବେ । ରାତିକ ତ ଖାଲି ଉଦଣ୍ଡୀ ଗାଈପରି ନାଡ ମାରିବେ ଯେ ପାଖରେ ପୁରେଇ ଦେବେନି ।

ହୁଁ, ମୋର ତ ନିଦ ହେଇଯାଇଚ । ଦେଖିଲାବେଳକୁ ସକାଳ । ସେ ଧଡ଼୍କିନ ଉଠି ମୋତେ ଗୋଟାଏ ଗୋଇଠା ମାରି ଯାଇ ବେଙ୍ଗଲା ଯୋଚଲେ । ମୋର ଛୁଇନିଦ ହେଇଥାଏ, ଭାବିଲି, କ'ଣ ଗୋଟାଏ ମୋ' ଉପରେ ଦୁମ୍କିନି ପଡ଼ିଲା । ବଲେଇଟା ହେଇଥିବ କି କ'ଣ ।

ସେତେବେଳକୁ ଆମେ ହସିବା ଆରମ୍ଭ କରିଦେଇଥିବୁ ।

Digitized by PPRACHIN, SOA

: ହସୁଚ କ'ଣରେ ଝୋକାଝୋଙ୍କାଗୁଣ୍ଡକ । ସେ ବେଳ ଆଉ ଅଛ ? ଏବେ ପଗ ଘଇତାଙ୍କ ଉପରେ ମାଇପେ ରଜା । ତାଙ୍କୁ ସକାଳୁ ଗ'କର ଦଉଚନ୍ତ । ଗରମ ପାଣି ବସେଇ ଦଉଚନ୍ତ ଗାଧେଇବାପାଇଁ । ହଁ, ସେଇଠୁ ମୁଁ ଦେଖିଲବେଳକୁ ବେଙ୍ଗଲା ଆସି ଅଧାହେଲଣି । ମୋ ଧ୍ୱଅରୁ ତ ଗୋଟାକନ ଝାଲ ବୁଡ଼ିଗଲ । କ'ଣ କରବ ? ତା'ପରେ ଯେଡ଼େ ଖାଇବାକୁ ଚୁ-ଚୁ କର ଡାକଲ ସେ କୋଉ ଶୁଣୁଚନ୍ତ । ଏବକୁ ସିନା ଘଇତା ନାଁ ଧର ଅମୁକ ବାବୁ ଘରେ ନାହାନ୍ତ ବୋଲ କହୁଚନ୍ତ, ସେତେବେଳେ ତ ଆମେ ଦନରେ ଦେବୋତ୍ତ ଟିକେ କୋଉଠି ମୁହାଁମୁହିଁ ହେଇଗଲୁ, ତା' ଘଣ୍ଟାକୁ ଗାଁ ସାରା ସେଇ ଚର୍ଚ୍ଚା । ଆଉ ତ ଖାଇଲେନ । ଗାଧେଇଲେନ । ଶଶୁର ଯେତେ ଯାହା କହଲେ ବ ଶୁଣିଲେନ । ବେଳ ବୁଡ଼ିଲ । ମୁଁ ସେମିତ ପାଣିଟିପେ ବ ପାଟିକୁ ନେଇ ନଥାଏ । ଏ ସନାଟା ସେତେବେଳେ ଦୁଧ ଖାଉଥାଏ । ତୋରାଣି କଂସାଏ ପିଇଥିଲେ ସିନା ସେ କଲେ ଚୁଚୁମିଥାନ୍ତା । ପେଟ ଗରମ ହେଇ ସେଇଠୁ ବାହାରିଲ କାଶ । ତା'ପରେ ପରେ ନାଲ ଝାଡ଼ା । ଝାଡ଼ା ହେଲ ସେ କୋଉଥିରେ ଅଟକଲାନ । ଖାଲ କଣ୍ଠା ଦ'ଖଣ୍ଡ । ଆଖି ଦ'ଟାରେ ଜୁଳୁଜୁଳୁ କର ଚାହିଁଥିବ, ଯେମିତ କାଠ କଣ୍ଢେଇଟିଏ ।

କ'ଣ କଛ ଉପାୟ ପାଇଲନ । କପୁର, ପାଟପୁଳ, ଶଙ୍ଖା ବକବାକୁ ସେତେବେଳେ ଆଉଥାଇ ଗୋଟେ ନଳୁଆ କେଳୁଣୀ । କଅଣ ତା' ନାଆଁ ବା··· । ହଁ, ପର୍ମିଳା । ପଛରେ ଏତେବଡ଼ ଖୋଷା ପାରଥିବ । ଏବକୁ ସିନା ତମର ଗାଁକୁ ଗାଁ ଦୋକାନ ବଜାର । ସବୁ ମିଳୁଚ । ସେଇ ସେଉଠୁ ବଚେଇଲ, ଗୁଡ଼ଲଧୂଅ ପାଣି ଆଉ ପିନ୍ନଲ କଢ଼କୁ ବାଟି ଦନକୁ ଦନ ଗୁରପାନ ମାଆ ଦୁଧରେ ଗୋଳେଇ ପେଇବାକୁ । ଦଶା ତା'ର କଟିଗଲ । ଘର ଦଶାହେଗିଆଟା । ଶନସପ୍ତା ପଡ଼ିଲ ସେ କଅମ ଘାଣ୍ଟି ହେଇଚକ !!

ଆଉ ଦନେ ଶୁଣିବ, କଅଣ ହେଇଚ ? ହଁ, ସେଦନ ତ ମୁ ଣ୍ଡ ବାଡ଼େଇ ବାଡ଼େଇ ଅ'ବୁ ଫଳିଗଲ । ଏତେ କଷ୍ଟରେ ଶାଶୁ ପୁଣି ଦାଉସାଧିଲେ ।

: ହଁ, ଏବକା ମାଇପ କୋଉ କଥାରେ ଅଛନ୍ତ ଯେ ତୋତେ ମାନଲାନ ବୋଲ ରୁଚିଚୁ । ଯାଆ ଖାଆ । ମୁଁ ଥବାଯାଏ କିଛି ହବନରେ । କେତେ ଯୁଦ୍ଧ ଦେଖିନ ! ତା'ପରେ ଥୋଡ଼ାଏ କାନ୍ଦଲେ ଶାଶୁ । ସେଇଠୁ ଖାଇଲେ ।

: ସେଦ୍ଦନ କଥା କ'ଣ ହେଲ କଲେ ଆଇ ? ମୋ ମାଧୁସ୍ୱଅପା କଥାଗୁଡ଼ାକ ଫିଇ ଯାଉଯାଉ ପସ୍ତରଲ ।

: ହଁ, ସେଦ୍ଦନ ସେମିତ ବେଙ୍ଗଲା ପଡ଼ୁଥାଏ । ସେତେବେଳକୁ ଏ ଛୁଆ ଦ'ଟା କେଡ଼େ ବଡ଼ ବଡ଼ ହୋଇଗଲେଣି । ସମସ୍ତେ ଲାଗିଥାନ୍ତ ବେଙ୍ଗଲା ପକାଇ-ବାରେ । ମୋତେ କେତେବେଳେ ଠାରଚନ୍ତ ପାନଖଣ୍ଡେ ପାଇଁ । ମୋର ଆଉ

Digitized by PPRACHIN, SOA

ଲକ୍ଷ୍ୟ ନାହିଁ । ବେଙ୍ଗଲାପକା ଅଧା ହୋଇଗଲା । ଖିଆ ନାହିଁ । ଆଉ ପାନମଗା ନାହିଁ । ମୁଁ ଖଣ୍ଡେ ପାନ ଭାଙ୍ଗି ବନୁ ହାତରେ ଦେଲି । ପାନକୁ ଧରି ଫୋପାଡ଼ିଦେଲେ । ସେ ଯାଇ ପଡ଼ିଲା ଛଣଗଦା ଉପରେ । ତା'ପରେ ଏଡ଼େ ତୋର୍ ଗୋଟାଏ କାଢ଼ିଲେ ଯେ, ଦି'ଟାଯାକ ଛୁଆ ମୋର ଡାଙ୍ଗା ପାଲଟିଗଲେ । ମେଘ ଆଇଲା । ଛୁଆ ଦି'ଟାଙ୍କୁ କହିଲେ ତରତର ଚାଲିବାକୁ । ସେ ପାଳ ଭିତରେ ଛନ୍ଦୁରେଇ ହେଇ-ପଡ଼ିଲେ । ବୋହେ ତାଙ୍କୁ ଶୋଧିଲେ ଆଉ ତା'ପରେ ବଳଦଗୁଡ଼ାଙ୍କୁ ଦାଉଣିରୁ ଫିଟେଇଦେଇ ସିଧା ଗଲେ କୂଅତଳ ବରଗଛ ଉପରକୁ । ଗୋଡ଼ହାତ ହଲେଇ ବସି ଗୀତ ଗାଇଲେ । ମେଘ ଆସୁଥାଏ ସାତପୁଅ ମାଆ ହେଇ । ଧାନଯାକ ଭସି-ଯାଉଥାଏ । ଆମେ ସେମିତି ପାଳ ପକେଇ ଗଦାକଲୁ । ଆଉ କ'ଣ କହିବ ତାଙ୍କ କଥା ? ହେଲେ କ'ଣ ହବ, ଛୁଆଙ୍କ ପାଇଁ ଜୀବନ ଗୁଡ଼ିଯିବ । ପାଖରେ ଛୁଆଙ୍କୁ ନଦେଖିଲେ ଭାତଆଳିରେ ବସିବେନି । ସେ କୋଉ ରହିଲେ ! ଅକାଳରେ ବି ସେପୁରକୁ ଚାଲିଗଲେ ।

ଆଈ ଏସବୁ କଥା କହୁ ଚାଲିଥିବେ ବୁଲିଥିବେ ଶେଷକୁ ଓଦା ଆଖି ଦି'ଟାକୁ ତାଙ୍କ ଲୁଗାକାନିରେ ପୋଛୁ ପୋଛୁ କହୁଥିବେ : କେତେ ସହିଛରେ ପିଲା, ତମରି ପାଇଁତ ସବୁ ଇଏ ସଂସାର । ଆୟୋଜନ । ବେଲ ସରନି । ଘୁଅରୁ ପୋକ ଖାଇଚ । ନଅ ବର୍ଷରୁ ବାହାହେଲି । ଏଠିକି ଆଇଲି ବାରବର୍ଷକୁ । ଏଇ ବନୁ ହଉ ହଉ ତ' ବରଷ ଗଡ଼ିଯିବାରୁ ଖାଲି ଟୁପ୍‌ଟାପ୍—ଫୁସୁଫାସ୍ ହେଲେ—ସେଟା ପରା ବାଞ୍ଝ । ଆଉ ଭାଇଁ ଆଜିଯାଏ କିଛି ଜଣାପଡ଼ୁନି । ହାଲକୁ ସିନା ପୁଅ କ'ଣ ଝିଅ କ'ଣ ଦରବୁଢ଼ା ହେଲ୍‌ବେଳକୁ ବାହା ହଉଚନ୍ତି । କହନାଲେ ଟୋକା, ସେକାଳ ପଖାଳ କ'ଣ ଅଉ ଅଛି ? ଯୁଗ ବଦଳୁଚି । କୋଉ ଶାନ୍ତି ଅଛି ନା କ'ଣ !!

ବାପାଙ୍କ ହାତର ନାଲି ରକ୍ତ ପାଣିଚିଆ ହୋଇ ବୋହିଗଲା, ଅଥଚ ଅଁ ଉଁ ହେଉନଥିଲା କି ଚୁଁ ହେଉନଥିଲା । ମୁଁ ତରତରରେ କୋବଗୁଡ଼ାକୁ ବାପାଙ୍କ ପାଟରୁ ଅଣି ହଡ଼ମୁଣ୍ଡା ବନ୍ଧାରେ ଭରୁ ଭରୁ ଗୋଡ଼ ଖସିଗଲା । ମଚ୍‌କି ହେଇ ଦରଜ ହେଲା ଅଥଚ ଆଈ ତା' କୋଥଳି ଭିତରେ କେତେଦିନର ସାଇତା ପଞ୍ଚଗୁଣାକୁ ଆଣି ମାଲିସ କରି ଗରମ ପାଣି ସେକ ଦେଉନଥିଲା; କି କାହା ଗାଣ୍ଠିଏ ଗାଣ୍ଠିଏ ବି ଲାଗୁନଥିଲା ମୋ' ଯତ୍ନ ନେବାକୁ । ବୋଉ ଭାତ ବସେଇ ପଶିବା କାଠି ଦେସର ବାଟୁ ବାଟୁ ଭାତ ତଳି ଲାଗିଗଲା । ପୋଡ଼ା ଭାତର ଗନ୍ଧରେ ଘର ଭିତର ଗନ୍ଧଉଥିଲା ଅଥଚ ଅଈ ତା'ର ଖାମଖିଆଲି ଗୁଣକୁ ନିନ୍ଦା କରିପାରୁନଥିଲା କି ବୋହୂଟା ଚୁରିଆଡ଼େ ଧୂଆଁ ହଉଚି ବୋଲି 'ଆହା' ପଦ ବି ପ୍ରକାଶ କରିପାରୁନଥିଲା । ମାଧୁଆ ଅପା ଗାଡ଼ିଆ ତୁଠରେ ବସି ବସି ଧକଉଥିଲା ଅଥଚ ଆଈ ଡାକୁନଥିଲା : ମାଧୁଲୋ,

Digitized by PPRACHIN, SOA

ଟିକେ କ୍ଷୀରପାନ ଆଣ ଦା, ପାଟିଟା ଆମ୍ବିଳା ଉଠିଗଲାଣି । କେତେବେଳୁ ଛୋକାଟା କୁଆଡ଼େ ଯାଇଚି ଯେ ଦେଖାନାହିଁ । ହୁର୍ଦ୍ଦଣ୍ଡଟା ହବ । ମାଇକିନିଆ ଝୁଅ ଜନମ ପାଇ ଏମିତି ଉଦାସିଆ ହେଲେ ହବ କିଲେ !!

ଖାଇ ନଖାଇ ଦାଣ୍ଡଯାକ ବୁଲୁଥିଲେ ଅଥଚ ଆଈ ତାଙ୍କୁ କୋଳରେ ବସେଇ ବଳେଇ ବଳେଇ ମୁଠିମୁଠେଞ୍ଜ ପାଟିକୁ ଦଉନଥିଲ ।

କୋବି ଧୋଇଧାଇ ବାପା ବୋଇଁ ବାଛିଲେ । ମୁଁ ହାତକୁ ଗୋଟା ଗୋଟା ବଢ଼େଇ ଦଉଥାଏ । ବାଇଗଣ ଗଦା ଭିତରୁ ପୋକଡ଼ାଯାକ ବାଛି ଅଲଗା କରି-ସାରିଲା ପରେ ସେଗୁଡ଼ିକୁ ବାପା ଛୋକେଇ ସାହାଯ୍ୟରେ ଧୋଇ ବସ୍ତାରେ ଭରିଲେ । ଖାଇ ଅଖା ଧରିଲେ । ପୋଡ଼ାଖାଇ, କୋବି ବାଇଗଣ ଓ ଆଳୁ ତରକାରୀକୁ ବାପା ଯୋଡ଼କରି ଯୋଡ଼କରି ବୋଉ କହିଲା : ତେମେ କ'ଣ ଆଜି ହାଟକୁ ଯତରେ ଯିବ ?

: ଆଉ କ'ଣ କରିବା···

: ଏମିତି ହଉଚନ୍ତି ସେ···

: ପରିବାଗୁଡ଼ାକ କାଟିପକେଇଲି···

: ପଚ୍ଛରିଲନି ?

: ସେ କହିଲ ପରା, ତୁ ଯାଅ, ମୁଁ ଭଲ ହେଇଗଲେଣି ।

: କାହିଁ ଏବେ ଯାଇଥିଲି ଦୁଧ ପେଇବାକୁ, ମଣିଷ ଚିହ୍ନି ପାରିଲେନି । କେତେବେଳକେ କହିଲେ, କ'ଣ ଚମ୍ପା···ହଉ ଯାଉଚ···ଆଉ ହବନି । ଏ ସଂସାର ଏଥରକ ସମାଳ ।

ବାପାଙ୍କ ଗାଡ଼ଗୁଣ୍ଡା ଅଟକିଯାଉଥିଲ ମଝି ଆକାଶରେ । ହାତ ଥରୁଥିଲ ଏବଂ କହୁଥିଲେ : କ'ଣ କରିବା···ସେ ଶଃ···ବେପାରୀଗୁଡ଼ିକ କ'ଣ ଗାଁକୁ ଆଉଚନ୍ତି । ନହେଲେ ଯାଉଚି ଖାଲି ବେପାରୀଙ୍କୁ ସେମିତି ଯାହାହବ ଦେଇ ଦେଇ ଆସିବି ।

ବୋଉ ବୁଲିଗଲ ବାଉଅଡ଼କୁ କରେଇଟା ଧୋଇ ଆଈ ପାଇଁ ଟିକେ ଶାଗୁ ବସେଇବ । ବାପା ବୋଧେ ଦ'ଗୁଣ୍ଡା ନେଲ ପରେ ମୋ' ଆଡ଼କୁ ଖାତ ଠେଲିଦେଇ ଉଠିଗଲେ । ଧୋଇହେଇ ଆଈଙ୍କ ପାଖରେ ଯାଇ ବସିଲେ ।

: ବୋଉ···

: ଉଁ

Digitized by PPRACHIN, SOA

: ବୋଉ···

: ଉଁ

: ବୋଉ ବା

: ଉଁ

ଉଁ-ଉଁ ବ୍ୟତୀତ ଯେମିତି ଆଉ ଆଉ କିଛି କହିବା ଅବସ୍ଥାରେ ନଥିଲେ । ଥରକୁ-ଥରକ ଯେତେବେଳେ ସେ ଘରେ ପଡ଼ି ପୁଣିଥରେ ସୁସ୍ଥ ହୋଇଉଠିଲେ, ସେତେ-ବେଳକୁ ସେ ନିଜକୁ ଖୁବ ଶ୍ରେଷ୍ଠ ମନେକରୁଥିଲେ । ଜିଜସ୍ ଜିଜସ୍ ହୋଇଯାଉଥିଲେ । ଚମ୍ପକର ଯେମିତି ଗୋଟେ ଗ୍ରେଟନାମ୍ବା କାମ କଲ୍ପରି କରିଛନ୍ତି ।

କାରଣ ଏହା ଯେ : ଏହା ପୂର୍ବରୁ ସେ ତିନିଚାରିଥର ଘରେ ବାଧିକ ପଡ଼ିଥିଲେ ଏବଂ ତାଙ୍କୁ ଦେଖିବାକୁ ଆମର କୁଣିଆ ମଇଁମାନେ ଆସିଥିଲେ । ମିଠା-ଫଳ-କ୍ଷୀର ଖୁଆଇଥିଲେ । ଭାବିଥିଲେ ବୁଢ଼ୀର ଏହା ଶେଷଖିଆ । ଯୋଗକୁ ଆଉ ତିନିଥରଯାକ ପୁଣି ଭଲ ହୋଇ ଆମକୁ କୋଳରେ ବସେଇ ଗପିବାଠୁ ଆରମ୍ଭକରି ବାଡ଼ିରେ ଘଷି ପାରୁଥିଲେ । ଲଇଁ ଲଇଁ ଉପରବେଲା ଘର ଓଲଉଥିଲେ । କେହି ନଥିଲେ ଏବଂ ବେଳେବେଳେ ବୋଉ ଠାକୁର ଘରେ ସଞ୍ଜ ନଦେଲେ ସେ ବାଗିଛି ବଳେ ସେ କାମ କରୁଥିଲେ । ଆମ ବଜୁଲିଗଛରୁ, ଅମୃତଗଛରୁ କି କରମଙ୍ଗା ଗଛରୁ ପାରି ନେଇଗଲାବେଳକୁ ପିଲାଙ୍କ ଉପରକୁ ବିଗୁଡ଼ିଥିଲେ । ତାଙ୍କୁ ଅବାଇଜିଆ ଓ ଖରାବେଳିଆ ଚୁଆ କହି ଶୋଧୁଥିଲେ । ତାଙ୍କ ଘର ବୁଢ଼ୀ ଓ,ମାଇପେଙ୍କ ସହ କଜିଆ କରି ଧଇଁସଇଁ ହୋଇଯାଉଥିଲେ ।

ବାପା କିଛି ସମୟ ଆଈକୁ ଅଉଁସିଲେ । ବାପାଙ୍କ ପେଳୁଆ ପେଳୁଆ ଆଖି ଆଗରେ ଗୋଟେ ଦେବୀମୂର୍ତ୍ତି ଯେମିତି ବିସର୍ଜନ ହୋଇ ପଡ଼ିରହିଛି ।

: ବୋଉ—ବୋଉ—

: କଅଣ···

: ତୁ ସେମିତି କାଇଁ ହଉଚୁ···

: ଉଁ

: କ'ଣ ହଉଚି ତୋର···

: ନାଇଁ, ସେଗୁଡ଼ିକ ରଖେଇଥୋଇ ଦଉନାହାନ୍ତି···

: କିଏ···

Digitized by PPRACHIN, SOA

ତା'ପରେ ପୁଣି ଏକ ପ୍ରଲମ୍ବିତ ନୀରବତା ବାପା ଓ ଆଈଙ୍କ ଚତୁଃପାର୍ଶ୍ୱରେ ଔଷଧମାନ କଲାବେଳକୁ ବୋଉ ଯାଇଁ ହାଜର । ବୋଉ ଥକ୍କା ମାରି ଠିଆ ହଉ-ହଉ ପଛରେ, କ'ଣ ହେଲା କି ?

ବାପା ତପସ୍ୟାରୁ ଉଠିଲା ପରି ବୋଉକୁ ନଅନେଇ ଖାଲି ଆଈ ମୁହଁକୁ ଚାହୁଁଥାନ୍ତି । ମୁଁ ଉଠିଆସିଲି । ବାପାଙ୍କ କଣ୍ଠ ଜାଗାରେ ମାଛିଟା ଉଡ଼ିବୁଲୁଥିଲା । ବାପା ତାକୁ କିଛି କହୁନଥିଲେ । ହୁଁ କି ଚୁଁ ହେଉନଥିଲେ । ମାଛିଟା ଯଥେଷ୍ଟ ସ୍ୱାଧୀନତା ପାଇଲାବେଳେ ବୋଉ କହୁଥିଲା : ଉଙ୍କ୍ରଣୀ ମାଛିଟା କ'ଣ ହଉଚି ବା । ସୋରିଷତେଲ ଟିପେ ଆଣି ଘାଆଟା ଉପରେ ମାରିଦେଲା ।

ତା'ପରେ ଆଈ-କଡ଼୍-ଲେଉଟେଇଲେ । ବଷଣ୍ଡ-ରେଖାଙ୍କିତ ମୁହଁଟା ବୁଲେଇ ଚାହିଁଲେ । ଆମେମାନେ ସମସ୍ତେ ତଟସ୍ଥ ହେଇ ଠିଆହୋଇଥାଉ । କେହି କାହାରିକୁ କିଛି କହିପାରୁନଥାଉ । ଅଥଚ ଦେଖୁଥାଉ ଯେମିତି ସମସ୍ତେ ଏବେ ଏବେ ବାକ୍‌ଶକ୍ତି ହରେଇ ସାରିଲା ପରେ ଶବ୍ଦ-କାଙ୍ଗାଳ ହୋଇଉଠିଛୁ ।

ଆଈଙ୍କ ପାଟିକୁ ଚାହିଁଲି । ତାଙ୍କ ଓଠ ଥରୁଥିଲା । ନାଲି ଗୁଲୁଗୁଲୁ ସାଧବ-ବୋହୂ ପରି ଓଠଟା ନଥିଲା । କେତେଦିନ ହେଲା ପାନ ନଖାଇ ଶେତାଳିଆ ପଡ଼ିଯାଇଥିଲା । ଥରୁଥିଲା, ଅଥଚ ଖୋଲୁନଥିଲା ।

: ବୋଉ କ'ଣ କ୍ଷୀର ପିଇବ···

: ବୋଉ ଟିକେ ପିଇ···

ସେ ଶୁଣୁନଥିଲା । ବୋଉ ଦି'ଚାମଚ କ୍ଷୀର ପାଟିରେ ଦେଲା । ସେ ପିଇଗଲେ । ଆଉ ଚାମଚ ଦେଲକୁ ମନାକଲେ ଈଷତ୍ ମୁଣ୍ଡ ହଲେଇ । ଅରପାଲି ହାଟରୁ ଆସିଥିବା କମଳାଟା, ସେଓ ଦି'ଟା ସେମିତି ବୋଉ ଶିକା ଉପରେ ରଖିଚି । କେତେବେଳେ କାଳେ ତାଙ୍କ ତଣ୍ଟି ଶୁଖିଯିବ । ଦି'ତିନିଥର ମୁଁ ଶିକାକୁ ଚାହିଁଲି । ଭାବୁଥିଲି କେହି ନଥିଲାବେଳେ ବେତା ଉପରେ ବେତା ରଖି ତା' ଉପରେ ଚଢ଼ି ନେଇଆସିବି । ଥରେ ଚେଷ୍ଟାକଲି ଯେ ବେତାଟା ଓଲଟିପଡ଼ିଲା । ବୋଉ ଗାଡ଼ିଆମୂଳରୁ ଦଉଡ଼ିଆସିଲା ହାଣ୍ଡିଶାଳେ ବଳେଇ ଦୁଧହାଣ୍ଡି ଗଡ଼େଇଦେଲି ବୋଲି । ମୁଁ ସେତେବେଳକୁ ଛୁଉ । ବୋଉ କହୁଥିଲା, ଏ ବଳେଇଗୁଡ଼ାକ ମରୁଚନ୍ତି, ରଖେଇ ଥୋଇ ଦଉନାହାନ୍ତି । ହେଇ ଶଙ୍ଗା ଉପରୁ ବେତାଗୁଡ଼ାକ ଖସେଇ ଦେଲେଣି । ଶିକାଟା ଜୋର୍‌ରେ ହଲୁଥାଏ । ବୋଉ କିନ୍ତୁ ମୋତେ ଜାଣିପାରିଲାନି ।

କମଳା ପାଖୁଡ଼ାଏ ଆଈଙ୍କ ପାଟିରେ ଚପୁଡ଼ି ଚପୁଡ଼ି ବୋଉ କହିଲା, ସେ ଫଳଟା ଥେଲା ତାକୁ ଫିଙ୍ଗେ ଦେଲା । ଟାଉକାଟା ଅନେଇଚି ।

Digitized by PPRACHIN, SOA

ବାପା ଉଠିଲେ ଏବଂ ମୋ' ହାତକୁ ଫଳଟା ବଢ଼େଇଲାବେଳକୁ ସେଦିନଭଳି ମୋର ଖାଇବାରେ ମୋଟେ ଆଗ୍ରହ ନଥିଲା । ଧରିଲି ଏବଂ ଦେଖୁଥିଲି ।

: କ'ଣ କରିବ, ପରିବାଗୁଡ଼ାକ ହଇରାଣରେ ପକେଇଲା । ସାଇ କାହିଁ କାହାରୁ ଏଯାଏ ଆସିଲେନି । ଖବରଟା ପହଞ୍ଚିଲା କି ନାହିଁ...

: ହଁ, ସେ ଆଉଥିବେ । ସେ ତ କାଲି ସଞ୍ଜରେ ଖବର ଦେଇଥିବ, ଆଉ ସକାଳୁ ବାହାରି ଆସୁଥିବେ । କମ୍ ବାଟ ହେଲାଣି ।

: ଗାଈଟା ଦୁହାଁ ହେଇନି ପରା । ଆଣିଲୁ ଠେକଟା ଆଗେ । ଠେକି ପୋଡ଼ା ହେଇଚ ? କାଲି ପରା କ୍ଷୀର ଛିଣ୍ଡିଗଲା...

: ନାହିଁ ପରା...

ବୋଉ ତରତରରେ ଠେକଟାକୁ କାଆଁରେ ବସେଇ ରସ ହାଣ୍ଡିଟା ବାପାଙ୍କ ହାତକୁ ବଢ଼େଇଦେଲା ଏବଂ ଏଥିକବେଳେ ଘରୁ ଜୋରରେ କାଶ ଶୁଭିଲା ।

ଆମେ ସମସ୍ତେ ପୁଣି ଦଉଡ଼ାଦଉଡ଼ି ହେଇ ଗଲୁ ।

ଆଈ ଥରୁଥିଲା । ଯେମିତି କମ୍ପ ଆସୁଚି । ବୋଉ ଦ'ଟା କନ୍ଥା ଘୋଡ଼େଇ-ପକେଇଲା । ତଥାପି ଥରୁଥାଏ । ବାପା ପିଠିଟାକୁ ମାଡ଼ିବସିଥାନ୍ତି । ତଥାପି ଥରୁଥାଏ । ବୋଉ ଗୋଡ଼ ଦ'ଟା ମାଡ଼ିବସିଥାଏ । ତଥାପି ଥରୁଥାଏ । ଯେମିତି ଗୋଟେ ଭୂମିକମ୍ପ ହୋଇଯାଉଛି । ମାଟି ଅତଡ଼ା ଖସିଯାଇଛି । ଗୃହକାନ୍ଥ ଖାଲି ଟଳମଳ ହେଉଛି । କୋଉ ମୁହୂର୍ତ୍ତରେ ଭୁସ୍କୁଡ଼ିପଡ଼ିବ । ଧସିଯିବ । ସବୁ ଚୂରମାର୍ ହୋଇଯିବ ।

: ବୋଉ କ'ଣ ଶୀତ ହଉଚି...

: ହୁଁ-ହୁଁ-ହୁଁ...ହୁଁ...

ସେ ଘର ଅଲୁଗୁଣୀରୁ ଆଉ ଗୋଟେ କନ୍ଥା ଆଣି ବୋଉ ଘୋଡ଼େଇଦେଲା । ନୋକା ପିଇସା ଆସି ପହଞ୍ଚିଲେ ଏବଂ କହିଲେ, ଆଣିଲୁ ଆଣିଲୁ ଭାଗବତଟା ।

ବାପା ଉଠିବା ଉଠିବା ହୋଇ ଉଠୁନଥିଲେ । ସେ ଶୁଣୁନଥିଲେ ଏତେ ଜଲ୍‌ଦି ଭାଗବତପଢ଼ା ଆରମ୍ଭ କରିବାକୁ । ଦ୍ୱିତୀୟ ଥର କହିଲେ, ମାହାଳ କୁଡ଼ିଏ ଆଣି ରଖିଥାଅ । ସେଦିନ ଗାଧୋଇ ଖାଇ ସାରିଲା ପରେ ପୁଣି ଘରେ କୋଥିଲା ଫିଟେଇବାକୁପଡ଼ିବ ବୋଲି ବାପା ସହଜରେ ବିଶ୍ୱାସ କରୁନଥିଲେ ଏବଂ ଉଠୁ-ନଥିଲେ । ଖାଲି ବୋକା ପାଲଟିଯାଉଥିଲେ ମୋଠୁ ଅଧିକ ଭାବରେ ।

Digitized by PPRACHIN, SOA

: ଆରେ ବେଳପଗ୍ ହେଇଆସିଲାଣି, ତମେ କ'ଣ ଭାବୁଚ, ଇଏ ତମ ଆମ ହାତର କଥା—ପିଇସା କହୁଲେ ।

ବୋଉ କାନ୍ଦଉଠିଲା ।

: ଆରେ ଜମା କାନ୍ଦନା କାନ୍ଦନା । ପାଚିଲା ଫଳ ଝଡ଼ିବ ତ, ଆଉ କ'ଣ ହେଇଚ ଯେ ଆମେ ମନା କରିଦେବା । ଭାଗବତ କହୁଚ : ମର୍ତ୍ତ୍ୟମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ ।

ମୁଁ କିଛି ବୁଝି ନପାରିଲେ ବି ଏବେ ଜାଣୁଚି, ବାପା ଭାବୁଥିଲେ, ଭାଗବତ ଯାହା କହୁଚି ତାହା ସତ ହୋଇପାରେ, କିନ୍ତୁ ଏଇ ସଙ୍ଗେ ସଙ୍ଗେ ସେ ଏଡ଼େବଡ଼ ସତ୍ୟଟାର ମୁହାଁମୁହିଁ ହବାକୁ ସତରେ ଖୁବ୍ ଡରିଯାଉଥିଲେ ଏବଂ ସତଟା ସତ ଖାଲି ପୋଥି ଭିତରେ ଥିଲେ ସିନା ସୁନ୍ଦର । କେମିତି ବା ସେ ଏଡ଼େବଡ଼ ସତଟାକୁ ସତ ବୋଲି ଭାବିନେବେ । ସେ ଆଉଣି ବୋକା ଦେଖାଯାଉଥିଲେ ? ବଡ଼ବୋଉ ମୋର ସେମିତି ମୁଣ୍ଡରେ ହାତଦେଇ ମାଟିରେ ଗାର କାଟୁଥାଏ । ମାଟି ଓଦା କରୁଥାଏ । ମୋ' ଆଡ଼କୁ ଗୁହିଁ କହିଲା, ଗଲୁ ଅର୍ଜ୍ଜୁନଗଛ ମୁଣ୍ଡରେ ଠିଆହେଇ ଦେଖିବୁ, ବଡ଼ବାପା ଆଉଚନ୍ତି କି ?

ମୁଁ ଦଉଡ଼ି ଦଉଡ଼ି ଗଲି ସେଠିକି । ସେଠି ଠିଆହେଲେ ମଳିକ ସାଈ ପର୍ଯ୍ୟନ୍ତ ରାସ୍ତାଟା ଦେଖାଯାଏ । କିନ୍ତୁ ବଡ଼ବାପା ଆସୁନଥିଲେ ଏବଂ ପୁଣି ଦଉଡ଼ି ଦଉଡ଼ି ଘରକୁ ଫେରିଆସିବା ଭିତରେ କାଳେ କ'ଣ ଗୋଟାଏ ହୋଇଯିବ ଆଉ ମୁଁ ଦେଖି ପାରିବିନି—ଏଇ ଚିନ୍ତାରେ ଅଣନିଃଶ୍ୱାସ ହୋଇପଡ଼ୁଥିଲି ।

ଉପରବେଳା ହୋଇଯାଇଥିଲେ ବି ବୋଉ ଖାଇସାରି କଂସା ଧୋଇ ପାରି-ନଥିଲା । ଦ' ଟୋପା କ୍ଷୀର ପିଇସାରି ଆଈ ଶୋଇଯାଇଥିଲା ଏବଂ ସନ୍ଧ୍ୟାବେଳକୁ ଗୁହିଁଲା । ପୁଣି ଥରିବାକୁ ଲଗିଲା । ଏଥରକ ନିଃଶ୍ୱାସର ବେଗ ଖୁବ୍ ବଢ଼ିଯାଇଥିଲା । ନୋକା ପିଇଷା ଦଶମସ୍କନ୍ଧ ଶେଷ କଲାବେଳକୁ ଆମେ ସବୁ ବସି ବସି ଢୁଳଉଥିଲୁ । ବାପା ସେମିତି ପିଠିକି ଆଉଜି ବସିଥାନ୍ତି । ବୋଉ ଗୋଡ଼ ପାଖରେ ବସି ଆଉଁସୁଥାଏ । ବଡ଼ବୋଉ ବି ସେପଟରେ ଆଉଁସୁଥାଏ । ହେମଅପା, ପ୍ରମିଳା'ପା, ଏକ ଓ ଝୁମ୍ମଅପା ଥା'ନ୍ତି ତାଙ୍କ ଶାଶୁଘରେ । ଖବର ଦବାକୁ କେହି ଯାଇନଥାନ୍ତି । କିଏବା ପାଖରେ ଅଛି ଯିବ ! ମାଧୁଆ ଅପା କାନ୍ଥକୁ ଆଉଜି ନେପ୍ଟି ପଡ଼ିଲାଣି । ଭାଇଙ୍କ ମୁଣ୍ଡ ଦ' ଚାନଥର ଖଟ ଖୁରାରେ ପିଟିହୋଇ ଗଲାପରେ ବୋଉ ତାଙ୍କୁ ନେଇ ସେ ପଟକୁ ଶୁଆଇଦେଲାଣି । ବୋଉ କୋଳରେ ଶୋଇ ଶୋଇ କିଛି ଜାଣୁନଥିବା ମୋ' ସାନଭାଇ କିବା ବେଳେବେଳେ କାନ୍ଦଉଠି ପୁଣି ନୀରବଯାଉଥାଏ ।

ରାତି ସରୁନଥାଏ । ଆଈ ଖାଲି ଜୋର୍‌ରେ ନିଃଶ୍ୱାସ ପେଲୁଥାନ୍ତି । ମୁଁ ଭାବୁଥିଲି, ଆଈ ହେଲେ ଟିକେ ପାଟି ଖୋଲନ୍ତା । ବେଙ୍ଗବତୀ କନ୍ୟା, ବଜୁଳିବତୀ କନ୍ୟା କଥା

Digitized by PPRACHIN, SOA

କହୁନ୍ତି । ହୁଁ ମାରନ୍ତୁ ଆମେ । ଆଈ କିଛି କହୁ ନଥିଲା କି ଶବ୍ଦ ପାରୁନଥିଲା । ମୁଁ ଘୁଞ୍ଚୁଥାଏ ପୁଣି ଶୋଇପଡ଼ୁଥାଏ । ନୋକା ପିଇସାଙ୍କ ଗୀତର ଲହରୀ ଶୁଣି ଶୁଣି ନିଦରୁ ଉଠୁଥାଏ ଏବଂ ମନେପଡ଼ୁଯାଉଥାଏ ମୋ' ଆଈର କ'ଣ ହେବ ଦେଖିବ !

ବାପା ବୋଉ, ବଡ଼ବୋଉ, ନୋକା ପିଇସା ଆଈ ପାଟିରେ ନିର୍ମାଲ୍ୟ ଦେଲେ । ଭାଇ ଓ ମାଧୁରୀ ଅପାକୁ ଡାକିଲେ । ସେମାନେ ନିଦ ମଳମଳ ଆଖିରେ ଆଈ ପାଟିରେ କ'ଣ ଗୁଞ୍ଜିଦେଲେ । ମୋତେ ବି କହିଲେ । ମୁଁ ଦେଲି । ଫଳଟା ସେତେ-ବେଳକୁ ଖଟତଳେ ଗଡ଼ଗଡ଼ଉଥାଏ । ମାଧୁରୀ ଅପା ଆଣୁନଥାଏ । ଭାଇ ବି ଆଣୁ ନଥାନ୍ତି । ତା'ପରେ ବୋଉ ଓ ବଡ଼ବୋଉ ଜୋର୍‌ରେ କାନ୍ଦିବା ଆରମ୍ଭ କରି-ଦେଲେ । ଆଈ ଉପରେ କଲ୍ଲଡ଼ିହୋଇ ପଡ଼ିଲେ । ବାପା କହିଁ କହିଁ ହୋଇ-ଉଠିଲେ । ମାଧୁରୀ ଅପା ଓ ଭାଇ ଭେଁ-ଭେଁ ହୋଇଉଠିଲେ । ଯାନଭାଇ କବି ସେମାନଙ୍କ କାନ୍ଦଣା ଲହରୀର ପ୍ରତ୍ୟୁତ୍ତର ଦେଲା, ମୁଁ ଦେଖିଲି । ସମସ୍ତେ କାନ୍ଦୁଛନ୍ତି । ମୁଁ କାନ୍ଦିଲି ଏବଂ ଜାଣିପାରିଲି ଯେ ଆଈର କ'ଣ ହୋଇଗଲା !!

ଆଈ କୁଆଡ଼େ ମରିଗଲା । ସେତେବେଳକୁ ସୂନ୍ଦରୀ ଫାଟିଲାଣି । ଭେଳା'କା, ଧୋବା'ଇ, ଧଡ଼ିଆ'ଇ, ନବା'ଇ, ପରଶୁଦାଦା, ପରମାନନ୍ଦଆଭାଇ, ବଇରାଗୀଭାଇ ଓ ନାରଣ ଅଜା ପ୍ରମୁଖ ଆସି ଠୁଳ ହୋଇଗଲେ ଏବଂ ଆଈଙ୍କୁ ଗୋଟେ ଧଳାଲୁଗା ଘୋଡ଼େଇ କବାଟ ଆଉଜେଇ ଆଣିଲା ବେଳକୁ ବଡ଼ବାପା ଅ.ସି ପହଞ୍ଚିଲେ । ସେ ଥକ୍‌କାମରି ହୋଇ ବସିଗଲେ ଏବଂ କବାଟ ଖୋଲି ଆଈ ମୁହଁରୁ ଟିକେ ଲୁଗା ଖୋଲି ପୁଣି ଘୋଡ଼ାଇ ଦଉଦଉ ସେ ଖୁବ ହାଲିଆ ଜଣାପଡ଼ୁଥିଲେ ।

ଏହାପରେ ଆଈଙ୍କୁ ଆମ ଘରୁ ଗୋଟେ ଅବାଗିଆ ଜିନିଷ ଉପରେ ରଖି ପାନ ଦଉଡ଼ାରେ ବାନ୍ଧିନେଇଗଲେ ଏବଂ ମଶାଣି ପଦାକୁ ଗଲେ । ଆମେ କୁଆଡ଼େ ଡରିବୁ ବୋଲି ବୋଉ ମନାକଲା । ଆମ ବାଡ଼ିପଟ ପୋଖରୀ ହୁଡ଼ାରେ ଠିଆହୋଇ ଆମେ ଦେଖୁଥିଲୁ ବାଲିଉପରୁ ଧୂଆଁ ଉଠୁଚି ଆଉ ଚଡ଼ଚଡ଼ ହୋଇ କ'ଣ ଗୁଡ଼ାଏ ଫୁଟୁଛି ।

ତା' ପରଦିନ ଡ'ପହରକୁ ବାପା କୋବିବସ୍ତା ଖୋଲି ଗାଈ ଆଗରେ ପକାଉ ପକାଉ ଏବଂ ବାଇଗଣ ବସ୍ତା ଖୋଲି ପୋଗ୍ରୁଗୁଡ଼ାକୁ ଗୋରୁକୁଣ୍ଡରେ ପକାଉ ପକାଉ ଅବଶିଷ୍ଟ ଶୁଖାଗୁଡ଼ାକୁ ସେମିତି ଗଦେଇଦେଲେ ଏବଂ ଯିଏ ମାଗମାଗନ୍ତାଣୀ ଆସି ପୁଳାପୁଳା ନେଇଗଲାବେଳକୁ ଏବେ ମୋର ଗୋଟେ କଥା ମନେପଡ଼ୁଛି ! ସେଦିନ ସୀତା ଧୋବଣୀକୁ ଲୁଗାକାଚିବାକୁ ଦେଲାବେଳେ ବୋଉ ଦି'ଟା ବାଇଗଣ ତାକୁ ଲୁଚେଇ କରି ଦେଇଦେଲା ବୋଲି ଆଈ ଦିନମାନଯାକ ବୋଉ ସାଥିରେ କଳି କରିଥିଲା ଏବଂ ଦିନମାନ ଉପାସ ରହି ରାତିକି ଆମମାନଙ୍କ ଅନୁରୋଧକ୍ରମେ ଖାଉ ଖାଉ କହିଲା : ଦେଲା କିଛି ନାହିଁ, ମୋତେ ଦେଖେଇ କରି ଦେଲୁନି !

Digitized by PPRACHIN, SOA

ତମକୁ ମିଛ

ବାପାଙ୍କ ଚିଠି ପାଇ ଆସି ଘରେ ପହଞ୍ଚିଲାବେଳକୁ ଗୋଟାକାତେ ହେଲା ହସ। ଭଉଜ ଖାଲି ଥଟ୍ଟା ତାମସା କରିଗଲେ। ବୋଉ ମୋର ଚଢ଼ି ଚଢ଼ି ହେଉଥାଏ : ତା'ର କ'ଣ ଦୋଷ ? ତେମେ ତ ସମସ୍ତେ ଭୁଲିଗଲ। ତା' ପାଖକୁ ଲେଖିଲ। ସେ କ'ଣ ଏତେକଥା ଜାଣିଛି ? ହଁ ବା, ସେଇଟା କୋଉଠି ଠକଟା ଥିଲା। ଠାକୁର ନାଁରେ ଏମିତି ସବୁ କରୁଚି, ଧରମ ସହିବ, କେଜାଣି ! ମୋ' କୋଉକାଳର ପିତଳ ଡାଳଟାକୁ ନେଲା। ଭୋଗ କରିପାରିବନି। ସେମିତି ଜୀବନ-ଯାକ ରୋଗରେ ସଢ଼ୁଥିବ। ବଡ଼େଇକରି କହୁନି, କୋଉ ଜନମରେ କି ପାପ କରିଥିଲା ଯେ ଏ ଜନମରେ ତା ଅଙ୍ଗ ଛୁଡ଼ିଗଲାଣି। ଇରେ ବାପ, ଆମେ କ'ଣ ସବୁ ଏତେକଥା ଜାଣିଚୁ ? କୋଉଠି ଥିଲା ତ ଝଡ଼ବାଗିଆ ଆସି ପହଞ୍ଚିଲା। କାଳିସୀ ଲାଗିଲା ପରି କହିଗଲା ତୋ' ବାପା ନାଁ, ଜେଜେ ନାଁ, ଅଣଜେଜେ, ପଣଜେଜେ ନାଁ। ଯନ୍ତ୍ରମନ୍ତ୍ର ଜାଣିଛି। ତାନ୍ତ୍ରିକଟା କି କ'ଣ, ସେଇଠୁ ଆମେ ଭୁଲିଗଲୁ।

ଏସବୁ କଥା ଶୁଣିଲା ପରେ ମୁଁ ଖାଲି ବଲବଲ କରି ଚାହିଁଥାଏ। କିଛି ମୂଳଚୂଳ ଧରି ପାରୁନଥାଏ।

: ଖାଲି କ'ଣ ଆମେ ? ସେଇ ଯେଉଁ ଅର୍ଜୁନା ମାଷ୍ଟ୍ର, ବିଚରା ଗରିବଟା। କେତେ କଷ୍ଟରେ ମୁଠିଚାଉଳ ବିକି ଠେଇଁ; ଲାଇଟ୍ଠା କରିଥିଲା। ଗ୍ରେଟାଟା ! ରାତି-ବିକାଳିକି ତାକୁ ସାହା ହେଉଥିଲା। ସେଇଟାକୁ ପରା ନେଇ ପଳେଇଗଲା। ଖାଡ଼ା ଛନଛନ ଛନ୍ନ ରାତି ପଢ଼େଇ ପଢ଼ିଲା। ପାଣିଟୋପେ ବି ପାଟିକି ନେଇନି। ଆମେ ସମସ୍ତେ ଭାବିଥିଲୁ ଯେ ସେ ବଦଳିଯିବ। ହାତଗୋଡ଼ ସିଧା ହେଇଯିବ। ଗୋଟି ତକ ତକ ଭେଣ୍ଡାଟା, ଠାକୁରେ ସିନା ତାକୁ ଏମିତି କୁରୂପ କରେଇଦେଲେ। ତମକୁ ମିଛ ମତେ ସତ, ସେଦିନ ମୁଁ ଯାଇଥିଲି ଦର୍ଶନ କରିବାକୁ। ବଟଗୋସେଇଁ-ଙ୍କର ବଳାରେ ମହିମା। ତା ହାତମୁଠା ଖୋଲିଗଲା ପରି ଲାଗିଲା। ବାଆଜୀକୁ ତ ଧନ୍ୟ ଧନ୍ୟ କଲେ। ସେ ଜୋଗଣୀଖିଆ ଧରମଦଣ୍ଡାଟା ରାତି ଅଧରେ ଲୁଚି। ଗଲୁଚିଗଲୁ ଏ ଗରିବଗୁରୁବାଙ୍କ ଜିନିଷତକ ନେଇ ବି ଗଲୁ।

Digitized by PPRACHIN, SOA

: ତୋ' ବାପା ତ ସେମିତି, ସବୁ କଥାରେ ଭଳିସିବେ । ଆଗକୁ ନାହିଁ କି ପଛକୁ ନାହିଁ । କୁଆଡ଼ୁ ନାଇଁ କୁଆଡ଼ୁ ଆସିଲି, କହିଲି : କଣ୍ଟାପଡ଼ିଆ ବରଗଛ ମୂଳେ ସେ ହୁକୁମ କରିବ । ସେଠି ତ ଠାକୁର ଅଛନ୍ତି, ମୁଁ ଏଠିକୁ ଆଇଲାଦିନୁ ଶୁଣୁଛି । ମୋ' ଶାଶୁପରି ସ୍ୱତାନ୍ତର ଦେଖିଛନ୍ତି । ତମକୁ ମିଛ ମତେ ସତରେ, ମୋ' ଭୁଆସୁଣୀ ବେଳକଥା । ଏବକୁ ଯିନା ଏ ଘରେ ପାଇଖାନା ହେଲା । ସେତେବେଳେ ଆମେ ବାହାରକୁ ଉଠୁ ସଞ୍ଜରେ ପରିସ୍ରା କରିବା ପାଇଁ । ନୂଆ ନୂଆ ବେଳ । କଞ୍ଚା ଲହୁ । ଏବକୁ ଯିନା ଧିଅ ବସିଲାଣି । ଆଉ ଡରଭୟ ନାହିଁ । ତୋ' ଆଈଙ୍କୁ ଡାକି ଗଲି ବାହାରକୁ । ତୋ' ବାପା ଯାଇଥାନ୍ତି କୁଆଡ଼କୁ ଗୋଟା । ତେମେ ସବୁ ଜେଇ ହେଇ ନଥାଅ । ଶାଶୂ ବୋହୂ ତ ବସିଛୁ, ଆମ ଆଖି ଝଲସି-ଉଠିଲା । ଶାଶୂ ମୋ'ର କହିଲେ, ମାଆଲୋ, ଡରିବୁନି । ଦିଅଁ ବାହାରନ୍ତି, ତାଙ୍କର ଆଲୁଅ । ସେ କାହାରି କିଛି ଅନିଷ୍ଟ କରନ୍ତିନି । ମୁଁ ପରି ସ୍ୱତାନ୍ତର ଦେଖିଛି—ସେ ଆଲୁଅଟା ସେଇ ଗଛମୂଳୁଁ ବାହାରିଲା । ଥାଳିପଟ ପରି ଗୋଲ । ଅବିର ରଙ୍ଗ । ବୋପାଲେ, କହିଲାବେଳକୁ ମୋ' ରୁମ ଠିଆହୋଇଯାଉଛି । ସେମିତି ସେ ଆଲୁଅ ଆଇଲା ଗଛରେ ଗଛରେ ଗାଁ ମୁଣ୍ଡ ବରଗଛ ମୂଳକୁ । ସେଠି ରହନ୍ତି ତାଙ୍କ ସାନ ଭଉଣୀ । ସେଇଠୁ ବୁଲିଲେ ଦି'ଟା ଆଲୁଅ । ଆଉ ଆମେ ରହିପାରିଲୁନି । ଧଡ଼୍‌କିନା କବାଟ କିଳିଦେଲୁ । ମୋ' ଦେହ ଶୀତେଇ ଉଠିଲା । ଆଉ କ'ଣ ଏକୁଟିଆ ଶୋଇପାରିଲି କି ? ତମ ଆଈ ପରି ମୋ' ପାଖରେ ଶୋଇଲେ । ସେଇ ଠାକୁରାଣୀମାନେ ଗାଁ ଦାଣ୍ଡ ନିଶବଦ ହେଇଗଲା ପରେ ଦାଣ୍ଡରେ ବୁଲନ୍ତି । ବାଡ଼ି, ବସନ୍ତ ଠାକୁରାଣୀମାନଙ୍କୁ ସେ ସତର୍କ କରେଇ ଦିଅନ୍ତି ।

ମୁଁ ପ୍ରଥମେ ପ୍ରଥମେ ଶୀତେଇ ଉଠିଲେ ବି ସାହସ କରି କହିଲି ବିଲୁଆ ପାଟିରେ ଫସ୍‌ଫରସ୍ ଥାଏ । ସେ ରାତିରେ ପାଟି ଆଁ କଲେ ପବନ ବାଜି ସେଥିରୁ ଆଲୁଅ ବାହାରେ । ଠାକୁରାଣୀ ଖାଲି ଏମିତି ଆସୁଛନ୍ତି ? ବୋଉ ମୋ' ପାଟିରେ ହାତଦେଇ ମନାକଲା ।

: ସେମିତି କହନାରେ ପୁଅ, ହେ ଠାକୁରାଣୀ, ଏ ହୁଣ୍ଡାଟା କିଛି ଜାଣିନି, ତା' ଦୋଷ କ୍ଷମା କର । ଏତକ କହି ଧୂଳିମୁଠେ ଆଣି ମୋ' ମୁଣ୍ଡ ଓ ଦେହସାରା ବୋଳିପକେଇଲା ।

: ତେମେ ତ ଆଜକାଲି କେତେ କଥା ବାହାର କରୁଛ । ପୂର୍ବପୁରୁଷ ଖାଲି ହୁଣ୍ଡା ଥିଲେ । ବୋକା ଥିଲେ । ତେମେ ଏଇ ପାଠଶାଠ ପଢ଼ି ଖାଲି ଅବାଗିଆ କଥା-ଗୁଡ଼ିକ ଅଇଗ୍ଣ ବାହାର କରୁଚ । ଏତେ କଥା ତ କହୁଚ, ଆଉ ଯେତେ ରୋଜଗାର କଲେ କାଇଁ ଅଣ୍ଟୁନି ? ଏଇ ଧରମ କରମ ନାହିଁ, ବଡ଼ସାନ ନାଇଁ ।

Digitized by PPRACHIN, SOA

: ଲୋକସଂଖ୍ୟା ବଢ଼ିଲେ, ଆଉ ଅଣ୍ଟିବ କେମିତି ?

: ଏବକୁ ଲୋକସଂଖ୍ୟା ବଢ଼ିଗଲେ, ସେତେବେଳେ ଆଉ କେହି ଜନମ କରୁନଥିଲେ । ମୋ' ବୁଢ଼ୀମାଆର ପରା ଥିଲେ ସତରଟା । ସାତ ଝିଅ, ଦଶ ପୁଅ । ଆଉ ଗୋଟିଏ ହୋଇଥିଲେ ଅଠରକଲାରେ ଗଲାଥାନ୍ତା । ସେଥିପାଇଁ ତା'ର୍ କ'ଣ କମ୍ ମନକଷ୍ଟ । ସେଇ ଜମିରେ ପୁଣି ବରଷକ ଚଳା, ବନ୍ଧୁବାନ୍ଧବ, ପୁନେଇଁପରବ, ଝିଅଝିଆଣୀ ସବୁ ଚାଲୁଥିଲା । କୋଉ ଦିନ ତ କାହା ପେଟ ଖାଲି ନଥିଲା । ଏବେ କୋଉ ପିଟକ ପଡ଼ୁଚି ??

: ହଁରେ ପୁଅ, କୋଉ କଥା ଯାଇ କୋଉଠି ଧରିଲଣି । ତେତେ ବାପା ଚିଠି ଲେଖି ଡକେଇଲେ ଆସିବନି, ଯେତେ ଯାହା କଲେ ତୋ' ଦିହରେ ତ ଜମାରୁ ଲାଗୁନି ! ଏମିତି ବଡ଼ା ଝଣ୍ଟେ ହୋଇ ରହିଲୁ । କୋଉ ଗ୍ରହ ଅବଳରୁ କି କ'ଣ ହଉଚି, ଝିକେ ସେ ଦେଖିଥାନ୍ତା । ସେ ଧରମଛଡ଼ା ଏମିତି କରିବ ବୋଲି କିଏ ଜାଣେ ! କହୁନାରେ ପୁଅ, ଦିନ କେଇଟାରେ ସେ ଯେଉଁ ଥାଟ କରିଦେଲା । ଥିବୁ କାଲି ସକାଳୁ, ଦେଖିବୁ, କେମିତି କଣ୍ଟାପଡ଼ିଆ ଶଛମୂଳ ହୋଇଚି । ପତାକା ଝାଲେରୀ ଫାଲେରୀ ଲାଗି, ଚନ୍ଦ୍ରାଚନ୍ଦ୍ରି ହୋଇ ପରା ଝୁଲୁଚି । ଚଉଦ ମଉଜା ଭଜନିଆଙ୍କୁ ପରା ନିମନ୍ତ୍ରଣ ଯାଇଥିଲା, ବଡ଼ଶ ପ୍ରହରୀ ହୋଇଥାନ୍ତା । କୁଆଡ଼ୁ କୁଆଡ଼ୁ ଲୋକେ ତ ଖାଲି ପିମ୍ପୁଡ଼ି ପରି ବୁଲିଲେ । ଲୁଣିଦାଣ୍ଡିରୁ ତ ପିଲାଛୁଆ, ମାଇପେ, ବୁଢ଼ା-ବୁଢ଼ୀ ସବୁ ଉଠିଆସିଲେ । ଏପଟରୁ ଅନ୍ଧାରୀ, ଏରସମା ନଛିପୁରୀ, ଗୁରୁଗୁରିଆ, ପୋତକ ଦେଇ ସେପଟରେ ଚନ୍ଦବେଲାରି ନୂଆଗାଁଠୁ ଆରମ୍ଭକରି ଏପଟରେ ହାଟ-କେନା-ପଣ୍ଡୁଆ, ଧୋଇଆପାଶରୁ ଲୁହାଗଡ଼ଯାଏ ଖାଲି ତ ଚହଲ ପଡ଼ିଗଲା । ସାଧୁବାବା ସତ କହୁଚନ୍ତି । ଯାହା କହୁଚନ୍ତି ଫଳିଯାଉଚି । ରୋଗକୁ ପରା ହାତରେ ହାତରେ ଭୋଳି ନଉଚନ୍ତି ବାବା । ହଁରେ ପୁଅ, ସମସ୍ତଙ୍କର ଗୋଟା ବିଶ୍ୱାସ ଆସିଗଲା । ମୁଁ ପରା ସମ୍ଭାଳି ନପାରି ତୋ' ବାପାଙ୍କୁ କହିଲି ତତେ ଡକେଇବାକୁ । ଆଉ ଏ ଧରମଛଡ଼ାଟା ଏମିତି କରିବ ବୋଲି କିଏ ଜାଣିଥିଲା ।

: କମ୍ ଘଣା ଶାକର ସେ ଖାଇଚି କରେ । ଛେନା, ଦହି, କଦଳୀ, ନଡ଼ିଆ, କପୂର ମରିଚ—ତା' ଧିଅକରେ ଯାହା ଖାଇନଥିଲା, ଖାଇଲା । ହଁ, ବଡ଼ଶ ପ୍ରହରୀ ହେବାକୁ ଦି'ଦିନ ବାକୀ ଅଛି । ବାବା କହିଲେ—ଆଜି ରାତିରେ ଠାକୁର ନିଜେ ବିଜେ ହେବେ । ଅଧିଆ ପଡ଼ିଥିବା ଲୋକଙ୍କୁ ଛାଡ଼ିଦେଇ ଆଉ କେହି ରହିପାରିବେନି । ସତକୁ ସତ ସେୟା ହେଲା । ସକାଳକୁ ଦେଖିଲାବେଳକୁ ବାବା ଅଛି ନା ଫାବା ଅଛି । ସେଇ ଅର୍ଜୁନାଟା କହୁଥିଲା, ରାତି ଅଧରେ ଖାଲି ଖଡ଼୍‌ଖାଡ଼୍ ଶବ୍ଦ ଶୁଭିଲା । ବାବା ସଞ୍ଜ ବେଳୁ ବେଳୁ କହୁଥାନ୍ତି ଯେ ତମେ ସବୁ ଯେତେ ଯାହା ଶବ୍ଦ ହେଲେ ବି ଆଖି

Digitized by PPRACHIN, SOA

ଖୋଲିବେନି କି ଡରିବେନି । ଠାକୁରେ ବିକେ ହେବେ । ଭୟଙ୍କର ସ୍ୱପ୍ନ ଦେଖେଇବେ । ଚିତ୍ତ ପରୀକ୍ଷା କରିବେ । ଯିଏ ଡରିଲା, ଉଠିଲା, ସେ ଫଳ ପାଇବନି । ସେମାନେ ସବୁ ଆଖି ବୁଜି ପଡ଼ିଥାନ୍ତି ଜୀବନ ବିକଳେ । ଶରୀର କଷ୍ଟ ଭୋଗିଭୋଗି ତ ନୟାନ୍ତ ହେଇଥିଲେ । ବିଶ୍ୱାସରେ ପଡିଥାନ୍ତି । କହିଲାପରି ବିଶ୍ୱାସେ ମିଳଇ ହରି, ତର୍କେ ବହୁଦୂର । ଏମିତି ହବବୋଲି କିଏ ଜାଣିଥିଲା ? ସକାଳକୁ ଗୁରୁଆଡ଼େ ହୁରି । ବାବା ଫେରାର୍ । । ସେଇଠୁ ସମସ୍ତେ ମୁଣ୍ଡକାନ ଆଉଁସି ରହିଲେ । ଖୁବ ଖୋଜାଖୋଜି କଲେ, ହେଲେ ତା' ଗନ୍ଧ ବି ପାଇଲେନି ।

ବୋଉଠୁ ଏକଥା ଶୁଣିଲାପରେ ମୋର "ଧୂଳିଆ ବାବା" କଥା ମନେପଡ଼ିଲା । ବୋଉ ଶୁଣିସାରିଲା ପରେ କହିଲା : ସେ ତ ଶେଷକୁ ହେଲେ ପାନେ ପାଇଲା । ଜଳିପୋଡ଼ି ପାଉଁଶ ହେଲା । ହେଲେ ଏଇଟା ପରା ଓଲଟି ଆମକୁ ନାମ ଦେଇଗଲା । ହଁରେ ପୁଅ, କରମ ଲିଖନ ନା କେ କରିବ ଆନ । କହିଲ ପରି ପିତାମାତା ସଂଯୋଗ କାଳେ ବିଧି ଯା' ଲେଖିଚି କପାଳେ । ଏଗୁରିକ ଖାଲି ବାଆକୁ ବତା । କ'ଣ ସେଥିରୁ ପାଇବୁ ? ଯଦି ସେ ଠିକ୍ ଲେଖିଛି, ଇଏ ଡାକତର କ'ଣ କରିବ ନା ଗୁଣିଆ କ'ଣ କରିବ । ଏ ଜଡ଼ିବୁଟି ଔଷଧ, ଯନ୍ତର ମନ୍ତର ସବୁ ମିଛରେ ପୁଅ ।

ବୋଉ ଯେମିତି ଆସ୍ତେ ଆସ୍ତେ ଏକ ନୂତନ ଜୀବନାଦର୍ଶ ଦେଇ ଖୁବ୍ ବାସ୍ତବବାଦୀ ହୋଇଉଠୁଥିଲା । ଆଉ ଆଦୌ ତା' କଥାରେ ସମ୍ମତି ପ୍ରକାଶ କରିପାରୁନଥିଲି । ଆଣ୍ଠ କହୁଥିଲି; କିଏ ସିନା ଗୋଟାଏଅଧେ ଏମିତି ଚଟାକଟା ହେଲା, ତା'ବୋଲି କ'ଣ ସଂସାରରେ ଗୁଣିଗାରେଡ଼ି, ଯନ୍ତର ମନ୍ତର ସବୁ ମିଛ ? ମୁଁ ପରା ନିଜ ଆଖିରେ ଦେଖିଛି । ଭଗିଆ ମାଇପ ଝୁମ୍ପାକୁ ବାଉଳି ଲାଗିଥିଲା । କହିଲାପରି ଏ ଖଣ୍ଡ ମଣ୍ଡଳରେ ଏମିତିଆ ବୋହୂଟା କିଏ କରିଥିଲା ବା ? ଯୋବନ ପଧାନ ପରା ଚଉଦ ବ୍ରହ୍ମାଣ୍ଡ ବୁଲିବୁଲି ବାଛିକରି ଆଣିଥିଲେ । ଗୋରି ତକ ତକ ଦେହ । ସୁନା ହଳଦୀ ମାଇଲା ପରି । ବଳିଲା ବଳିଲା । ମୁହଁଟା ପରା ଓଲଟ ପାନପତ୍ର । ଦ'ବର୍ଷର ବୋହୂ ହୋଇଥିଲେ ବି ତା' ପାଟି ନିଜ ଗେରସ୍ତ ବି ଶୁଣିନଥିଲା । ଆମେ ସେଯାଏଁ ତା' ମୁହଁ ଦେଖିନ-ଥିଲୁ । ଶାଶୁ ଶଶୁରଙ୍କୁ ଏମିତି କରିଥିଲା ଯେ ନିଜ ଜନମ କଲା ଝିଅ ଏମିତି କରିବନି । ବୋହୂ ଖଣ୍ଡେ ନା ସୁନାମୁଣ୍ଡାଟା । କହିଲାପରି ଶାଶୁଟା ତ ଥିଲା ଗୋଟା କଂସ । କଞ୍ଚା ଖାଇଗଲା ବାଲା ମାଇକିନିଆଟା ସେ । କି ମନ୍ତର ସେ ଜାଣିଥିଲା କେଜାଣି ସାପୁଆ କେଳା ଗଦ ଶୁଙ୍ଘେଇ କାବୁ କଲା ପରି ବୁଢ଼ୀ ପରା ଗୋଟାସୁଦ୍ଧା ବଦଳିଗଲା । ନିଜ ଝିଅକୁ ଯିଏ ଦେଖିସହି ପାରୁନଥିଲା, ବୋହୂଟାକୁ ପରା ପାଟକନାରେ ପୋଛୁଥିଲା ।

: କ'ଣ କହିବ ଲୋ ମାଆ, ଏ ଗାଁରେ ପରା ଦେଖି ସହିପାରିଲେନି । ସେଇ ଧରମଦଣ୍ଡାଟା, କ'ଣ କହିବ, ଖୁଡ଼ୁତାଶୁର ହବ ମୋର ହିସାବରେ, ମାନ୍ଧ ଲୋକ,

Digitized by PPRACHIN, SOA

ହେଲେ କ'ଣ ହବ, ଯେଉଁଟାର ଯୋଉ ବଦଅଭ୍ୟାସ ନା, କଏ ବା ତାକୁ ମାନିବ । ନାଁ କ'ଣ ଧରିବ ? ଯେତେହେଲେ ତ ମାନ୍ୟ ଲୋକ । କହୁନଲେ ବୋହୂ, ତା' ନାଁଟା—ସେଇ ମଲ୍ଲୀପୁର ଗୁଣିଆ ବା ? କ'ଣ ତୋର ମନେପଡ଼ୁନି ? ଗଉଡ଼ସାଇ ପାଖରେ ଯା' ଘର ବା···

: ମହେଶ୍ୱରିଆ···

: ନାଇଁବା···

: ଓ କୃଷ୍ଣଁ ଗୁଣୀ···

: ହଁ । ସୋଇଠୁ କ'ଣ ହେଲାନା, ଦିନେ ବୁଆଡ଼େ ସେ ଆଇଥିଲା ଭଗିଆ ପାଖକୁ । ଭଗିଆ ସେତେବେଳେ କାଣ୍ଡରିଆ କରୁଥାଏ କୁଆଡ଼େ ସିଆଡ଼େ ଢେଙ୍କାନାଳରେ ନା କ'ଣ । ତା' ବାପା ମାଆ ନଥାନ୍ତି, ଯାଇଥାନ୍ତି ଝିଅ ଘରକୁ । ନାଚ ହେଉଥାଏ ତାଙ୍କର । ଏଇ ଆରପାଖ ଗାଁ—ନବାଡ଼ିଆରେ । ସେ କୁଆଡ଼େ ଦଶଡ଼ାକ ଡାକିଲା ପରେ କେହି ଶୁଣିଲେନି । କେମିତି ବା ଶୁଣିଥାନ୍ତା ? କହିଲାପରି ତ'ବର୍ଷ ହେଉନି ଭୂଆସୁଣୀଟା । ସୋଇଠୁ ତ ସେ ରାଗିଯାଉ ଝପ୍ପା । କ'ଣ ନାଇଁ କ'ଣ କଲା ଯେ । ସଞ୍ଜବେଳକୁ ତା' ଶଶୁର ଆସି ଡାକିଲେ ତୋ' ଶଶୁରକୁ । ଦଉଡ଼ାଦଉଡ଼ି ହେଇ ଗଲାବେଳକୁ ବୋହୂଟା ଧିଅରେ କିଛୁ ନାହିଁ । ଖାଲି ନାଳ ହେଇଯାଉଛି । ଗାଙ୍ଗିପଡ଼ୁଛି । କ'ଣ କହିବାରେ ପିଲା, ତମକୁ ମିଛ ମତେ ସତ, ଯାହା ପାଟିରୁ ଚୁ ବୋଲି ଶୁଭୁନଥିଲା, ଖାଲି ତ ଏଣ୍ଟେତେଣ୍ଟେ ଅବାଇଜିଆ କଥାଗୁଡ଼ାକ ଗପିଲା । ଶାଶୁ-ଶଶୁର, ମାନ୍ଧ-ଅମାନ୍ଧ କିଛି ମାନିଲାନି । ବଡ଼ ପଚରାଉଚରା କଲାପରେ କହିଲା, ସେ ହେଉଛି ପାନପଲ୍ଲୀ ଗଉଡ଼ସାହି ଧନିଆ ବେହେରା ଝିଅ । ସେଇଟା କୁଆଡ଼େ ପାଞ୍ଚ ବର୍ଷ ହେଲା ଦାଉଡ଼ିଦେଇ ମରିଥିଲା । ସେଇଟାର ପେଟରେ ହେଇଥିଲା । ଆଠମାସ ହେଇଗଲା । କେମିତିଆ ବୋପା ମାଆ ତା'ର କେଜାଣି । କିଛି ଜାଣିପାରିଲେନି !! ମୁଁ ହେଇଥିଲେ କଟୁରି ଧରି ଦା' ଚିରି କରିଦେଇ ଛିଡ଼ ବେଳକୁ ହାଣିଦେଇଥାନ୍ତି । କେମିତି ଜନମ ହେଉଥିଲା କେଜାଣି ? ଶେଷକୁ ସେଇ ନେତ ଶୁକ୍ଳଆଣୀ ଆଇଲା । କାଠି ବସେଇଲା । ହେଲେ କ'ଣ ହେବ, ଏତେ ମାସ ଯେତେବେଳେ ହେଇଗଲାଣି, ଆଉ କ'ଣ ପାରିହେବ ? ସେଇଥିରେ ସେ ଗଲା ।

: ଭକ୍ତୁଣୀଟା ତ ନାଁ ପକେଇଲୁ, ଗଲୁ । ପୁଣି ଏ ସୁନାବୋହୂଟାଠେଇଁ କାଳି ନଗେଇଲୁ କାହିଁ ? ସେ ବୋହୂ ପରା ସେ ଝୋକା ଡାଁ ଜମାରୁ କହୁନଥିଲା । ଖୁବ୍ ଖେଳିଲା । ଖାଲି ତ ହସି ହସି ବାବଶେଶ୍ୱର ଭଜିଆ କୁହାଟ ମାଇଲା । ଝୋକାଗୁଡ଼ାଙ୍କୁ କଟମଟ କରି ଚାହିଁଲା । ହସିଲା ତ ହସିଲା । କାହା ଧିଅ ସହିବ ଏଥିରେ କହିଲୁ ?

Digitized by PPRACHIN, SOA

ଟୋକାଯାକ ତ ଖାଲି ଏପଟ ସେପଟ ହେଲେ । ଅବେଳ କଥା । କିଏ କ'ଣ କହିବ ?

: ଶେଷକୁ ପୁଣି ସେଇ କୁଷ୍ଟି ଗୁଣୀ ଆଇଲା । ଜମାରୁ ଆସୁନଥିଲା । ଆଗେ କୋଡ଼ିଏ ଟଙ୍କା ବାଁ ହାତରେ ଧଇଲା ପରେ ଡାହାଣ ହାତରେ ବଟୁଆ ଧରି ଉଠିଲା । ବଳେଇ ଘୁଅରୁ ଗିନାଏ ଗୋଳି ତାକୁ ପିଆଇଲା । ଘୁଷୁରି ମଳ, ହଳଦୀଗୁଣ୍ଡି, ଅରୁଆଚାଲ ଧୂପ ଦେଲା । ସଜନାପତ୍ର ନାଛ ପକେଇଲା । ସେ ତ ଖାଲି ଡେଇଁଲା ପଡ଼ି । ଶିବ ଶିବ ବୋଲି କହୁଥାଏ, ପୁଣି ଦାନ୍ତ ଦେଖେଇ ଟୋକାକୁ ଚାହୁଁଥାଏ । ସେ ଧରମଦଣ୍ଡାଟା ଧଇଲା ଗୋଟା ବେତ ଯେ ଦେଲା ତ ନାହିଁ । ବିଚରା ଜୀବନ-ହିକଲେ ଧାଇଁଲା । କ'ଣ ନେବୁ ବୋଲି କହିବାରୁ ପୁଣି ଚୁପ୍ ହେଇ କହିଁ କହିଁ କାନ୍ଦିଲା ।

: ତମକୁ ମିଛ ମତେ ସତରେ ପିଲା, କାହା ଆଖିରେ ଲୁହ ଝରିବ କହିଲ ? ଧୁଅଯାକ ତ ଖାଲି ନୋଲା ବହିଯାଇଥାଏ । ସିଝିଯାଇଥାଏ । ଏଡ଼େବଡ଼ ପାଣି ଗରାଟାକୁ ଦାନ୍ତରେ ଧରି ଦଉଡ଼ିଲା । ଖାଲି ତ ହିଡ଼ୁଥାଏ । ଶେଷକୁ ଯାଇ ସେଇ ଚନ୍ଦନଛକ ମୁଣ୍ଡ ବାଉଁଶ ବାଡ଼ି ପାଖରେ ପେଟେଇହେଇ ପଡ଼ି ମୋହ ଗଲିଗଲା । ପାଣିଗୁଡ଼ିଟି ସାଷ୍ଟମ କରିବାରୁ ଉଠି ବସିଲା । କେତେ କୁଳିନ ଘରର ଝିଅ ଦେଖ, ସାଙ୍ଗେ ସାଙ୍ଗେ ଥାନଅଥାନରେ ଲୁଗାଦେଇ, ମୁହଁ ତଲପୋଛ କାନ୍ଦିଲା ।

: ସେତକ ନୁହେଁରେ ପିଲା, ସେଟାପରି ଗୋଟା ସ୍ୱାମୀମାଆ ଥିଲା । ମାସ ଗଡ଼ିଥିଲା । ଘର୍ଙ୍ଗିଗଲା ପରି । ଆଉ ଛୁଆପିଲା ଧଇଲାନି । ପାଞ୍ଚ-ସାତ ବର୍ଷ ଯାଏ କିଛି ହେଲାନି । ଶାଶୁ ତ ଖାଲି ଗଞ୍ଜଣା ଦଉଥାଏ । ବାଞ୍ଝ-ମୁଣ୍ଡୀ ବୋଲି ଡାକ ଛାଡ଼ୁଥାଏ । ପୁଅକୁ ଦୋହରିଠି ବାହା କରିବ ବୋଲି କହିଲା । ସେଟା ତ ସେମିତିଆ ହୁଣ୍ଡାଟା । ବର୍ଷକୁ ଥରେଅଧେ ଘରକୁ ଆସିବ । କହିଲପରି ସମତେ ପୁଅଝିଅ ଜନମ କରିଛେ । ଲଜ୍ଜାକୁ ସିନା ଲୁଗା ପିନ୍ଧିଥାଉଁ । ନୂଆଭୁଆଁଟାର ହାତ ଧରି ବର୍ଷ ବର୍ଷ ଧରି ରହିବ ଦୂରରେ । କ'ଣ କହିବ, ଛିଃ—ସେଇଟା କୁଆଡ଼େ ରେଜାକୁଲିଙ୍କ ସାଥିରେ ରହୁଥିଲା ।

: ଭଗବାନ୍‌ଙ୍କ ଇଚ୍ଛା ତ ବିଚିତ୍ର । ସାତବର୍ଷରେ ପୁଣି କମି ଧଇଲା । ହେଲେ ମାଆ ବୁଦ୍ଧିରେ ପଡ଼ି ପୁଅ କହିଲା, ସେ ଛୁଆ ମୋର ନୁହେଁ । ନରକଥା ନାରାୟଣଙ୍କୁ ଅଗୋଚର । କିଏ କହିବ ? ଏମିତିଆ ବୋହୂଟା ନାଁରେ କଳଙ୍କ ବୋଳିଲେ । ସେଟା କ'ଣ ବଞ୍ଚିଲା ନା' କ'ଣ ! ଦିନେ ପରି ଚାଳରେ ଦଉଡ଼ି ବାନ୍ଧି ଝୁଲିପଡ଼ିଲା । ସେଇ ଗୁଣୀ ତା' ଜୀବନକୁ ମାଡ଼ିକଲା । ବାଉଡ଼ି ଲଗେଇ ତାକୁ ମାଇଲା । ଆଉ ଗୁଣିଗାରେଡ଼ି, ଯନ୍ତ୍ର ମନ୍ତ୍ର ନାହିଁ କ'ଣ ଲୋ ବୋହୂ ? ସବୁ ଅଛି ।

Digitized by PPRACHIN, SOA

ଆମ ଗାଁରେ ଅତୀତରେ ଏମିତି ଏକ କରୁଣାତ୍ମକ ଘଟଣା ଘଟିଯାଇଥିବାର ପୁଙ୍ଖି ବିବରଣୀ ଆଈ ପାଖରୁ ଶୁଣୁଶୁଣୁ ଆମେ ସବୁ ନୀରବିଯାଇଥିଲୁ ।

ହଷ୍ଟେଲ୍‌ରେ ପଢୁଁ ଏକଥା ସବୁ ମୁଁ କହିଲି ପରେ ଜଣେ ସାଙ୍ଗ କହୁଥିଲା, ସେ ମାଇକିନିଅଟା ଗୋଟେ ହିଷ୍ଟିରିଆ ପେସେଣ୍ଟ୍ ଥିଲା ।

ଅତଃପର ଯେଉଁ ଘଟଣା ଘଟିଲା ସେତେବେଳକୁ ଆଈ ଆମଘର ଇତିହାସ ବହିର ଗୋଟେ ପରିଚ୍ଛେଦ ବନିଯାଇଥିଲା । ଖରାଦିନ ଛୁଟିରେ ଆମେ ଗାଁକୁ ଯାଇଥାଉ । ମୋ ସାନପୁଅର ଗୋଟେ ଅଭ୍ୟାସ ଥିଲା ଯେ ସେ ଯେଉଁଠିକି ଯାଉନା କାହିଁକି ଆଲମାରିକା ଜିନିଷକୁ ଖେଳେଇ ଫେଳେଇ ଅଜବ ପଦାର୍ଥମାନ କାଢ଼ି ଖେଳିବା । ଆମ କଣଘର ଭିଡ଼ି ଉପରେ ଥିଲା ଗୋଟେ ପୁରୁଣାକାଳିଆ ଜଙ୍ଗ୍‌ଲଗା ଟିଣ ଟ୍ରଙ୍କ୍ । ଦିନେ ତାକୁ ଖୋଲି ସବୁ ଖେଳେଇଲା । ତା' ଭିତରେ ଥିଲା—କଉଡ଼ି, ଗୁଞ୍ଜିରମାଳି, ପୋହଳା, ତମ୍ବା ଫୋଡ଼ ପଇସି, ଲୁହାକଣ୍ଟା, ଚଉଁରିମୁଣ୍ଡି, ଘୁଙ୍ଗୁର, ଘଣ୍ଟିଘାଗୁଡ଼ି, ପରଲଗା କାଣ୍ଡ, ଢେଙ୍କିସମା, ଲଙ୍ଗଳଲୁହା, ଶଗଡ଼ ବାଲୁଙ୍ଗି, ଛୁଣ୍ଡା ଡାଉଣି, ମାଣିଖୁଣ୍ଟ, ପିକଦାନି, ଡାଉ ପଥର, କୋଇଲିମୁଣ୍ଡା, କଜଳପାତି, ନାହକଟା ଶାମୁକା, ରୁଖା, ମୟୂର ପଙ୍ଖା, ପିତଳ ଡବା, ମାଟିଦୀପ, ଗିନି, ନକଚ୍ଛି, କପାଟ, ମୁଣ୍ଡିକଣ୍ଟା, ପୋଲଙ୍ଗ ଫଳ, ହରିଣ ଶିଙ୍ଗ ଇତ୍ୟାଦି ଇତ୍ୟାଦି । ଏ ଅଦ୍ଭୁତ ଜିନିଷ ଦେଖି ସେ କାହାକୁ ଚିହ୍ନି ପାରୁନଥିଲା । ତା' ପିକ୍‌ଚର୍ ବୁକ୍‌ରେ ଏଗୁଡ଼ିକର ଛବି ଆଦୌ ନଥିଲା । ସେ ଅନର୍ଗଳ ଭାବେ 'ଏ' ଫର୍ ଆପଲ୍, 'ବି' ଫର୍ ବେଲ୍, 'ସି' ଫର୍ କ୍ୟାଟ୍ କହିପାରୁଥିଲା, ନର୍ସରୀ ରାଇମ୍ ଗାଇପାରୁଥିଲା । ଅଥଚ ଏଗୁଡ଼ାକ ତା' ପାଖରେ ଖୁବ୍ ଦୁର୍ବୋଧ ପ୍ରତିଭାତ ହେଉଥିଲା । ମୋ' ବୋଉ ଗୋଟି ଗୋଟି କରି ଏଗୁଡ଼ିକର ନାଁ ଓ ବ୍ୟବହାର ପ୍ରବିଧି ସମ୍ପର୍କରେ ସବିଶେଷ ସୂଚନା ଦେଲେ ମଧ୍ୟ ତା' ପାଟିରେ ଯେମିତି ଏଗୁଡ଼ାକ ପଶୁନଥିଲା ।

ସେଇ ଆଲମାରିକା ଭିତରୁ ବାହାରିଲା ଗୋଟେ ଷ୍ଟ୍ରୋଟ ଡବା । ପୁଅ ମୋର ତାକୁ ପାଇ ଝଡ଼୍ ଝଡ଼୍ କରି ଖୋଲିବାକୁ ବ୍ୟଗ୍ରହୋଇଉଠିଲା । ବୋଉ ଖୋଲି-ଦେଲାବେଳକୁ ସେଥିରୁ ବାହାରିଲା ଅଷ୍ଟଧାତୁ ତଉଁରିଆଟା । ରୁପାର ଚେନ୍ ଲାଗିଥାଏ । ତା' ଦେହରେ ଯେମିତି କରେଣ୍ଟ୍ ଲାଗିଗଲା । ମୋତେ ଡାକିଗୁଡ଼ିଲା । ଘର ଭିତରୁ ମୁଁ ଅଧାପଢ଼ା 'କଲ୍‌ଚରାଲ୍ ହେରିଟେଜ୍ ଅଫ୍ ଇଣ୍ଡିଆ' ବହିଟିକୁ ଝଟଉପରେ ପକେଇଦେଇ ଦଉଡ଼ି ଆସିଲି । ତା'ପରେ ସେ ମୋ ଗେଞ୍ଜି ଟେକି ଖୁଆକୁ ଗୁହାଁଲା । ମୋ' ଅଣ୍ଟା ଚାରିପାଖ ହାତମାରି ଗଲା । ମୁଁ କିଛି ବୁଝିପାରୁନଥାଏ । ତା'ପରେ ମୋ ଗାଲରେ ଠାଏକରି ଗୋଟେ ଚଟକଣା ଲଗେଇ କହିଲା : ତୁ ଷାରୁଙ୍କୁ କ'ଣ ଭାରି ବଡ଼ ହୋଇଯାଇଛୁ ? ତୋ' ଇଚ୍ଛା ଯାହା ତୁ ସେୟା କରିବୁ ??

Digitized by PPRACHIN, SOA

ତଥାପି ମୁଁ କିଛି ବୁଝିପାରୁନଥାଏ । ପୁଅ ମୋର ଗୃହିଁ ହସୁଥାଏ ଏବଂ କହୁଥାଏ—ଆଈ, ବାବାଙ୍କୁ କ'ଣ ମାରୁଛୁ ? ସେ ପରା ବଡ଼ଲୋକ । ଛୋଟପିଲାମାନେ ସିନା ମାଡ଼ ଖାଆନ୍ତି ।

ବୋଉର ତା' କଥା ପ୍ରତି ଆଦୌ ନଜର ନଥାଏ ।

ତା' ଭିତରେ ଯେମିତି କ'ଣ ଗୋଟାଏ ବିଗିଡ଼ିଯାଇଛି । ଅସଳ ହୋଇ-ଯାଇଛି । ମୁହଁସାରା ତା'ର ଝାଳ ଜକେଇ ଆସିଲାଣି, ଯଦିଓ ଟେବୁଲଫ୍ୟାନ୍‌ଟା ଠିକ୍ ତା'ର ସିଧାକୁ ମୁହଁକରି ଘୂରୁଥାଏ । ସେ ଯେମିତି ଆଉ କିଛି କହିପାରୁନଥାଏ । ତା' ପାଟି ଖନ ବାଜିଯାଉଥାଏ ।

କ'ଣ ହୋଇଛି ଯେ ବୋଉ—ତୁ ଏମିତି କ'ଣ ହଉଚୁ...? ସେ ସେମିତି ନୀରବ ଯାଉଥାଏ । ତା' ଆଖିର ଲୁହ ବୁନ୍ଦାମାନ ଓହ୍ଲେଇ ଆସୁଥାନ୍ତି ଅବଲୀଳା-କ୍ରମେ । ପୁଅ ମୋର ଏଥିରେ କିଛିଟା ଅସ୍ୱାଭାବିକତା ମନେକରି ଆଳମାଳକା ଭିତରେ ଆଉ ହଜପାରୁନଥାଏ । ସେ ବି ବୋକା ବନି ମୋ' ବୋଉର ଲୁହବୁନ୍ଦା ଭିତରେ ଶାଙ୍କୋଡ଼ି ଯାଉଥାଏ ।

: ତୁ କ'ଣ ଜାଣିନୁ, ପିଲାଦିନେ ତୁ କେମିତିଆ ଥିଲୁ ? ତୁ ବଞ୍ଚିବୁ କି ଘର ସଂସାର କରିବୁ ବୋଲି, କାହାର ବିଶ୍ୱାସ ଥିଲା । ଏଇ ତତେ ସବୁଥିରୁ ରଖିଥିଲା । ସେଇ ଯୋଉ ଅବାଗିଆ ଜରରେ ପଡ଼ିଥିଲୁ, କହିଲାପରି ଷଠୀଦୃଷ୍ଟି ଗାରିମାରିଛି ବୋଲି ଆଜି ମୋ ଆଗରେ ଠିଆହୋଇଛୁ ।

ଏତକ କହି ମୋ ବୋଉ ଥୁ'କରି ଲେଣ୍ଡାଏ ଛେପ ମୋ ପୁଅ ଉପରକୁ ପକେଇଦେଇ ଲୁଗାକାନିରେ ପୋଛି ଆଣିଲା । ମୋ ଚଗଲା ପୁଅ ବି ଥୁ'କରି ମେଣ୍ଡାଏ ଛେପ ମୋ' ବୋଉ ଉପରକୁ ଫିଙ୍ଗିଦେଇ ପ୍ରତିଶୋଧ ନେବା ଶୈଳୀରେ ଉଲ୍ଲସିତ ହେଉଥିଲା । ତଥାପି ବୋଉ ହସୁନଥିଲା । ସେ ଖୁବ୍ ଗମ୍ଭୀର ବା ସିରିଅସ୍ ଜଣାପଡ଼ୁଥିଲା ।

: ମୁଁ ପିଲାଟିଦିନରୁ ତତେ କହୁଛି, ଏଇଟାକୁ ହାତଛଡ଼ା କରିବୁନି । ତୋର କାହିଁ ସବୁକଥାକୁ ବେଖାତିର୍ । ବୋହୂକୁ ପରା କହିଥିଲି, ସେ ବି ତତେ ମନେ-ପକେଇଦିଏନି ? ମନେ କାହିଁ ପଡ଼ିବ ? ପୀରକୁ ଚୂନା ଦିଆ । ତେମେ ତ ସବୁ ହାଲକୁ ଦୁନିଆ କରୁଚ । କୋଉଥିକି ବିଶ୍ୱାସ ନାହିଁ କି ଖାତିର ନାହିଁ । ତାକୁ ଲଗେଇବା ଦିନୁ ତୋର ସବୁ ଠିକ୍‌ଠାକ୍ ଥିଲା । ପାଠ ପଢ଼ାଠୁ ଆରମ୍ଭକରି ଚାକିରି ଯାଏ । ସବୁଥିରେ ଫାଷ୍ଟ୍ ହେଇ ହେଇ ଚାଲିଲୁ । ଏଇଥିରୁ ବୁଝିପାରୁନୁ ତା' ମାହାତ୍ମ୍ୟ

Digitized by PPRACHIN, SOA

କେତେ ? ସେଥିରକ ତୋର ଯୋଉ ମଟର ସାଇକେଲ୍ ଧକ୍କା ହେଲା, ଆଜ ବୁଝୁଚ କାହିଁକ ହେଲା । ଏଇଟା ଥିଲେ ତୋ' ଦେହରେ କଣ୍ଟା ଗଳନଥାନ୍ତା । ମୁଁ ଡକ୍ଟୁଣୀଟା କ'ଣ ଏତେ ଆଉ ହୋସ୍ ରଖିଛୁ । ତେମେ ସବୁ ଏଡ଼େ ଏଡ଼େ ହେଲଣି, ଘର-ସଂସାର କଲଣି । ମୁଁ କ'ଣ ଖାଲ ସବୁଦନେ ଏମିତ ଟିକନକ୍ କଥାକୁ ନଜର ଦେଉଥିବ ?

ତା'ପରେ ବୋଉ ସନ୍ଧ୍ୟାବେଳକୁ ପଞ୍ଚାମୃତ କର, ଧୂପ ଲଗେଇ ସେ ତଉଁରଆକୁ ପୂଜାକର ପୁଣି ମୋ' ଅଣ୍ଟାରେ ବାନ୍ଧଦେଲା । ବାନ୍ଧ ଦଉ ଦଉ କହୁଲ, ବୁଝିଲୁ, ଏଗୁଡ଼ାକ ଭଲ କଥା ନୁହେଁ । ଇଏ ଏମିତଆ ସେମିତଆ ଜନଷ ନୁହେଁ । କାଶୀ-ବିଶ୍ୱନାଥରୁ ମଗେଇଥେଲ ବିଶୁବାବାଙ୍କ ହାତରେ । ସେତେବେଳେ ପଡ଼ଥିଲା ସତୁର ନା ଅଶୀ ଟଙ୍କା । ଟଙ୍କା ନଥାଏ ପୁଣି ଧାନ ବିକ ରଖିଥେଲ । ତୋ' ମନକଷ୍ଟ ହେବ ବୋଲ୍ କହୁନଥିଲ । ମୁଁ ମଲାଯାଏ ଯେମିତ ଏ ତୋ' ଦେହରୁ ନହଜେ । ମୋ' ଅନ୍ତେ ତେମେ ସବୁ ଯାହା କରୁଛ କର, ତମ ଇଚ୍ଛା ।

ସେଦନ ରାତରେ ଶେଷରେ ମୋ ପତ୍ନୀ ଓ ମୁଁ ବହେ ହସିଲୁ ସତ, ବୋଉର ସ୍ନେହ୍ନତା ଭଲପାଇବା ଆଗରେ ଆମେ ହାରଯାଇ ପୁଣି ସଯତ ହୋଇଉଠୁଥିଲୁ । ପତ୍ନୀଙ୍କ ଦେହରେ ତଉଁରଆଟା ବାଜ କାଟିବାରୁ ସେ ପୁଣିଥରେ ହସିଉଠିଲାବେଳକୁ ଝିଅ କାନ୍ଦଲା ଏବଂ ସେ ତାକୁ ପ୍ରବୋଧନା ଦେଉଥିଲେ । ସେତେବେଳକୁ ଶେଯରେ ଝିଅର ଅଣ୍ଟାସୂତା ଓ ତଉଁରଆ ଖସିପଡ଼ ମୂତରେ ଭଜୁଥିଲା । ପତ୍ନୀ ଲୁଗାକାନ୍ଦରେ ପୋଛି, ତା' ଅଣ୍ଟାରେ ପୁଣି ବାନ୍ଧଲାବେଳେ ଆଦୌ ହସୁନଥିଲେ; ବରଂ କହୁଥିଲେ, ରାତ ବୋଲ୍ ସିନା, ନହେଲେ ଦନରେ ଆଉ କୋଉ ମିଳାଥାନ୍ତା !

ଖରାଦନ ଛୁଟି ସରଲାବେଳକୁ ଆମେ ସବୁ ଫେରଯିବା ପାଇଁ ତତ୍ପରତା ପ୍ରକାଶ କରୁଥିଲୁ । ଯିବାକୁ ଦନେ ଥିବ, ବୋଉ କହିବ : ରହ ବା, ବାର ଅବାର ପଡ଼ଲା, ଗୁରୁବାର ଗୁଡ଼ଲ ଥିଲା, ଟିକେ ଷୀଘ୍ର କରଥିଲେ ମୋ ପିଲା ଖାଇଥାନ୍ତେ । ରହଯାଉନ ଆଉ ଦ' ଦନ । ଏକାଥରକେ ଯିବ । ମୁଁ ଷ୍ଟକରର ବଇନ୍ଥ ଯାତନସ୍ଥ ଓ ସର୍ତ୍ତାବଳୀ ସମ୍ପର୍କରେ ତାକୁ ଯେତେ ବୁଝେଇଲେ ମଧ୍ୟ ସେ ଅବୁଝା ରହଯାଉଥିଲା । ଆଠଦନ ଆଗରୁ ସେ ଯୋଗାଡ଼ଯନ୍ତ୍ରରେ ଲାଗିଯାଇଥିବ । ବଡ଼ିପରା, ମୁଗଜାଇ, ବରଜାଇ, ମୁଡ଼ି-ମୁଆଁ, ଖସାଲଡୁ, ଉଖୁଡ଼ା, ମୁଡ଼ିକ ଇତ୍ୟାଦ ବନେଇ ଗୋଟେ ଲେଖାଁ ଅମୂଲ ଡବାରେ ଭର ଆମର ବ୍ୟାଗ୍‌ଯାକ ଭର୍ତ୍ତି କରଦେଇଥିବ । ମୁଁ ଯେତେ ନାହିଁ ନାହିଁ କଲେ ବ ସେ ଟିକେ ଶୁଣୁନଥିବ । ବରଂ ବାଷ୍ପାକୁଳିତ କଣ୍ଠରେ କହୁଥିବ : ତୁ ତ ନକେ ଡାଆଁଣା ଟାଉକାଟା । ଘରେ ତରକାରରେ ତୋର ଯେତକ ମନ ନଥିବ, ଜଳଖିଆ ପତରରେ ସେତକ । ତୋ' ପୁଅଟା ତ ସେମିତ । ବିଦେଶ ଜାଗାରେ ତ

Digitized by PPRACHIN, SOA

ରହିଲ । ସବୁ କହିବା କଥା । ନଆଁ ପାଣି ବି କଣ । କ'ଣ ତେମେ ସବୁ ଏମିତି ହଉଚ, ମୁଁ ଜାଣିପାରୁନ ।

: ସକାଳୁ କ'ଣ ଦି'ଖଣ୍ଡ ବିସ୍କୁଟ, କପେ ଚା' ପିଉଛ । ସେତିକି । ପୁଣି ବାରଟା ଉପରେ ତେରଟା ବାଜିଲେ ଦି'ଟା ଭାତ । ସେ ପୁଣି କାହିଁ ଅଣ୍ଟରେ ଅଣ୍ଟେ । ଏମିତି ଖାଇଲେ କି ମଣିଷ ହେବ ବା ? ବୁଝିଲୁ ପୁଷ୍ପା, ତୁ ତା' ଚା' ଅଭ୍ୟାସଟା ଛଡ଼େଇଦେଲୁ । ତୁ ତ କ'ଣ ସେମିତି ଚା'ଗୁଡ଼ିବ ପିଉଛୁ । ମାଇକିନିଆ ଝିଅ, ପେଟ ଚାଟିଯିବ । ଆଜିଯାଏଁ ଏ କି ଅଭ୍ୟାସ ବା ବୁଢ଼ାବୁଢ଼ୀଙ୍କ ପରି । ସକାଳୁ ଗଣ୍ଡା ପଖାଳଫଖାଳ ଖାଆନ୍ତି । ବାରଟାବେଳକୁ ଗଣ୍ଡେ । ପୁଣି ଓପରବେଳା । ହଉ ମୁଁ ଡାକ୍ତରଣୀ କ'ଣ କରିବ ? ଏ ଘର ଛାଡ଼ି କୋଉ ଯାଇପାରୁନି ଯେ ତମ ପେଟ ଜଗିବ ! ମଲି, ଏଇଠି ଏଇ ଭିଟା ମାଟିକି ଜଗି ଜଗି ମୋ' ଜୀବନ ଯିବ । କ'ଣ କରିବ ? ଯୋଉଠି ନରହିଲେ ତ ସେଠି ଅଚଳ । ମୁଁ କ'ଣ ଯାଆନ୍ତିନି ? ଏ ଗାଁ ରଣ୍ଡଗୁଡ଼ିକ ପରା ମୋ' ପାଦକୁ ଚାହିଁଛନ୍ତି । ଖାଲି ଆଖି ବୁଜିଦେଲେ କଳାକନା ବୁଲେଇଦେବେ । ସେ କଥା କହୁଛ, ତୋ' ମାମୁଘରକୁ ଯାଇଥିଲି ଅଜାଙ୍କ ହାଣ୍ଡିକି ଆର ମାସରେ । ଗୋଟିଏ ଦିନରେ ପରା ମୋ ଘଣ୍ଟିଗଦା ପଦା କରିଦେଲେ । ନେଉଟିଆ ପଟାଳି ଖୁଣ୍ଟିନେଲେ । ଏଇଥିରୁ ବୁଝୁନା, ଆଉ କ'ଣ ରଖିବେ !!

ଆମେ ଆସିଲାଦିନ ବୋଉ ଆଖିରେ ଲହୁଡ଼ି ଝଙ୍ଗୁଥିଲା । ସେ ଯେମିତି ଖୁବ୍ ବିଚଳିତ ହୋଇଯାଉଥିଲା । ସକାଳପହରୁ ମୋ' ପୁଅ ସାଥିରେ ବକର ବକର ହୋଇ ସାରା ଖରାଦିନ ଛୁଟି ସରିଗଲା । ସେଦିନ କାଲୁ ସେ କିଛି ଗପୁନଥିଲା । ଖାଲି କେମିତି ଗୋଟା ଅଥୟ ହେଉଥିଲା ।

ପୁଅ କହିଲା : ଆଈ, ଆଜି ଆମେ ଯାଉଛୁ । ମୋ ସ୍କୁଲ ଖୋଲିଲାଣି । ନଗଲେ ପରା ଆମ ଡାଡ଼ି ରାଗିବେ । ତମେ ଚାଲୁନ ଆଈ ଆମ ସାଥିରେ, ମୁଁ ଭଲ ଭଲ ଗପ କହିବି···।

ବୋଉ ମୋର ଆଖି ଛଳଛଳ କରି ଥରିଲା ଥରିଲା କଣ୍ଠରେ କହୁଥିଲା : ହଉଲେ ଧନ, ମୁଁ ଯିବି । ତୁ ବଡ଼ ହୋଇଯାଅ । ଷଠୀଦୂତି ତତେ ନଈବାଲିର ଆୟୁଷ ଦେଇଥାନ୍ତୁ ।

ମୁଁ ଖାଇବସିଲି । ସେ ଆସି ବସିଲା । : ଆଉ ଦୋ'ଟି ଖାଆରେ ବାପ, ପହଞ୍ଚୁ ପହଞ୍ଚୁ କେତେବେଳ । କ'ଣ ଏଇଠି କୋଉଠି ହେଇଚ । କହିଲାପରି ସାଇନ୍ୟ ସେପାରି । ତୁ ଧରାଧରି କରି ଏଇ ପାଖକୁ କୋଉଠିକି ଚାଲିଆସୁନୁ—ମୁଁ ତ ବୁଢ଼ୀ ହେଲିଣି । କେତେବେଳେ କୋଉ କଥା ।

Digitized by PPRACHIN, SOA

ମୋ' ଘାତଗୁଣ୍ଡା ଯେମିତି ତଣ୍ଟିରେ ଅଟକିଯାଉଥିଲା । ମୁଁ ପାଣି ନେଲା-ବେଳକୁ ସେ କହୁଥିଲା : ଖାଲି ପାଣିଗୁଡ଼ାକ କାହିଁ ପିଉଛୁ ବା, ଭଲକରି ଦ'ଟା ଖାଆ ।

ଆମେ ଆସିଲୁ । ବୋଉ ସେମିତି ଅନେକବେଳଯାଏ ଆମ ବାଟକୁ ଚାହିଁ ଚାହିଁ ଘରକୁ ଫେରିଯାଇଥିବ । ଲୁହଧାର ଛଳଛଳ ଆଖିରେ ଗୁଣୁଗୁଣୁ ହୋଇ ବାପାଙ୍କୁ ତାଗିଦ୍ କରୁଥିବ : ତେମେ ହେଲେ କାହାକୁ ଧରାଧରି କରି ତା' ବଦଳିଟା କରି-ଦଉନା । ସେଟା ତ କାହା ଆଗରେ ଗୋଡ଼ ଭାଙ୍ଗି ଠିଆହେବନି । ତା' ଗୁଣ କ'ଣ ତମେ ଜାଣିନା ? ସବୁଦିନେ ସେମିତି ରହିଗଲା ।

ହଁ, ମୁଁ ଏଠି ପହଞ୍ଚିଲାପରେ ଡଉଁରିଆଟାକୁ ଖୋଲି ପତ୍ନୀଙ୍କ ଭ୍ୟାନିଟ୍‌ରେ ରଖି-ଦେଇଥିଲି । ସେ ବି ତା' ପ୍ରତି ନଜର ଦେଇନଥିଲେ । ପୁଅ ତା'ର ପୂର୍ବ ପ୍ରକୃତି ବଶତଃ ଖେଳାଉ ଖେଳାଉ ଡଉଁରିଆଟା ପାଇଲା ଏବଂ ମୋତେ ପଚାରିଲା : ବାବା, ତମେ କାହିଁ ଡଉଁରିଆ ପିନ୍ଧନା । ଆଈ ପରା ତୁମକୁ ସେଦିନ ମାରିଥିଲେ ଏଇଥିପାଇଁ । ମୁଁ ଯେମିତି ତା' ପ୍ରତି ଦୃଷ୍ଟି ନଦେଇ ଚୁପ ଲେଖିଚାଲିଥିଲି । ସେ ପୁଣି ବାରମ୍ବାର ମୋତେ ସେହି ପ୍ରଶ୍ନରେ ହାଣୁଥିଲା । ତା'ର ବିରକ୍ତିକର ପ୍ରଶ୍ନରେ ମୋର ମୁଡ୍ ଭାଙ୍ଗି ଯାଉଥିବାରୁ ବିରକ୍ତ ହୋଇ କହିଲି : କାହିଁ ସେ ବାଜେ କଥାଗୁଡ଼ାକ କହୁଛୁ, ଯାଆ—ବହି ନେଇ ପଢ଼ିବୁ ଯାଆ···।

ସେ ମୋ ଆଦେଶ ଭିତରେ ରହୁନଥିଲା । ସେଇ ମୁହୂର୍ତ୍ତରେ ସେ ମୋଠୁ ଚାଲିଗଲା ଏବଂ କିଛି ସମୟ ପରେ ଏକ ଆକସ୍ମିକ କାନ୍ଦଣା ଲହରୀ ଭିତରେ ଘର ଭିତରଟା ଉଚ୍ଛୁଳିଉଠିଲା । ଆମେ ଦଉଡ଼ିଗଲୁ । ସେତେବେଳକୁ ସେ ରକ୍ତାକ୍ତ ହୋଇସାରିଥିଲା । ବ୍ଲେଡ୍‌ରେ ତା' ଅଣ୍ଟାର ଡଉଁରିଆ ଡୋରକୁ କାଟୁ କାଟୁ ପେଟ ଚିରି ହୋଇଯାଇଛି ।

ସେ ଖାଲି ରକ୍ତ ଦେଖି କାନ୍ଦୁନଥିଲା ବରଂ ତା' ସହିତ ଜିଦ୍ ଧରୁଥିଲା ଯେ ବାବା ଡଉଁରିଆ ନବାନ୍ଧିବାଯାଏ ମୁଁ ଡଉଁରିଆ ପିନ୍ଧିବିନି ।

ଅବଶ୍ୟ ସେଦିନ ଦ'ପହରକୁ ଝିଅକୁ ଟିକେ ଟିକେ ଜର ପୂରେଇଛି ବୋଲି ପତ୍ନୀ କହୁଥିଲେ । ଅଣ୍ଡାପାଗ ଯୋଗୁ ଏପରି ହେଉଛି ବୋଲି ମୁଁ ବି ଏତେ ଧ୍ୟାନଶୀଳ ହୋଇପାରିଲିନାହିଁ । ସନ୍ଧ୍ୟାକୁ ସେ ଖାଲି ଚିଁକି ପଡ଼ୁଥିଲା ଏବଂ ସଜୋରରେ କାନ୍ଦିବାକୁ ଲାଗିଲା । ବେଳକୁ ବେଳ ସେ ଖୁବ୍ ଅସ୍ଥିର ହୋଇପଡ଼ୁଥିଲା । ତାତି ଖୁବ୍ ବଢ଼ିଯାଉଥିଲା । ସେ ଡେମା ଡେମା ଆଖିରେ ଚାହିଁ ପୁଣି ରଡ଼ି ଛାଡ଼ୁଥିଲା । ରାତି ପ୍ରାୟ ଗୋଟାଏ ପରେ । ଏତେବେଳେ ବା କୋଉଠିକି ନେବୁ । ଏଠୁ ତ ଡାକ୍ତରଖାନା

Digitized by PPRACHIN, SOA

ସାତ ଆଠ ମାଇଲ । କିଏ ବା ଆସିବ ଏତେ ରାତିରେ ? ପତ୍ନୀ ଘୋର ଅସହାୟ ହୋଇଯାଉଥିଲେ ।

ଝିଅ ମୋର ଗଭୀର ବେଦନାରେ ପେଷି ହୋଇଯାଉଥିଲା । ମୁଁ ତାକୁ କୋଳରେ ଧରିଲି । ପତ୍ନୀ ଗଲେ ଡ୍ରଇଁରୁମ୍‌କୁ । ଦେଖିଲେ ଫୋନ୍ ଡେଡ୍ ଅଛି । ପୁଣି ଫେରିଆସି ଆହୁରି ଅସ୍ଥିର ହୋଇଯାଉଥିଲେ ।

ପତ୍ନୀ କହିଲେ, ସେ କ’ଣ କୋଉଠି ଡରିଯାଇଛି ?

ମୁଁ ସମ୍ମତି ପ୍ରକାଶ କରିପାରୁନଥିଲି ।

: ବୋଧେ ସେ ଡରିଗଲା । ଖାଇବେଳେ ମୁଁ ରୋଷେଇଘରେ ଥିଲି । କୁଆଡୁ ଗୋଟେ କୋଡା କାଳିଆଭୂଆଁ ଡେଇଁଲା ଜାଫେରି କଡ଼କୁ । ସେ ସେଇଠି ବସି ଖେଳୁଥିଲା । ଟାଁକିପଡ଼ି ରଡ଼ିଗୁଡ଼ାଏ । କ’ଣ କରିବା ଯେ !!! ଏଠି ବା ଝଡ଼ାଫୁଙ୍କା କରିବାକୁ କିଏ ମିଳିବ ?

ଝିଅ ସେମିତି କାନ୍ଦୁଥିଲା । ପତ୍ନୀ କୋଳରେ ଧରି ବସିଥାନ୍ତି । ଆମେ ଦୁଇଜଣ ଯେମିତି ଗୋଟେ ମଝି ସମୁଦ୍ର ଭିତରେ ଡଙ୍ଗାରେ ବସି ଆହୁଲାଟିକୁ ହାତଛଡ଼ା କରି-ଦେଇଛୁ । ପ୍ରତି କ୍ଷଣରେ ଅଣନିଃଶ୍ୱାସୀ ହୋଇଉଠୁଥିଲୁ ।

ହଠାତ୍ ପତ୍ନୀ ମୋତେ କହିଲେ : ତମେ ଗଲ ବାଥ୍‌ରୁମ୍‌ରେ ଭଲ ଭାବରେ ଧୂଆଧୋଇ ହୋଇ ଆସି ଗୋଟେ ଧୂପ ଲଗେଇବ ଠାକୁରଘରେ । ହଁ, ଆମେ ଆସିଲା ଦିନ ବୋଉ ସାରଙ୍ଗବାବାଙ୍କଠାରୁ ଆଣି ଗୋଟେ ତାଳପତ୍ର ଖେଦାର ଲେଖା ଦେଇଥିଲେ । ବଡ଼ ଟ୍ରଙ୍କ ଭିତରେ ଥିବା ଫରୁଆ ଭିତରେ ଅଛି । ତାକୁ ଆଣି ଠାକୁରଘରେ ରଖି ଧୂପ-ଦୀପ ଦେବ । ଟିକେ ଭୋଗ ଲଗେଇବ । ତା’ପରେ ଗିଲାସେ ପାଣିରେ ତାକୁ ସାତଥର ବୁଡ଼େଇ ଆଣିଲ, ଝିଅକୁ ଟିକେ ପିଆଇଦେବା । ଦେଖିବା କ’ଣ ହେଉଛି । ପିନ୍ନଙ୍କ ପାଇଁ ସେ କୁଆଡ଼େ ଘୋର ଭଲ ଜିନିଷ, ବୋଉ କହୁଥିଲେ ।

ମୁଁ କିଛି କିଛି କହିପାରୁନଥିଲି । ଚୁପ୍‌ଚାପ୍ ଉଠିଲାବେଳକୁ ପତ୍ନୀ କହୁଥିଲେ : ହଁ, ଫାଲ୍‌ଟା ମାରି ଠାକୁରଘରକୁ ଯିବନି । ସଫା ଲୁଗା ପାଲଟିବ...।

ବାଥ୍‌ରୁମ୍‌ରୁ ଫେରି ଲୁଗା ପାଲଟିଲାବେଳକୁ ଦେଖିଲି ମୋ’ ଅଣ୍ଟାରେ ଡଉଁରିଆଟା ଅଛି ।

Digitized by PPRACHIN, SOA

ଆମେ ତ ଭାଗ୍ୟବାନ୍ ପିଲାରେ

ପୂର୍ବାଶାର ଏନ୍ତୁଡ଼ିଶାଳରେ ନିଆଁ ଲଗିବା ପୂର୍ବରୁ ଆମେସବୁ ଦେଶସେବକମାନେ ଘର ଛାଡ଼ିଥିଲୁ । ଆମ ପଛରେ ପଡ଼ିରହିଲା ଆମ ସଂସାର ଗୋଟାକର ଢ଼େରେକ୍ ବୋଝ । ରୋଗିଣା ମାଆ । ଧଇଁପେଲା ବାପା । ପିଳେହି ପେଟକୁ ଧରି ଧରି ନାଡ଼ୁଥିବା ଆମର ପାଞ୍ଚବର୍ଷର ପୁଅ । ହଗି ହଗି ନସ୍ୟାନ୍ତ ହୋଇ ବାଲ ଛାଡ଼ୁଥିବା ଆମ ତିନିବର୍ଷର ଝିଅ । ଠିଆହେଲାବେଳକୁ ମଥା ଚକ୍କର ଖାଉଥିବା ଆମର ଗର୍ଭିଣୀ ପତ୍ନୀ । କେତେଟା ହାଡ଼ୁଆବଳଦ, ବୁଢ଼ୀ ଗାଈ, ରୋଗିଣା କଅଁଳା ବାଛୁରି । ଫେରିଲାବେଳକୁ ଆମେ ଭେଟିବୁ ଗାଁ ଡାଣ୍ଡରେ ମରିପଡ଼ିଥିବା ଉହ୍ଲାଉଥିବା କୁତା-କୁତୀଙ୍କୁ । ଶାଗୁଣା ଖମ୍ଚି ଗଲୁଥିବା ହାଡ଼ାମାନଙ୍କୁ । ପିମ୍ପୁଡ଼ିମାନେ ବୋହିନେଇ ଯାଉଥିବେ ଆମ ଅମଳ ବାଡ଼ରେ ଉଡ଼ିବୁଲୁଥିବା କଙ୍କି ପ୍ରଜାପତିମାନଙ୍କର ଛିନ୍ଦିତ ଡେଣାକୁ । ଆମ ବାପାମାଆଙ୍କର ଶବର ସବୁ ବାସିମଡ଼ାରେ ପରିଣତ ହୋଇଯାଇଥିବ ଅଥବା ଆମ ପିଲାମାନଙ୍କର କବର ଭିତରୁ ଛତୁ ଫୁଟିବାର ଦୃଶ୍ୟ ଦେଖି ଦେଖି ଆମେ ସବୁ ବାର୍ଦ୍ଧକ୍ୟକୁ ଆଦରିନେଇ ମରିଯାଉଥିବାର ସ୍ୱପ୍ନମାନ ଦେଖିବୁ । ଏମିତି ସବୁ ଭାବୁ ଭାବୁ ଆମେ ଲକ୍ଷ୍ୟସ୍ଥଳୀରେ ପହଞ୍ଚିବାର ଅଳ୍ପ ସମୟ ପରେ ସୂର୍ଯ୍ୟର କୁଆଁ କୁଆଁ ରଡ଼ି ଶୁଣିଲୁ ଏବଂ ଆମ ମନରେ ସାହସ ସଞ୍ଚରିଯାଇ ଆମ ଦେଶସେବକତ୍ୱ ପ୍ରତି ଆମକୁ ସଚେତନ କରାଇଦେଲା ।

ଗାଡ଼ିରୁ ଓହ୍ଲାଇଲା ପରେ ପୁଣିଥରେ ବାକ୍ସଗୁଡ଼ିକୁ ପରଖିନେଲୁ ଯାତ୍ରା ଭିତରେ ଦିନକ ଆଗରୁ ଆମ ଘରଣୀମାନେ ଗୋଟିକ ପରେ ଗୋଟିଏ ସଜାଇ ରଖିଛନ୍ତି—ଜୋତା, କମ୍ବଳ, ଦାନ୍ତକାଠି, ନଡ଼ିଆତେଲ, ଗୁଡ଼ାଖୁ, ଗ୍ଲେଟ ଦର୍ପଣ, ପାଜିଆ, ଲୁଙ୍ଗି, ଟାଉଲିଆ, ପମ୍ପଦିଆ ତକିଆ, ଏପରିକି କିଛି ଗରମ ଗରମ ରୁଟି ଓ ଆଳୁଭଜାର ପ୍ୟାକେଟ୍ । ସେଠି ପହଞ୍ଚିଲାବେଳକୁ ରାଜବାଟୀ ପୂରାପୂରି ଲୋକାରଣ୍ୟ ହୋଇଯାଇଥିଲା । ଡାକବାଜି ଯନ୍ତ୍ରରେ ଆମର ନାମସବୁ ଘୋଷଣା କରାଯାଉଥିବା ବେଳେ ଆମେ ଯେ ଉଲ୍ଲସିତ ନହେଉଥିଲୁ ସେ କଥା ନୁହେଁ, ବରଂ ସରକାରୀଘରେ ଆମ ନାଁ ମନେରଖିଛନ୍ତି ବୋଲି ନିଜକୁ ପୁଣିଥରେ ଜଣେ ଜଣେ ଅନ୍ତରଙ୍ଗ ଦେଶବାସୀ ବୋଲି ଗର୍ବିତ ହେଉଥିଲୁ ।

Digitized by PPRACHIN, SOA

ତା'ପରେ ବ'ଧଗୁନ୍ତ ଭଲ ଧାଡ଼ିବାନ୍ଧ ଛୁଡ଼ାହେଲୁ । ଅନେକ ଝଣାଝଣି ଭିଡ଼ାଭିଡ଼ ଭିତରେ ଆମକୁ ବଢ଼େଇ ଦିଆଗଲା ଏକ ବଡ଼ ଟିଣବାକ୍ସ, ତା'ଭିତରୁ ଆମକୁ ପରଖି ନେବାକୁ ହେଲା ବିବିଧ ବସ୍ତୁ । ଛୁଞ୍ଚି ସୂତାଠୁ ଆରମ୍ଭକରି ଭାଗ୍ୟନିର୍ଦ୍ଦେଶ କରୁଥିବା କାଗଜପତ୍ର ପର୍ଯ୍ୟନ୍ତ । ସେତେବେଳକୁ ଆମେ ସବୁ ଝାଳନାଳ ଏକାଖଣ୍ଡ ହୋଇ ଅଣନିଃଶ୍ୱାସୀ ହେଲୁ । ରାଜକର୍ମରେ ହେଳା କଲେ ଯେ ଆମର ରାଜଦାଣ୍ଡି ଉଚ୍ଛନ୍ନ ହୋଇଯିବ—ସେହି ଭୟରେ ଆମେ ମନ-ପ୍ରାଣ-ହୃଦୟ-ବିବେକ ଢାଳିଦେଇ କଷ୍ଟ ସହିବାକୁ । ଲଙ୍ଗଳା ବୁଢ଼ାଟା ତ ଘିଅ ଟିକେ ଟିକେ ଆମ ନାକ-ଅଗରେ ମାରିଦେଇ ଚାଲିଯାଇଛି, ଆମେ ତାକୁ ବିଶ୍ୱସ୍ତ ବିଡ଼ାଳଦଳ ଭଳି ବଢ଼େଇ ଚାଟିଚାଲିଛୁ ଏବଂ ଖାମିନ୍ଦମାନଙ୍କର ସେବାରେ ନିଜକୁ ନିୟୋଜିତ କରିଆସିଛୁ । ବେଳେ ବେଳେ ଚାଳୁଆ, ଗାରୁଆ, ଚୁଟିଆମାନଙ୍କ ମାଠ ସାଆନ୍ତଙ୍କ ପାଦତଳେ ପକେଇଦେଇ ବାଃ-ବାଃ ନେଉଛୁ । ମୂଷାନଥିବା ଗାତ ମୁହଁରେ ବି ଜଗିବସୁଛୁ ନିଜର ବିଶ୍ୱସ୍ତତାର ପ୍ରମାଣ ନିମନ୍ତେ । ଇତ୍ୟବସରେ ଘୋଷଣା କରାଗଲା ଯେ ଆମକୁ ଯିବାକୁ ପଡ଼ିବ ଯୁଦ୍ଧକ୍ଷେତ୍ରକୁ । ଘଣ୍ଟା ବାଜିଉଠିଲା ଏବଂ ଆମେମାନେ ନିଜନିଜର ଘାଟି ପଥରେ ଆଗେଇ ଚାଲିଲୁ ।

ମୁଁ ଥିଲି ମୋ ଦଳର ଅଧିନାୟକ । ତେଣୁ ଦଳପତି ଭାବରେ ମୋତେ ହିଁ ସବୁର ଆଗ ପଛକୁ ଚାହିଁବାକୁ ହେଲା । ଏପରିକି ମୋ ସୈନ୍ୟସାମନ୍ତମାନଙ୍କର ଖାଦ୍ୟ, ପାନୀୟ, ଶୟନଠୁ ଆରମ୍ଭକରି ଦେହରକ୍ଷା ପର୍ଯ୍ୟନ୍ତ ତଦାରଖ କରିବାକୁ ହେଲା । ଏକ ବିରାଟକାୟ ଯାନ ଆରୂଢ଼ ହୋଇ ଆମେ ଚାଲିଥିଲୁ । ବାଟରେ କେତେବେଳେ ଗଛବୃଚ୍ଛ, ପଶୁପକ୍ଷୀ, ମଣିଷ, ନଦୀନାଳ, ପାହାଡ଼ ପର୍ବତ, ଘାଟି, ଜଙ୍ଗଲ କାନ୍ତାର ଅତିକ୍ରମି ଚାଲିଛୁ । କେଉଁଠି ରାସ୍ତା ବୁଡ଼ି ପାଣି ଚାଲିଛି । ଆମ ଗୁଡିରୁ ନିଆଁ ଖସି-ପଡ଼ୁଥିଲା । ମନେହେଉଥିଲା ଏଇଠି ଯଦି ଗାଡ଼ିଟା ତଳକୁ ଖସିପଡ଼େ, ତେବେ ସଳଳ ସମାଧି ବ୍ୟତୀତ ଗତ୍ୟନ୍ତର ନାହିଁ । ପାଣି ଭିତରେ ଆମେ ସବୁ ଛେଲ ପାଲଟିଯିବୁ ଏବଂ ଆମର ବଂଶଧରମାନେ ଶୁଖିଲାରେ ଯେତେ ଖୋଜିଲେ ମଧ୍ୟ ଆମର ପତ୍ତା ପାଇବେନି । ଘାଟିଟିଏ ଉଠିଲାବେଳକୁ ଆମକୁ ଲାଗୁଥିଲା ଯଦି ଯାନଟି ବ୍ରେକ୍‌ଫେଲ୍ ହୁଏ, ତେବେ ପାତାଳପୁରରେ ମେଞ୍ଚାଏ ଲେଖାଁ ମାଂସରେ ରୂପାନ୍ତରିତ ହୋଇ-ଯାଇଥିବୁ ଏବଂ ଆମର ବଂଶଧରମାନେ ମଧ୍ୟ ଏପରି ଆକାରରେ ଆମର ପରିଚୟ ପାଇପାରିବେ ନାହିଁ । ଠାଏ ଠାଏ ସରକାରୀକଳ ଆମ ଯାନଟିକୁ ଅଟକାଉଥାନ୍ତି ଏବଂ କୁଶଳ ଜିଜ୍ଞାସା କରୁଥାନ୍ତି ।

ସେତେବେଳକୁ ସନ୍ଧ୍ୟା ହୋଇଯାଇଥିଲା । ନୂଆ ଜାଗାଟି ଥିଲା ଏକ ଅନୁସନ୍ଧାନ୍ତାର ଉତ୍ସ । ଇତ୍ୟବସରେ ଆଉ ଦଳେ ସ୍ୱେଚ୍ଛାସେବୀ ଦଳ ପହଞ୍ଚିଗଲେ । ଆମର ରହଣି

Digitized by PPRACHIN, SOA

ପାଇଁ ସେ ସବୁପ୍ରକାର ବନ୍ଦୋବସ୍ତ କଲେ । ହାଣ୍ଡି, କଡ଼େଇ, ଚାମଚଠୁ ଆରମ୍ଭ-କରି ଖଟପଟି ଦରିପର୍ଯ୍ୟନ୍ତ ସବୁ ଯୋଗେଇଦେଲେ । ଆମେ ନିଜନିଜକୁ ଅବସ୍ଥାପିତ କରିନେଲୁ ।

ଏହି ସମୟରେ ପହଞ୍ଚିଲେ ଦୁଇଜଣ ପ୍ରୌଢ଼ । ସେମାନେ ସରୁ ନମସ୍କାରଟିଏ ପକେଇଲେ ଏବଂ ଆମମାନଙ୍କର ପରିଚୟ ପାଇଲେ । ସେମାନେ ବି ପରସ୍ପର ପରସ୍ପରର ପରିଚୟ ପ୍ରଦାନ କଲେ :

ପ୍ରଥମ ଜଣଙ୍କ ଦ୍ୱିତୀୟ ପ୍ରତି : ଏ ଆଜ୍ଞା ଆମ ସ୍କୁଲ୍ କମିଟିର ସେକ୍ରେଟାରୀ । ତାଙ୍କରି ଅମଳରେ ଏ ଘରଖଣ୍ଡିକ ହେଲା । ଆଗରୁ ଚାଳିଆ ଘରେ, ତା' ଆଗରୁ ଗଛମୂଳେ ପିଲାମାନେ ବସୁଥିଲେ । ଚଉରମାସିଆରେ ସ୍କୁଲ ବନ୍ଦ । ବହୁ କୁହାବୋଲା ପରେ ସର୍କାରଙ୍କ ଦ୍ୱାରା ଏଇଟା ହେଲା । ପିଲାମାନେ ଏବେଠିକେ ପଢ଼ାପଢ଼ି କରୁଛନ୍ତି । ଇଏ ବି ଢଳିଆ ଗାଁର ମୂର୍ତ୍ତି । ଯେତେବେଳେ ଯାହାହୁଏ ଆଜ୍ଞାଙ୍କ ଗୋଚରରେ ସବୁ ଘଟେ । ବାଟରେ ଯେଉଁ ଗୃଷଜମି ଦେଖି ଆଇଲେ ସେଗୁଡ଼ାକ ସବୁ ଆଜ୍ଞାଙ୍କର । ଏଠି ଗାଁ ନଥିଲା । ଆଜ୍ଞା ଆସି ପ୍ରଥମେ ରହିଲେ । ତାଙ୍କ ହଳିଆ ମୂଲିଆ ଓଗେର ଏବେ ଏଠି ଗାଁବାଲା ହୋଇଛନ୍ତି ।

ଦ୍ୱିତୀୟ ଜଣଙ୍କ ପ୍ରଥମ ପ୍ରତି : ଇଏ ହରିଚନ୍ଦ୍ର ଆଜ୍ଞା ଆମ ଓ୍ୱାର୍ଡ଼ମେମ୍ବର୍ । ଏ ସ୍କୁଲ୍ ଘଟଣାକୁ ସିନା ମୁଁ କଣ୍ଟ୍ରାକ୍ଟ ନେଇ କଲି, ହେଲେ ମନ୍ତ୍ରୀସ୍ତରର କାମ ସ୍ୱାଙ୍କ ହାତରେ ହୋଇଛି । ଆଗରୁ କଣ୍ଟ୍ରୋଲ ଚିନି, କିରୋସିନି, ଚାଉଳ, ଗହମ, ତେଲ ଏଠିକି କିଛି ଆସୁନଥିଲା । ହେମଗିରିବାଲା ପାଉଥିଲେ । ଇଏ ଜଙ୍ଗଲ ଭିତରକୁ କିଏ ଆଉତ ! ଆଜ୍ଞାଙ୍କ ଦ୍ୱାରା ଏ ଗରିବଗୁରୁବା ଗଣ୍ଡା ଗଣ୍ଡା ପାଉଛନ୍ତି ।

ଦ୍ୱିତୀୟ : ଆଜ୍ଞାମାନେ ସବୁ ସର୍କାରୀଲୋକ । ଆପଣମାନେ ତ ଖୋଲାଖୋଲି କହିବେନି, ତଥାପି ଆଜ୍ଞା ସେଠିକାର ହାଓ୍ୱା କ'ଣ ?

ଏ ପ୍ରକାର ପ୍ରଶ୍ନରେ ମୁଁ ପ୍ରଥମେ ଗଡ଼ବଡ଼ ହୋଇଗଲି । କିଛି ସମୟ ନୀରବ ରହିଲା ପରେ ପ୍ରଥମ ଜଣଙ୍କ ଆରମ୍ଭକଲେ : ଆଜ୍ଞା, ଆପଣମାନଙ୍କ ପରି ଆମେ ବି ସାଧାରଣ ଲୋକ । ଏଇ ଲୋକଙ୍କ ଭଲମନ୍ଦ ଦେଖିବା କଥା...... ।

ଏହା ଭିତରେ ପିଅନ ଆସି କହିଲା ଯେ କାଲିପାଇଁ ପ୍ରସ୍ତୁତ କାର୍ଯ୍ୟ ଆରମ୍ଭ ହେବ । ମୁଁ ସେମାନଙ୍କଠୁଁ ବିଦାୟନେଇ କାମରେ ଲାଗିଗଲି ।

ତା'ପରେ ଗୋଟେ ସରକାରୀ ଗାଡ଼ି ଆସି ପହଞ୍ଚିଲା । ଆମକୁ ପଚାରିଲା କ'ଣ କ'ଣ ଦର୍କାର—କ'ଣ ଅସୁବିଧା । ମୁଁ ସବୁ ଜିନିଷ ତଦାରଖ କରିସାରିଲା ପରେ

Digitized by PPRACHIN, SOA

କହିଲି, ସବୁ ଠିକ୍ ଅଛି ଯେ କିଛି ଯାହା ଦରକାର । ସେମାନେ କାଲି ସକାଳୁ ଆଣି ଯୋଗେଇଦେବେ ବୋଲି ଦୃଢ଼ ପ୍ରତିଶ୍ରୁତି ନେଇ ଅନ୍ୟଏକ ଘାଟି ଅଭିମୁଖେ ଗାଡ଼ି ଛୁଟେଇଦେଲେ ।

ସେ ରାତିରେ ମୁଁ ଆଦୌ ଶୋଇପାରିଲିନି । ରାତିସାରା ଛଟପଟ ହେଉଥିଲି । ଏତେବଡ଼ ଗୁରୁଦାୟିତ୍ୱଟାକୁ ମୁଣ୍ଡେଇଛି ଯେତେବେଳେ କାମ ନସରିବାଯାଏ ମନଟା ଅସ୍ଥିର ହେଉଥାଏ । ଚାରିଟା ରାତିରେ କାଉ ରାବିଲେ । ମୁଁ ଉଠିପଡ଼ି ଈଶ୍ୱରଙ୍କୁ ପ୍ରାର୍ଥନା କଲି—କାଲିର କାର୍ଯ୍ୟ ଯେପରି ଶୁଭେ ଶୁଭେ ସରିଯାଉ । ଝମେଲା ସୃଷ୍ଟି ନହେଉ । ତା'ପରେ ମୋ ଦଳକୁ ସତର୍କ କରେଇଦେଲି । ସେମାନେ ଧଡ଼ପଡ଼ ହୋଇ ଉଠିଲେ ସତ; କିନ୍ତୁ ପୁଣି ଢୁଳେଇବାକୁ ଲାଗିଲେ । ଆମ ସାଥିରେ ଥିବା ଗୃହରକ୍ଷୀ ଦୁଇଜଣ ଆରାମରେ ଘୁଙ୍ଗୁଡ଼ି ମାରୁଥାନ୍ତି । ସେମାନେ ତ କଲେଜପଢ଼ୁଆ ତୃତୀୟ ଶ୍ରେଣୀର ପିଲା । ସାମୟିକ ଖର୍ଚ୍ଚଲାଭ ଆଶାରେ ଏଥିରେ ପଶିଆସିଛନ୍ତି । କାଲି ସଞ୍ଜରେ ସେମାନଙ୍କ ଚାକିରିକାଳ ସରିଯିବ । ଫେରିଯିବେ । ସେମାନେ ବା କେମିତି ଅଭ୍ୟସ୍ତହେବେ । ସେମାନେ କେମିତି ଜାଣିବେ ନାଳିଫିତାର କି ମାହାତ୍ମ୍ୟ ? ନାଳିଫିତା ଭିତରେ ଯେ ବନ୍ଧାହୋଇଛି ଆମମାନଙ୍କର ଭାଗ୍ୟ—ଆମମାନଙ୍କର ଭାତହାଣ୍ଡି, ଫୁଟଣ ତବା । ଟିକେ ଏପଟସେପଟ ହୋଇଗଲେ ଫୁଟିଲା ଭାତହାଣ୍ଡି ଚୁଲି ଉପରୁ ଫାଟିଯିବ ଆଉ ରାତିସାରା ଆମର ପିଲାଛୁଆମାନେ ଭୋକରେ ଆଉଟି-ପାଉଟି ହେଉଥିବେ । ତା'ରି ଭିତରେ ଆମର ଇହକାଳ ପରକାଳର ଭାଗ୍ୟ ଲଟକିଛି ! ଦ୍ୱିତୀୟ ଡାକରାରେ ଅନିଚ୍ଛୁକ ଚିତ୍ତର ସହ ସେମାନେ ପ୍ରସ୍ତୁତିରେ ଲାଗି-ପଡ଼ିଲେ ।

ମୁଁ ପାହାନ୍ତିଆ ପାହାନ୍ତିଆ ଆକାଶକୁ ଚାହିଁଲି । ପାଗଟା ଖୁବ୍ କାଉନ୍ଦା ଥିଲା । ଭାବିଲି ଏତେବେଳେ କେହି ଉଠିନଥିବେ । ଟର୍ଚ୍ଚ ଖଣ୍ଡେ ହାତରେ ଧରି ସିଗାରେଟ୍‌ରେ ନିଆଁ ଧରେଇ ଚାଲିଲି ପାହାଡ଼ ତଳକୁ ଝାଡ଼ାଝପଟ । ସେତେବେଳେ ପାହାଡ଼ତଳେ ହାଟ ଲାଗିଯାଇଥିଲା । ହାଟରେ ଥିଲେ ଥର ଥର ବୁଢ଼ାବୁଢ଼ୀ । ଗଜା-ଗଜା ଟୋକାଟୋକୀ । କୁନିକୁନି ଛୁଆପିଲା । ପାଚିଆ ଗୋଟାଏ ଲେଖାଁ ଧରି ଗୋଟେଇ ଚାଲିଥାନ୍ତି କ'ଣ । ବେଳେ ବେଳେ ସେମାନଙ୍କ ଭିତରେ ଟଣାଓଟରା ଚାଲିଥାଏ । ଅବୋଧ ଭାଷାରେ ଶୋଧାଶୋଧି ହେଉଥିବାର କଣ୍ଠସ୍ୱରରୁ ଅନୁମାନ କଲି । ମହୁଲ ଟୋଲ୍ ସଂଗ୍ରହ କରିବାରେ ଯେଉଁ ପ୍ରତିଯୋଗିତା ଲାଗିଥିଲା, କିଛି ସମୟ ସେଇଠି ଛିଡ଼ାହୋଇ ଲକ୍ଷ୍ୟକଲି, ତା'ପରେ ପାହାଡ଼ର ଆରକଡ଼କୁ ପାଦ ଉଠେଇଲି ।

ତଥାପି ଅନେକ ଅନ୍ଧାର ଭରିରହିଥାଏ ଗଛପତ୍ରରେ, ପାହାଡ଼ ଖୋଲରେ, ଆଉ ଆକାଶର ହାତପାହାନ୍ତା ଦୂରତ୍ୱରେ । ଏତିକିବେଳେ କ'ଣ ଗୋଟାଏ

Digitized by PPRACHIN, SOA

ଖସ ଖସ ହୋଇ ତେଇଁଗଲା । ଚିଁକିପଡ଼ିଲି । ପଛେ ପଛେ ଗୋଡ଼ାଉଥାଏ ଗୋଟେ ଆଠ-ଦଶ ବର୍ଷର ଟୋକାଟିଏ, ହାତରେ ଠେଙ୍ଗାଟିଏ । ପିଲାଟି ସେମିତି ଦଉଡ଼ୁଥିବାର ପାଦଶବ୍ଦ ଶୁଭୁଥିଲା ଏବଂ ଏଠି ଯେ ରାତି ଆଉ ଦିନ ଭିତରେ କିଛି ଫରକ ନଥାଏ ବୋଲି ଧାରଣା ମୋତେ ଆଚ୍ଛନ୍ନକଲା ଏବଂ ତା'ପରେ ନିର୍ଭୟରେ ସମଗ୍ର ପାହାଡ଼ଟାକୁ ଆଖି ବୁଲେଇ ଆଣିଲି । ପୂର୍ବଦିଗ ଟିକେ କେମିତି କ'ଣ ନାଲି ନାଲି ଦିଶିଲାପରି ଲାଗିଲା । ମୁଁ ଉତ୍ସାହରେ ତରବର ହୋଇ ନିତ୍ୟକର୍ମ ସାରି ପାଖ ପୋଖରୀରୁ ଉଠିଆସିଲାବେଳକୁ ଗୋଟେ ତରୁଣୀ ସେଇ ବାଟଦେଇ ଆସିଲା । ଛୋଟକାଠର ଲୁଗାଟି ଭିତରେ ସେ ଯଥାସାଧ୍ୟ ଚେଷ୍ଟାକରୁଥିଲା ନିଜର ଫୁଟନ୍ତା ଯୌବନକୁ ଢାଙ୍କିଣି ଦେଇ ଚାଲିଯିବାକୁ । ତଥାପି ତା'ର ଅଧାଲୁଚ୍ଚ · ସୁଠାମ ଓ ମାଂସଳ ଜାନୁପ୍ରଦେଶ ମୋତେ କ୍ଷଣକ ପାଇଁ ପ୍ରଲୁବ୍ଧ କଲା । ପରମୁହୂର୍ତ୍ତରେ ଖୁବ ସଚେତନ ହୋଇଗଲି ଏବଂ ଆଉରି ଲମ୍ବାପାଦ ଚାଲି ମୋ' ଶିବିରକୁ ବାହୁଡ଼ିଆସୁଥିଲି ·। ଦାଣ୍ଡରେ ଚାଲିଲାବେଳେ ଛୋଟ ଛୋଟ କୁଡ଼ିଆ ଭିତରୁ ଗୋରୁଗନ୍ଧ ଆସୁଥିଲା । କୁକୁଡ଼ାମାନେ ଗୁମୁଟିରେ ଥାଇ ରଡ଼ିଛାଡ଼ିବା ଆରମ୍ଭ କରିଦେଲେଣି । ନିଚପର ହୋଇ ଲିପାପୋଛା କାନ୍ଥଗୁଡ଼ାକରେ ଡାହର ଝୋଟି ବିମୋହିତ କରୁଥିଲା । କଙ୍କାଳସାର ବୃଦ୍ଧମାନେ ପିଣ୍ଡାରେ ବସି ପିଙ୍କାରୁ ଧୂଆଁ ଛାଡ଼ୁ ଛାଡ଼ୁ କାଶି କାଶି ନୟାନ୍ତ ହୋଇହଉଥିଲେ । ସେମାନେ ମୋ ଆଡ଼କୁ ଗାରଡ଼େଇ ଗାରଡ଼େଇ ଚାହୁଁଥିଲେ ଏବଂ ମୁଁ ତାଙ୍କ ପ୍ରତି ବିଶେଷ ନଜର ନଦେଇ ବାହୁଡ଼ିଆସୁଥିଲି ମୋ ଜାଗାକୁ ।

ଆମର ପ୍ରସ୍ତୁତିପର୍ବ ଶେଷବେଳକୁ କଞ୍ଚାପାଚୁ ମିଶ୍ରିତ ବୟସର ଲୋକମାନଙ୍କର ଆଗମନ ହେଲା, ଯେଉଁମାନେ ଅଧିକାରପ୍ରାପ୍ତ ହୋଇ ଜାଗତିଆର ଅବସ୍ଥାରେ ଥିଲେ । ଦୁଇଜଣ ପିନ୍ଧିଥିଲେ ଆଣ୍ଠୁ ନଲୁଚ୍ଚ କୋଚଟ ଧୋତି । କାନ୍ଧରେ ଖଣ୍ଡେ-ଲେଖାଏଁ ନାଲି କସ୍ତା ଗାମୁଛା । ଏମାନେ ଥିଲେ ବୟସରେ ବହୁତ ପୁରୁଣା । ଆଉ ଜଣେ ଗୋଟେ ଚେକ୍ ଲୁଙ୍ଗିକୁ ଫାଲିଟା ମାରି ପିନ୍ଧିଥାଏ । ଖଣ୍ଡେ ହାତକଟା ଗେଞ୍ଜି ସହିତ ତଉଲିଆଟେ କାନ୍ଧରେ ପଡ଼ିଥାଏ । ଚତୁର୍ଥ ଜଣକ ଥିଲା ଗୋଟେ ଅଜାତଶ୍ମଶ୍ରୁ କିସି ତରୁଣ ଯିଏ ଏବେ-ଏବେ ଅଠର ବୟସ ଅତିକ୍ରମ କରିଥିବାରୁ ନିଜକୁ ଖୁବ ଭାଗ୍ୟବାନ ମନେକରୁଥିବାର ମାନସିକତା ବାରିହୋଇପଡ଼ୁଥାଏ । ସେମାନେ ଏକ-ପ୍ରକାର ତୀକ୍ଷ୍ଣ ଦୃଷ୍ଟି ନେଇ ଆମର କେତେକ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ନିଘା ରଖିଥାନ୍ତି । ପ୍ରସଙ୍ଗକ୍ରମେ ଜାଣିଲୁ ଯେ ସେମାନଙ୍କ ଭିତରୁ ବାପା-ପୁଅ ଥିଲେ ଯେଉଁମାନେ ଦୁଇଟି ପାର୍ଟିର ପ୍ରତିନିଧିତ୍ୱ କରୁଥିଲେ । ବୃଦ୍ଧଜଣଙ୍କ କହିଲା : ଆମର ଆଜ୍ଞା ଏଠେଇ ରାଜନୀତି ଅଲଗା । ବାପା ଗୋଟେ ଦଳର, ପୁଅ ଗୋଟେ ଦଳର, ହେଲେ ଗୋଟିଏ ହାଣ୍ଡିରେ ବନ୍ଧା । ଆଉଜଣେ କହିଲା : ଆଜ୍ଞା, ରାଜନୀତି ପରା ଆମେ କରୁଛେ ! ଆଜ୍ଞା କ'ଣ ଜାଣିନଥିବେ କି'ଣ ସବୁ ପଲିଟିକ୍ସରେ ଚାଲୁଛୁ··· ।

Digitized by PPRACHIN, SOA

ସେମାନେ ବୋଧେ ଏ ପ୍ରକାର ଅଦ୍ଭୁତକର କଥାଭାଷା ଜାରି ରଖିଥାନ୍ତେ । ମୋର ଇଙ୍ଗିତାତ୍ମକ ନିର୍ଦ୍ଦେଶରେ ଜନୈକ ଅଧସ୍ତନ କର୍ମଚାରୀ ସେମାନଙ୍କୁ ସେଥିରୁ ନିବୃତ୍ତ ରହିବାକୁ ଅନୁରୋଧ କଲେ । ତା'ପରେ ଜଣେ ବୃଦ୍ଧ କହିଲା : ହଁ ଆଜ୍ଞା, ଆପଣ ସର୍କାରୀଘର ଲୋକ, ଆପଣଙ୍କର ଏତେ ଖୋଲଖୋଲି ହବାରେ କ'ଣ ଅଛି ? ଆପଣ ତ ସମସ୍ତଙ୍କର । କ'ଣ ଦରକାର ପାତରଅନ୍ତର କରିବାରେ ? ଆଜ୍ଞା, ଗତଥର କିନ୍ତୁ କଥା ଅଲଗା ହେଲା । ଯୋଉ ବଡ଼ ଅଫିସରଜଣଙ୍କ ଆସିଥିଲେ, ଭାରି ଜଣେ ଥିଲେ । ଆଖିବୁଜା ସପୋର୍ଟ କରୁଥିଲେ ଗୋଟେ ଦଳକୁ । ଶେଷକୁ କୁଆଡ଼େ ହେର୍‌ଫେର୍ କଲେ । ଶୁଣିଲୁ ନା ଆଜ୍ଞା, ନାମନେଲ । ଗଲା । ଶୁଣିଲୁ, ତାଙ୍କରିକୁ ସସ୍‌ପେଣ୍ଡ ହୋଇ ଘରେ ବସିଲା । ତା'ପରେ କ'ଣ ହେଲା କେଜାଣି !!

ଏସବୁ ବିଷୟରେ ମୁଁ ଯେ ସଚେତନ ନଥିଲି, ତା' ନୁହେଁ : ଲୋକମାନେ ଯେ ଗଣତନ୍ତ୍ରର ଏତେ ଅନ୍ତରଙ୍ଗ ତଥା ଶ୍ରଦ୍ଧାଭାଜନ ହୋଇପଡ଼ିଛନ୍ତି ତାହା ମୋତେ ପୁନଃ ବିସ୍ମିତ କଲା । ଯୁବା ତରୁଣ ଜଣଙ୍କ କ'ଣ କହିବାକୁ ଯାଇ ପୁଣି ମୁରୁକି ମୁରୁକି ହସାଦେଇ ଚୁପ୍ ରହିଲା । ଏହାଭିତରେ ସେମାନେ ମୋ' ପାଖକୁ ପୁଣି ନିକଟେଇ ଆସିଲେ । ସେମାନଙ୍କର ଭାଗ୍ୟକୁ ଧାରଣ କରୁଥିବା ବକ୍‌ସଟିକୁ ଆମେ ଯଥାରୀତି ମୁଦ ଦେଲାବେଳେ ସେମାନେ ଖୁବ୍ ଉତ୍କଣ୍ଠା ଓ ଉତ୍ସୁକତାର ସହିତ ଲକ୍ଷ୍ୟ କରୁଥିଲେ; ଏପରିକି ବକ୍‌ସଟିର ଚଉପାଶକୁ ମଧ୍ୟ ଦୃଷ୍ଟି ପକାଇବାକୁ ଭୁଲି-ନଥିଲେ । ତା'ପରେ କିଛି ତରୁଣ ଜଣଙ୍କ କହିଲା : ସାର୍, ଏଠିକାର ସିଚୁଏସନ୍ ଗୁଡ଼୍ । ଅନ୍‌ନେସ୍‌ସେରି ଇଣ୍ଟରଫିଅରାନ୍‌ସ ନାହିଁ । ଗତଥର ଅଫିସର୍‌ଙ୍କର ପାର୍ସିଆଲିଟି ଯୋଗୁଁ ଏପରି ହେଲା··· । ତା'ର କଥାର ପ୍ରଲମ୍ବନକୁ ଆମେ ପ୍ରଶ୍ରୟ ନଦେଇ ଆମର କାର୍ଯ୍ୟକ୍ରମ ସୁରୁ କରିଦେଲୁ ।

ସେତେବେଳକୁ ଆମେମାନେ ଆମର ସ୍ୱ-ସ୍ୱ ଆସନ ଅଳଙ୍କୃତ କରି ଭାରତର ଭାଗ୍ୟ ନିର୍ଦ୍ଧାରଣକାରୀମାନଙ୍କୁ ଅପେକ୍ଷା କରିଥିଲୁ । କିଛି ସମୟ ପାଇଁ ଖୁବ୍ ଭିଡ଼ ହେଲା । ମୁତୟନ ହୋଇଥିବା ଗୃହରକ୍ଷୀ ଦୁଇଟି ଯଥାସାଧ୍ୟ ଭିଡ଼କୁ ଅକ୍ତିଆର କରି ଆମକୁ ନିରୋଳାରେ କାର୍ଯ୍ୟ ସଂପାଦନ କରିବାକୁ ସୁଯୋଗ ଦେଲେ । ଜନୈକ ଗୃହରକ୍ଷୀ ଥିଲା ଖୁବ୍ କଞ୍ଚା ବୟସର । ଯଦିଓ ସରକାରୀ ପୋଷାକ ପିନ୍ଧିବା ଥିଲା ତା'ର ଧର୍ମ, କିଛି ସମୟ ପରେ ସେ ତା'ର ପୋଷାକ ବଦଳାଉଥିଲା ଏବଂ ସମୁଦାୟ କାର୍ଯ୍ୟକାଳ ଭିତରେ ପ୍ରାୟତଃ ତିନିଥର ପୋଷାକ ବଦଳାଇ ମୋର ଦୃଷ୍ଟି ଆକର୍ଷଣ କରିଥିଲା । ସେ ଥିଲା ଖୁବ୍ ଦୁର୍ବଳ ଏବଂ ଅଳସୁଆ ମଧ୍ୟ । ଗେଟ୍‌ରେ ଛିଡ଼ାହେବାରେ ତା'ର ବାରବାର ଧୈର୍ଯ୍ୟଚ୍ୟୁତି ଘଟୁଥିଲା ଏବଂ ପରିସ୍ଥିତି ଆୟତ୍ତାଧୀନ ଥିବାରୁ ସେ ମଧ୍ୟ ରିଲାକ୍‌ସ କରିପାରୁଥିଲା । ମହାନୁଭବ ସମ୍ରାଟ ଆମ ହାତରେ ଯଥେଷ୍ଟ କ୍ଷମତା ଅଛି ବୋଲି ସେ ସଂବିଧାନୀୟ ଏକ ଆଇନପୁସ୍ତିକା ଆମ ହାତରେ ଧରେଇଦେଇଥିଲେ

Digitized by PPRACHIN, SOA

ମଧ୍ୟ ଢନ୍ଦନକଥା ରାଜନୀତିକାଳ ଭିତରେ ଅଯଥା ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବାର ସପକ୍ଷରେ ନଯାଇ ବରଂ ପରିସ୍ଥିତି ପ୍ରତି ସର୍ବଦା ଅନୁକୂଳ ମନୋଭାବ ପୋଷଣ କରିବାରେ ମନସ୍ଥଥିଲୁ ।

ଥରଥର ହୋଇ ଗୋଟିଏ କୁତ୍ସିତା କଦାକାର ବୃଦ୍ଧାଟିଏ ପ୍ରବେଶ କରିବାର କାରୁଣ୍ୟ ଦୃଶ୍ୟରେ ମୁଁ ଟିକେ ଚଳଚଞ୍ଚଳ ହୋଇଗଲି । ବୟସ ଅଶୀରୁ ଅଧିକ ନିଶ୍ଚୟ ! ତା'ଠୁ ଟିପ ଚିହ୍ନନେଇ ଅଫିସର ଜଣଙ୍କ ବଢ଼େଇଦେଲେ ଏକ ଚିହ୍ନଥିବା କାଗଜ ଏବଂ କପର ମୋହର ମାରିବ ସେ ସମ୍ପର୍କରେ ମଧ୍ୟ ବତେଇଦେଲେ । ବୁଢ଼ୀଟି କିଛି ବୁଝିପାରୁନଥିଲା । କୋଉଠି ମାରିବ ? ଏ ପ୍ରଶ୍ନରେ ଆମେ ସବୁ ଶଙ୍କିତ ଓ କିଂକର୍ତ୍ତବ୍ୟ-ବିମୂଢ଼ ହୋଇଗଲୁ କିଛିକ୍ଷଣ ପାଇଁ । ଶେଷକୁ ବୁଢ଼ୀକୁ ହିଁ ମୋତେ ସେଇ ଅଦ୍ଭୁତ କୃତିମ କୋଠରି ପାଖକୁ ନେଇଯିବାକୁ ହେଲା ଏବଂ ତାକୁ ବୁଝେଇବାକୁ ପଡ଼ିଲା ଯେ, ଏ ଯେଉଁ ଚିହ୍ନ ସବୁ ଦେଖୁଛ, ତୁମ ଇଚ୍ଛା ଯେଉଁଠି ସେଠି ମୋହର ମାରିଦେବ— ଏ କାଗଜଟିକୁ ଏଇପରି ଭାଙ୍ଗି ସେଇ ବାକ୍ସ ଭିତରେ ପକେଇଦବ ।

ବୁଢ଼ୀ ଥରଥର ହାତରେ କେଇଥର କୋଉ ଚିହ୍ନରେ କ'ଣ ଟିପିପକେଇଲା କେଜାଣି ? ତା'ପରେ ମୋଡ଼ିମାଡ଼ି ଟେବୁଲ ଫାଙ୍କରେ ଯଥାସାଧ୍ୟ ଗଳେଇବାକୁ ଚେଷ୍ଟାକରୁଥିଲା । ମୋତେ ହସଲାଗୁଥିଲେ ବି, ନହସି ଆଦେଶଦେଲି ଏଠିକୁ ଆଣି ନିର୍ଦ୍ଧାରିତ ସୁରକ୍ଷିତ ସ୍ଥାନରେ ପକେଇବାକୁ ।

ଆଉ ଜଣେ ଥିଲା ଗୋଟା ଅଧାବୟସର ଲୋକ । ଆମର ନିର୍ଦ୍ଦିଷ୍ଟକୋଠରିକୁ ପ୍ରବେଶ କରି ସେ ସେମିତି ଜାଲବୁଣି ଚାଲିଥାଏ । ନିୟମତଃ ସାଥିରେ କିଛି ଆଣିବାର ନଥିଲେ ମଧ୍ୟ ଗୃହରକ୍ଷୀ ତାକୁ ଛାଡ଼ିଦେଇଛି । ସେ ବାଲଟ ପେପର୍‌ରେ ମୋହର ମାରି ତାକୁ ସିଧା ମୋଡ଼ିମାଡ଼ି ହାତରେ ଧରି ଜାଲି ବୁଣୁବୁଣୁ ପ୍ରସ୍ଥାନଦ୍ୱାର ଆଡ଼େ ଚାଲିଯାଉଥିଲା । ମୁଁ ବିକଳରେ ଡାକଗୁଡ଼ିଲି ଏବଂ ସେ ଭୁଲିଯାଇଛି ବୋଲି କହି ଟିକେ ଦାନ୍ତନିକୁଟୁଥିଲା । ପରବର୍ତ୍ତୀ କ୍ଷଣରେ ଆସୁଥିବା ଲୋକଜଣକ ଥିଲା ଜଣେ ବୃଦ୍ଧ, ଯିଏ କୋଠରି ଭିତରେ ପଶୁପଶୁ ଗପୁଥିଲା : ଅଜ୍ଞା, କାମନାଇଁ ଖାଲି ଏଇ କାମ । ଏଇ ଗଲାସନ ପରା ଦେଇଥିଲୁ । ଦେଇ ଦେଇ ଥେସ୍ତା ହେଲୁଣି । ଲାଭ ଅଛି କ'ଣ ? ଏ ସରପଞ୍ଚଟା ପରା ଘରେ ଘରେ ପଶି ଡାକଡ଼ାକି ପଠାଉଚ । ନହେଲେ ଆମ ଆସିବାରେ ଶରଧା ନାଇଁ ଅଜ୍ଞା । ଆମେ ବୃଦ୍ଧଜଣଙ୍କୁ ଯଥାସାଧ୍ୟ ବାରଣ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ତଥାପି ସେ ଗୁଣୁଗୁଣଉଥିଲା : ଧିଅକଗଲା ଆଜ୍ଞା ଏଇ ଭୋଟଉପାସରେ । ଆଉ ଏବକୁ କୁଆଡ଼େ ଆମର ପେଟ ପୂରିବ ! ! ହଉ, ଆଇଟା ତ ବାଡ଼େଇ ଦେଇଯାଏ । କାଇଁ, ମୋ' କାଗଜ ଖଣ୍ଡିକ ଦିଅ··· । ସେ ବିଳମ୍ବ ସହିପାରୁ ନଥିଲା । ତେଣୁ ସେ ପ୍ରକାର

Digitized by PPRACHIN, SOA

ପ୍ରଗଲ୍‌ଭ ବ୍ୟକ୍ତିଠୁ ଆମେ ଯଥାସାଧ୍ୟ ଦୂରେଇ ରହିବାର ପ୍ରଚେଷ୍ଟା ଭିତରେ ତାଙ୍କୁ ଜଲ୍‌ଦି ବିଦାୟ ଦେଲୁ । ଲେକିନ୍ ବାଲଟ୍ ବକ୍‌ସର ଫାଙ୍କରେ ଠିକ୍ ଭାବରେ ପେପର ଗଳେଇ ପାରୁନଥାଏ । କିଛି ସମୟ ଏପଟସେପଟ ହେଲାପରେ ମୁଁ ନିଜ ହାତକୁ ଆଣିଲି ଏବଂ ସେଥିର ଭର୍ତ୍ତିକରିବା ପର୍ଯ୍ୟନ୍ତ ସେ ଏକ ଧ୍ୟାନରେ ମୋ ଆଡ଼କୁ ସତର୍କ ଦୃଷ୍ଟି ଦେଇଥାଏ—କାଳେ ମୁଁ ଏପଟ ସେପଟ କରିଦେବି ବୋଲି ଗୋଟେ ପ୍ରକାର ସମ୍ଭାବନା ଓ ସନ୍ଦିଗ୍ଧତା ଭିତରେ ସେ କେମିତି ଠିଆହୋଇଥାଏ ।

ଏହାପରେ ହଠାତ୍ ଗୋଟେ ଦୃଶ୍ୟରେ ମୁଁ ତଳକୁ ମୁହଁପୋଛି ଆଣିଲି, ଫୁଲ୍‌ମଣି ଆମକୁ ଟିକେ ଇତସ୍ତତଃ କରେଇଦେଲା । ତରୁଣୀ ହେଲେ ବି ତାରୁଣ୍ୟ ସେତେ ପ୍ରଖର ନଥିଲା । କାଖରେ ଓହ୍ଲାଇଥାଏ ବାଦୁଡ଼ିପରି ଛୁଆଟିଏ । ଝିନ୍ନୁକୁ ସ୍ତନରୁ ଶୋଷିଚାଲିଥାଏ କ୍ଷୀର । ଚୁଁ-ଚୁଁ କରି ଶୋଷୁଥାଏ । ସେମିତି ନିର୍ବିକାର ଭାବରେ ଫୁଲ୍‌ମଣି ସେଠାକୁ ଆସିଥିଲା ଏବଂ ଖତମତ ସବୁକାର୍ଯ୍ୟ କରିଯାଉଥିଲା । ପିଲାଟି ଖାଲି ଜଙ୍ଗାରୁ ଛୁଆପରି ମୁଣା ଭିତରୁ ଜୁଳୁଜୁଳୁ କରି ଚାହୁଁଥାଏ ଏବଂ କ୍ଷୀର ଶୋଷି ଚାଲୁଥାଏ ।

ତା' ନଇଁପଡ଼ିଥିବା ଧଡ଼ିଗ ସ୍ତନ ତ'ଟାକୁ ଛୁଆଟି ଖାଲି ଚୋଷି ଚାଲୁଥାଏ— ରସ ବାହାରୁଥାଏ କି ନାହିଁ । ପିଲାଟା କିନ୍ତୁ ଆଦୌ ସନ୍ତୁଷ୍ଟ ହେଲାପରି ଲାଗୁନଥିଲା । ଫୁଲ୍‌ମଣି କ୍ରମଶଃ ଅପସରିଗଲା ଏବଂ ସେତେବେଳକୁ ଆମର ନିର୍ଦ୍ଧାରିତ ସମୟର ଶେଷ ଘଣ୍ଟି ବାଜିବାକୁ ଅଳ୍ପ ସମୟ ବାକି ଥାଏ । ଶେଷକୁ ଗହଳି ଜମିଆସୁଥାଏ ଏବଂ ଆମେ ଯଥାସାଧ୍ୟ ଉଦ୍ୟମରତ ଥାଉ କିପରି କାମଟା ଶୀଘ୍ର ସରିବ । ଫୁଲ୍‌ମଣି କିନ୍ତୁ ଆମ ଆଗରୁ ଚାଲିଗଲା । ଫେରିକାଦେଇ ମୁଁ ଚାହିଁଲି । ସେ ଆଉ କୁଆଡ଼କୁ ନିଘା ନଦେଇ ସେମିତି ଏକମୁହାଁ ହୋଇ ଚାଲୁଥାଏ । ଥୋଡ଼ାଏ ବାଟଯାଏ ସେ ଦିଶୁଥିଲା । ତା'ପରେ ବଙ୍କାଟଙ୍କା ଜଙ୍ଗଲି ରାସ୍ତାରେ ସେ କୁଆଡ଼େ ହଜିଗଲା ।

ଏଜେଣ୍ଟ୍‌ମାନେ ଖୁବ୍ ତତ୍ପର ଜଣାପଡ଼ୁଥିଲେ । ସେମାନଙ୍କ ନିର୍ଦ୍ଦେଶରେ ସାଇକେଲ୍ ଆରୋହୀମାନେ ଧାଁ-ଧପଡ଼ କରୁଥାନ୍ତି ବୋଧେ ଅଧବାଟରେ ଆସୁଥିବା ଭୋଟଦାତାମାନଙ୍କ ପାଇଁ । ସେମାନେ ଆଶଙ୍କା କରୁଥାନ୍ତି ଯେ ଠିକ୍ ସମୟରେ ସେମାନେ ପହଞ୍ଚି ପାରିବେନି । ଭୋଟ୍ ମାଡ଼ଖାଇଯିବ । ଅଧବାଟୁଆମାନେ ଆସି ଠିକ୍ ସମୟରେ ପହଞ୍ଚିଲେ କି ନାହିଁ କହିପାରିବନି । ଶେଷ ଘଣ୍ଟି ହୋଇଯାଇଥିଲା ଏବଂ ଏଜେଣ୍ଟମାନଙ୍କ ଅନୁରୋଧକୁ ଆମେ ଏଡ଼େଇ ଦେଇ ଆମର ଅନ୍ତିମ ପର୍ଯ୍ୟାୟ କାମପାଇଁ ଉଠି ବସିଲୁ । ଗତକାଲି ଆମକୁ କଥାଦେଇ ଯାଇଥିବା ସରକାରଙ୍କର ବିଶ୍ୱସ୍ତ କର୍ମଚାରୀମାନେ ଆଉ ଆସି ନଥିଲେ । ଅବଶ୍ୟ ଅନ୍ୟ କେତେକ ଦଳ ଆସି ଅନ୍ୟାନ୍ୟ ପ୍ରସଙ୍ଗର ଟିପ୍ପଣୀମାନ ଦେଇଥିଲେ ।

Digitized by PPRACHIN, SOA

ଆମେ ବଗ୍ଦ ଦେଇଥିବା ଯନ୍ତ୍ର ଆସି ନଥିଲା । ଯଥାସାଧ୍ୟ କାର୍ଯ୍ୟ ଶେଷକରିବାକୁ ବସିଲୁ । ଏନେଜ୍ଞମାନେ ଏହି ସମୟରେ ଆମ ପ୍ରତି କଡ଼ା ନଜର ରଖୁଥାନ୍ତି ଏବଂ ଯାନଛେପ ପକାଇବାକୁ ସମୟ ଦେଇ ପାରୁନଥାନ୍ତି । କହିମୁତ କାର୍ଯ୍ୟ ସରିଲା ପରେ ଆମର ଗୋଟେ ବଗଟ କାର୍ଯ୍ୟ ସରିଗଲା ବୋଲି ଆଶ୍ୱସ୍ତ ହେଲୁ । ଅଧସ୍ତନ କର୍ମଗ୍ୱଗ୍ଳଙ୍କୁ ଭେଟିବାକ୍ସଟିକ୍ ଜଗେଇ ମୁଁ ବାହାରକୁ ଗଲି ଏବଂ ଖୁବ୍ ଦମ୍‌ରେ ଗୋଟେ ସିଗାରେଟ୍ ଫୁଙ୍କିଲି ।

ସେତେବେଳକୁ ଗ୍ରାମଆଡ଼େ ଅନ୍ଧାର ମାଡ଼ିଆସିଲାଣି । ଘରପାଖର ଜଙ୍ଗଲ, ବସ୍ତି, ଆକାଶ ସବୁ କିଛି ଅନ୍ଧାର ଭିତରେ ଏକାକାର ହୋଇଯିବାର ଠିକ୍ ପୂର୍ବାବସ୍ଥା । ଆମେ ଜାଗା ଛାଡ଼ିବା ପୂର୍ବରୁ ସେଇ ଦୁଇଜଣ ବ୍ୟକ୍ତି ଆସି ପହଞ୍ଚି-ଗଲେ ।

ପ୍ରଥମ ଜଣ : ଆଜ୍ଞା, ଗାଡ଼ି ଶବ୍ଦ ଶୁଣି ଆସିଲୁ ।

ଦ୍ୱିତୀୟ ଜଣ : ଆଉ ଆଜ୍ଞା, ଜୁହାର...ପୁଣି କେବେ ଦେଖାହେବ...

ପ୍ରଥମ ଜଣ : ଏ ତ ଆଜ୍ଞା ଗୋଟେ ପାଳି, ଚାଲୁଛି ତ ଚାଲୁ...

ଦ୍ୱିତୀୟ ଜଣ : ହଁଉ ଆଜ୍ଞା, ଦୋଷ ଧରିବେନି...

କଥା ନବଢ଼େଇ ମୁଁ ସେମାନଙ୍କୁ ଯଥା ଧନ୍ୟବାଦ ପ୍ରଦାନ ପୂର୍ବକ ବିଦାୟ-ନେଲି ଏବଂ ସେମାନଙ୍କ ନିକଟରେ କୃତଜ୍ଞ ରହିବି ବୋଲି ସେମାନଙ୍କୁ ଖୁସି କରେଇଲି । ତା'ପରେ ସେମାନେ ସମ୍ମିଳିତ କଣ୍ଠରେ କହୁଥିଲେ . ନାହିଁ ଆଜ୍ଞା, ଏମିତି କେତେ ବାବୁ ଆସିଛନ୍ତି । ଆମେ ବା କ ସାହାଯ୍ୟ କରିବୁ ! ମଣିଷ ମଣିଷ ପାଇଁ କ'ଣ ଏତିକ କରିପାରିବନି ? ମୃଦୁହାସ୍ୟ ପ୍ରକାଶ କରି ଗାଡ଼ିଧରିଲି ।

ତା'ପରେ ଆମ ପଛରେ ରହିଗଲା ସେଇ ଇସ୍କୁଲ ଘର—ତା' ଖପରଲି ଛାତ—ପାଣି ଝରୁଥିବା ଭଙ୍ଗା ଖପର—ଉଇ ଚରିଯାଇଥିବା କାମଡ଼ାବତର—ଫାଟି ଧଡ଼ଧଡ଼ ହେଉଥିବା ଶସ୍ତା କାଠର କବାଟ—ଦରଲିଭା ଚୁଲି—ସିଗାରେଟ୍ ଖୋଳ—ହଆସିଲ—ଅଦରକାରି କାଗଜପତ୍ର—ବଳକା ବେଷେଇ ସରଞ୍ଜାମ । ପଛରେ ବି ଛାଡ଼ିଆସିଲୁ ଟୋଲ୍ ଗୋଟାଉଥିବା ବୁଢ଼ାବୁଢ଼ୀ, ଟୋକାଟୋକୀମାନଙ୍କୁ ଯେଉଁମାନେ ଆମ ହାତରେ ସଁପିଦେଲେ ସେମାନଙ୍କର ଭାଗ୍ୟକୁ—ସେମାନଙ୍କର ପ୍ରିୟ ଦେଶ—ଜନମ ମାଟିର ଭବିଷ୍ୟତକୁ କେବଳ ପାଖରେ ରଖିଦେଲେ ସେମାନଙ୍କର ନୁଖୁରା କେଶ—ଦନ୍ତୁର ହାଡ଼ ଓ ଜଳନ୍ତା ଆଖିର ଉତ୍କଣ୍ଠା ଇଗୁଡ଼ିକୁ ।

ଆମେ ବହୁ ପଥ ଅତିକ୍ରମ କରିସାରିଥିଲୁ । ହେଡ୍‌ଲାଇଟ୍ ପଡ଼ୁଥିଲା ଅନେକ-ଦୂର ପର୍ଯ୍ୟନ୍ତ । ଜଙ୍ଗଲ ଭିତରୁ ହଠାତ୍ କିଛି ଶବ୍ଦ ଶୁଭିଲା । ଆମେ ସମସ୍ତେ ଭୟଭୀତ

Digitized by PPRACHIN, SOA

ହୋଇଗଲୁ । ଏକ ଅନିବାର୍ଯ୍ୟ କାରଣଯୋଗୁଁ ଗାଡ଼ିଟା ଅଟକିଗଲା । ମୁଁ ଟର୍ଚ୍ଚ ପକେଇ ଦେଖିଲି । ମନରେ ଘୋର ଭୟ ଥାଏ । କାରଣ ମୋ' ହାତରେ ଝୁଲୁଛି ମୋ'ର ଭବିଷ୍ୟତ—ମୋ' ତେଲ ଲୁଣର ସଂସାର—ସାରା ଦେଶବାସୀଙ୍କର କପାଳ । କାଳେ କିଏ ଲୁଣ୍ଠିନେବ ଏ ଅମୂଲ୍ୟ ଧନକୁ । ଝାଳେଇହଉଥିଲି । ଛନସାଲିଆ ଟର୍ଚ୍ଚ ପକେଇଲି । ଗୋଟିଏ ବିରାଟ ଗଛ ଉହାଡ଼ରେ କିଏ ଜଣେ ଲୁଚିଯାଉଥିଲା । ବାରମ୍ବାର ଡାକିଲି । ସେ ସେଠୁ ଘୁଞ୍ଚୁନଥିଲା । ସାହସ କରି ଆଉ କିଛିବାଟ ଆଗେଇ ଗଲି । ସେଠି କୁଙ୍କୁଣିକାଙ୍କୁଣି ହୋଇ ଗୋଟାପଣେ ଥରୁଛି ଫୁଲ୍‌ମଣି । ଛୁଆଟାକୁ ସେମିତି ଜାକିଧରିଛି । ପାଖରେ ପଡ଼ିଛି କାଠବିଡ଼ାଟା । ସେ ମୋତେ ଚିହ୍ନି ପାରିଲା କି କ'ଣ ଟିକେ ଭୟଶୂନ୍ୟ ହେଲାପରି ଲାଗିଲା । ପ୍ରଥମେ ସେ ଭାବୁଥିଲା ବୋଧହୁଏ ମୁଁ ଫରେଷ୍ଟ ଗାର୍ଡ଼ । ତାକୁ କାଠ କାଟୁଥିବା ଅବସ୍ଥାରେ ଦେଖି ହଇରାଣ କରିବ । ନହେଲେ ଏ ନିର୍ଜନ ସ୍ଥଳରେ ଧର୍ଷଣ କରିବ । ତା'ର ମାଂସ ରକ୍ତକୁ ଏଇଠି ବଣୁଆ ବାଘପରି ତା'ରି ଉପରେ ବସି ଶୋଷିବ ।

ମୁଁ ପଚାରିଲି, ଏଠି କ'ଣ ହେଉଚ ? ସେ କହିଲା : ଆଜ୍ଞା, ସକାଳୁ ସକାଳୁ ଯାଇଥିଲି ଭୋଟ୍ ଗୋଟେଇବାକୁ । ଦି'ପହରରେ ଘରକୁ ଆଇଲି । ଭୋଟ୍‌ଯାକ ତ ସବୁ ମହାଜନ ନେଲା । ଚାଳିଶଟା ଟଙ୍କା ଦେଇଥିଲା । ଦୋକାନରୁ ଚାଉଳ ମାଲପା ଆଣିଲି । ଜଙ୍ଗଲକୁ ବାହାରିଛି କାଲେଣି କାଠପୁଳେ ଆଣିବି ବୋଲି ସେ ଘରେ ଆସି ସରପଞ୍ଚ ଆଜ୍ଞା ହାଜର । ଜଣଜଣ କରି ଘରୁ ପଠେଇଲେ ଭୋଟଦବାକୁ । ଆଜ୍ଞାଙ୍କ କଥା କିଏ ନମାନିବ ? ସେଠୁ ଆଜ୍ଞା ଦଉଡ଼ିଲି ଭୋଟ ଘରକୁ । ସେଠି ଆସି ଦେଖେ ତ ପତରଟିଏ ନାହିଁ । କେମିତି ଗଣ୍ଡେ ସଂଜେଇବି ? ଇଆ ବୋପାପରା କୋଉଠିକି ଯାଇଚି ପନ୍ଦରଦିନ ହେଲାଣି, ହଁ ଆଜ୍ଞା, ଏଇ ଭୋଟ କାମରେ ଯାଇଚି । ଗାଡିରେ ପ୍ରଚାର କରୁଥିବା ବାବୁଙ୍କ ସାଙ୍ଗରେ । ତାଙ୍କୁ ଜଗିବା । ଘରେ ଦି'ଟା ମାଇକିନିଆ ଝିଅ । ଅନ୍ଧାରଟାରେ ସେମିତି ପଡ଼ିଥିବେ । ମୁଁ ଯାଉଚି ଆଜ୍ଞା ! ଏଇ ଭୋଟ କାମରେ କ'ଣ ଭଲ ପଇସା ମିଳେ ଆଜ୍ଞା···?? ଏତକ କହି ସେ ତା' କାଠବୋଝ ଆଡ଼କୁ ଚାଲିଗଲା ଆଉ ମୁଁ ବାମ୍ଫୁଆ ବାମ୍ଫିଆ ଆଖିରେ ଆମ ଗାଡ଼ି ବିଷୟରେ ଡ୍ରାଇଭର୍‌କୁ ପଚାରିଲି । ଗାଡ଼ି ଠିକ୍ ହୋଇଯାଇଥିଲା । ଆମ ଗାଡ଼ିର ଆଲୋକ ଭିତରେ କ୍ଷଣକ ପାଇଁ ଫୁଲ୍‌ମଣି ଉଦ୍ଭାସିତ ହୋଇ ରହିଯାଉଥିଲା ପଛରେ, ଖୁବ୍ ପଛରେ ।

ପୂର୍ବ ବର୍ଣ୍ଣିତ ରାଜଦାଣ୍ଡିରେ ପହଞ୍ଚିଲାବେଳକୁ ରାତି ଅସି ବିଳମ୍ବିତ ପ୍ରହରରେ । ଏକ ବିରାଟ ସମାବେଶ ଭିତରେ ଆମେ ସବୁ ହଜିଯାଉଥିଲୁ । ପ୍ରଥମେ ଆମେ ସମର୍ପଣ କଲୁ ବାଲଟ ବକ୍ସକୁ ଯାହା ଭିତରେ ଆମେ ସଯତ୍ନେ ବାନ୍ଧିଆଣିଛୁ ଆମ ଗଣତନ୍ତ୍ରକୁ

Digitized by PPRACHIN, SOA

—ଆମର ଦେଶ ଭାରତବର୍ଷକୁ । ପୁଣି ଫେରେଇବାକୁ ହେବ ଛୁଞ୍ଚି ସୂତାଠୁ ଭଙ୍ଗା କଲମ-ପେନ୍‌ସିଲ-ସାଲୁକନା-ଜଉ ଓ ଲଣ୍ଡନ ପର୍ଯ୍ୟନ୍ତ । ଦୁର୍ଭାଗ୍ୟକୁ ଛୁଞ୍ଚିଟା କେଉଁଠି ହଜିଯାଇଥିଲା ଏବଂ ସେଥିଲାଗି ବିଶ୍ୱସ୍ତତମ ସରକାରୀ କର୍ମଚାରୀମାନେ ସେ ସବୁକୁ ଗ୍ରହଣ କରୁନଥିଲେ । ଯେକୌଣସିମତେ ଛୁଞ୍ଚିଟା ଫେରେଇବାକୁ ହେବ । ଇଲେକ୍‌ସନ ଡଉଛି । ଏଥିରେ ହେଳା କରୁଛନ୍ତି । ଏତେ ରେକ୍‌ଲେସ··· ! ଏଇ ଗ୍ରେଟକଥା ଲାଗି ଝିକ ଝିକ ହେବାକୁ ମୋର ଧୈର୍ଯ୍ୟ ନଥିଲା କି ସୁ'ବି ନଥିଲା । ଶେଷକୁ ଅନନ୍ୟୋପାୟ ହୋଇ ପାଞ୍ଚଟଙ୍କିଆ ନୋଟ୍‌ଟିଏ ତାଙ୍କ ପାଖରେ ରଖିଦେଇ କହିଲି, ଆଜ୍ଞା, ଆଜି ତ ଏତେ ରାତିରେ ଆଉ ଦୋକାନ ଖୋଲା ନାହିଁ, ଆପଣ ଦୟାକରି ଆଡ଼ଜଷ୍ଟ କରିନେବେ କାଲି । ସିଧା ସେଠୁ ଚାଲିଲି ଏବଂ ପଛକୁ ଚାହିଁଲିନି ।

ଏ ବିଳମ୍ବିତ ପ୍ରହରରେ ବସ୍‌ଷ୍ଟାଣ୍ଡରେ କିଛି ଥିଲା । ହଠାତ୍ ଦେଖାହେଲେ ଅଜୟବାବୁ । ସେ ବି ଫେରିଥାନ୍ତି । ଦୁଇବନ୍ଧୁ ଏପଟ ସେପଟ ହେଲୁ । ସିଗାରେଟରେ ବାରମ୍ବାର ନିଆଁ ଧରଉଥିଲୁ ଏବଂ ଚା'ରେ ମୁହଁ ଗରମ କରୁଥିଲୁ । ରାତି ସରୁନଥିଲା । ସେତେବେଳକୁ ଆମେ ଏତେ ଅବଶ ହୋଇଯାଇଥିଲୁ ଯେ ଫୁଟପାଥ୍ ଉପରେ ଅଜୟବାବୁ ବସିଗଲେ । ଆଟାଚିଟାକୁ ମୁଣ୍ଡତଳେ ଦେଇ ସେ ଢୁଳେଇବାକୁ ଲାଗିଲେ । ମୁଁ ଉଠା ଫଳଦୋକାନର ବାର ରକମ ପଟାରେ ତିଆରି ଖଟିଆ ଉପରେ ଚିତକାତ ମେଲେଇ ଗଡ଼ିପଡ଼ିଲି । ମୋ ଆଖିରେ ଖାଲି ନିଦଗୁଡ଼ାକ କିଳିବିଳି ହେଉଥିଲେ ସତ; କିନ୍ତୁ ଶୋଇପାରୁନଥିଲି । ହଠାତ୍ ମନେପଡ଼ିଲା ଯେ କିଛିଦିନ ତଳେ ପେପରରେ ବାହାରିଥିଲା : ଗତ ନିର୍ବାଚନରେ ଜନୈକ ମାନ୍ୟବର ମନ୍ତ୍ରୀଙ୍କ ଉପରେ ବାକି ଥିବା ଇଣ୍ଡିଆନ ଏୟାର୍ ଲାଇନ୍‌ସର ପାଉଣା—ସାତକୋଟି ଟଙ୍କା ନା କେତେ··· ! ତା'ପରେ ପୁଣି ଭାବୁଥିଲି—ଲୋକଟା କାଲି ଛୁଞ୍ଚିଟା କିଣି ସରକାରଙ୍କ ବିଶ୍ୱାସଭାଜନ ହୋଇପାରିବ ତ ? ନା ତେଲ ଲୁଣର ସଂସାର ଉପରେ କିଛି ଆଞ୍ଚ ଆସିବ ?

ତଥାପି ରାତି ସରୁନଥିଲା କି କାଉ ବୋବାଉନଥିଲା । ଖାଲି ପଞ୍ଝାଏ ଖଣ୍ଡେ କୁକୁର ଏପଟ ସେପଟ ଲସରପସର ହେଉଥିଲେ । କାମୁଡ଼ାକାମୁଡ଼ି ହୋଇ ରାସ୍ତାକୁ କୁଦିପଡ଼ୁଥିଲେ । ମଢ଼ିଆ କୁତ୍ତାଟା ଉପରକୁ ଗୋଟେ ବଳୁଆ ଝାମ୍ପିପଡ଼ିଲା । ସେ ଭେଁ-ଭେଁ ହୋଇ ଥୋଡ଼ାଏ କାନ୍ଦିଲା । ବିଚରା ସେ ତ ତା'ର ଲୋମଶୂନ୍ୟ ପିଠିରୁ ଉକୁଣିଆ ପୋକକୁ ଖୁମ୍ପୁ ଖୁମ୍ପୁ କାଢ଼ିବା ଅଭ୍ୟାସ କରୁଥିଲା ।

ଅଜୟବାବୁଙ୍କୁ ଟିକେ ନିଦ ହୋଇଯାଇଥିଲା । ସେ ଘୁଙ୍ଗୁଡ଼ିମାରିବା ଆରମ୍ଭ କରିଦେଇଥିଲେ । କୁତ୍ତାଟା ସେମିତି କୁଁ-କୁଁ ହେଉଥିଲା । ବାହୁନୁଥିଲା । ତାକୁ ଚାହିଁଲି । ତଥାପି ରାତି ସରୁନଥିଲା । କେତେବେଳେ ଆଖିବୁଜି ହୋଇଆସୁଥିଲା :

Digitized by PPRACHIN, SOA

ଜଙ୍ଗଲ ଭିତରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ମନ୍ଦିରରେ ମୁଁ ଯେମିତି ଠିଆହୋଇଛି । ଏକୁଟିଆ । ପାଖରେ କେହି ନାହାନ୍ତି । ଫୁଲମଣି ଯେମିତି ଗଛକୁ ଆଉଜି ଥରୁଛି । ଛୁଆଟା କୁଁ-କୁଁ ହଉଛି । ଫୁଲମଣି ତା' କେଶଶୂନ୍ୟ କଣ୍ଟି ମଥାକୁ ସାଉଁଳେଇ ଆଣି ତା' ମୁହଁରେ ଗୁଞ୍ଜିଦଉଛି ତା' ସ୍ତନାଗ୍ରକୁ । ଛୁଆଟା ଜାକହୋଇ ପୁଣି ଶୋଷିଚାଲିଛି । ଥିଲି ଥିଲି ପିଲାଟା ବିକଳରେ ଚିତ୍କାର କରିଉଠିଲା । ପଞ୍ଚାଏ ପିଲା ଚାଟଶାଳୀ ଘରେ ବଡ଼ପାଟିରେ 'ଆମେ ତ ଭାଗ୍ୟବାନ ପିଲାରେ' ଆବୃତ୍ତି କରୁଥିବାର ମୋ କାନରେ ପଡ଼ିଲା । ପୁଣି ଛୁଆଟା ଜୋର୍‌ରେ କାନ୍ଦିଲା । ଫୁଲମଣି ଯେମିତି ଥର ଥର ହୋଇ ସେଇଠି ଅଜାଡ଼ି ହୋଇ ପଡ଼ିବା ପୂର୍ବରୁ ମୁଁ ଧଡ଼୍‌କିନା ସେଇ ଭଙ୍ଗା ଖଟିଆ ଉପରୁ ଉଠିପଡ଼ିଲି । ଧେଡ଼ୀ କୁକୁରଟା ଯେମିତି କୁଁ-କୁଁ ହେଇ ପଡ଼ିରହିଥାଏ । ଦି'ତିନିଟା ଛୁଆ ତା' ଶୁଖିଲା ସ୍ତନକୁ ଟାଣି ଓଟାରି ଝୁଣି ପକାଉଥାନ୍ତି । ସେ ବିକଳରେ ଚିତ୍କାର କରୁଥାଏ । ବାନ୍ଧୁନୁଥାଏ ଅଥଚ ଉଠିପାରୁନଥାଏ । ସେମାନଙ୍କୁ ଛାଡ଼ି ପାରୁନଥାଏ । ରାତି ବି ସରୁନଥାଏ । ଅଜୟବାବୁ ଘୁଙ୍ଗୁଡ଼ି ମାରୁଥାନ୍ତି । ମୁଁ ଚିତ୍‌ହୋଇ ଶୂନଶାନ ଆକାଶକୁ ଚାହିଁଥାଏ ଆଉ କୋଟି କୋଟି ତାରାମାନଙ୍କ ଭିତରେ ଯେମିତି ବାଟବଣା ହୋଇ ଅବାକ୍ ଅବୋଧ ପାଲଟିଯାଇ ଫୁଲମଣିର ଆଖିର ଦାଢ଼ରେ କାଲିର ସକାଳ ପାଇଁ ଅପେକ୍ଷା କରି ପଡ଼ିରହିଥାଏ ।

ପ୍ରଥମ ଗାଡ଼ିର ହର୍ଣ୍ଣ ଶୁଣି ଅଜୟବାବୁ ମୋତେ ଡାକଦେଲା ମାତ୍ରେ ମୁଁ ଚାଁକି-ପଡ଼ିଲି । ସେତେବେଳକୁ ଫୁଲମଣି ପୁରାପୁରି ଅଚେତ ଅବସ୍ଥାରେ ପଡ଼ିରହିଥିଲା । ଲୋକଟା ପିଲାଟାକୁ ତା' କୋଳରୁ ଝିଙ୍କିଆଣି ଶୂନ୍ୟେ ଶୂନ୍ୟେ ଫିଙ୍ଗିଦେଲା କିଛି ଦୂରକୁ । ପିଲାଟା ଅନେକ ସମୟ ପର୍ଯ୍ୟନ୍ତ ରାହାଧରି ପୁଣି ନୀରବି ଆସୁଥିଲା । ଦୁଇଟା ଶକ୍ତ ହାତ ଫୁଲ୍‌ମଣିର ଅଧାଲଙ୍ଗଳା ଦେହଟାକୁ ପୁରାପୁରି ଲଙ୍ଗଳା କରିଦେଇ ସେଇ ଗଛମୂଳେ ଚିତ୍‌କରି ପାରିଦେଲା । ଫୁଲ୍‌ମଣି ଝିଟିପିଟିର ଅଠାଳିଆ ଜିଭ ଭିତରେ ଶ୍ଳେଷ୍ଟପୋକଟି ଲାଖିଗଲା ପରି ଚୁପିହୋଇ ପଡ଼ିରହିଥିଲା । ତରବର ହୋଇ ଆଟାଚି ଖଣ୍ଡିକ ଧରି ବସ୍ ଆଡ଼କୁ ଧାଇଁଗଲାବେଳକୁ ନିଜ ହାତ ଦି'ଟାକୁ ଚାହିଁଲି ।

ଏଇ ହାତ ଦି'ଟା ସେଇ ହାତ ନୁହେଁ ତ ??

[ଦଶମ ସାଧାରଣ ନିର୍ବାଚନର ଭୋଟଦାତାମାନଙ୍କୁ···]

Digitized by PPRACHIN, SOA

କେବଳ ବୟସ୍କମାନଙ୍କ ପାଇଁ (ଏକ)

ସେଦିନ ସକାଳୁ ସକାଳୁ ଆମେ ଘରୁ ବାହାରିଗଲେ ବି ମାମୁ ଘରେ ପହଞ୍ଚିଲାବେଳକୁ ଦିନ ଆସି କେତେ ହୋଇଯାଇଥିଲା । ସାଙ୍ଗରେ ଥାନ୍ତି ପତ୍ନୀ, ମୋର ଦୁଇପୁଅ ଓ ସୁନାନାକୀ ସାନଝିଅ । ବାଟରେ ଝିଅଟି ବହୁତ ହଇରାଣ କରୁଥାଏ । ରିକ୍ସାବାଲା ମଫସଲ କଚ୍ଚା ମାଟିରାସ୍ତାରେ ଝାଳନାଳ ହୋଇ ରିକ୍ସା ପେଲି ଚାଲୁଥାଏ । ଠାଏଠାଏ ଏତେ ବହଳର ବାଲି ପଡ଼ୁଥାଏ ଯେ ରିକ୍ସା-ବାଲାଟିକୁ ତା'ର ନସ୍ତାନ୍ତକ ପରିଶ୍ରମରୁ ଟିକେ କ୍ଷାନ୍ତ କରିବା ପାଇଁ ମୁଁ ଓହ୍ଲେଇ ପଡ଼ିଲାବେଳେ ସାନପୁଅଟି ଚିତ୍କାର କରିଉଠେ : ବାପା, ତମ ମାମୁଘର ହେଇଗଲା ? ଏ ଭାଇ, ଓହ୍ଲେଇଆସ—ଓହ୍ଲେଇଆସ । ବୋଉ, ତୁ କ'ଣ ବସିଛୁ ଯେ, ଓହ୍ଲେଇ ଆ—। ମୁଁ କହିଦିଏ, ନା' ଆଉ ଅଳ୍ପବାଟ ରହିଲା । ରିକ୍ସା ପୁଣି ଗଡ଼ିଚାଲେ ଆଗକୁ ଆଗକୁ ।

ଆଜକୁ କୋଡ଼ିଏ ବର୍ଷ ତଳେ ମୁଁ ଏଇ ରାସ୍ତାରେ ବୋଉ ସାଙ୍ଗରେ କେତେ-ଥର ଯେ ଚାଲି ଚାଲି ଆମଘରୁ ଆସିଛୁ ତା'ର ହିସାବ ନାହିଁ । ଆମ ଘରୁ ମାମୁ-ଘର ସାତ-ଆଠ ମାଇଲ୍ ଦୂର । ସ୍କୁଲ ଛୁଟିରେ କିମ୍ବା ବୋଉର କେବେ କେମିତି ମନହେଲେ ଆମେ ମାମୁଘରକୁ ଆସୁ । ଏଇ ବାଟରେ ଚାଲି ଚାଲି ଆସିଲାବେଳେ ମୋତେ କାହିଁ ଠାଏ ଠାଏ ଭାରି ଡରଲାଗେ । ରାସ୍ତାର ଉଭୟ କଡ଼ରେ ବହଳ କିଆବଣ । ଠାଏ ଠାଏ ଅମରିବୁଦା ଏତେ ଜୋର୍‌ରେ ଘଞ୍ଚହୋଇଯାଇଥିବ ଯେ ସେଠି ଖରାବେଳେ ଚଢ଼େଇଟିଏ ଫଡ଼୍‌କିନି ଉଡ଼ିଗଲେ କିମ୍ବା ନେଉଳ କି ମୂଷାଟିଏ ଶୁଖିଲା ପତର ଖଡ଼ଖଡ଼ କରି ଚାଲିଗଲେ ଭୂତ ଡରରେ ମୁଁ ବୋଉକୁ କୁଣ୍ଢେଇ-ପକାଏ । ମୋତେ ଚମକିପଡ଼ିବାର ଦେଖି ସେ ଈଷତ୍ ଶଙ୍କିଯାଇ ମୋ ମୁଣ୍ଡରେ ଛେପଟିକେ ପକେଇଦିଏ ଏବଂ ଥୋଡ଼ାବାଟ କାଖେଇ ଚାଲେ । ବାଟରେ ଫୁଟୁଫୁଟୁକା ଫୁଲରୁ ମୁଁ ପ୍ରାୟ ଦୁଇ ହାତରେ ଦୁଇ ଗୋଛା ସଂଗ୍ରହ କରିସାରିଥାଏ । ବେଳେବେଳେ ବୋଉ ଥକିପଡ଼ିଲେ ତା'ର ଚିହ୍ନାଜଣା ଗଛମୂଳେ ବସିପଡ଼େ । ସେଠି ଡେମା ଡେମା ଚକା ଚକା ପଥରରେ ମେଞ୍ଚା ମେଞ୍ଚା ସିନ୍ଦୂର ମସି

Digitized by PPRACHIN, SOA

ହୋଇଥାଏ । ମାଟିର ଘୋଡ଼ା ଦି'ତିନି ଯୋଡ଼ା ସୁଢରତ ଠାଣିରେ ଛଡ଼ା-ହୋଇଥିବେ । ସେଠି ବରାଭୟସ୍ତ ପ୍ରାପ୍ତ ହେଲପରି ବୋଉ ବସିପଡ଼େ । ତା' କାନରେ ମୋ' କପାଳ ଓ ଦେହସାରା ଜକେଇଆସୁଥିବା ଝାଳବିନ୍ଦୁଗୁଡ଼ିକୁ ପୋଛିପକାଏ । ମୁଁ ପ୍ରାୟ ବୋଉ ଆଗରୁ ଅଜାପଡ଼ ଯେଉଁ ଗଛମୂଳେ ବସିବାକୁ କହେ, ବୋଉ ଆଗଗଛ ମୂଳେ ବସିବା ବୋଲି କହି ସେଠୁ ମୋତେ ଭୁଲେଇ ନେଇଯାଏ । ଠାକୁରାଣୀ ଥିବା ଗଛମୂଳେ ବସି କହେ, ଯେ ଜାଗାଟା ଭଲ ନୁହେଁ, ଖରାବେଳଟା । କିଏ କୁଆଡ଼ୁ ଆସି ବିଶ୍ରାମିଥିବେ । ବୋଉ ଏଇ ଗଛମୂଳର ମାହାତ୍ମ୍ୟ କହିବସେ । ଏଠି ଅଛନ୍ତି ବଳମୂଳୀ ଠାକୁରାଣୀ । ଆଉ କିଛି ଦୂରରେ ଦିଶିଯାଉଥିବା ଗଛମୂଳେ ରହିଛନ୍ତି ତାଙ୍କ ସାନଭଉଣୀ ହରଚଣ୍ଡୀ । ଆହୁରି ଦୂରରେ ମାମୁଘର ଦକ୍ଷିଣ ପଟରେ ଥିବା ଝଙ୍କା ବରଗଛ ମୂଳେ ରହିଛନ୍ତି ତାଙ୍କ ମଝିଆଁ ଭଉଣୀ ତାରାଚଣ୍ଡୀ । ଏ ତିନି ଭଉଣୀଯାକ କୁଆଡ଼େ ତାଙ୍କ ଗାଁକୁ ସବୁ ବିପଦ ଆପଦରୁ ତାରିଥାନ୍ତି । ବୋଉର ବାହାଘର ବର୍ଷ କୁଆଡ଼େ ବାଡ଼ ଠାକୁରାଣୀ ତାଙ୍କ ଗାଁରେ ପଶିଥିଲେ । ଗଣ୍ଡା ଗଣ୍ଡା ଭେଣ୍ଡାମାନଙ୍କୁ ମୋଡ଼ିଦେଲା ପରେ ଏଇ ତିନିଭଉଣୀ ଆଉ ସମାଳି ପାରିଲେନି । ସେ ତିନିଟା ଘୋଡ଼ାରେ ଚଢ଼ି ରାତିରେ ବାଡ଼ଠାକୁରାଣୀଙ୍କ ସହିତ ସଫାସୁତୁରା କରି ତାଙ୍କୁ ବିଦାକରିଦେଲେ ।

ତା'ପରେ କେମିତି ତାଙ୍କ ଗାଁର ସୀତାଧୋବଣୀକୁ କାଳିସୀ ଲାଗିଲା, ସେ ବେତଧରି ଗାଁ ସାରା ଉଧୁଳିଙ୍ଗଳା ହୋଇ ନାଚିଲା । ପଣା, ଧୂପଦୀପ ଗନ୍ଧରେ ଗାଁସାରା ଉଛୁଳିପଡ଼ିଲା । ହରିବୋଲ ହୁଳାହୁଳିରେ ଚାରିଆଡ଼ ଥରିଉଠିଲା । ସେହି ବର୍ଷଠୁ ସମସ୍ତେ ଏଇ ଠାକୁରାଣୀଙ୍କର ମାହାତ୍ମ୍ୟ ବୁଝିଲେ । ତା'ପରେ ଗାଁବାଲା ମିଳିମିଶି ଲାଗାଲାଗି ତିନୋଟି ମନ୍ଦିର ତିଆରି କରିବାକୁ ଯୋଜନା କରିଥିଲେ । ତା'ର ଦାୟିତ୍ୱରେ ଥିଲେ ତାଙ୍କ ଗାଁ ସନେଇ ସାହାଣୀ ମାମଲତକାର, ଯେ କି ମୋ' ବୋଉର ଲେଖାଯୋଖାରେ ବଡ଼ ବାପା ହେବେ । ସେ ପ୍ରାୟ ଆଜକୁ ପନ୍ଦର ବର୍ଷ ହେବ ମରିଗଲେଣି । ତାଙ୍କ ପରିକଳ୍ପିତ ମନ୍ଦିରତ୍ରୟ ଅଧା ତିଆରି ଅବସ୍ଥାରେ ଏବେବି ଗାଁ ମୁଣ୍ଡ ଛକରେ ପ୍ରାଚୀନ ଜରାଜୀର୍ଣ୍ଣ ଭଗ୍ନସ୍ତୂପ ପରି ପଡ଼ିରହିଛି । ଆଉ କେହି ଦେହକୁ ନଦେବାରୁ ଠାକୁରାଣୀମାନେ ପୁଣି କେମିତି ବେଳେବେଳେ ଡାଉ ସାଧନ୍ତି । କିଏ କେତେବେଳେ ଏଇ ଗଛମୂଳେ ମଶାଣିଚଣ୍ଡୀ, ପଠାଣଭୂତ, ବ୍ରହ୍ମ-ରାକ୍ଷସଗୁଡ଼ାଙ୍କୁ ଧୂମ୍ବୁର, କାଳିଆ କୁକୁର, ଧଳାଷଣ୍ଢ, କଅଁଳା ବାଛୁରି ରୂପରେ ଦେଖି ଦିନ ଗୋଟାକରେ ରକ୍ତବାନ୍ତିକରି ମରିଯାନ୍ତି । ଏଇ ଗଛସବୁକୁ ରିକ୍ସା ପାରିହୋଇ ଗଲାବେଳେ ମୋ ଝିଅ ଓ ସ୍ତ୍ରୀଙ୍କ ଅଲକ୍ଷ୍ୟରେ ମୋ' ହାତ ଦିଟା କାହିଁକି ଆପଣାଛାଏଁ ଯୋଡ଼ିହୋଇଯାଆନ୍ତି । ଆଖି ଦି'ଟା ଏକ ସୂକ୍ଷ୍ମ ଚେତନାରେ ଅର୍ଦ୍ଧ ନିମୀଳିତ ହୋଇଯାଆନ୍ତି ।

Digitized by PPRACHIN, SOA

ମାମୁଘରର ପ୍ରାୟ ଦଶିଲ ଦଶିଲ୍ ହେଉଥାଏ । ଦୀର୍ଘ କୋଡ଼ିଏ ବର୍ଷର ବ୍ୟବଧାନ ପରେ ଗାଁ ଶେଷ ମୁଣ୍ଡରୁ ଦୁଇଖଣ୍ଡା ଘର ଗୁଡ଼ି ତାଙ୍କ ଘରର ମଥାନଟିକୁ ମୁଁ ସ୍ପଷ୍ଟ ଚହ୍ନି ପାରୁଥାଏ । ଗୃଳ ଉପରେ ପାଣିକଖାରୁ ଲଟାଗୁଡ଼ାକ ମଣ ମଣ ଢଳାପଡ଼ିଯାଇଥିଲେ ବି କଖାରୁଗୁଡ଼ିକ ଦୂରକୁ ବରଫ ଖଣ୍ଡ ପରି ଲଖିରହିଥାନ୍ତି ଅସହାୟ ଭାବରେ ଠିକ୍ ପର୍ବତ ଶିଖରରୁ ଖସି ପଥର ସନ୍ଧିରେ ଲଖିଯାଇଥିବା ପରି । ବାଟରେ ପଡ଼େ ନଈଟିଏ । ଏ ନଈଟି ମାମୁଘର ବାଡ଼ିପଛପଟ ଦେଇ ଠିକ୍ ଲମ୍ବି ଯାଇଥାଏ ଆମ ଗାଁ ପାଖକୁ । ଯେଉଁ ଯେଉଁ ଗାଁ ଦେଇ ଏ ନଈ ବହିଯାଇଛି ସେହି ସେହି ଗାଁର ଏହା ଉପରେ ସମାନ ଅଧିକାର ଅଛି ଏବଂ ପ୍ରତି ଗାଁ ବିଶେଷରେ ଏହାର ନାମକରଣ ମଧ୍ୟ କରାଯାଇଥାଏ । କିଛି ବର୍ଷତଳେ ସରକାରଙ୍କ ମତ୍ସ୍ୟବିଭାଗ ଅଧୀନରେ ଏ ନଈଟା ଥିବାରୁ ଖୁବ୍ ସଫାସୁତୁରା ଥିଲା ଏବଂ ପ୍ରଚୁର ମାଛ ମଧ୍ୟ ମିଳୁଥିଲା । ବାଲିଆ ନଈର ରୋହି କ ଭାକୁଡ଼ି ପ୍ରତି ସେ ଅଞ୍ଚଳର ଲୋକମାନଙ୍କ ମଧ୍ୟରେ ଏକ ବିଶେଷ ପ୍ରଲୋଭନ ଥାଏ । ଏବେ ବି ବହୁତ ଦୂରରେ ରହିଥିବା ଲୋକେ ଚିହ୍ନାଜଣା ଲୋକଙ୍କୁ ଦେଖିଲେ ଆଗ ପଚାରନ୍ତି ଆମ ଗାଁ ନଈ ମାଛଧରା ହେଲଣି ? ସମୟକ୍ରମେ ଲୋକମାନେ ଏମିତି ଚୋରିକରି ଖାଇବା ଆରମ୍ଭ କଲେ ଯେ ମତ୍ସ୍ୟବିଭାଗ ବାରମ୍ବାର କ୍ଷତିଗ୍ରସ୍ତ ହେଲାପରେ ଛାଡ଼ିଦେଲା ।

ଖରାଦିନେ ଯେବେ ମାମୁଘରକୁ ଆସିଥାଏ, ମାମୁପୁଅ ଭାଇ ଭିକାରି ଓ ଗାଁର ଅନ୍ୟାନ୍ୟ ସମବୟସ୍କମାନଙ୍କ ସହିତ ଅଜା ଓ ମାମୁଙ୍କର ନାଲି ଆଖିକୁ ବେଳେ-ବେଳେ କୌଶଳରେ ଫାଙ୍କିଦେଇ ସେଇ ନଈରେ ଖରାବେଳଟା ଜଳକ୍ରୀଡ଼ାରେ କଟିଯାଏ । ଶିଙ୍ଗିବୁଡ଼ାଦେଇ ପଦ୍ମପୁଷ୍କରୀ, ଶିଙ୍ଗଡ଼ା ଖାଇବାରେ ଏବଂ ଚଙ୍ଗୁଡ଼ିଆ ଦଳରେ ଦାଢ଼ିକଣ ବନେଇ ନାଚକରିବାରେ ଥିଲା ଏକପ୍ରକାର ପ୍ରାକୃତିକ ଆନନ୍ଦ । ତା'ର କଳାକଳା ଚିକ୍କଣ ପଙ୍କକୁ ଦେହରେ ମାଖି ଭୂତହୋଇ ପାଖ ଆମ୍ବତୋଟାରେ ଭୂତକେଳି ସହିତ ଆମ୍ବ ତୋଳାରେ ପ୍ରାୟ ଖରାବେଳ ସରିଆସୁଥିଲାବେଳକୁ ଅଜା ବଙ୍କୁଲି ବାଡ଼ିଟିକୁ ନଈତୁଠରେ ବାଡ଼େଇ ବାଡ଼େଇ ପାକୁଅ ପାଟିରେ ଚିତ୍କାର କଲାବେଳକୁ ଆମେ ପ୍ରାୟ ପାଣି ଭିତରେ ଆତ୍ମଗୋପନ କରିସାରିଥାଉ । ଅଜା ଏଥିରେ ପ୍ରବଳ କ୍ରୁଦ୍ଧ ହୋଇ ଅଣ୍ଟାରେ ଗାମୁଛା ଭିଡ଼ି ଆଣ୍ଠୁଏ ପାଣିରେ ପଶିଲା-ବେଳକୁ ଆମେ ଯାଇ ମଝିନଈ ଧରିଥାଉ । ବୁଢ଼ା ଭୀଷଣ ରାଗିଯାଇ କହୁଉଠନ୍ତି, ଶଳେ ଆଜି ତମକୁ ଛାଡ଼ିବିନି । ଏଇ ବାଡ଼ିରେ ତମ ମୁଣ୍ଡରୁ ଦହି ଯଦି ବାହାର ନକରିଛି, ମୁଁ ବୋପାର ପୁଅ ନୁହଁ । ତା'ପରେ ସେ ପାଣିରୁ ଉଠି ପାଖ ଆମ୍ବଗଛକୁ ଡେରିହୋଇ ବସିଯାଆନ୍ତି । ନଈକୂଳିଆ ପବନରେ ବୁଢ଼ା ଯେତେବେଳେ ଘୁଙ୍ଗୁଡ଼ିମାରି ଆରମ୍ଭ କରିଦିଅନ୍ତି, ଆମେ ରଗଡ଼ା ବାଲିରେ ଦେହହାତ ମାଜି ଆରପଟ ତୁଠରେ ଉଠିଯାଇ ଏକାଥରକେ ଘରେ । ଆଖି ନାଲ୍ ଟକ୍ଟକ୍ ହୋଇ ଦିଶୁଥାଏ । ତା'ପରେ

Digitized by PPRACHIN, SOA

ଅଜା କେତେବେଳେ ଆସି ବୋଉକୁ କହୁଥାନ୍ତି, ସେ ଶଳାଟା—ତୁ ପୁଅ ବା—ତାକୁ ଆଉ ପାରିହବନି । ତୁ ତାକୁ ସମ୍ଭାଳେ । ନହେଲେ ତୋ' ଘରକୁ ତାକୁ ନେଇ ଗୁଡ଼ିଆ । ଏବେ କିନ୍ତୁ ସେ ନଈଟି କଳିକତା ଦଳରେ ଏପରି ପୂର୍ଣ୍ଣହୋଇଗଲାଣି ଯେ ଯତ୍ନରହିତ ପ୍ରାଚୀନ ଜଳାଶୟ ପରି ସେଗୁଡ଼ିକ ପ୍ରାୟତଃ ଇତିହାସର ବସ୍ତୁ ହୋଇ-ଯିବାକୁ ବସିଲାଣି । ଦିନେ ଯେଉଁଠୁ ମାଛ ବାହାରକୁ ପଠାଯାଉଥିଲା ଏବେ ସେ ନଦୀବାସୀମାନେ ମତ୍ସ୍ୟକାଙ୍ଗାଳ ହୋଇପଡ଼ିଛନ୍ତି ।

ମାମୁଘର ଦୁଆର ମୁହଁରେ ପହଞ୍ଚିଲାବେଳକୁ ପରିବେଶଟା କାରୁଣ୍ୟରେ ବିଷଣ୍ଣ ଜଣାପଡ଼ୁଥିଲା । ଘରଦ୍ୱାର ଲିପାପୋଛା ହୋଇ ନିଖ ଜଣାପଡ଼ୁଥିଲେ ବି ସେଠୁ ଏକ ଅସହାୟ ନିଃସଙ୍ଗତାର ଆବହାଓ୍ୱା ପ୍ରସରିଆସୁଥିଲା । ଆମକୁ ଦେଖିଦେଲାମାନେ ମୋ' ବୋଉ ସମେତ ଅନ୍ୟାନ୍ୟ ସ୍ତ୍ରୀଲୋକମାନେ କାନ୍ଦଣା ଆରମ୍ଭ କରିଦେଇଥିଲେ ବିବିଧ ସ୍ୱରଲୟରେ । ଅଜାଙ୍କ ପାଦଧୂଳି ନେଲାବେଳେ ତାଙ୍କ ପାକୁଆ ପାଟିରେ ଈଷତ୍ ହସବିନ୍ଦୁ ଫୁଟିଉଠିବାର ସୂଚନା ଥିଲେ ବି ତା'ପୂର୍ବରୁ ଥମିଲା ଥମିଲା ଆଖି ଯୋଡ଼ାକ ଓଦେଇ ଆସିଥିଲା । ତଥାପି ସେ ଅଶଲା ଅଶଲା ଓଠରେ କ'ଣ କହିବାକୁ ଯାଉଥିଲେ ବି ମୋ' ମୁଣ୍ଡରେ ହାତ ବୁଲେଇଦେଇ ଝିଆମାନଙ୍କୁ ଘରଭିତରକୁ ଅଡ଼େଇନେଲେ ଏବଂ ତାଙ୍କର ନାତୁଣୀବୋହୂକୁ ଘରକୁ ଆଣିବାକୁ ତାଙ୍କ ସାନ-ବୋହୂଙ୍କୁ ଆଦେଶଦେଲେ ।

ମାମୁପୁଅ ଭାଇ ଯେ କି ଏଇ କେତେବର୍ଷ ତଳେ (ହାଲପରି ଲାଗୁଛି !) ଆମେ ଦୁହେଁ କାଦୁଅ ଖେଳରେ ନଈରେ ମାତିଯାଇଥିଲୁ, ସେ ଆଜି ମାତୃହୀନ ହୋଇ ଶିଥିଳ ମନରେ ମୋତେ ତା' ଭାଉଜଙ୍କୁ ପ୍ରଣାମ କରି ହୋ'କିନି କାନ୍ଦିଉଠିଲା । ତା' ଓ ମୋ ଭିତରେ ବୟସ ସୀମା ଥିଲା ମାତ୍ର ଏକୋଇଶ ଦିନର । ଏଇ ସ୍ୱଳ୍ପଦିନର ବ୍ୟବଧାନ ସତ୍ତ୍ୱେ ବେଳେବେଳେ ମୁଁ ତା'ଉପରେ ଅସାଧାରଣ ଭାବେ ମୋର ଜ୍ୟେଷ୍ଠତ୍ୱକୁ ଜାହିର୍ କରିବସେ । ଆଉ ସମୟେ ସମୟେ ଆମେ ଖୁବ୍ ଦୁଇ ଅନ୍ତରଙ୍ଗ ବନ୍ଧୁଭାବରେ ଚଳୁ । ଏପରିକି ଏକାଠି ଖାଇବା, ଝାଡ଼ା ପରିସ୍ରା ଯିବା ଏବଂ ରାତିରେ ଏକାଠି ଶୋଇବାଠାରୁ ସନ୍ଧ୍ୟାବେଳେ ଏକାଠି ଭବ ଆଲୁଅରେ ଚନ୍ଦାଙ୍କନାଦରେ ମଗ୍ନ ହୋଇଯାଉ ।

ପିଲାଦିନେ ମୁଁ ପ୍ରାୟ ଅଧିକାଂଶବେଳେ ଯେବେ ଖରାଦିନ ଛୁଟିରେ ଏଠିକୁ ଆସେ, ତାଙ୍କ ଗାଁକୁ ବିଦେଶରେ ଥିବା ଝିଅମାନେ ମଧ୍ୟ ଆସିଥାନ୍ତି । ଆମର ମଫସଲ ଚାଲିଚଳନକୁ ଦେଖି ସେମାନେ ଅଣ୍ଟାରେ ହସାହସି କଲେ ବି ଆମେ ଅଜ୍ଞଭାବେ ସେମାନଙ୍କ ପିଚ୍ଛା ଧରୁ । ଏପରିକି ଦିନେ ଗୋଟେ ଅତି ଫରୁଆଡ଼ ଝିଅ ମୋ' ସାମନାରେ ହାଇହିଲ୍ ପିନ୍ଧି ଚାଲିଯିବାରୁ ମୁଁ ଜୋର୍‌ରେ ହସୁହସୁ କାଶିଦେଇଥିଲି ।

Digitized by PPRACHIN, SOA

ଏକଥା ମାମୁଙ୍କ କାନକୁ ଯାଇଥିଲା । ତା'ପରେ ମୁଁ ଭୟରେ ଭିକାରିର ଦୋଷଦେଇ ନିଜକୁ ମୁକ୍ତକରିଦେଇଥିଲି ଏବଂ ଦୋଷୀ ସାବ୍ୟସ୍ତ ହେଲାପରେ ମାମୁ ତାକୁ ଖରାବେଳ ସାରା ମନ୍ଦିରଖୁଣ୍ଟରେ ବାନ୍ଧି ଅଜ୍ଞାନ ପିଟା ପିଟିଥିଲେ । ଦେହସାରା ଲାଲ୍‌ଲାଲ୍ ଗେଲା ପଡ଼ିଯାଇଥାଏ ଆଉ ଆଖି ଦ'ଟା କାନ୍ଦି କାନ୍ଦି ଫୁଲିଉଠିଥାଏ । ଉପରବେଳା ମୁଁ ଭୟରେ ତାକୁ କିଛି କହିପାରୁ ନଥାଏ । ଗାଧୁଆବେଳା ଆମେ ସାଙ୍ଗହୋଇ ନଖାଇଥିବାରୁ ମୋ ମନଟା ଜମାରୁ ଭଲଲାଗୁନଥାଏ; ଏପରିକି ମୁଁ କାନ୍ଦୁରି କାନ୍ଦୁରି ମୁହଁରେ ଖାଇ ମନେ ମନେ ମାମୁଙ୍କ ପ୍ରତି ଚିଡ଼ିଯାଉଥାଏ । କିନ୍ତୁ ସନ୍ଧ୍ୟା-ବେଳକୁ ସେ ମୋତେ ଆସି ପଡ଼ିଆକୁ ଝୁଡ଼ାଖିବାକୁ ଡାକିଲା । ତା'ପରେ ଆମେ ଖୁବ୍ ସୁଧାର ପିଲା ପରି ଚାଲିଚଳନରେ ପରିବର୍ତ୍ତନ ଆଣିଥିଲୁ ।

ଆଜି ସେ ଖୁବ୍ ବ୍ୟସ୍ତ ଜଣାପଡ଼ୁଥିଲା, ଏପରିକି ଜଣେ ପକ୍‌କା ଗୃହସ୍ଥର ସମସ୍ତ ଦାୟିତ୍ୱ ତା'ଉପରେ ସତେ ଯେପରି କିଏ ଲଦିଦେଇଛି । ଗୁଡ଼ିଆ ବାହ୍ମଣ କାହିଁ ଏଯାଏ ଆସିଲେନି । ତା'ର ଭଣୋଇ-ଭଉଣୀ ବା ବନ୍ଧୁବାନ୍ଧବ କିଏ ଠିକ୍ ସମୟରେ ନପହଞ୍ଚିଲେ, ବଜାର ସଉଦା, ପଞ୍ଚକଟାଠୁ ଆରମ୍ଭ କରି ଲୁଗାକିଣାଯାଏ ସବୁଗୁଡ଼ିକୁ ସେ ଠିକ୍‌ଠାକ୍ ଭାବରେ ତଦାରଖ କରୁଥିଲେ ବି ବେଳେବେଳେ କାହିଁ ଖୁବ୍ କାତର ଜଣାଯାଉଥିଲା ଏବଂ ଦୀର୍ଘ ନିଃଶ୍ୱାସ ମାରୁଥିଲା ।

ଦଶଗୁଡ଼ରେ ଆମେ ସମସ୍ତେ 'ପ୍ରେତକର୍ମ' ପାଇଁ ଯୋଗାଡ଼ସବୁ ଠିକ୍ କରି ବସିଯାଇଥାଉ । ଭଣ୍ଡାରି ବାଳ କାଟୁଥାଏ । ଜଣକପରେ ଜଣେ କ୍ଷୌରହେଲା ପରେ ଉଠିଯାଉଥାନ୍ତି । ମାମୁ ବସିଥାନ୍ତି ନଈପଠାରେ । ଅଗୁଠ ନଈପାଣିକୁ ଗୋଡ଼ରେ ହଲେଇ ଦେଉଥାନ୍ତି ଆଉ ବେଳେବେଳେ ନିଶୀମ ଆକାଶକୁ ଚାହିଁରହି ପୁଣି ତାଙ୍କ ପୁଅର ଲଣ୍ଡାମୁଣ୍ଡକୁ ନିଷ୍ପଲ୍ଭ ଦୃଷ୍ଟିପାତ କରୁଥାନ୍ତି । ମୋ' ପିଲାମାନଙ୍କୁ ସମୟେ ସମୟେ ହାତଠାରି ଡାକୁଥାନ୍ତି ଏବଂ କହୁଥାନ୍ତି, କରେ ନାତିଟୋକାମାନେ, ତମେ ସବୁ କ'ଣ ଲଣ୍ଡାହବ ? ଡଗଲା ଦଶହାଣ୍ଡିକୁ ପାଣିରେ ଖଙ୍କି ଭିକାରୀ ଯେତେବେଳେ ବୁଡ଼ ମାରୁଥିଲା, ମାମୁ ସେତେବେଳେ ସତେକି ଚମକିପଡ଼ି ତାଙ୍କ ପୁଅକୁ କୋଳକୁ ଉଡ଼ାଆଣିବାକୁ ଇଚ୍ଛା କରୁଥିଲେ; କାରଣ ଏତେବେଳେ ଡରଲେ କୁଆଡ଼େ ଦେହରେ ପ୍ରେତଲୋକ ବଶ୍ରାମିଯାଏ ଏବଂ ତାହା କ୍ଷତିକାରକ ଅଟେ ।

ତା'ପରେ ଆମେ ସମସ୍ତେ ଘରେ ପହଞ୍ଚି ଭୋଜି ପ୍ରସ୍ତୁତି ତଥା ଅନ୍ୟାନ୍ୟ କାର୍ଯ୍ୟରେ ବାଣ୍ଟିହୋଇଯାଇଥିଲୁ । ବ୍ରାହ୍ମଣଭୋଜନ ପରେ ଆମେ ସମସ୍ତେ ପୁରୁଷ ଓ ପିଲାମାନେ ସାଷ୍ଟାଙ୍ଗ ପ୍ରଣିପାତ କରି ଆଶୀର୍ବାଦପ୍ରାପ୍ତ ହେଲୁ ଏବଂ ଗାଁବାଲା ସବୁ ଖିଆପିଆ କରିସାରିଲା ପରେ ଆମେ ମୁରବିମାନେ ଟିକେ ଆଶ୍ୱସ୍ତ ହୋଇପଡ଼ିଲୁ । ସେତେବେଳେ ରାତି ପ୍ରାୟ ବାରମ୍ବଟି । ପିଲାଛୁଆ ଓ ଅଧିକାଂଶ ସ୍ତ୍ରୀଲୋକମାନେ

Digitized by PPRACHIN, SOA

ନିଦରେ ଶୋଇପଡ଼ିଥାନ୍ତି । ମାମୁ ଜଣଜଣଙ୍କୁ ଡାକି ଉଠାଉଥାନ୍ତି । ନିଜ ହାତରେ ପତ୍ର ପକେଇ ବାଢ଼ିଦେଉଥାନ୍ତି ଏବଂ ନାତିନାତୁଣୀମାନଙ୍କୁ ଅତିସ୍ନେହରେ ବଳେଇ-ବଳେଇ ଆଉ ଟିକେ ମାଛତରକାରି, ଆଉଟିକେ କ୍ଷୀରି ପକେଇଦେଉଥାନ୍ତି । ଅଧିକ ହେଲେ ସେମାନେ ପତ୍ରରେ ଛାଡ଼ିଯିବେ, ନଷ୍ଟହେବ, ସେଥିଲାଗି ଉକାରି ଓ ମୁଁ ତାଙ୍କୁ ତାଗିଦା କରିଦେଲାବେଳକୁ ସେ ଖାଲି ଟିକେ ହସିଲା ହସିଲା ମୁହଁରେ କହୁଥାନ୍ତି, ନା ମ, ପିଲାଗୁଡ଼ାକ ଯାଇ କେତେବେଳୁ କ'ଣ ଦି'ଟା ଖାଇଥିଲେ, ଭୋକେଇଲେଣି, ଖାଇଦେବେ ଯେ ! ଅରେ ପିଲାମାନେ ପୁରାପୁରି ପତ୍ର ସଫା କରିଦେବେ ।

ତା'ପରେ ଆମମାନଙ୍କର ଖିଆପିଆ ପାଳି ପଡ଼ିଥିଲା । ମୁଁ ନିଜେ ପରଷିଦେବି ବୋଲି ବାଧ କଲେ ବି, ମାମୁ ନିଜେ ସେ କାମ କରିବେ ବୋଲି ଜିଦ୍ ଧରିଲେ ଏବଂ ସେ ପରେ ଖାଇବେ ବୋଲି କହିଲେ । ଆମେ ସମସ୍ତେ ଖିଆପିଆ କଲାବେଳକୁ ରାତି ବହୁତ ଡେରି ହୋଇଯାଇଥିଲା । କିଏ କୁଆଡ଼େ ଶୋଇଗଲେ । ମାମୁଙ୍କ ଖାଇବା ପାଇଁ ମୁଁ ନିଜେ ବଢ଼ାବଢ଼ି କଲାବେଳେ ମାମୁ କହିଲେ, ଅରେ ପୁଅ, ମୋର ଇଚ୍ଛା ନାହିଁ । ମୁଁ କିଛି ଖାଇବିନି । ଅତି ବାଧ କଲାରୁ ସେ କ'ଣ ଟିକେ ଖାଇଲେ ଏବଂ ଦାଣ୍ଡପିଣ୍ଡାରେ ଖଣ୍ଡେ ସପ ପକାଇ ବସିପଡ଼ିଲେ ଓ ମୋତେ ଡାକି କହିଲେ, ତୁ ଏଇଠି ଆ' ଟିକେ ଶୋଇପଡ଼ । ଦିନସାରା ବିଶ୍ରାମ ନାହିଁ ।

ସେଇଠି ମାମୁଙ୍କ ପାଖରେ ଶୋଇପଡ଼ିଲାବେଳେ ମୁଁ କାହିଁକି ଖୁସି ଛୁଆ ହୋଇଯାଉଥିଲି । ଏଇ ପିଣ୍ଡାରେ କେତେଥର ରାତିରେ ଖରାଦିନେ ତାଙ୍କ ପାଖରେ ଶୋଇଛି । ମାମୁ ତାଙ୍କ ପିଲାଦିନର କଥା କହନ୍ତି । ସେ ଯେତେବେଳେ ଆଠବର୍ଷର ହୋଇଥିଲେ ତାଙ୍କ ବୋଉ ମରିଯାଇଥିଲା ଏବଂ ତାଙ୍କ ବାପା ଥିଲେ ଖୁବ ବଦରାଗୀ । ଟିକେ କଥାରେ ସେ ଏପରି ଭୟଙ୍କର ହୋଇପଡ଼ନ୍ତି ଯେ ଆଖିକାନ ବି ତାଙ୍କ ମାଡ଼ରୁ ବର୍ତ୍ତିପାରନ୍ତି ନାହିଁ । ଏଇ ଭୟରେ ସେ ଦିନେ ଘରୁ ବାହାରିଗଲେ କଲିକତା ସହରକୁ । ସେଠି ଚାକିରି ଖଣ୍ଡେ କରି ବହୁତ ଦିନ ରହିଲା ପରେ ତାଙ୍କ ବାପା ଦିନେ ହଠାତ୍ ସେଠି ପହଞ୍ଚିଯାଇଥିଲେ ଏବଂ ବାପାଙ୍କୁ ଅନେକ ଦିନ ପରେ ଦେଖି ସେ କିପରି ସବୁ ଭୁଲିଯାଇ ବାପାଙ୍କ ଆଦେଶ ରକ୍ଷାକରି ନିଜର ପୈତୃକ ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ଗାଁକୁ ଫେରିଆସିଥିଲେ । ମୋତେ କାହିଁକି ରାତିସାରା ନିଦ ହେଉନଥିଲା । ମୁଁ ଗାଲେଇ ପଡ଼ିଥାଏ । ମାମୁ ସେମିତି ବସିଥାନ୍ତି । ବେଳେବେଳେ ଦାଣ୍ଡ ମଝିକୁ ଯାଇ ବୁଲାବୁଲି କରୁଥାନ୍ତି ପୁଣି ଫେରିଆସି ବସନ୍ତି । ମୁଁ ପଚାରିଲି, ମାମୁ, ଶୋଇପଡ଼ନ୍ତୁ । ହଁ, ଶୋଇବା ବୋଲି କହି ସେ ମୋ' ଚାକିରି, ପିଲାଛୁଆ, ଗାଁଗଣ୍ଡା, ମୁଁ ସେଠାରେ କେମିତି ଚଳୁଛି, ସେଠାକାର ବଜାର ଦର କ'ଣ, ଏ ବର୍ଷ

Digitized by PPRACHIN, SOA

ଇଲେକ୍‌ସନ୍‌ରେ ସେଠାକାର ସ୍ୱାର୍ଥ୍ୟ କ'ଣ ଇତ୍ୟାଦି ଇତ୍ୟାଦି ପଚାରିଲେ । ମୁଁ ସବୁ ତା'ର ଉତ୍ତର ଦେଉଥିଲାବେଳେ ମାମୁ ବେଳେବେଳେ ଖୁବ୍ ଧ୍ୟାନସ୍ଥ ଜଣା-ପଡ଼ୁଥିଲେ ବି ଆଉ ସମସ୍ତେ ସମସ୍ତେ ଅନ୍ୟମନସ୍କ ଜଣାପଡ଼ୁଥିଲେ । ଏମିତି ଏମିତି ରାତି ସରିଯାଇ ସକାଳ ଆସିଲା ।

ଅଳ୍ପଦିନ ଛୁଟି ଆଣିଥିବାରୁ ମାମୁଘରେ ଅଧିକ-ଗ୍ଭରିଦିନରୁ ବେଶି ରହିପାରିଲିନି ଯଦିଓ ମନ ଭିତରେ ମାମୁଘରର ଏକ ଦୁର୍ବାର ଆକର୍ଷଣ ମୋ ପିଲାଦିନକୁ ଉଙ୍କି-ଆସିଥିଲା । ଗାଁରେ ବୁଲାବୁଲି କଲାବେଳେ ପିଲାଦିନର ସାଙ୍ଗସାଥୀମାନେ ଦେଖା-ହେଲେ । କେତେକ ଚାକିରି ଧନ୍ଦାରେ ପଶିଛନ୍ତି, ଆଉ କେତେକ ଗ୍ରାମବାସରେ ରହିଛନ୍ତି । ଯାହାହେଉ ସେମାନଙ୍କ ସହିତ ମିଶି ସ୍ମୃତିରୋମନ୍ଥନରେ ଏକ ଅନନ୍ୟ ସ୍ୱାଦ ଥାଏ । କିଏ କେତେ ଗପ ଯୋଡ଼ିଦେଲା । ଏହା ଭିତରେ କେତେକଙ୍କ ନାଁ ଭଲଭାବରେ ମନେପଡ଼ୁନି । ଖାଲି ମୁହଁର ବୟସଜନିତ ପରିବର୍ତ୍ତନ ଆସିଥିଲେ ବି ତଥାପି ଚହ୍ନା ଚହ୍ନା ଲାଗୁଛି । ଅଥଚ ଏତେ ସମ୍ପର୍କ ଥାଇ ଯେ ନାଁଟା କେମିତି ଭୁଲିହୋଇଗଲା, ମୋତେ ଆଶ୍ଚର୍ଯ୍ୟ ଲାଗୁଥାଏ ଏବଂ ନାଁଟା ମଧ୍ୟ ସଙ୍କୋଚ ଓ ଲଜ୍ଜାର ସ୍ମୃତିସ୍ଥାନଟାକୁ ଲୁଚେଇ ପକାଉ ହେଉନଥାଏ । ସେମାନେ ସମସ୍ତେ ମୋ ନାଁକୁ ମନେରଖିଛନ୍ତି; କାରଣ ମୁଁ ସେତେବେଳେ ଖୁବ୍ ଭଲ ପଢ଼ୁଥିଲି ଏବଂ ଏହା ଭିତରେ ଏକ ଭଲ ଚାକିରି କରିଛି । ମାମୁ ଅଧିକାଂଶ ସମୟରେ ମୋ ବିଷୟରେ ଉଚ୍ଚ ପ୍ରଶଂସା କରି ସେମାନଙ୍କୁ କହନ୍ତି ଏବଂ ସେ ନିଜେ ମଧ୍ୟ ଗର୍ବ ଅନୁଭବ କରନ୍ତି ।

କଥାପ୍ରସଙ୍ଗରେ ଜଣେ ବନ୍ଧୁ କହିଲା—ଚିହ୍ନିଲ ବାବୁ, ସେ ଯେଉଁ ଟିଅଟାମ ! ଏଇ 'ତମେ' ଓ 'ବାବୁ' ସମ୍ବୋଧନ ମୋତେ କାହିଁକି ଅଡ଼ୁଆ ଅଡ଼ୁଆ ଲାଗୁଥାଏ । ପିଲାଦିନର ବନ୍ଧୁ । 'ତୁ', 'ଶଳା' ଭିତରେ ଯେଉଁ ଆନନ୍ଦବୋଧ ଥାଏ ଓ ଆତ୍ମୀୟତା ଯେତେ ସାନ୍ଦ୍ର ଥାଏ, 'ତମେ' କି 'ଆପଣ' ଭିତରେ ତାହାର ପରିମାଣ କମି-ଆସିଥାଏ । ମୋ ବାରଣ ସତ୍ତ୍ୱେ ସେମାନେ ମୋତେ ତମେ ବୋଲି ଡାକୁଥାନ୍ତି । ତା'ପରେ ସେ କଥା ଆରମ୍ଭ କରିଥିଲା ।

ମାମୁଘରେ ମୁଁ ଖରାଦିନ ଛୁଟି କଟେଇଲାବେଳେ ମହାପାତ୍ର ତୋଟାକୁ ଆମ୍ବ ଗୋଟାଇବାକୁ ଯାଉ । ଟୋକାମାନଙ୍କ ସାଙ୍ଗରେ ଖରାବେଳେ ଲୁଚି ଲୁଚି ତାଙ୍କ ବାଡ଼ିରୁ ଆମ୍ବ ତୋଳାଳଦେଲେ କେତେଥର ତାଙ୍କ ମୁରବିମାନଙ୍କ ଆଖିରେ ପଡ଼ିଛୁ । ସେ ଘରର ବୁଢ଼ୀଟି ଅନ୍ୟାନ୍ୟ ଟୋକାମାନଙ୍କୁ କୁଗ୍ଭପାରେ ଘଉଡ଼େଇ ଦେଲାବେଳେ ମୋତେ ଖୁବ୍ ଆଦରରେ ଡାକିନିଏ ଏବଂ କହେ, ତୁ ତା' ପୁଅଟି ? ଏ ଛତରା ଟୋକାଙ୍କ ସାଙ୍ଗରେ କାହିଁ ପଡ଼ୁଛୁ ? ତୁ ମୋତେ ଆମ୍ବ ମାଗିଲନୁ, ମୁଁ ଦେଇଥାନ୍ତି । ତା'ପରେ ସେ ମୋତେ ତା' ଘରକୁ ନେଲା ଏବଂ ଗୁଡ଼-ପାଞ୍ଚଟା ଡେଣୁଆ ପରି କଞ୍ଚା

Digitized by PPRACHIN, SOA

ଅମ୍ବ ଦେଲା । ସେ ସାହିରେ ଗୋଟିଏ ଝିଅ ଥାଏ । ବୁଢ଼ୀ ଡାକିଲା—ସଞ୍ଜୁ ଲୋ, ଭାଇକୁ ଆଉ ଦି'ଟା ପାଚିଲା ଅମ୍ବ ସେ ଘର ସିନ୍ଦୁକରୁ ଆଣି ଦେଲୁ । ଝିଅଟି ଲାଜେଇଯାଇଥିଲା । ବୁଢ଼ୀ ପୁଣି ଥରେ ଜୋର୍‌ରେ ଡାକିବାରୁ ସେ କଣେଇ କଣେଇ ଆସି ଅମ୍ବ ଦି'ଟା ଆଣି ମୋ ହାତକୁ ବଢ଼େଇଦେଲା । ତା'ପରେ ମୁଁ ଗୋଟା ଚାଲିମାରି ଆସି ଟୋକାମାନଙ୍କ ପାଖରେ ହାଜର । ସେଦିନ ଖରାବେଳଟା ବେଶ୍ ଲୁଣ, ଲଙ୍କା ଓ ଆମ୍ବରେ କଟିଗଲା ।

ବେଳେବେଳେ ଦେଖିଲେ ସେ ଝିଅଟି କାହିଁକି ତଳକୁ ମୁହଁ କରି ହସିଦିଏ । ମୋତେ ବି ଟିକେ ହସମାଡ଼େ । ଏମିତି ଏମିତି କାହିଁକି କେଜାଣି ତା' ପ୍ରତି ମୋର ଦୁର୍ବଳତା ଖୁବ୍ ସନ୍ନିହ ହୋଇଆସିଥିଲା । ମୁଁ ବୋଉ ସାଙ୍ଗରେ ଆମ ଘରକୁ ଫେରି-ଆସିଲା ଦିନ ସେ ଝିଅଟି କାହିଁକି ମଉଳିଯାଇଥାଏ ଆଉ ତା' ବାଡପଟରେ ଛିଡ଼ା-ହୋଇ ସେମିତି ଏକଧ୍ୟାନରେ ଚାହିଁଥାଏ । ଏଣିକି ପ୍ରତି ଛୁଟିରେ ମାମୁଁଘରକୁ ଆସିବାର ଆଉ ଏକ ବଡ଼ ଆକର୍ଷଣ ଏଇ ଝିଅଟି । ସେତେବେଳକୁ ମୁଁ ନୂଆ ନୂଆ କଲେଜ ଯାଉଥାଏ । ହାଫ୍‌ପ୍ୟାଣ୍ଟ ବଦଳରେ ଫୁଲ୍‌ପ୍ୟାଣ୍ଟ, ହାତରେ ଘଣ୍ଟା, ଫୁଲ୍‌କୋଟ ଓ ମୁଣ୍ଡରେ ଟୋପିଦେଇ ଖରାଦିନେ ବୋଉ ସାଥିରେ ଆସିଲାବେଳେ ପ୍ରଥମ ଦିନ ସେ ମୋତେ ଦୂରରୁ ଚିହ୍ନି ପାରିନଥିଲା । ସେ ସ୍କୁଲରୁ ଫେରୁଥାଏ । ତା'ପରେ ଦିନେ ଦୁଇଦିନ ପରେ ତାଙ୍କ ଘର ଆଡ଼କୁ ବୁଲିଯାଏ । ଆଉ ଏଣିକି ଆମ୍ବ ଗ୍ରେଶକରିବା ବା ମାଗିବାକୁ ସଙ୍କୋଚ ଲାଗୁଥାଏ । ପାଚିଲା ଅମ୍ବ କାଟି ଥାଳିଆରେ ବାଢ଼ିଦେଉଥିଲେ ବି ଖାଇବାକୁ ଲାଜ ଲାଗୁଥାଏ । ସେ ବୁଢ଼ୀଟି କହିଲା, ଆରେ ପୁଅ, ସଞ୍ଜୁ ଆମର କ'ଣ ପଢ଼ୁଛି ଯେ, ଟିକେ ତା'ର ଦେଖାଶୁଣା କଲୁ ।

ତା'ପରେ ସେ ମୋତେ ଖୁବ୍ ଭଲଲାଗିଥିଲା ଏବଂ ଆମ ଦୁଇଜଣଙ୍କର ମିଳାମିଶାକୁ ଗାଁର ଅନ୍ୟ ଟୋକାମାନେ ସହିପାରିନଥିଲେ । କ୍ରମଶଃ ମୁଁ ସେମାନଙ୍କ-ଠାରୁ ଏକଘରକିଆ ରହିଲାପରି ଜଣାପଡ଼ୁଥିଲି । ସେ ବର୍ଷ ବି.ଏ. ପରୀକ୍ଷା ସାରି ମୁଁ ଖୁବ୍ ଖୁସିରେ ଆସୁଥାଏ ମାମୁଁଘରକୁ । ଗାଁମୁଣ୍ଡ ଧରିଲାବେଳକୁ ବାଜା-ବାଣ ଶୁଣିଲି ଏବଂ ପରେ ପରେ ଜାଣିଲି ଯେ ସଞ୍ଜୁର ବାହାଘର ହେଉଛି । ସେଦିନ ମୁଁ ମାମୁଁଘରେ ଆଉ ବେଶି ସମୟ ନରହି ସିଧା ପଳେଇଆଇଲି ଘରକୁ ।

ତା'ପରେ ବନ୍ଧୁଟି କହିଥିଲା, ସଞ୍ଜୁର ବାପା ଜପରି ଅତ୍ୟଧିକ ମଦ୍ୟପାନ କଲା ପରେ କଲିକତାର ଚଟକଲରେ ଯକ୍ଷ୍ମାରୋଗରେ ପଡ଼ିପଡ଼ି ସିଆଡ଼େ ମଲେ । ବୁଢ଼ୀଟି ସେଇ ଚିନ୍ତାରେ ଅରପାରିକୁ ଗଲା ଏବଂ ସଞ୍ଜୁର ସ୍ୱାମୀ ଥିଲା ଏକ ଟ୍ରକ୍ ଡ୍ରାଇଭର । ଦିନେ ଏକ ଆକସ୍ମିକ ଦୁର୍ଘଟଣାରେ ସେ ମରିଗଲା ପରେ ସଞ୍ଜୁର ଆଉ ଖୋଜ ଠିକଣା ନାହିଁ । ମାଳୀମାହିର ଏକ ନୂଆଣିଆ ଗୃହଘରେ ରାଜଧାନୀରେ ସେ

Digitized by PPRACHIN, SOA

ଦେହ-ବ୍ୟବସାୟ୍ କରୁଛି । ତାକୁ ସେ ନିଜ ଆଖିରେ ଦେଖିଆସିଛି ବୋଲି ଜଣେଇଲା । ଏକଥା ମୋ' ଦେହରେ କଣ୍ଟା ଘା'ରେ ଚୂନ ଦେଲାପରି ଲାଗୁଥାଏ । ସେ ଆମ୍ବତୋଟା ଆଉ ନଥିଲା । ସେଠି ଏକ କ୍ଲବ୍ ଘର ତୋଳାଯାଇଛି ଏବଂ ଛାତରେ ଟୋକାମାନଙ୍କର ଆଡ୍‌ଡ଼ା ଲାଗୁଛି । ତାହା ଉପରେ ଭଙ୍ଗା କାଚ ଠିକ୍ ଅର୍ଦ୍ଧିତ ଜହ୍ନଆପରି ଶୂନ୍ୟକୁ ଦାନ୍ତନିକୁଟି ଚାହିଁରହିଛି । କାରୁଣ୍ୟରେ ମୋ ଦୁଇ ଆଖିପତା ଓଦେଇ ଆସିଥିଲା ଏବଂ ସେଦିନ ସନ୍ତୁରି ନିଷ୍ପାପ ଆଖି ଦୋ'ଟି ଏଇ ଖଣ୍ଡିଆ କାଚରେ ଘୂରିବୁଲୁଥିଲା । ମୋ ଦୁଇପୁଅ ଖୋଜି ଖୋଜି ମୋ ପାଖରେ ପହଞ୍ଚିଯାଇଥିଲେ । "ବାପା, ଚାଲ, ମାଆ ବାହାରିଲେଣି, ଆମ ଘରକୁ ଯିବା । ଏ ଗାଁ ଆମକୁ ଭଲ-ଲାଗୁନି ।" କାହିଁକି ? ପଚାରିଦେଲା ମୋ ସାଙ୍ଗଜଣକ । "ଏଠି ଲଣ୍ଟିନ୍ ନାହିଁ, ବାଥ୍ ନାହିଁ, ଏ କୂଅ ପାଣି ଭଲ ଲାଗୁନି··· ।" ଆମେ ସମସ୍ତେ ଚୁପ୍ ପଡ଼ିଯାଉଥିଲୁ ।

ସବୁଥରକ ପରି ଏଥରକ ମଧ୍ୟ ମାମୁ ଆମ ସାଙ୍ଗରେ ଆସିଲେ ।

ମୋତେ ମାମୁ କାଖେଇଥାନ୍ତି । ବୋଉ ପଛେ ପଛେ ଚାଲୁଥାଏ । କେତେ ଭାବରେ ଉଲେଇ ଭଲେଇ ବାଟ ଚାଲୁଥାନ୍ତି । ଏତେ ଜୋର୍‌ରେ ହସୁଥାନ୍ତି ଯେ ମୋର ସମସ୍ତ ଚପଳତା ଓ କାନ୍ଦଣା ତା' ଭିତରେ ହଜିଯାଉଥାଏ । ସମୟେ ସମୟେ ତାଙ୍କର ଦାଢ଼ିଭର୍ତ୍ତି ମୁହଁଟିକୁ ମୋ କଅଁଳ ଗାଲରେ ଏମିତି ଘଷିଦିଅନ୍ତି ଯେ ମୁଁ କାନ୍ଦୁ କାନ୍ଦୁ ହସିପକାଏ ।

ପାଖ ବସ୍‌ଷ୍ଟାଣ୍ଡ ଯାଏ ମାମୁ ଚାଲିଥିଲେ । ତାଙ୍କ ଦୁଇ କାନ୍ଧରେ ଥାନ୍ତି ମୋ ଦୁଇ ପୁଅ । ଝିଅଟିକୁ ଧରି ମୁଁ ଚାଲିଥାଏ । ବସ୍ ଅପେକ୍ଷାରେ ଆମେ ଛିଡ଼ାହୋଇଥାଉ । ମାମୁ ଗୋଟେ କଣକୁ ଛିଡ଼ାହୋଇ ନାତିମାନଙ୍କ ସହିତ କୁରୁ କୁରୁ ହେଉଥାନ୍ତି । ଝିଅ ମୋର କୁଳୁକୁଳୁ ଚାହିଁ ସେମାନଙ୍କ ହସର ପ୍ରତିଧ୍ୱନି ତୋଳୁଥାଏ ଏକ ଅବୁଝା ଅବୁଝା ଶିହରଣରେ । ବସ୍ ଆସି ପହଞ୍ଚିଲା । ପତ୍ନୀ ସହିତ ପିଲାମାନଙ୍କୁ ଗାଡ଼ିକୁ ପଠେଇଦେଇ ମୁଁ ମାମୁଙ୍କ ପାଦଧୂଳି ଆଣିଲାବେଳକୁ ମାମୁଙ୍କ ଆଖିରୁ ଦୁଇଟୋପା ଲୁହ ମୋ କେଶଶୂନ୍ୟ ମୁଣ୍ଡ ଉପରେ ନିଗିଡ଼ି ପଡ଼ିଥିଲା । ବସ୍ ଛାଡ଼ିଦେଲା ପରେ ଝରକା ଦେଇ ମୁଁ ମାମୁଙ୍କୁ ସେଠୁ ଦେଖୁଥାଏ । ମୋ ଦୁଇପୁଅ ହାତ ହଲେଇ ଟା-ଟା କଲାବେଳକୁ ମାମୁ ଡାହାଣ ହାତଟାକୁ ହଲେଇ ହଲେଇ ବାଁ ହାତରେ ଆସ୍ତେ ଆସ୍ତେ ଗାମୁଛାରେ ମୁହଁ ପୋଛି ଚାଲିବାଟକୁ ମୁହଁ ଫେରାଉଥିଲେ ।

ସେଦିନ ମାମୁଙ୍କ ଆଖିରେ ପ୍ରଥମଥର ଲୁହ ଦେଖି ବସ୍ ଭିତରେ ବସି ବସି ଭାବୁଥିଲି : ଏତେ କଙ୍କାଳ ଆଉ ଏତେ ସତର୍କତା ଭିତରେ ଲୁହର ବଖୁରିଟି କେତେବେଳେ ଖୋଲିଯାଇଛି ଯେ !!

Digitized by PPRACHIN, SOA

କେବଳ ବୟସ୍କମାନଙ୍କ ପାଇଁ (ଦୁଇ)

ଜୀବନ ଭରି ଗୋଟେ ଗୋଟେ ଦାରୁଣ ଅବଶୋଷ ରହିଗଲା । ଯାହାକୁ କେବେ କୌଣସି ଦିନ କାହା ଆଗରେ ପ୍ରକାଶ କରିନି; ଖାଲି ଯାହା ନିଜେ ନିଜେ ମନ୍ଥି ହୋଇଯାଉଛି । ପ୍ରକାଶ କରୁନଥିଲି ଏଇଥିପାଇଁ ଯେ, ପ୍ରଥମତଃ, ହୁଏତ ମୋତେ କେହି ଆବ୍‌ନର୍ମିଲ ଭାବରେ ଧରିନେଇପାରେ; ଦ୍ୱିତୀୟତଃ, ମୁଁ ଖାଲି ମେଣ୍ଢାଏ କଣ୍ଠା ଭାବପ୍ରବଣତାର ସମାହାର ବୋଲି ଅନ୍ୟମାନଙ୍କ ଆଗରେ ପ୍ରତୀତ ହୋଇପାରେ । ଆଇନା ସାମ୍ନାରେ ଠିଆହେଲେ କେତେବେଳୁ ଶୋଇଯାଇଥିବା ଯନ୍ତ୍ରଣାଟା ପୁଣି ମୋତେ କାବୁକରି ବସେ । ଗ୍ରୀଷ୍ମ ଭିତରେ ଅସାଧାରଣ କଷ୍ଟର ଘୂର୍ଣ୍ଣିଭିତରେ ମୁଁ ଅଣଗ୍ରଣ ପବନରେ ଥରଥର ହୋଇଉଠେ । ଖଲ୍ବଦନେ ଝାଳ ସରସର ହୋଇ ମଥା ପୋଛିଆଣିଲାବେଳେ ଆଙ୍ଗୁଠିରେ ସେ ଦାଗଟା ଯେମିତି ବାରିହୋଇପଡ଼େ । ଏ ପର୍ଯ୍ୟନ୍ତ ସହିଆସିଥିବା ପ୍ରଚଣ୍ଡ ରୌଦ୍ରକୁ ପୁଣି ସହିନେଲେ ବି ଏଇ ମୁହୂର୍ତ୍ତରେ ମୁଁ ଆଉ କିଛି ଦେଖି ପାରୁନଥିଲି । ଚଉଦିଗ ଝାଇଁମାରୁଥିଲା, ଜ୍ୱର ଭୋଗୁଥିବା ରୋଗୀଟି ଯେମିତି ଜଳକାତର ହୋଇଉଠେ, ସେମିତି ମୁଁ କ୍ରମଶଃ ଆଇନା ଆଗରେ ଠିଆହେବା କି ମୁହଁରେ ହାତମାରିବା କାର୍ଯ୍ୟରୁ ଯଥାସାଧ୍ୟ ନିଜକୁ ନିବୃତ୍ତ କରିବାକୁ ମନବଳାଉଥିଲି । ନିରୁପାୟ ହୋଇ ବେଳେବେଳେ ଅଳିକରି ରାହା ଧରିଥିବା ମୋ' ସବାସାନ ଝିଅଟିକୁ ବୋଧ କରିବାକୁ ଯାଇ ତାକୁ ଆଇନା-ଆଗରେ ତା' ନିଜର ରୂପକୁ ଦେଖାଇ ଅନ୍ଧାର ଘୁଡ଼ୁଘୁଡ଼ିର ଭୟରେ ଭୁଲେଇବାକୁ ଚେଷ୍ଟାକରି ନିଜେ ଭୁଲିଯାଉଥିଲି । ଆଇନା ଆଗରେ ଅତି ସତର୍କତାର ସହିତ ଭଲଭାବରେ ସାବୁନ୍ ଦେଇ ରେଜର୍ ଚଲେଇ ଆଣୁଥିଲେ ବି ବହୁଦିନରୁ ହୋଇ-ଆସିଥିବା ଭାଉଡ଼ିଟି ଉପରେ କଟାଦାଗ ଦିଶୁଥିଲା । କେଇଟୋପା ମୋ'ରି ଲହୁକୁ ମୁଁ ହାତରେ ଥାପିଦେଉଥିଲି । ଡେଟଲ୍ ପାଣିରେ ଚୁଇଁଚୁଇଁ ଲାଗିଲାବେଳକୁ ସାନ-ପୁଅଟି ଆସି ତା' ଅଜାତଶ୍ମଶ୍ରୁ ଚିକ୍କଣ ଗାଲରେ ସାବୁନ୍‌ଫେଣ ମିଶା ବ୍ରସ୍‌ଟିକୁ ଚଲେଇ ସାରି ଜୋକର୍ ବନିସାରିଥିବ । ରେଜର ଆଡ଼କୁ ହାତ ବଢ଼େଇଲା-ବେଳକୁ ଭାଗ୍ୟକୁ ମୋ' ହାତ ଭିତରେ ସେ ବନ୍ଦୀ ହୋଇଯାଉଥିଲା ।

ସକାଳୁ ସକାଳୁ ନିଦ ଭାଙ୍ଗୁ ଭାଙ୍ଗୁ, ହାଇ ମାରୁ ମାରୁ, ଅଫିସ୍ ଫେରନ୍ତା ବେଳରେ ଆଖିରେ ପାଣି ଗ୍ରଟୁ ଗ୍ରଟ, ସେଲୁନ୍‌ରେ ବସି ଦାଢ଼ି ବନେଇଲାବେଳେ

Digitized by PPRACHIN, SOA

ଏକାଧିକ ପ୍ରବନ୍ଧସମୂହମାନଙ୍କ ଗହ୍ୱରରେ ନିଜକୁ ନିଜେ ପ୍ରବନ୍ଧସମୂହଟିଏ ଭାବନେବାବେଳେ, ସାଇକେଲ୍ ଦର୍ପଣରେ ବାଟ ସରିଆସୁଥିଲାବେଳେ, ନଈ ତୁଠରେ ଅହଲିଲା ପାଣିକୁ ଛଳେଇଦେଲାବେଳେ, କୂଅ ଭିତରୁ ଜଣ୍ଡିସ୍ ଖେଉଥିବା ବୁଢ଼ାବାପାଙ୍କ ପାଇଁ ବାଲ୍‌ଟିରୁ ଝରୁଥିବା ଶୀତଳ ପଇଡ଼ ଗ୍ଲାଣି ଆଣିଲାବେଳେ ବି ମୋ' ଦେହ ବୁଲେଇ-ଯାଉଥିଲା । ଓକାଲ ଉଠୁଥିଲା । ମୁଁ ଯେମିତି ମୂର୍ଚ୍ଛା ହୋଇଯିବି ଅଥବା ମୋତେ କେହି ଗୋଟେ ଅନ୍ଧାର କଟି କଟି ଘର ଭିତରେ କବାଟ କିଳି ମୋର ଆତତାୟୀ-ମାନେ କଏ କୁଆଡ଼େ ପରମୁହୂର୍ତ୍ତରୁ ଫେରାର୍ ହୋଇଯିବେ । ମୁଁ ତା'ର ଭିତରେ ଛଟପଟ ହେଉଥିବି, ହାତ ବୁଲେଇ ଅଣ୍ଡୁଥିବି ମୋର ଚାରିଆଡ଼କୁ । କେବଳ ଅପର୍ଯ୍ୟାପ୍ତ ଅନ୍ଧାର ଦୂରତ୍ୱ ବ୍ୟତୀତ ମୁଁ ଆଉ କାହାର ସମ୍ମୁଖୀନ ହୋଇପାରୁ-ନଥିବି କି ମୋର ଅବଶୋଷଟିକୁ ଏଯାବତ୍ କାହା ଆଗରେ ଖୋଲି ପାରୁନଥିବି ।

ଝିଅ ଏକୋଇଶିଆ ବାସିଦିନ ଆମେ ସବୁ ଯିବୁବୋଲି ଆଗରୁ ସ୍ଥିର କରିଥିଲୁ । ଯେତେଥର ଆମେ ସେଠାକୁ ବାହାରୁ ସେତେଥର ଭାରତବର୍ଷ ସ୍ୱାଧୀନତାର ଏତେ-ଦିନରେ ପହଞ୍ଚିଥିଲେ ମଧ୍ୟ ସେ ଯେ ଆଦୌ ଅଗ୍ରସର କରିନାହିଁ ବୋଲି ଆମେ ଦୃଢ଼ବିଶ୍ୱାସୀ ହୋଇଉଠୁ ଯେତେବେଳେ ମାମୁଘର ଗାଁ ରାସ୍ତା ଆମ ଆଗରେ ଉଭା ହୋଇଉଠେ । ଖାଲି ଯାହା ଠାଏ ଠାଏ ଧସାବାଲି ସ୍ଥାନରେ ନାଲି ଗେଙ୍ଗୁଟି ପୁଳାଏ ଇତସ୍ତତଃ ଭାବରେ ଦୃଷ୍ଟିହୋଇପଡୁଛି ତ ବଡ଼ ବଡ଼ ଖାଲଖମାଗୁଡ଼ିକ ଅଧାପୋତା ହୋଇପଡ଼ିଛି । ସେହି ବରଟ ବରଟ ତେନ୍ତୁଳି ଗଛର ମୂଳସ୍ତମ୍ଭ ଗୁଡ଼ି ଥରକୁଥର ଆମକୁ ଶୀତଳତା ବିତରଣ କରୁଥିଲା । ଅଗମ୍ୟ କିଆକେତକୀ ବାଡ଼ର ବିସ୍ତୃତ ଭିତରୁ ମହାର୍ଘ ବାସନା ପ୍ରସରିଆସୁଥିଲା ପଣାସବନାନ୍ତର ମଧୂପିଣ୍ଡଗଧିତାରେ । ଝାଉଁର ଯେ ଗୋଟେ ବାସ୍ନା ଥାଏ ଗୋଟେ ରଙ୍ଗ ଥାଏ ଓ ଏପରିକି ତା'ର ବି ଗୋଟେ ସ୍ୱାଦ ଥାଏ, ତାହା ଆମେ ସମସ୍ତେ ଆଗପଛ ହୋଇ ସାଇକେଲ୍‌ରେ ଚାଲୁଥିବାବେଳେ ହାଡ଼େ ହାଡ଼େ ଅନୁଭବ କରୁଥିଲୁ । ଝାଉଁର ଗନ୍ଧ ବାରୁଥିଲୁ । ପ୍ରାୟ ଦୀର୍ଘ ବାର-ତେର ବର୍ଷପରେ ମୁଁ ଏଇ ବାଟରେ ଚାଲିଛି । ସାଇକେଲ ପେଲି ପେଲି ଚାଲିଲା ବେଳକୁ ମୋ' ପାଟି ଭିତରଦେଇ ଦୀର୍ଘଶ୍ୱାସ ବହୁଡ଼ିହୋଇ ପଡ଼ିଲାବେଳକୁ ପଛ କ୍ୟାରିଅର୍‌ରେ ଜଡ଼ିମୋଡ଼ି ହେଉଥିବା ମାଧୁରୀଅପାର ପାଟି ଖୋଲିଯାଏ : କ'ଣ ହେଲା କିରେ ବାବୁ, ଭାରି କଷ୍ଟହେଉଥିବ ! ଝରଣା କ'ଣ ହେଲାପରି ହେଉଛି ! ତୁ ଓହ୍ଲେଇପଡ଼ୁରେ, କେଇ ଖୋଜ ବାଟକୁ ତୋର ଏଇ କଥା । ଚାଲି ଚାଲି କଥାଭାଷା ହେଇ ଗଲେ, କେଇ ମିନଟର ବାଟ ଯେ ! ତୋ'ର ମନେ ନାହିଁ କିରେ, ମାମୁ ଯୋଉଥରକ ଆଇଥିଲେ ବୋହୂକୁ ନବାକୁ ଝାଉଁନାଟ ବେଳକୁ ବା ! ଆଉ, ବାପା ମନାକରିବାରୁ ମାମୁ କେମିତି ରାଗି ଯାଇ ପଳେଇଆସିଲାବେଳକୁ ଆଉ ଆମ ଦି'-ଜଣଙ୍କୁ ବଟେଇଲା । ଠିକ ଏମିତିଆ ଖରା ବେଳଟାରେ । ତୁ ହେଇଥାଉ ଛଅ କି

Digitized by PPRACHIN, SOA

ଚାରିବର୍ଷର । ମାମୁଁ ତ ଆମ ଘରେ ପାଣିଟୋପେ ପିଉନଥିଲେ, ଖାଲି ରଜ ଗୁଆଳ ଚୋବଉଥାନ୍ତି । ଏମିତି କହି କହି ବୋଧହୁଏ ପ୍ରାୟ ଚାରିପାଞ୍ଚ ବର୍ଷ ହେବ ମାମୁଘରକୁ ଯାଇ ନଥାଏ । ମାମୁଁ ଆମ ଦୁ'ଜଣଙ୍କୁ ଦୁ' କାନ୍ଧରେ ବସେଇ ଚାଲୁଥାନ୍ତି ଡଗ ଡଗ ପାଦ ପକେଇ । ଟିକେ ହେଲେ ପାଦ ଫିଟଉନଥାନ୍ତି । ବେଳେବେଳେ ଯାହା ଗୁଣ୍ଡି ମିଶା ଛେପରୁ ଅଳପଏ ଲେଖା 'ଥୂ' କରି କାଢ଼ିଲାବେଳକୁ ତା'ର ଛିଟା ଆସି ପଡ଼େ ଆମ ଗୋଡ଼ ଗୋଇଠିରେ । ଆମେ ଟିକେ ଗୋଡ ହଲଚଲ କରିଦେଲା ବେଳକୁ, ମାମୁଁ ଟିକେ ଚିଁକ ପଡ଼ି ଭସଭଗ୍ନ କଣ୍ଠରେ କହୁଉଠନ୍ତି : ଅରେ ମୋ ପିଲାଙ୍କ ଗୋଡ଼ରେ ପଡ଼ିଲାକି ! ଏହା କହିଲା ଭିତରେ ସେ ନିଜ ଫେଟା କାନରେ ତାକୁ ଆପୁ କରି ସାରିଥିବେ ।

: ଠିକ୍ ଏଇ ପଣଝିଅକୋଠା ଗଡ଼ା ପାଖରୁ ଆରମ୍ଭ ହେଲା ତୋ କାନ୍ଦ । ବୋଉ ପାଖକୁ ଯିବୁ ବୋଲି ତୁ ଛଟପଟ ହେଉଥାଉ । ମୁଁ କିନ୍ତୁ ମାମୁ ପିଠିରେ ବସିଲାବେଳକୁ ମୋତେ ଯେମିତି ଲାଗୁଥିଲା ମୁଁ ହାତୀପିଠିରେ ବସିଛି । ତଳ ଜିନିଷ ମୁଁ କିଛି ଦେଖିପାରୁନଥାଏ । ଖାଲି ଆଗକୁ ଆଗକୁ ଚାହୁଁଥାଏ ଓ ମାମୁଙ୍କ ଚନ୍ଦାମୁଣ୍ଡଟା ସାରା ମୋ' ହାତ ବୁଲିଆସୁଥାଏ । ତୁ କାନ୍ଦ ଆରମ୍ଭ କରିଦେଲୁ ଯେ ଅଟୁନକ । ମାମୁ ବୁଝେଇ ଚାଲିଥାନ୍ତି ସେ ଆଉ ଅଳ୍ପବାଟ ରହିଲା । ହେଇ ବାଜା ଶୁଭିଲାଣି, ଠାକୁର ବାହାରିବେ, ଭୋଗ ଖାଇବେ । ନାଚ ଦେଖିବୁ । ଶେଷକୁ କିଛି ନପାଇ ଗୋଟେ ଆମ୍ବଗଛ ପାଖରେ ବସିଲେ । ମାମୁଙ୍କୁ ପ୍ରଥମ କରି ଗଛକୁ ଟେକା ଫୋପାଡ଼ି ଆମ୍ବ ପାରିବାର ଦେଖିଲି । ଫୁଟୁଫୁଟୁକା ଫୁଲପେନ୍ଥା ଧରି ଗୁଣୁଗୁଣୁ ହୋଇ ନାନାବାୟା ଗାଇବା, ନାଚ କରିବା ଏପରିକି ଆଉ କହୁଥିବା କଥାସବୁ କହିଚାଲିଲେ । ମୁଁ ଅବାକାବା ହୋଇ ଯାଉଥାଏ । ମାମୁ ବି ଆଉ ପରିକା ଗପ କହନ୍ତି, ବୋଉପରି ଗୀତ ଗାଆନ୍ତି ଓ କେକେଙ୍କ ପରି ବି ଅଭିନୟ କରି ଜାଣନ୍ତି !! ତା'ପରେ ତୋ କାନ୍ଦଟିକେ ଥମିଆସିଲାବେଳକୁ ଆମେ ଦୁ'ଜଣ ପୁଣି ସେଇ କଳା ମଚମଚ ଶକ୍ତ ବାହୁ ଭିତରକୁ ଚାଲିଯାଉଥିଲୁ । ମାମୁଘରେ ପହଞ୍ଚିଲାବେଳକୁ ଆମେ ସମସ୍ତେ କଳାପଡ଼ିଯାଇଥିଲୁ । ମାଈଁ ଦେଖିଲାକ୍ଷଣି ଲୁଗାକାନରେ ପୋଛିପାଛି ବଞ୍ଚିପକେଇଲେ ।

: ସତରେ ଅଭି, ତୁ ଯାହା କହୁ ପଛେ, ସେ ବେଳର ଲୋକ ଆଉ ଆମ କାଳର ଲୋକ କ'ଣ ଏକା ? ଜମା ନୁହେଁ । ଏବେ ତ ଆମ ଘରେ କିଏ ଗୋଟାଏ କୁଣିଆ ଯଦି ଦୁ'ଦିନରୁ ତିନିଦିନକୁ ରହିଲା, ଆମେ ନାକ ଟେକୁଛେ । ଆଗରେ ନକହି ପଛରେ କହୁଛେ । ସେତେବେଳେ ତୁ ଭାବିଲୁ, ମାସ ମାସ ଧରି ଏଇ ମାମୁ-ଘରେ କ'ଣ ନଖାଇଛେ, କ'ଣ ନଭାଙ୍ଗିଛେ । ସେ ମଣିଷ ସବୁ କୁଆଡ଼େ ଗଲେ, ସେ ରୂପ କୁଆଡ଼େ ହଜିଗଲା । ଆମେ ଯାଇଛୁ ମାନେ ମାଈଁଙ୍କ ଗୋଡ଼ ତଳେ ଲାଗୁନଥିବ ।

Digitized by PPRACHIN, SOA

ବୋଉଠୁ କ'ଣ ଟିକେ ଟିକେ କଣ ସେ ଥାଳ ଘରପାଖ ଭରଦେଇଥିବେ । ସତରେ ଅଛି, ମୋର ସେଇଥିରେ ଘର ଆଶା । କ'ଣ କହିଲୁ ? ତୁ ତ ଶୁଣିଲେ ଥଟ୍ଟା କରିବୁ । ଯୋଉ ଚୂଳ୍ କୋଳଥ ଡାଲି !! ବହଲିଆ ବହଲିଆ ହୋଇଥିବ । ଅମ୍ବୁଲ ଟାକୁଆ ଫାଳରେ ଯେମିତି ମୁଁ କଂସାଏ ହାପୁଡ଼ିପକାଏ । ଏବେ କ'ଣ କୋଳଥ ନାହିଁ ନା ଆମ୍ବୁଲ ନାହିଁ । ସେ ମଣିଷ ଗଲେ । ସେ ହାତ ଗଲା । ସବୁ ଗଲା ।

ଏମିତି କଥାବାର୍ତ୍ତା ହେଇ ଗୁଲ୍ଲୁ ଗୁଲ୍ଲୁ ମୋ ଭିତରେ କିଏ ଗୋଟାଏ ଖୁଲ୍‌ବୁଲ୍ ହେଉଥିଲା । ଆଉ ତାକୁ ଲାଗୁଥିଲା ଯେମିତି ସେ ଏବେ ମାମୁଘର ଦାଣ୍ଡ ଭିତରେ ପାଦ ଦେଲାବେଳକୁ ପ୍ରଥମେ ଦିଶିଯିବ କୁଟକମ ବସା ଦୋଳ ବିମାନ । ତା' ପାଖକୁ ପାଖ ଦି'ଫାଳ ଶଗଡ଼ ଚକ ହୁଗୁଳା ହେଇ ଡେରିହୋଇଥିବ । ପିଣ୍ଡାର ତ'କଡ଼ରେ ବନ୍ଧାହୋଇଥିବେ ଘୋଡ଼ା ଛୁଆପରି ଦି'ହଳ ବଳଦ । ଘଣ୍ଟି-ଘାଗୁଡ଼ରେ ଅହରହ ରୁଣୁଝୁଣୁ ହେଉଥିବ ମାମୁଘରସାରା । ଯିଏ ଯାହାର କାମରେ ବ୍ୟସ୍ତ ଥିଲେ ବି ମୁଁ କାନ୍ଥ ଉହାଁ ଥିବି; ଦାଣ୍ଡପିଣ୍ଡାରେ ଠିଆହୋଇ ପାଞ୍ଚଣ ଖଣ୍ଡେ ଧରି ବଳଦଙ୍କୁ ଦେଖୁଥିବି । ସେମାନେ ଏପଟ ସେପଟ ହେଲେ ଘଣ୍ଟିଘାଗୁଡ଼ି ବାଜିଉଠିବ ଓ ମୁଁ ବାରମ୍ବାର ଫୁଲିଉଠିବି । ମାଈଁ ଆସି କୁଣ୍ଢେଇପକେଇ କୋଳକରି ନେଇ-ଯିବେ । ଗୋଡ଼ ଧୋଇ କାନିରେ ପୋଛିପକେଇବେ । ଦୁଧଭାତରୁ ମାଛଭଜାଯାଏ ଏକାଥରକେ ଖୋଇଗୁଲୁଥିବେ । ଥାଳିଆକୁ ଥାଳିଆ ଅମୃତ, ପଣସ···ଖଜା, ଲଡୁ··· ।

ଆମେ ପହଞ୍ଚିଲାବେଳକୁ ମାମୁଘର ଉଚ୍ଚାପିଣ୍ଡା ଦବିଯାଇ ଚେପ୍‌ଟିଯାଇଥିଲା । ହଳେ ହାଡ଼ୁଆବଳଦ ହକ୍କଣିଆ ପୋକରେ ଲାଞ୍ଜ ପିଟୁଥିଲେ । ପିଣ୍ଡା ଉପରେ ଟୋକେଇଟା ପରି କ'ଣ ଦୁଲେ ଯେମିତି ଥୁଆହୋଇଛି । ଆମେ ଯେତେ ନିକଟତର ହେଉଥିଲୁ ସେତେ ସେତେ ଆମ ଭିତରେ ଗୋଟେ ଘମାଘୋଟ ଲଢ଼େଇ ଲାଗି-ଯାଇଥିଲା । କେହି ଆମେ ନିଜକୁ ଠିକ୍ ଦେଖିପାରୁ ନଥିଲୁ । ଗୋଟେ ବୀଭତ୍ସ କଦାକାର କୁଣ୍ଠିତ ଫୁଲ୍ଟା ମାଦଳଟା ଯେମିତି ଡେରିହୋଇ ଥୁଆହୋଇଛି କୋଉ ପ୍ରାଗୈତିହାସିକ କାଳର । କୋଉ ଯାଦୁଘରେ ନେଇ କିଏ ରଖିବ । ମାମୁ ଅସାଧାରଣଭାବେ ଅସୁନ୍ଦର ଦେଖାଯାଉଥିଲେ । ତାଙ୍କ ମୁହଁଟା ବେଢ଼ଙ୍ଗ ଧରିଯାଇ-ଥିଲା । ମୁଣ୍ଡରେ ଅବଶିଷ୍ଟ ଆସୁତକ ରଖିଥିବା କେଶ ପଞ୍ଝାଟା ଠିଆହୋଇ-ଯାଇଥାନ୍ତି । କପାଳ ଉପରେ ସହସ୍ରାଧିକ ଫଟାଚିହ୍ନ । ଆଖିଯୋଡ଼ାକ ଏଡ଼େ ବଡ଼ ବଡ଼ ହୋଇ ପୁଣି ଓହଳିପଡ଼ିଛି । ନାକଟା ନଇଁଯାଇଛି । କାନ ଦି'ଟା ଓ ମୁହଁସାରା ହଳଦିଆ ପାଲଟିଯାଇଛି । ହାତ ଦି'ଟା ଯେମିତି କାଉଁରିଆ କାଠି । ପାଦ ଦି'ଟା ବେଙ୍ଗଫୁଲ ପରି ଚହଟଚହଟ ଡାକୁଛି । ପେଟଟା ବାହାରିପଡ଼ିଛି ଲୁଗା ଗଣ୍ଠିରି ପରି ।

Digitized by PPRACHIN, SOA

ମାମୁ ଶୁଣିରହିଥିଲେ ଅଥଚ କିଛି ଦେଖିପାରୁନଥିଲେ । ମାମୁ ପାଟି ପାଖୁ ପାଖୁ କରୁଥିଲେ ଅଥଚ ଆମେ ଆସିଛୁ ବୋଲି ବୁଝିପାରୁନଥିଲେ । ଆମେ ସମସ୍ତେ ପାଦଧୂଳି ନେଲୁ । ସେ ଅଜଣ ନରେଖି ଶୁଣିଲେ । ମୋ ବୋଉ କହିଲା, "ଭାଇ, ଚିହ୍ନିପାରୁନ…ଆମେ ସବୁ ଆସିଛୁ । ମୁଁ ଚମ୍ପା, ଏଇ ସବୁ ଅଭି, କବି, ମାଧୁରୀ ।" ବୋଉର ବାଷ୍ପାୟିତ କଣ୍ଠରେ ମାମୁଙ୍କର କେବେଠୁ ଶୁଖିପଡ଼ିଥିବା ଓଠ ଦି'ଫାଳ ଈଷତ୍ ଥରିଉଠିଲା, ସେ ମୃତ୍ୟୁ ଯନ୍ତ୍ରଣାକୁ ଅଣଦେଖି ଏବଂ ପୁଲକିତ ଅବସ୍ଥାରେ ପହଞ୍ଚି-ଯାଉଥିଲେ । "ମୋ' ପୁଅ ହେଲାବେଳେ ଆଇଲାନି, ହଉ ମା'…ହଉ । କେମିତି ଏତେ ଝଗଡ଼ାରେ ଆଇଲବା ! ଖାଲି ଆସିବାର ଯଦି ଥିଲା, ବଡ଼ି ଭୋରୁ ଆଇଥାନ୍ତ । ନହେଲେ ସଅଳ ମାମଲା ହେଇ ଓପରଓଳି ଆଡ଼କୁ ଆଇଥାନ୍ତ ।" ବୋଉ କହିଲା, "ନାହିଁ ଭାଇ, ଅଭି କାଲି ଯିବ ତା' କାମକୁ । ତା' ଝିଅର ଏକୋଇଶିଆକୁ ଆଇଥିଲା, ଶୁଣିଲା ତମ ଦେହ ଖରାପ । ସେଇଠୁ କହିଲା, ଚାଲ ମାମୁଙ୍କୁ ଦେଖି-ଆସିବା ।" "ସେ କ'ଣ କାଲି ପଳେଇବ… ?" ଏତିକି ଭିତରେ ମାମୁଙ୍କର କଢ଼େଇ ଆସିଥିବା କଣ୍ଠଟି ପୁଣି ଦବିଯାଉଥିଲା । ଆଖିଯୋଡ଼ାକ ଆହୁରି ପେଟେଇ-ଯାଇ ତଳମୁହାଁ ହୋଇଯାଉଥିଲେ । "ହଁ, ଛୁଟି କ'ଣ ହେଲାନି । ସେ ସବୁ ହାତପୁରା ଦି'ଦିନ ଆଣି ଆଇଥିଲା ।" "ହଉ, ଭାଗ୍ୟରେ ଥିଲା ଟିକେ ଦେଖିବ ବୋଲି ତମକୁ ସବୁ ।" ମାମୁ ଏତିକି କହି ପୁଣି କହିଁ କହିଁ ହୋଇଉଠିଲେ । ଆମେ ସମସ୍ତେ କିଛିକ୍ଷଣ ପାଇଁ ଗାଢ଼ ନୀରବତାରେ ବୁଡ଼ି ଆଖି ପୋଛିଆଣି କେହି କାହାରିକୁ ଶୁଣିପାରୁନଥିଲୁ ।

."ଏଗୁଡ଼ିକ ପାଇଁ ସବୁ ପଇସା ଖରଚ କରି ଆଣିଥିଲ କହିଲ । ମୋ ଜୀବନରେ ଢେର୍ ଖାଇଛି—ଖୁଆଇଛି । ଆଉ ଯାଉନରେ ବାବୁ ।" ସାମାନ୍ୟ କିଛି ଖାଇଲା ପରେ ସେ ଆଉ ବସିପାରୁନଥିଲେ । ମୁଁ ତାଙ୍କୁ ମୋ' ପଟକୁ ମୁହଁକରି ଶୁଆଇଦେବି ବୋଲି ସେ ସ୍ତିମିତ କଣ୍ଠରେ ଯେମିତି ଅନୁରୋଧ କରୁଥିଲେ । ଆଦେଶ ପାଳନ କଲି । ତାଙ୍କ ଦେହ ମୁଣ୍ଡରେ ହାତ ବୁଲେଇଆଣିଲି । ମୋ' ହାତ ଭିତରଟା ମାମୁ ମାମୁ ବାସୁଥିଲେ କି ମୁଁ ଯେମିତି ମାମୁଙ୍କୁ ଆଦୌ ଛୁଇଁପାରୁନଥିଲି । ସତେକି ପୁଳାଏ ଝଣ୍ଟେ ଅଦରକାରୀ ମାଂସଖଣ୍ଡକୁ କିଏ ଏକାଠି ମିଶେଇ ଏଇଠି ଥୁଡ଼ାଯାଇଛି ।

ମୁଁ ପ୍ରାୟତଃ ଯୁଗପତ୍ ଭୟ ଓ ଦୁଃଖରେ ଭାଙ୍ଗିପଡ଼ୁଥିଲି । କଥାପ୍ରସଙ୍ଗରେ ମାମୁ କହିଲେ, "ଅଭିରେ, ତୋ' ପୁଅକୁ ଟିକେ ଦେଖିପାରିଲିନି । ଖାଲି ମୋ ଦୃଷ୍ଟି ଟିକେ ତା' ଉପରେ ପଡ଼ିଥାନ୍ତା ହେଲେ ! ହଁ, ଆଉ ଦେଖିପାରିବିନି । ମୋ ଝିଅ କ'ଣ କେଡ଼େ ଅସୁନ୍ଦରିଆ । ସେମିତି ଗୋରାହେଇ ହେଇଥିବ ଶଳା ବେଧୁଆଟା । ହଉ,

Digitized by PPRACHIN, SOA

ଜଗନ୍ନାଥେ ତାଙ୍କୁ ମଣିଷ କରନ୍ତୁ । ସେଇକଥା ଠିକ୍ ।'' ତା' ପରେ ସେ ସେମିତି ଆଉ ବେଶିକିଛି କହିପାରୁନଥାନ୍ତି । ବେଳେବେଳେ ଯାହା କହୁଥାନ୍ତି, ''ଭିକୁକୁ ମୋର ଭସେଇଦେଲି··· । ତା'ଦେହ ତ ପାଠଫାଠ ହେଉନି । କୃଷିବାସ କାମ ହେଲେ କରନ୍ତା । ଏମିତି ଭୁଲଟା ହେଲା ଯେ ନୂଆଁ ଲା ପକେଇଲା ପରେ ବି ସେ ସେମିତି ଅମଣିଆ ରହିଗଲା । କଥାରେ ଅଛି ବସିଖାଇଲେ ନଈବାଲି ସରେ । ଠାକୁରେ ଲଗେ ଲଗେ ଛଡେଇ ଦେଲେ ଯେ ତାଙ୍କୁ ବାହୁଡ଼େଇ ନେଲେ । ଅଭାଗାଟା କପାଳରେ ଯାହା ଥିବ··· ।'' ତା'ପରେ ମୁଁ ଦେଖୁଥିଲି, ମାମୁ ଯେମିତି ଚୋଟାସୁଦ୍ଧା ଥରୁଥିଲେ । ମୁଁ ଅଉଁଶି ଆଣିଲି । ତା'ପରେ ସେ କହିଲେ, ''ମୋତେ ଟିକେ ପାନ ମଳିକରି ଦିଅ ।'' ଗୁଣ୍ଡି ନଦେଇଥିବାରୁ ପରେ ଟିପେ ମାଗି ପୁଣି ପାଟିରେ ପକେଇଲେ ଆଉ ଛେପ ପକାଇ ପକାଇ କିଛି ଆସି ପଡ଼ିଗଲା ମୋ' ଉପରେ । ସେ ଆଉ ହାତ ଉଠେଇ ପାରୁନଥିଲେ । ଖାଲି ଚାହିଁରହିଲେ । ମୁଁ ଲୁଙ୍ଗିରେ ପୋଛି ଆଣି ଆଉ ଗୋଟେ କ'ଣ ପଚାରୁଥିଲି ।

''ହଁ, ଦି'ଟିଅ ବାହାଘର ବେଳକୁ ସବୁ ସରିଗଲା । ଖାଲି କେଇମାଣ ବିଲ ରହିଯାଇଥିଲା ଯେ ତାଙ୍କୁ ପୁଣି ଭାଗ ଦିଆଗଲା । ହାଗୁଆ ଚାଷ କରିଦେ । ଯୋଉ ଧାନଗଣ୍ଡାକ ଦଉଚନ୍ତି ବରଷ ପୂରୁନି । ଏ ଦି'ଟା ହାଡ଼ାକୁ ବି ପାଳି କେତେକ ଅଣ୍ଟୁନି ! ଆଉ କ'ଣ କହିବିରେ ବପା, ମୁଁ ଯାହା କରିବା କଥା କଲି । ଭଲରେ ମନ୍ଦରେ ଭିକୁକୁ ମୋର ସାହାଭରସା ହେଉଥିବୁ ।'' ବେଳକୁବେଳ ମାମୁ ଆହୁରି ଅଣଚବ ପଡ଼ିଆସୁଥିଲେ । ଅଉ କିଛି ଫଳ ଓ ମିଠା ଖାଇବାକୁ ଅନୁନୟ କରିବାରୁ ମାମୁ ଭୀଷଣ ବିରକ୍ତ ପ୍ରକାଶ କରି କହୁଥିଲେ, ''ଏଗୁଡ଼ାକ କାହିଁ ପଇସା ଦେଇ ଆଣୁଥିଲୁ କହିଲୁ, ତମ ବାରି ପୋଖରୀ ମାଛ ଖଣ୍ଡେ ହେଲେ ଆଣିଥାନ୍ତୁ ।'' ମୋ' ଗ୍ରନ୍ଥି ଭିତରଟା ଚେଁକିନି ଉଠିଲା । ଯୋଉ ହାତ ଦିନେ ଏତେ ବଡ଼ ବଡ଼ ମାଛ ନଈରୁ ଆଣି ପକେଇଦେଉଥିଲା ମାଈଁଙ୍କ ଆଗରେ ସେ ହାତ ଆଜି ଖଣ୍ଡେ ମାଛ ପାଇଁ ଏତେ ଅଶାନ୍ତି ! ଡାକ୍ତର ମନାକରିଛନ୍ତି ମାଛ ମାଂସ ଖାଇବାକୁ । ତେଣୁ ଭିକାରି ବି ବାରମ୍ବାର ସତର୍କ କରେଇଦେଉଥାଏ ।

ବାରିଆଡ଼କୁ ଚାଲିଗଲି । ମୋତେ କାହିଁ ଖରା କାନ୍ଦ କାନ୍ଦ ଲାଗୁଥାଏ । ମାମୁ ଘରେ କେବେ ମୁଁ ଏମିତି ନଗ୍ନଟିଆ ଖରାବେଳଟା ଦେଖିନଥିଲି । ଆମ୍ବଗଛ, ଜାମୁଗଛ, ତେନ୍ତୁଳି, ତାଳ କିଛି ବୋଲି କିଛି ନଥିଲା । ଆଉ ପୁଲେ ଗ୍ରୋଟ ଗ୍ରୋଟ ତାଳଚଢ଼ ବାଡ଼ କଡ଼େ କଡ଼େ ଉଠିଛି । ଗତ ବାତ୍ୟାରେ ସବୁ ଲୋପ ହୋଇଯାଇଛି ବୋଲି ପରେ ଭିକାରି କହିଲା । ଯେଉଁ ପୋଖରି ଭିତରେ ଆମେ ସାରା ଖରାବେଳ କଟେଇ ଦେଉଥିଲୁ ସେ ଆଜି ଅଧାପୋତା ଖାଲଟା ପରି ଫାଟି ଆଁ କରିଛି । ଲେମ୍ବୁ

Digitized by PPRACHIN, SOA

ଗଛ ଯେଉଁଠି ଥିଲା ସେଠି ଗୋଟା ଉଇହୁଙ୍କା କେବେଠୁ ଠିଆହୋଇ ସାରିଲାଣି । ଜନପର ହୋଇ ଝୁଲୁଥିବା ମାଟିକାନ୍ଥ ଯେମିତି କାନ୍ଧ ଛଡ଼େଇଛି । ଠାଆକୁଠାଆ ମୂଷାଗାଡ଼ ତ ଉଇହୁଙ୍କା । ଜାମୁକୋଳି ଗଛ ଯେଉଁଠି ଥିଲା ସେଠି ଏବେ ଖତଗଦା । ଏଇଠି ପୁଣି ମୋ' ହାତଟା ଚଢ଼ିଯାଉଥିଲା ମଥା ଉପରକୁ । ସେ ଜାଗାଟାରେ ଯେମିତି ଗୋଟେ କରେଣ୍ଟ୍ ଲାଗିଯାଉଥିଲା । ଆଖି ମୋର ଆଉଗ ଜକେଇଆସୁଥିଲା । ମନ ହେଉଥିଲା, ଖେ-ଖେ କରି କାନ୍ଦିଉଠନ୍ତି ଯେମିତି କାନ୍ଦୁଥିଲି ମାମୁଙ୍କ କାନ୍ଧରେ ବସି ଖରବେଳଯାକ ଏଇ ବାରିସାରା । ଆମ୍ବ-ଜାମୁର ସ୍ୱାଦ ହିଁ ମୋତେ ଶାନ୍ତ କରୁଥିଲା । ମାମୁଙ୍କ ଟେକି ଆମେ ବସେଇଲୁ । ଭାତ ଦୋ'ଟି ଖାଆନ୍ତୁ ବୋଲି କହିଲେ ମଧ୍ୟ ସେ ଅଦୌ ପାରୁନଥିଲେ ।

ମାଧୁରୀପପା ଓ ବୋଉ ମାମୁଙ୍କ ପାଦରେ ହାତ ମାରୁଥାନ୍ତି । ଦୁ'ଜଣଯାକ ଆଖି ଛଳଛଳ କରି ଭକାରି ମୁହଁରେ ଏକ ବିପଣ୍ଣ ଅସହାୟତାର ଢେଉକୁ ମାପୁଥାନ୍ତି ।

ଶୁଣିଲି ଯେ ପମ ଆସିଛି । କଲିକତାରୁ ଆଜି ସକାଳେ ଫେରିଛି । ଅନେକ ବର୍ଷ ହେବ ତା' ସହିତ ଦେଖାହୋଇନି । ଭଡାର ମୁଁ ଗଲି । ଗଲିବେଳକୁ ସେ ଶୋଇ ଯାଇଥିଲା । ମୁଁ ଆସିଛି ବୋଲି ତାକୁ ଜଣେଇଦିଆଗଲା । ସେ ଉଠିଲା । ମୁଁ ଅନୁମାନ କଲି ସେ ପମୂ ହୋଇଥିବ । ମୋ' ସାଙ୍ଗରେ ତାଲି ଦେଇ ତା'ର ବାଳ ପାଚିଯାଇଛି ଅଧାଅଧି । କପାଳରେ ଗାର ପଡ଼ିଯାଇଛି । ଆମେ ହସାହସି ହୋଇ ବସିଲୁ । ସେ ତା' କମ୍ପାନି କଥା, ଚାକିରି କଥା, ବୋନସ୍ କଥା କହି-ଚାଲିଲାବେଳେ ମୁଁ ଆଜିର ଶିକ୍ଷାନୀତିର ଅପପ୍ରୟୋଗ, ଇୟୁ.ଜି.ସି. ହେବାରେ ସରକାରଙ୍କ ଦୀର୍ଘସୂତ୍ରୀ ନୀତି ଆଦି ପ୍ରସଙ୍ଗରେ ନାତିଦୀର୍ଘ ଭାଷଣ ଦେଉଥିଲି । ସେ ତା' କମ୍ପାନି ଗ୍ରୁପ୍ ପି.ଟି.ଏଲ୍. ପାଇଁ ବ୍ୟବସ୍ଥା କରୁଛି । ଆଗାମୀ ଦଶମ ଲୋକସଭା ଇଲେକ୍ସନ୍‌ରେ କେମିତି କୋଉ ପାର୍ଟି ଫୁଲ୍ ମେଜରିଟି ଆଣିପାରିବନି । ନବମର ପୁନରାବର୍ତ୍ତନ ହେବ । ଅବଶ୍ୟ ଏଥରକ ଟିକେ ବି.ଜେ.ପି. ବେଶି ଷ୍ଟ୍ରେଡ଼୍ କରିବ । ଏ ଶାଃ···କାହା ଉପରେ ଆଉ ବିଶ୍ୱାସ ନାହିଁ । ମିଲିଟାରୀ ଶାସନ ହୁଅନ୍ତା କି ଏ ଦେଶ ସାବାଡ଼୍ ହୋଇଯାନ୍ତା । ମାଙ୍କଡ଼ ହାତରେ ଶାଳଗ୍ରାମ, ନଚେଇ ନଚେଇ ନେଲା ପ୍ରାଣ । ସେମିତି ଆମ ହାତରେ ଗଣତନ୍ତ୍ର—ଡେମୋକ୍ରାସି । ଶାଃ···ଗୋଟା ସିଷ୍ଟମଟ ଫାର୍ସ ଚାଲିଛି । ଜଣେ ଜଣେ ଗୋଟା ଲେଖାଏଁ ପାର୍ଟି । ଓ୍ୱାନ୍ ମ୍ୟାନ୍ ଓ୍ୱାନ୍ ପାର୍ଟି ଯଦି ହୁଏ, ତେବେ ଗଣତନ୍ତ୍ରର ଠିକ୍ ସଦୁପଯୋଗ ହିଁ ଏଇଠି ହୋଇଛି । ତା'ପରେ କଥାପଡ଼ିଲା—ତା' ପୁଅର କ୍ଲାସ୍ ଫୋର୍ ତ ମୋ ଝିଅର ଷ୍ଟାଣ୍ଡାର୍ଡ଼ ଥ୍ରି । ତା' ଝିଅର ଫାଷ୍ଟ୍ ଇଅର୍ ତ ମୋ ପୁଅର ଏଚ୍.ଏସ୍.ସି । ଚାର୍ମସ୍ ସିଗାରେଟ୍‌ରେ ଆମେ ନିଆଁ ଲଗେଇଲା ପୂର୍ବରୁ କେହି କାହାରିକୁ 'ତୁ' ବୋଲି କହିପାରୁନଥିଲୁ ।

Digitized by PPRACHIN, SOA

ମୁଁ ଏତେଦିନର ବନ୍ଧୁତ୍ୱ ପରେ 'ତୁ' ବୋଲି ତାକୁ ସାହସ କରିପାରୁନଥାଏ, ସେ ବି ସେମିତି । 'ତମେ' 'ତମେ' ଭିତରେ ଆମେ କୁଣ୍ଠିତ ଭାବରେ ଅଣନିଃଶ୍ୱାସୀ ମନେକରୁଥିଲୁ । କିନ୍ତୁ ତା'ଠୁ ବିଦାୟ ନେଲାବେଳେ ମୁଁ କହିପକାଇଲି—ହଉ, କେବେ ମୋ'ଆଡ଼କୁ ବୁଲିଆ । ସେ କହିପକାଇଲା, ହଁ ନିଶ୍ଚୟ ଯିବି । ତୁ ଚିଠି ଦେବୁ । ତା'ପରେ ଆମେ ବିଦାୟ ବେଳଠୁ ବେଶ୍ ଆନ୍ତର ପାଖେଇ ଆସୁଥିଲୁ ଏବଂ ସେବେଠୁ ଆକାଶରେ ଗୁଡ଼ି ଉଡ଼ାଇ ଉଡ଼ାଇ ଖେଳିବେଳଟା ସାଙ୍ଗ-ଆମ୍ବତୋଟା ପାଖ ଭେଡ଼ାରେ ଡେଇଁ ବୁଲିଥିଲୁ । ଫୁଟି, କାକୁଡ଼ି, ତରଭୁଜ ଚୋରିରେ ଯେମିତି ପ୍ରତିଦିନ ଅଭିଯୁକ୍ତ ହୋଇ ବାରମ୍ବାର ଗାଁର ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସମ୍ମୁଖରେ ଜେରା ହେଉଥିଲୁ । ଭୁଲ ମାଗୁଥିଲୁ । ବାଟରେ ଫେରିଲାବେଳକୁ ସନେଇ ସାହାଣି ବୁଢ଼ା ଦାଣ୍ଡପିଣ୍ଡାରେ ବସି ଖୁଁ-ଖୁଁ କାଶୁଥିବ ଏବଂ ପାକୁଆ ପାଟିରେ ଡାକ ଛାଡ଼ୁଥିବ, "ଆଲୋ ବୋହୂ, ଗଦା ଆସିନ କି ମିଟିଂରୁ । ଭଲ ମିଟିଂ ଚାଲିଛିରେ ବାବା, ଆମ ଅମଳରେ ଆମେ ଘର ଶିକାରୁ ସରଲହୁଣୀ ଖାଇଯାଉଥିଲୁ କିଛି ନାହିଁ । ଏ କବା ଚୁଟର କଥା ପାଇଁ ଗୋଟା ଗାଁ କମ୍ପୁଛି । ଏଇ କଥା କେଇପଦ ଆମକୁ ବାରମ୍ବାର ପୁଣି ଆଗାମୀ ଖେଳିବେଳ ପାଇଁ ଖୋରାକ ଯୋଗାଏ । ସେଇଠୁ ମାନ ଅପମାନକୁ ଭୁଲିଯାଇ ପୁଣି ସ୍ୱାଭାବିକତାକୁ ଫେରିଆସୁ ।

ଘର ଭିତରେ ବୋଉ ଓ ମାଧୁରୀଅପା ସବୁ ସଜବାଜ ହେଉଥାନ୍ତି ବାହାରି-ବାକୁ । ମୁଁ ଦାଣ୍ଡପିଣ୍ଡାରେ ଚଟ ପକେଇ ବସିଥାଏ । ମାମୁଙ୍କର ରୋଗିଣା ଶେଥା ମୁହଁ ମୋ' ଆଖି ଆଗରେ କୁହୁଡ଼ିର ଆସ୍ତରଣ ଟେକିଦେଇ ଦେଉଥାଏ । ମୁଁ ଏକ-ଲୟରେ ମାମୁଙ୍କୁ ଚାହିଁପାରୁ ନଥାଏ । ସତରେ ମୋତେ ଭୟ ଲାଗୁଥାଏ । ବିକଳ ଲାଗୁଥାଏ ମାମୁଙ୍କର ଏ ପତନ କାଳରେ । ମୋତେ ଲାଗୁଥାଏ, ହୁଏତ ଆଉ ଅଳ୍ପ ମୁହୂର୍ତ୍ତ ପରେ ସେ ଚାଲିଯିବେ । ତା'ପରେ ଏ ବିରାଟ କୁତ୍ସିତ କଦାକାର ଶରୀରଟାର ସ୍କେଲଟନ୍‌ଟାକୁ ନିଆଁକୁ ଉକେଇଁ ଦେବେ । ନିମିଷକ ଭିତରେ ସେଠି ମୁଠେ ପାଉଁଶ ବ୍ୟତୀତ ଆମର ଲୁହ ଓ ଲହୁର ଅଞ୍ଜନ ଛଡ଼ା ଆଉ କିଛି ଦେଖି ପାରିବୁନି । ମାମୁ ସତରେ ମରିଯିବେ । ଏମିତି କୌଣସି ଶକ୍ତି ନାହିଁ, ଏକଥା ମୋର ଦୃଢ଼ ବିଶ୍ୱାସକୁ ଆସୁଥିଲା, ଯାହାକି ମୋ ମାମୁଙ୍କର ପୂର୍ବ ଶରୀରକୁ ତାଙ୍କୁ କିଏ ଫେରାଇଦେବ ।

କେତେବେଳୁ ସୁନାଖଡ଼ିକା ପରି ଝିଅଟିଏ ଏପଟ ସେପଟ ହେଉଛି । ନାଲି ରଙ୍ଗ ଭିତରେ ସେ ଚପିହୋଇଯାଉଛି । ଚୁଡ଼ିର ଲୁଗା ଖସିପଡ଼ୁଛି ତ ନୂଆ ନୂଆ ଶାଢ଼ି ପିନ୍ଧିବାର କାଇଦାକୁ ଯେମିତି ଅକ୍ତିଆର କରିପାରୁନି । ସେ ଖାଲି ପ୍ରଜାପତିଟିଏ ପରି ମୋର ଏପଟ ସେପଟ ଘୂରିବୁଲୁଥିଲା ଏବଂ ମୁଁ ଭାରି ଅଥୟ ହୋଇଯାଉଥିଲି । ଭାବୁଥିଲି, ପମ ଓରଫ ଶ୍ରୀ ପ୍ରମୋଦ କୁମାର ସାହାଣି ପାଖକୁ ଯିବି

Digitized by PPRACHIN, SOA

ଫୁଣି ଥରେ, ତାଙ୍କୁ ପଗ୍ଚରଦେବ, ଇଟରେ ପମ, ସେ ଯେଉଁ ଟୋକୀ ହବ, ସେ କୁଆଡ଼େ ବାହାସାହା ହୋଇ ଦରବୁଡ଼ୀ ହୋଇଗିବଣିରେ । ମୁଁ ତାଙ୍କୁ ସେଦନ ଘଟଣାଠୁ ଆଉ କେବେ ଦେଖିନ । ତୁ ତାଙ୍କୁ କେବେ ଦେଖିଛୁ କରେ ? ଶଃ, ଟୋକୀଟା ପର ଟୋକୀଟା ଥିଲ । ଗାଁଟାକୁ ଉଠାପକା କରୁଥିଲ ।

ଏହି ସମୟରେ ମାମୁ ଚତ୍କାର କରଉଠିଲ । ଆମେ ସତର୍କ ହୋଇଗଲୁ । ପାଖକୁ ଯାଇ ମାମୁଙ୍କୁ ମୁଁ ସିଧା ଉଠେଇ ବସେଇଲ । ତା'ପରେ ଆମେ ଯେତେ-ବେଳେ ମାମୁଙ୍କ ପାଦଧୂଳ ନେଇ ସବୁ ଫେରୁଥିଲୁ, ସେ ଝିଅଟି ଅନେକ ବାଟ ପର୍ଯ୍ୟନ୍ତ ଆମ ସାଥିରେ ଗ୍ଲଲ । କେତେବେଳେ ସବୁ ନମସ୍କାରଟିଏ ପକେଇ ଗ୍ଲଲଗଲ । ବାଟରେ ବୋଉକୁ ପଗ୍ଚରଲି, "ସେ ଝିଅଟି କଏକ, ବୋଉ ?" ତୁ ତାଙ୍କୁ ଆଜଯାଏ ଚହ୍ନିନୁ । କରେ, ସେଟାପଗ୍ ଆମ ସାହାଣି ସାଇ ହବର ବଡ଼ଝିଅ । ବଳାଟରେ ହରକର ଖଣ୍ଡେ, ଠିକ୍ ମାଆ ଗୁଣପାକ ନାଚୁକର ଆଣିଛୁ ।" ବାଟଯାକ ମୋତେ ଖାଲି ଗୋଟେ ଢଗରେ ସେଇ ଝିଅଟିର ଉଡ଼ନ୍ତା ଗ୍ଚଇ ସାଙ୍ଗକୁ ମାମୁଙ୍କର ଅଥବ ପିଣ୍ଡଟା ନାଚୁ କର ବସୁଥିଲେ । ମୁଁ ପାଦଧୂଳ ନେଇ ଆସିଲାବେଳକୁ ମାମୁ ଥରୁଥିଲେ ଆଉ ବନେ ଠିକ୍ ଏମିତ ମାଈଙ୍କ ଶୁଦ୍ଧି କାମ ସାର ଆମେ ଯେତେବେଳେ ବସ୍-ଷ୍ଟାଣ୍ଡରେ ପ୍ରଣାମ କଲୁ; ମାମୁ ହେତେବେଳେ ଗାମୁଛାରେ ଆଖି ପୋଛୁ ଆଣି ଆମ ଜିନଷପତ୍ର ସବୁ ଲଦାଲଦ କରୁଥିଲେ ।

ମୋ' ପଛରେ ବସୁଥାଏ ମାଧୁଗ୍ ଅପା । ବୋଉକୁ କବ ଉଡ଼େଇନେଇ ଆଗରେ ଗ୍ଲଲୁଥାଏ । ମୁଁ ଆଡୌ ସାଇକେଲ ପେଲ ପାରୁନଥାଏ । ମୋ ଗ୍ଚଇ ଝାଲେଇ ଯାଉଥାଏ । ବାରମ୍ବାର ମୁହଁରେ ହାତ ମାରୁଥାଏ । ସେହି ଅବଶୋଷର ନଆଁ ମୋତେ ଜାଳପକାଉଥାଏ । ମୋ' ଭିତରେ କଏ ଗୋଟାଏ କଇଁ କଇଁ ହୋଇ କାନ୍ଦୁଥାଏ । କହୁକ୍ଷଣ ପାଇଁ ଆମେ ପୂଗ୍ ନୀରବ ଯାଇ ପୂଣି ହଇଚଇ ହୋଇଉଠିଲୁ । ସେତେବେଳକୁ ମାଧୁଗ୍ ଅପା ଛୁଡ଼ିଟି ପଡ଼ୁଥାଏ ବାଡ଼ ଉପରକୁ । ମୁଁ ଆଣ୍ଠେଇ ପଡ଼ୁଥାଏ ମଟି ଗ୍ସ୍ତାଟାରେ, ମୋ' ଉପରେ ସାଇକେଲ୍ । ମୋ' ପାଦ ଫଣ୍ଡିଆ ହୋଇ ରକ୍ତ ଜକେଇ ଆସୁଥାଏ । ଦେଖିଲି ଅପା ବକୃତ ମୁହଁ କର ମୋ ପାଖକୁ ଉଠି-ଆସୁଚ ମୋତେ ଉଠେଇବାକୁ । ତା' କପାଳରେ ବେତକଣ୍ଟାଟା ଏମିତ ଚର୍-ଦେଇଥାଏ ଯେ ଧାରେ ସିନ୍ଦୂର ପର ମାଡ଼ଯାଇଥାଏ । ରକ୍ତସ୍ରାବ ଅଧିକ ହେବାକୁ-ଲଗିଲ, ରୁମାଲ ବାହାର କର ଥାପିଦେଲି । ଗନ୍ଧକ୍ଷୀର ଚଢ଼େଇଦେଲି । ରୁଗୁରୁଗୁ ହୋଇ ପୋଡ଼ୁଥିଲ ବୋଧେ, ସେ ଶାଙ୍ଘୋଡ଼ ଯାଉଥିଲ । ମୁଁ ବାରମ୍ବାର ସେ କ୍ଷତରେ ଆଙ୍ଗୁଠି ଚଲେଇ ଆଣୁଥିଲି । ପ୍ରଥମଥର ମୋତେ କ ଗମ୍ଭୀର ଆନନ୍ଦ ଲଗୁଥିଲ କେଜାଣି, ସାଗ୍ଜୀବନ ଏମିତ ମୋ' ଅପାର ଅକ୍ଷରେ ହାତ ଚଲଉଥାନ୍ତି !! ମୋର

Digitized by PPRACHIN, SOA

ଅଲୁଅା ଅବଶୋଷରୁ ଏମିତି ଟିକେ କ୍ଷାନ୍ତ ପାଉଥାନ୍ତି । ସେତେବେଳକୁ ସଞ୍ଜ ମାଡ଼ି-ଆସିଲାଣି । ଆଉ ସାଇକେଲ ନଚଲେଇବାକୁ ଅପା କହିଲା । ମୃଦୁ ଭର୍ତ୍ସନାପୂର୍ଣ୍ଣ ଗଳାରେ କହିଲା, ତୁ ଜନ୍ମରୁ ସେମିତି ପେଳୁଆଟା ହୋଇ ରହିଗଲୁ । କୋଉ କାମକୁ ତୁ ନୁହଁ । ଖାଲି ଯାହା ମା' ଶାରଳା ଗୁହାଳରୁ ପାଠଶାଳା ପଢ଼ି ବାବୁଟିଏ ହେଲୁ, ନହେଲେ ତୁ କେମିତି ଘରଦ୍ୱାର କରିଥାନ୍ତୁ କେଜାଣି ! ମୁଁ କଥିତ ଲଜ୍ଜିତ ହେଲେ ବି ଏଗୁଡ଼ିକ ଚନ୍ଦନ ବିନ୍ଦୁ ପରି ମୋ' କପାଳକୁ ଛୁଇଁଯାଉଥାଏ । ଅନ୍ଧାର ଆମ ପଛେ ପଛେ ଗୋଡ଼ାଉଥିଲା । ଏମିତି ଏକ ବେଳ ଆସିଲା ଯେ ଆମେ ଆଉ ଅନ୍ଧାର ଆଗରେ ଗୋଡ଼ାଉଥିଲୁ । ସେ ଆମକୁ ମଝିରେ ପକେଇ କୁଆଡ଼େ କେତେଦୂର ମାଡ଼ିଗଲା । କବ ଅଉ ବୋଉ ବୋଧେ ଘରେ ପହଞ୍ଚି ସାରିବେଣି । ଆମର ଡେରିନେଇ ସେମାନେ ବ୍ୟତିବ୍ୟସ୍ତ ହେବେଣି । ତେଣୁ ଆମେ ଯେତେ ଶିଘ୍ର ପାରୁ ପାଦ ଚାଳୁଥିଲୁ । ପାଟପୁର ବାଙ୍କ ରାସ୍ତାରେ କିଏ ଦି'ଜଣ ଠିଆହୋଇଛନ୍ତି । ଆମକୁ ଦେଖି ବୋଉ ବ୍ୟସ୍ତ ହେଲା । କବ ଚୁଙ୍ଗୁଚୁଙ୍ଗୁ ହେଉଥାଏ ପେଡ଼ାଲରେ ଗୋଡ଼ ଦେବାକୁ । ମାଧୁରୀ ଅପା ମନାକଲା । ଗାଡ଼ି ମଠର ଆଗରୁ ଆଉଚନ୍ତି । ଅନ୍ଧାର ଗାଢ଼ । ଚାଲ ଗୋଟା ଗୋଟା ଏମିତି କଥାଭାଷା ହୋଇଯିବା ।

ବାଟରେ ଅପା କହୁଥିଲା : ବୁଝିଲୁରେ କବ, ଉମର ଆଉ ସବୁ ଖିଆଲ ଥିବକି ନାହିଁ । ଯୋଉଠି ଏବେ ମାମୁଘର ଖଡଗଡା ହୋଇଛି, ସେଇଠି ଥାଏ ଗୋଟାଏ ବରଗଛ କାମୁଗଛ । କୋଳିଗୋଟାକ ଏଡ଼େ ବଡ଼ ବଡ଼ । ଖାଲି କାଚପରି ଫୁଲି-ଯାଇଥିବ । ଗୋଟିଏ ପାଟିରେ ପକେଇବୁ ତ ପାଟିଏ । ଦିନେ ଆମେ ଆସିଥାଉ ଅଜାଙ୍କ ଶ୍ରାଦ୍ଧକୁ । କିଏ କୁଆଡ଼େ ଯେ ଯାହାର କାମରେ ବ୍ୟସ୍ତ । ଆମେ କିନ୍ତୁ ସାରା ଖରାବେଳଟା ସେଇ ଗଛମୂଳେ କାଟିଦେଉ । ଅଭି ଥାଏ ଗଛ ଉପରେ । ମାଙ୍କଡ଼ ପରି ସେ ଡାଳରୁ ଡାଳ ହୋଇ କୋଳି ଖାଉଥାଏ । ମୁଁ ତଳେ ହେମିତି ଉହାଳବିକଳ ହୋଇ ଅନେଇଥାଏ । କେତେବେଳେ ଗଲ୍‌କିନା ପୁଳାଏ ଖସିପଡ଼େ । ଦେଖେ ତ ସବୁସାକ ପୋକଡ଼ା, ଖଣ୍ଡିଆ । ପୁଣି ଥରେ ଦେଖେ ତ ଖାଲି ମଞ୍ଜିପୁଳେ । ଏମିତି ମୋତେ ଥରକୁ ଥର ଚଢ଼େଇ ଚଢ଼େଇ ସେ ତା'ର ଆନନ୍ଦରେ କୋଳି ଖାଇ-ଚାଲିଥିବ । ଯେତେଥର ଚାହିଁ ବି ସେ ଖାଲି ଦାନ୍ତ ଦେଖେଇ ମାଙ୍କଡ଼ ପରି ଖେଁ-ଖେଁ ହେଉଥିବ । ସେ ଯୋଉ ଡାଳରେ ବସି କୋଳି ଗୁପୁଥିଲା, ତା' ଆଗକୁ ଗୋଟେ ସରୁଡାଳ ବାଙ୍କି ହୋଇଯାଇଛି । ସେଥିରେ ପୁଳାଏ କୋଳି ଓହଳିଥିଲା । ପାଖରେ ପଡ଼ିଥିବା ବାଉଁଶ ମୁଳୀଟାକୁ ଫୋପାଡ଼ିଦେଲି ଯେ, ତା'ପରେ ମୁଁ ଭାବୁଥିଲି ଗଲଗଲ ହୋଇ ଝରିପଡ଼ିବ ମେଞ୍ଚାଏ ପାଚିଲା କୋଳି । ଅଭି ତା'ର ଗଛରେ ଚଢ଼ିଥାଉ । ମୋର କ'ଣ ଅଛି ? କିନ୍ତୁ ମୋ' ହାଲୁକା ଶୁଖିଗଲା । ଗୋଟେ ଚିତ୍କାର ସହିତ ମୋ ଅବସ୍ଥା ସାଙ୍ଘାତିକ ରୂପନେଲା । ସମସ୍ତେ ଜମା ହୋଇଯାଇଥିଲେ ।

Digitized by PPRACHIN, SOA

ରକ୍ତ ସାଲୁବାଲୁ ମୁହଁରେ ଅଛି ସେମିତି ଚୋଡ଼ କାନ୍ଧରେ ମୁହଁମାଡ଼ ପଡ଼ିଥାଏ । ଗୋଡ଼ ଗଣ୍ଠିଟା ଝରିଯାଇ ଧିରେ ଧିରେ ଫୁଲୁଥାଏ । ଆମେ ସମସ୍ତେ ଫୂରଫୂରି ହ୍ୟାଉଁଳ ଯାଇଥିଲୁ । କାହାର ପାଟିରୁ କଥା ବାହାରୁନଥାଏ । ମାମୁ ଭିଡ଼ ଭିତରୁ ଅଭିକୁ ଟେକିନେଇ ସିଧା ଚାଲିଲେ ଡାକ୍ତରଖାନାକୁ । ପଛେ ପଛେ ବୋଉ, ମାଉଁ । ମୁଁ ସେମିତି ବୋକା ବନିଯାଇଥାଏ । ଖାଲି କୁଳୁକୁଳୁ କରି ଚାହିଁରହିଥାଏ କୁଆଡ଼କୁ କେଜାଣି । ମୁଁ କିନ୍ତୁ କିଛି ଦେଖିପାରୁ ନଥିଲି । ସତରେ କବି, ସେଦିନ ମୋ' ମନ ଯାହା ହେଉଥାଏନା ଛାଡ଼ । ମୁଁ ତାଆଁଶୀଟା କ'ଣ କଲି !! ମୋ' ଭାଇ କ'ଣ ସତରେ ଭଲହୋଇ ଆସିବ !!

ଅନେକ ଦିନ ପର୍ଯ୍ୟନ୍ତ ଅଭି ମୁଣ୍ଡରୁ ବ୍ୟାଣ୍ଡେଜ୍ ଖୋଲି ନ ଥିଲା । ତା' ଗୋଡ଼ ଗଣ୍ଠିକୁ ପ୍ଲାଷ୍ଟରିଂ କରାଯାଇଥିଲା । ଏଇ ହାତରେ ଦୁଅମୁଡ ପୋଛୁଚି । ତାକୁ ଖୋଇ-ଦେଇଛି । ତା' ମୁଣ୍ଡ କୁଣ୍ଡେଇ ଦେଇଛି । ତା' ଲୁଗାପଟା ବଦଳାଇଛି । କହିବାରେ ସେ ଅଥର୍ବଟା କଥା । କୋଉଥିକି ସେ ନୁହେଁ । ଖୁବ ନରମାଟା ।

ମାଧୁରୀ ଅପା ଏ ସବୁ କଥା କହିଗଲାବେଳେ କବି ମନ୍ତ୍ରମୁଗ୍ଧ ହୋଇ ଶୁଣି ଯାଉଥାଏ । ସେ ତ ବୟସରେ ଆମଠୁ କେତେ ସାନ । ବୋଉ ମୋର ଗୁଣୁଗୁଣୁ ହୋଇ ଆମ କଥାକୁ ସମ୍ମତି ଜଣାଉଥାଏ ପୁଣି ମୋ' ଲାଗି ସେ କେତେ କଷ୍ଟ ସହିଛି ତା'ର ବିସ୍ତୃତ ବିବରଣୀକୁ ସେ ଏମିତି ବର୍ଣ୍ଣନା କରୁଥାଏ ଯେ ମୋତେ ଲାଗୁଥାଏ ଯେ ଆମେ ଯେମିତି ଖଣ୍ଡିଆଖାବରା ହୋଇ ସେଇ ଜାମୁକୋଳି ଗଛମୂଳରୁ ଫେରିଛୁ । ବୋଉ କହୁଥିଲା, ସେ ଦିନ ସବୁ କୁଆଡ଼େ ଗଲାରେ ପୁଅ । ସେ ଗଛଟାକୁ ପରା କାଟିନେଲେ ଗାଁବାଲା । କୋଉଦିନରୁ ମୋ ହେଉ ପାଇଲାରୁ ସେଇ ଗଛରୁ କୋଳି ଖାଉଥିଲୁ । ଏବେ କୁଆଡ଼େ କେମିତି ମାପ ହେଲା ଯେ ସେ ଗଛ କୁଆଡ଼େ ଥିଲା ଅନାବାଦିରେ । ସେଥିପେଇଁ କମ୍ ଗଣ୍ଡଗୋଳ ହୋଇନରେ ପୁଅ । ତୋ' ମାମୁ କଥା ତ ଜାଣିଥିବୁ । ସେ କ'ଣ ସହଜରେ ଛାଡ଼ିବା ଲୋକ, ଦୁନିଆ ପାଲା ହେଲା । ଶେଷକୁ ଗାଁବାଲା ଯେତେବେଳେ ଅଡ଼ିବସିଲେ ସେ କ'ଣ କରିଥାନ୍ତା । ମୋକଦ୍ଦମା କରିବ ବୋଲି କହୁଥିଲା, ମୁଁ ବଗିଡ଼ିବାରୁ ସେ ଆଉ ସେଥିରେ ମନ ଦେଲାନି ।

ଅମେ ଚାଲୁଥିଲୁ ଅନ୍ଧାର ଭିତରେ ଆମର ମୂଳ ସ୍ଥାନକୁ । ଅପା କହୁଥିଲା, ତା କ୍ଷତସ୍ଥାନଟା କେମିତି ବୁଗୁବୁଗୁ ହୋଇ ପୋଡ଼ୁଛି । ସେତେବେଳେ ମୁଁ ମୋର ଗୋଇଠିରେ ଖଣ୍ଡିଆ କଥା ତ ଭୁଲିସାରିଥିଲି, କିନ୍ତୁ ହାତଟା ମୋର ବାରମ୍ବାର କପାଳକୁ ଚାଲିଯାଉଥିଲା । ଅନେକ ଦିନରୁ ବୋଲିଆସିଥିବା କ୍ଷତ ଚିହ୍ନଟା ଯେମିତି ଏଇ ମୁହୂର୍ତ୍ତିରୁ କେମିତି ଆହୁରି ପ୍ରସାରିତ ହେଉଥିଲା । କିନ୍ତୁ ମୁଁ ତାକୁ ଦେଖିପାରୁ-

Digitized by PPRACHIN, SOA

ନଥିଲି । ଅବଶୋଷ ରହିଗଲା ଯେ ସେ ଷଡଟାକୁ ମୁଁ ମୋ' ନିଜ ଆଖିରେ ଏଯାବତ୍ ଦେଖିପାରିଲିନି କି ସେଇ ଚନ୍ଦ୍ରଟାକୁ ଟିକେ ଚୁମା ଦେଇପାରିଲିନି । ଏ କଥା ସତ ଯେ ମୋ ଜୀବନଦଶାର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବି ମୁଁ ଏ କାମ କରିପାରିବିନି । ଅଥଚ ବେଳିରେ ଆଇନା ସାମ୍ନାରେ ଠିଆହୋଇ ତାକୁ ଦେଖିନେବି ସତ; କିନ୍ତୁ ଚୁମାଟିଏ ଦେଇ ପାରିବିନି ଆଇନା ପିଠିରେ ବି । ମୁଁ ଓଠ ନେଲାବେଳକୁ ସେ ଘୁଞ୍ଚିଯାଇଥିବ ଅନ୍ଧାର ଉପରକୁ—ଅନ୍ଧାର ଉପରକୁ । ସେ ଷଡର ଛାଇ ଦର୍ପଣସାରା ଛାଇ ହୋଇଯିବ ଏବଂ ସେଇ ଅନ୍ଧାର ଛାଇ ଭିତରେ ମୁଁ ହୁଏତ ଛାୟା ପୁରୁଷଟି ପରି ଭାସିବୁଲିବି ।

ଘରେ ପହଞ୍ଚି ଆମେ ଧୋଇଧାଇ ହୋଇ ବିବିଧ କାମରେ ଲାଗିଗଲୁ । ଦୁଆରେ ସଉପ ଖଣ୍ଡେ ପକେଇ ମୁଁ ଗଡ଼ୁଛି । ମାଧୁରୀଅପା ଆସିଲା, ଅଣ୍ଟାରେ ଭରାଦେଇ ସେଇଠି ବସିଗଲା । ତା'ପରେ କହିଲା, ଖଣ୍ଡିଆଣ୍ଟା ପୋଡ଼ୁଛିରେ ! ତା'ପରେ ଆମେ କେମିତି ସାଇକେଲରୁ ପଡ଼ିଗଲୁ—ସେ ବିଷୟରେ ସେ ବର୍ଣ୍ଣନା କରିବାକୁ ଆରମ୍ଭ କରନ୍ତେ ମୋ ପୁଅ-ଝିଅମାନେ ମୁରୁକି ମୁରୁକି ପୁଣି ହେଁ-ହେଁ ହସିବାକୁ ଆରମ୍ଭ କଲେଣି । ମୁଁ ଆକାଶକୁ ଚାହିଁ ପଡ଼ିଥାଏ । କେତେ କେତେ ତାରା । କେତେ ବାଦଲ । କେତେ ଛାଇ ଭିତରେ ଜହ୍ନ ଆଲୁଅ ଆସି ଛୁଉଁଛି ଆମକୁ—ଆମ ସମସ୍ତଙ୍କୁ । ତା' ଦେହରେ ବି କେତେ କେତେ କଳା କଳା ଦାଗ ଝଲସିଉଠୁଛି । ଅପା ଜମାରୁ ନୀରବ ରହୁ-ନଥିଲା । ତା'ପରେ ସେ କହୁଥିଲା, ଆର ଛୁଟିରେ ଆସିଲେ ମୁଁ ତୋ ସାଙ୍ଗରେ ଟିକେ ବୁଲି ଯିବିରେ । ସବୁବେଳେ ଖାଲି ଏମିତି ସେଇ ଘର ଭିତରଟାରେ ଛନ୍ଦି ହୋଇ ପଡ଼ିଥିବି । ତେମେ ସବୁ ବିଦେଶରେ ରହିଲ, ହେଲେ ଏ ବୁଢ଼ୀ ଅପାକୁ ଟିକେ ବୁଲେଇ ବାଲେଇ ଆଣନ୍ତ ସିନା ! ହଁବା କିଏ କାହାକୁ ପଚାରେ ବା ! ଏଇ ହାତ ତୋ'ର କ'ଣ ନକରୁଛି । ତତେ ରକ୍ଷା କରିବାକୁ ଯାଇ ପ୍ରଫୁଲ୍ଲ ମାଷ୍ଟର ପାଖରୁ ଯେତେ ମାଡ଼ ଖାଇଛୁ, ତୁ କ'ଣ ମନେରଖିଥିବୁ । ପ୍ରଫୁଲ୍ଲ ମାଷ୍ଟର ସବୁ ଦିନେ ପଚାରିବ, ଅଭି ଆଜି ଘରେ ଅଇନ କରୁଛି ? ସେତେବେଳେ ମୁଁ ମନା କରିଦିଏ । ହେଲେ ତା' ଆଗରୁ ବାପା ତ ସବୁ କଥା ତାଙ୍କ ଆଗରେ ଫୋଡ଼ି-ଦେଇଥିବେ । ତେଣୁ ମାଡ଼ଟା ଠିକ୍ ବସେ ମୋ ପିଠିରେ । ଏବକୁ ବାହାସାହା ହେଇ ତମ ସଂସାର ତେମେ କଲ । ଆମକୁ କିଏ ପଚାରେ ? ହଁରେ ଆମର ଆଉ କ'ଣ ଅଛୁ ? ଖାଲି ଏମିତି ଟିକେ ମୋତେ ଦେଖି ତେମେମାନେ ହସିଦେଲେ, ହେଲା । ମୋର ଆଉ କିଛି ଲୋଡ଼ା ନାହିଁରେ ।

ପତ୍ନୀ ମୁରୁକି ମୁରୁକି ହସି ବେଷେଇବାପରେ ଲାଗିଥାନ୍ତି । ଅପା ତା'ର ସେମିତି ଗାଲୁରୁ ଗାଲୁରୁ ହେଉଥାଏ । ବେଳେବେଳେ ଘାଆଁଟା ଲୁଗୁଲୁଗୁ ହେଉଛି

Digitized by PPRACHIN, SOA

ବୋଲି କହୁଥାଏ । ଇଏରେ ହେ, ଟପା ଔଷଧପୋଷଧ କିଛି ନାହିଁ ? ମୋ' ମନେ-ପଡ଼ିଗଲା । ନିଓସ୍ପୋରିନ୍ ଅଏଣ୍ଟ୍‌ମେଣ୍ଟ୍ ଆଣି ତା' କ୍ଷତରେ ଲଗାଇଦେଲାବେଳେ ସେ ଯେମିତି ଏକଲୟରେ ଚାହିଁରହୁଥିଲା ମୋତେ । ମୋ' କପାଳକୁ । ମୋ କପାଳରେ ଦାଉ ଦାଉ ହୋଇ ଦେଖାଯାଉଥିବା ଅତି ପୁରୁଣା ଦାଗଟାକୁ । ମୁଁ ତା' କ୍ଷତରେ ହାତ ଚଳାଉଥାଏ । ସେ ଏକଲୟରେ ମୋ' ଆଡ଼କୁ ଚାହିଁ ରହୁଥାଏ । ମୋ କ୍ଷତ ଆଡ଼କୁ । ହଠାତ୍ କରେଣ୍ଟ୍ ଚାଲିଗଲା । ପୁଣି ଆସିଲା । ମୁଁ ଦେଖିଲି, ଅପା ଲୁଗାକାନିରେ ଆଖି ପୋଛୁଆଣୁଥିଲା । ହାତ ଦି'ଟା ତା'ର ଥରଉଠୁଥିଲା ।

ଏତିକିବେଳେ ପଢ଼ାଘରେ ପାଟିତୁଣ୍ଡ ଶୁଭିଲା । ମୁଁ ଉଠିଗଲି । ଦେଖିଲି ଯେ ପୁଅ ମୋର ବଡ଼ଝିଅକୁ ଏତେ ଜୋର୍‌ରେ କାମୁଡ଼ି ଦେଇଛି ଯେ ତା' ହାତରେ ଦାନ୍ତ ଚିହ୍ନ ବସି ନାଲିପଡ଼ିଯାଇଛି । ସେ କାହିଁକି ତା' ପେନ୍‌ସିଲ୍ ମୂନ ଭାଙ୍ଗିଦେଲା । ରବର ଦେଲାନି । ମୁଁ କାହାକୁ କିଛି କହିପାରୁନଥିଲି । ଖାଲି ପୁଅକୁ ସେଠୁ ଟେକିଆଣି ଅପା କୋଳରେ ବସେଇଦେଇ ଦାଣ୍ଡକୁ ଚାଲିଗଲି । ଦାଣ୍ଡଯାଏ ଯେମିତି ପୁଅ-ଝିଅର ଝଗଡ଼ାର ଲହରି ମାଡ଼ିଯାଉଥିଲା । ମୁଁ ସେଥିରୁ ରକ୍ଷା ପାଇପାରୁନଥିଲି; ବରଂ ଅଣନିଃଶ୍ୱାସୀ ହୋଇ ପୁଣି ତା'ରି ଭିତରେ ଛଟପଟ ହେଉଥିଲି ।

ପତ୍ନୀ ବାଡ଼ି ଧରି ସେମାନଙ୍କୁ ଦି' ଥର ପାହାରେ ଲେଖାଏଁ କଷି ଦେଲାବେଳକୁ ପରିସ୍ଥିତି ଆହୁରି ଅସମ୍ଭାଳ ହେଉଥିଲା । ମୁଁ ପୁଣି ଘର ଭିତରକୁ ଆସିଲାବେଳକୁ ଅପା କହୁଥିଲା, ତୁ କାହିଁକି ଏମିତି ପିଲାଗୁଡ଼ିଙ୍କୁ ବାଡ଼ଉଛୁ କହେ ? ପିଲାବେଳେ କ'ଣ ଭାଇଭଉଣୀ ଏମିତି ହୁଅନ୍ତିନି ? ଏଇଟା କୋଉ ନୂଆ କଥା କହେ ? ମଲା, ତେମେ ତ ସବୁ ବେଶି ପଢ଼ାପିଲା, କେମିତି ଶାସନ କରୁଛ କର । ଏ କି ମାଡ଼ବା··· ପିଲାଗୁଡ଼ିକ ଆଗ ଶଙ୍କିଯିବେ !! ଆଉ ଯେତେ ଖାଇବାକୁ ଦେଲେ ସେ କୁଆଡ଼ୁ ଉଧେଇବେ ??

ପତ୍ନୀ କ'ଣ କହିବାକୁ ଯାଉଥିଲେ । ତାହା ହୁଏତ ଭିନ୍ନ ଏକ ପରିବେଶ ସୃଷ୍ଟି କରିପାରିଥାନ୍ତା । ମୁଁ ପହଞ୍ଚିଲାପରେ ସେମାନେ ନୀରବଯାଇଥିଲେ । ରାତିଯାଏ ମୁଁ ଶୋଇପାରୁନଥିଲି । ବାରକୁ ବାର ମାଧୁରୀଅପା ଯେମିତି ତା' ଆଖି ପୋଛୁ ଆଣୁ-ଥିଲା ଆଉ ସକାଳ ଯେମିତି ଖବର ଦେଇଦେବ ଯେ ମାମୁ ଚାଲିଗଲେ···!!

Digitized by PPRACHIN, SOA

ସେ କିନ୍ତୁ ଆସୁନଥିଲା

ଏଇ ମହାନ୍ତିସାଇ ଘରେ ନିଆଁ ଲାଗିବା କଥା । ସେ କୁଆଡ଼େ ଇସ୍କୁଲକୁ ଯାଇଥିଲା । ଅଙ୍କ ମାଷ୍ଟ୍ରେ ଖୁବ ବାଡ଼େଇଲେ । ଜମାରୁ ତ ଖଣ୍ଡେ ହେଲେ ଅଙ୍କ କରିନଥିଲା ତା' ଖାତାରେ । ବେଗୁନିଆ ଗୁଣ୍ଟରେ ତ ମହାନ୍ତି ମାଷ୍ଟ୍ରେ ସ୍ୱାପ ଦେଲେ କଷି । ଟୋକାଟା ତ ବଡ଼ ଖାଇବାରେ ଧୁରନ୍ଧର । ବସ୍ତାନି ଭିତରେ ବଡ଼ ଦିଆସିଲି ଏମିତି ଆଜିକରି ରଖିଥିବ ଯେ ତେମେ ଝାଡ଼ଝାଡ଼ ଥେସ୍ନା ହବ ପଛେ ସେଥିରୁ ଗୋଟେ କାଠିହେଲେ ଖସି ଆସି ତଳେ ପଡ଼ନ୍ତା ? ସେ କିନ୍ତୁ ଯାଦୁକରିପରି ତମର ଆଗରୁ ଗଲ୍‌ଗଲ୍ କରି ବଡ଼ ଦିଆସିଲି ବଣ୍ଡଲ୍ କାଢ଼ିଆଣିବ ।

ରାତିକି ତ ପାଚିଥିଲା । ମଗୁଶିର ମାସ । ଗୃରଆଡ଼େ ଅମଳଅମୁଳାରେ ଯିଏ ଯୁଆଡ଼େ ବ୍ୟସ୍ତ । ଖେଳଛୁଟିରେ ଆସିଚି ଆଜି କ୍ଲାସ୍‌କୁ ନଯାଇ ସିଧା ସ୍କୁଲଚ ଗସ୍ତାରେ ଗହ୍ଳାରେ । ଆସି କେତେବେଳେ ବୁଢ଼ୀ ଧାନଗଦାରେ ନିଆଁ ଲଗେଇଦେଇଛି । ନିଆଁ ମାଡ଼ି ମାଡ଼ି ଯାଉଛି । ଟୋକା ଦୌଡ଼ି ଦୌଡ଼ି ଯାଉଛନ୍ତି । ନିଆଁ ଦେଖି ସେ ତ ବେହୋସ୍ । ତଥା ଲୁଚିଛପି ଯାଇ ଇସ୍କୁଲ ବାଡ଼ପଟ ହେଇ ପୁଣି ପିଲାଙ୍କ ପଛରେ ଆସୁଛି । ତାକୁ ମାର୍କ କରିଥାଏ ଆମ ପରମାନନ୍ଦଆଭାଇ । ସେ କିଆଁ ଗୋବର ପାଖ ବିଲରେ କଚଡ଼ା ପକାଉଥାଏ । ଦେଖିଛି । ଲୋକଟା ବିଚରା ସାଧାରଣିଆ । ପିଲାଟାକୁ ବଞ୍ଚେଇବାକୁ ଯାଇ ଗାଁ ଜଣାପଡ଼ିବେଲେ କିଛି ଖୋଲି କହିଲା ନାହିଁ । ସେ ଘଟଣାର ଅନେକଦିନ ପରେ ହେମବାଉଜ ଦିନେ କହୁ କହୁ କହି-ଦେଲେ । ଲୋକେ ବି ଭୁଲିଗଲେଣି ସେଦିନର କଥା । ମହାନ୍ତି ମାଷ୍ଟ୍ରେ ବି ପାଶୋରି-ଗଲେଣି ସେବେଠୁ କିଛି କିଛି ଅଧିକା ଟିଉସନ କରି କରି କ୍ଷତିପୂରଣ ହୋଇଯିବାରୁ ।

ଗୋପିଆ ଘର ପୋଡ଼ିଗଲା ଦିନ ସେ କିନ୍ତୁ ସବା ଆଗରେ ଥାଇ ପାଣିମାଠିଆ-ଗରା-ବାଲ୍‌ଟି ବଢ଼େଇଦେଉଥିଲା । ସେଠି ଦରପୋଡ଼ା ହୋଇ ଛଟପଟ ହେଉଥିବା କୁତ୍ସିତ ରୂପ ପରିଗ୍ରହ କରିଥିବା କୁକୁଡ଼ାମାନଙ୍କୁ, ଗଁ-ଗଁ ହେଉଥିବା ଗାଈଗୋରୁଙ୍କୁ, ମୁଣ୍ଡରେ ହାତ ଦେଇ ଲେପ୍‌ଟି ପଡ଼ିଥିବା ମଟିଖୁଣ୍ଟ ଦୁଇଟାକୁ, ଲୁହମାନଙ୍କୁ, କାନ୍ଦଣାର ଢେଉକୁ, ନିଆଁର ଧାସକୁ, ପବନର ସୁ-ସୂକାରକୁ ସେ ପୁରାପୁରି ଭାବେ

Digitized by PPRACHIN, SOA

ଅଙ୍ଗୀକାର କରିନେଇଥିଲି । ଆପେ ଆପେ ତ ଗୋଟାସୁଦ୍ଧା ଝାଳରେ ଗାଧୋଇ-ପଡ଼ିଥିଲି । ହୁଁ-ହୁଁ ନିଃଶ୍ୱାସ ମାରୁଥିଲି ।

ଆରପଡ଼ାରେ କ'ଣ କଥା ଉଠିଲା ଜାଣୁ ? କ'ଣ ଜାଣିପାରୁନୁ ବା ! ଟୋକାଟା ପର କାହିଁ ବସିଚୁ କରେ ? ଆବେ ଶଃ···ଗାଁରେ ଅଛ, ଗାଁ ରାଜନୀତି କରିବନି ତ ଆଉ କ'ଣ ! ଶଳା···ଖାଲି ସେ ଦିଲ୍ଲୀରେ, ଭୁବନେଶ୍ୱରରେ ବସି ରାଜନୀତି କରିବେ, ଆଉ ଆମେ ଖାଲି ଏଠି ଆଙ୍ଗୁଠି ଚୋବା ଚୋବା ହେଉଥିବା, ନୁହେଁ ? ଖାଲି ମହତ୍ତ୍ୱ ଭାବ ଥିଲେ ଏକୁଟିଆ କୂଟନୀତିଆ, ଆଉ କେଇ ବାହାହାରିବେନି !!

ଆବେ ଜାଣିଲୁ, ସେଇ ମହାନ୍ତସାଇରୁ ବାହାରିଲା ଯେ ସେ ଟୋକା କୁଆଡ଼େ ଗୋପିଆ ଘରେ ନିଆଁ ଲଗେଇଦେଇ, ପରେ ଲୋକଙ୍କୁ ଡାକି ଦେଶସେବାରେ ଲାଗିପଡ଼ିଲା । ସେ ଟୋକା କୁଆଡ଼େ ଗୋପିଆ ନାତୁଣୀ ପିଚ୍ଛ ଧରିଥିଲା । ଏ ଟୋକା ଯେତେବେଳେ କାମ କରୁଥାଏ ସ୍ପିନିଂ ମିଲ୍‌ରେ । ଯାହା ଦି'ପଇସା ପାଉଥିଲା, ସବୁ ଉଡ଼େଇଲା ସେଇ ଟୋକୀ ପିଚ୍ଛୁ । ଦିନେ କୁଆଡ଼େ ସେ ଦି'ଜଣଙ୍କୁ କୋଉ ଅବସ୍ଥାରେ କିଏ ଗୋଟା ଦେଖିଦେଲା ଯେ ବୁଢ଼ା ପାଚ ସେ ଟୋକାକୁ ଘରୁ ତଡ଼ିଦେଲା । ଯାଚ୍ଛାତାକରି ଶୁଣେଇଦେଲା ଚଉଦପୁରୁଷ କୋରି ବଛି ନେଇ । ସେ ରାଗର ପ୍ରତିଶୋଧ ନେଲା ।

ତା'ପରେ ସେ ଆସୁନଥିଲା ।

ତା' ବୋଉ ଯେଉଁଦିନ ମୁଣ୍ଡ ଫଟେଇ କାନ୍ଦିଲା, ସେଦିନ ଜାଣିଲା ଯେ ଟୋକାଟା ତା' ମାଆର ବାଲି, ବଟଫଳ, ଖଡ଼ୁ, ପାଉଁଜି, ନାକଫୁଲ, ଗୋଖରି, ଗୋଠ ଇତ୍ୟାଦି ନେଇ କୁଆଡ଼େ ପଳେଇଯାଇଚି ।

ମଝିରେ ଗୋଟେ କାରୁଣ୍ୟଭରା ଚିଠି ଆସିଲା । ଦିନେହେଲେ ବାପା-ମାଆଙ୍କୁ ତମେବୋଲି କହୁନଥିବା ଟୋକାଟା ନମସ୍କାର ଜଣେଇଚ୍ଛି । ଆପଣ ଆପଣ କେଇ-ଜାଗା ଲେଖାଯାଇଚ୍ଛି । ସେ ତ ପାଠ ପଢ଼ିଲାନି ପଢ଼ିଲାନି, ଅମଣିଷିଆ ହୋଇଗଲା, ହେଲେ ତା' ଝିଲି ଯେମିତି ଭଲଭାବରେ ଇସ୍କୁଲକୁ ଯିବ,ସେ ବହୁତ ପାଠ ପଢ଼ିବ, ଯୋଉଯାଏ ରହିବ—ଝିଅ ତା'ର ଯେଉଁଠି ଥିଲେ ବି ପଠାଉଥିବ । ବାପାଙ୍କୁ ନିବେଦନ ତା' ବୋଉକୁ ନମାରିବାକୁ । ବୋଉକୁ ନିବେଦନ ତା' ଝିଲିକି ନମାରିବାକୁ । କେତେ-ଖଣ୍ଡ ଲକ୍‌ସ ସାବୁନ, କଲଗେଟ୍ ପେଷ୍ଟ୍, ପଣ୍ଡ୍‌ସ ପାଉଡ଼ର, ଫୁଟ୍‌ପାଥିଆ ଗଞ୍ଜି ଚଡ଼ି ପ୍ରଭୃତିର ପୁଡ଼ିଆଟିଏ ଡାକବାଲା ଧରେଇଦେଲା ଧଡ଼ିଆଣ୍ଟିଇଙ୍କ ହାତରେ । ଧଡ଼ିଆଇକି ଆଉ ଦାଣ୍ଡରେ କଥା କହିପାରନ୍ତି ? ସହଜେ ତ ଟିକେ ମାଇଚିଆ । ମୋ' ବୋଉ ପାଖରେ ବସିଯାଇ, କାନରେ ଫୁସ୍‌ଫୁସ୍ କରି କହିଉଠିବେ—ଜାଉଁଲି ମାଉସୀ,

Digitized by PPRACHIN, SOA

ମୋ ଭାଗ୍ୟ ଫେରିଲା ଜାଣ । ସତରେ କ'ଣ କାଲିଆ ଅଛୁ ? ? କେତେ ଦହିଗଞ୍ଜ ହେଲେଣି ସେଇଗୁଡ଼ିକ ପେଟିଁ । ତୋ'ର ଆଗରେ ତ ଆମେ ଏତେଟାରୁ ଏତେ ହେଲୁଣି । ତା'ପରେ ବୋଉ ମୋର ତା' ଦୁଃଖ କାହାଣୀ ଶୁଣେଇ ଶୁଣେଇ ତା' ଭାଗ୍ୟ ଏବେ ପିଲାମାନେ ପାଶଯିବାରୁ ଫେରଯାଇଛୁ ବୋଲି କପଟହୀନ ଅହଂକାର ଭିତରେ ଉବୁଟୁବୁ ହେଉଥାଏ । ଆଖି ପୋଛୁ ଆଣୁଥାଏ । ଅନେକ ଦିନ ପର୍ଯ୍ୟନ୍ତ ଝିଲ ଓ ଘୋର ଭାଉଜ ଆମ ପୋଖରୀ ତୁଠଟାକୁ ଲକ୍ସ ଗନ୍ଧରେ ଉଚ୍ଛନ୍ନ କରିପକାଉଥିଲେ ଏବଂ ଧଡ଼ିଆଇ ଅଣ୍ଟାରେ ହାତଦେଇ ଗାଡ଼ିଆ ପାହାଚ ଓହ୍ଲାଉ ଓହ୍ଲାଉ ହାତରୁ ସନ୍‌ଲାଇଟ୍ ସାବୁନର କର୍ତ୍ତିତାଂଶ ଖସିଯାଏ ଏବଂ ବୁଢ଼ା ବରଗ ବୁଡ଼ ବୁଡ଼ ପଙ୍କମାଟି ସହିତ ତାକୁ ଉଦ୍ଧାର କରୁ କରୁ ସମବେତ ସ୍ନାନକାରୀମାନଙ୍କୁ ଶୀତଦିନେ ଲୁଗାପଟା ମଳି ଧରିଲେ ଦେହରେ ଶୀତ ବଢ଼ିଯିବା ସମ୍ପର୍କରେ ନାତିଦୀର୍ଘ ଭାଷଣଟିଏ ଦେବାକୁ ଉଦ୍ୟତ ହୁଅନ୍ତି ।

ମାଛବାଲା, ଚଣାବାଲା, ଅଲତାବାଲା, ଏପଟକୁ ଲୁଗା ବିକୁଥିବା ଫେରିବାଲା-ଯାଏ ଟିକେ ଟିକେ ତାଙ୍କ ଦୁଆରମୁହଁରେ ଟିକେ ଅଟକିଯିବାର ମଧ୍ୟ ଲକ୍ଷ୍ୟ କରିଗଲି । ଅତଃପର ଯଥା ପୂର୍ବଂ ତଥା ପରଂ ଶୂନ୍ୟତା ଓ ଅସହାୟତା ଭିତରେ ସେମାନେ ବଞ୍ଚିଥାନ୍ତି । ଦିନେ କ'ଣ ହେଲା ନା ଧଡ଼ିଆଇ ଆମ ବାଡ଼ି ଗାଡ଼ିଆରେ ଗାଧୋଉ ଗାଧୋଉ ଆଉ ଉଠିପାରିଲେନି । ବୋଉ ବାସନ ମାଜିବାକୁ ଆସି ଦେଖେ ତ ସେ ପାଟି ପାଲୁପାକୁ କରି ପାଣି ପିଇଯାଉଛନ୍ତି । ହାତ ମୁଠା ମୁଠା କରୁଛନ୍ତି । ବୋଉର ପାଟି ପଡ଼ିଗଲା । ଯିଏ ଯୁଆଡ଼େ ଥିଲେ ଆସି ଉଠେଇଲେ । ଆଉ କମିସେ ଯାଇଥିଲେ କଥା ସରିଥାନ୍ତା ବୋଲି ମୋ' ବୋଉ ବାଣୀ ଶୁଣାଉଥାଏ ଏବଂ ଏକ କନ୍ଦନ ରୋଳ ଭିତରେ ସେ ଆଉଟିପାଉଟି ହୋଇଯାଉଥାନ୍ତି ।

ମୁଁ ଗାଁକୁ ଆସିଲାଦିନ ଧଡ଼ିଆଇ କାହିଁକୁ ଆଉକି ଦାଣ୍ଡପିଣ୍ଡାରେ ବସିଥିଲେ । ପ୍ରଣାମ କଲି । ସେ ସବୁଦିନ ପରି ଏଥରକ ଖୁସି ହେଲେନି । କାରଣ ବୁଝିପାରିଲିନି । ଯୋଉଥର ମୁଁ ଭ୍ରମବଶତଃ ନମସ୍କାର କରିନଥାଏ ସେ ସିନା ରାଗ କରନ୍ତି । ଇଆ ତା' ଆଗରେ ଦେଖେଇ ଶିଖେଇ କହନ୍ତି ଯେ ସେ ପୁଅଟା ଭଲ ଥେଲା । ଆଉ ଆମେ ମଳିମୁଣ୍ଡିଆ, ଆମର କ'ଣ ମାନସମ୍ମାନ ଅଛୁ ? ଯୋଉଥର ମୂଳରୁ ଆସି ନମସ୍କାର କରିଥାଏ, ସେଦିନ କହିବେ : ପୁଅଟା କଏ, ଖଣ୍ଡମଣ୍ଡଳରେ ତ ଏମିତିଆ ନଥିବେ । କେତେ ପାଠ ପଢ଼ିଛୁ । ହେଲେ ଟିକେ ଗରବ ଅହମ୍‌କାର ଅଛୁ ! ଯୋଉଟି ଦେଖୁ ଆସି ପା'ଧୂଳି ନବନା, ଗୁଡ଼ବ ! ଆଜିକାଲିକା ପିଲା ତ ବାପା-ମାଆଙ୍କୁ ହାତଟେକୁ-ନାହାନ୍ତି । ତା' ପାଦ ଯୋଉଠି ପଡ଼ୁଥିବ ଆମ ମୁଣ୍ଡ ସେଠି ଲାଗିବନି । ହେଲେ ତା' ଅକଲ ବୁଦ୍ଧିକି ଦେଖ । କହିଲାପରି ଗୃହଘର ପିଲା ଗୃହ ନା ଭଟଘର ପିଲା ଭଟ ।

Digitized by PPRACHIN, SOA

ତା' ବାପା ସେମିତିଥା । ଏବକୁ ସିନା ପାଖରୁ ଧନ ସରିଗଲା ବୋଲି ଲୋକେ ପଗ୍ରୁରୁ ନାହାନ୍ତି । ନୂଆ ନୂଆ ଧନୀ ସବୁ ହାଲକୁ ବାହାରିଲେ, ହେଲେ ଗାଁର ନ୍ୟାୟନିଶାପକୁ ସେ ପଗ୍ ଆଗ ।

ସେଥରକ ତାଙ୍କ ପାଖକୁ ଯାଇ ଜାଣିଲି ଯେ ସେ ମୋତେ ଚହ୍ନିପାରୁ-ନାହାନ୍ତି । ମୋ' ନାଁ କହିଲାପରେ ଆଉଁଶିଦେଲେ । କହିଲେ : ମତେ ପଗ୍ ସେ ଅସାଧ୍ୟବେମାରି ଧରିଲାରେ । କ'ଣ ସେଠି ।ନାଗ୍ରଲିସି···। ଭାଗ୍ୟ ଥିଲି ବୋଲି ବଞ୍ଚି-ଗଲିରେ । ସିଆଡ଼େ କୁଆଡ଼େ ଆଲୋକ ନାଉଁରେ ? ତୁ ତା' ଖବର କିଛି ରଖିନୁ ? ମୁଁ ଏଇ ଅଳ୍ପ ଦୂରରେ ରହୁଛି ବୋଲି ତାଙ୍କୁ ଯେତେଥର କହିଲେ ବି ସେ କଟକକୁ ଆଦୌ ଏତେ ପାଖର ବୋଲି ଗ୍ରହଣ କରିପାରନ୍ତି ନାହିଁ । ଯେଉଁ ବର୍ଷ ଆମେ ସବୁ କାର୍ତ୍ତିକ ମାସରେ ଧବଳେଶ୍ୱର ଯିବାକୁ ବସ୍‌ରେ ବସି କଟକରେ ପହଞ୍ଚିଲୁ ଏବଂ ଓ.ଏମ୍.ପି. ଛକରେ ବସ୍ ରହିଲାପରେ ଯେତେବେଳେ ଧଡ଼ଆଇଙ୍କୁ ମୁଁ କାନରେ ଫୁସ୍‌ଫୁସ୍ କରି କହିଦେଲି ଯେ ଏଇଟା କଟକ, ସେ ଚିଁକି ପଡ଼ିଲେ । ଝରକା କାଚକୁ ଅଡ଼େଇ ଆଖି ପୁରେଇଦେଲେ କଟକ ଭିତରେ । ତା'ପରେ କହିଲେ : ଏଇଟା କଟକ···ନାଉଁବା, ଆଗରୁ ଥିବନା । କଟକଟା କ'ଣ ଏଡ଼କଟା ? ଏତେ ଜଲ୍‌ଦି ଆମେ ପହଞ୍ଚିଗଲେ ? ଓଇଟ୍ଟା କେତେଟା ବାଜିଛି କି ? ସେତେବେଳେ ମୁଁ କିପରି ତାଙ୍କ ସହିତ ବାରମ୍ବାର ଯୁକ୍ତି କରି କଟକର କଟକତ୍ୱକୁ ପ୍ରତିପାଦିତ କରୁଥିଲି, ସେ କଥା ମନେପଡ଼ିଲେ ବହୁ ସମୟରେ ହସ ମାଡ଼େ ।

ମୁଁ ଅବଶ୍ୟ ଏହା ଭିତରେ କଟକ ଆକାଶବାଣୀ ଓ ଦୂରଦର୍ଶନରେ ନିରୁଦ୍ଦିଷ୍ଟ ବ୍ୟକ୍ତି ସମ୍ପର୍କରେ ଏକ ବିଜ୍ଞାପନ ଦେବାକୁ ପ୍ରସ୍ତୁତ ହେଉଥିଲି । ସେ କିନ୍ତୁ ଅପ୍ରନକ ଭାବେ ଆସି ଦିନେ ରାତି ଅଧରେ ପହଞ୍ଚିଲା । ସେଦିନ ସକାଳୁ ସକାଳୁ ଆମ ଦାଣ୍ଡରେ ଭିଡ଼ ଜମିଯାଇଥିଲା । ଆଲୋକ ଫେରିଆସିଛି ବୋଲି ସମ୍ବାଦଟା ପ୍ରକୃତରେ ଆମକୁ ଆମୋଦିତ କରିଥିଲା । ସକାଳ ପହରୁ ଭିଡ଼ଟା ଲାଗିରହିଥିଲା । କେବେ କେବେ ବଡ଼ ପୁଳେ ପୁଳେ ଟାଣୁଥିବା ଓଠମାନଙ୍କରେ ଫିଲ୍‌ଟର ସିଗ୍ରେଟ୍‌ର ଧୂଆଁ ଛାଡ଼ିହୋଇ ପଡ଼ୁଥିଲା । ପାନପରାଗ, ପାନଗ୍ରୁପ୍ ଖାଇବାର ନୂଆ ଗନ୍ଧରେ ପଡ଼ୋଶୀମାନେ ଆପ୍ୟାୟିତ ହେଉଥିଲେ, ଶରୀର ବଳରେ ଆଉ କଣପସ୍ତ ଯୁବକ ଗହଣରେ ଆଲୋକବାବୁ ପାଲଟି ଯାଇଥିଲା । ସେ ହିନ୍ଦୀରେ ବେଶ୍ ଚମତ୍କାର ଭଙ୍ଗୀରେ କଥା କହି ତାଜୁବ୍ କରି-ଦେଉଥିଲା । ଅମିତାଭ୍, ମିଥୁନ୍, ଗୋବିନ୍ଦା, ରେଖା, ଶ୍ରୀଦେବୀ, ମାଧୁରୀ, ସୁନୀଲ୍‌ଦତ୍ତ, ନର୍ଗିସ୍, ରାଜକାପୁର ଓ ରାଜକୁମାରମାନଙ୍କୁ ସ୍ୱଚକ୍ଷୁରେ ଦେଖିଛି ଏବଂ ଆଉ କିଛି ଦିନ ରହିଯାଇଥିଲେ ହୁଏତ ତାକୁ ଗୋଟେ କ୍ୟାରକ୍ଟର ରୋଲ୍ ପାଇଁ ଅଫର୍ ମିଳିଥାନ୍ତା । ସକାଳୁ ସକାଳୁ ଭଙ୍ଗାବୋତଲ୍‌ଚୁଡ଼ିକୁ ବୁଢ଼ୀଏ ହିଡ଼ ଉପରେ ଥୋଇ ହାଲ କହୁକରୁ

Digitized by PPRACHIN, SOA

ଆଲୋକବାବୁ ବମ୍ବେ ଅନୁଭୂତର ଲୋମହର୍ଷଣକାରୀ କାହାଣୀମାନ ଲମ୍ବେଇ ଦେଉଥାନ୍ତି ।

: ସେ ପ୍ରଥମେ ପହଞ୍ଚିଲା ଗୋଟେ ଗ୍ୟାରେଜ୍‌ରେ । ସେଠି ଏତେ ଧୁରନ୍ଧର ହୋଇଗଲା ଯେ, ଥରେ ରାଜେଶ ଖାନ୍ନାର ସୁଟିଂ ଚାଲିଥାଏ, ଗାଡ଼ି ଖରାପ ହୋଇ-ଗଲା । ସେ ବ୍ୟସ୍ତ ହେଉଥାଏ । ଦୁଇଘଣ୍ଟାର କାମକୁ ପାଞ୍ଚମିନଟ୍‌ରେ ସାରିଦେଲା । ସେବେଠୁ ତ ତା' ନସିବ୍ ଖୋଲିଗଲା । ରାଜେଶଖାନ୍ନା ଗାଡ଼ି ତା' ପାଖରେ ହିଁ ରିପିଅର କାମ ହୁଏ । ତା' ପାଖକୁ ତାକୁ ନେଇଗଲା ବଡ଼ିଗାର୍ଡ଼ ହିସାବରେ । ହଠାତ୍ ଦିନେ ସୁଟିଂବେଳେ ଏକ ମୂଲ୍ୟବାନ୍ ହାରକୁ ସେ ଆତ୍ମସାତ୍ ଅଭିଯୋଗରେ ସେଠୁ ବିତାଡ଼ିତ ହେଲା । ସେ କିନ୍ତୁ କହୁଥିଲା, ହାର ନେଇଗଲା ପ୍ରକୃତରେ ଆଉ ଜଣେ । ଅବଶ୍ୟ ତା' ନାଁ ଏଠି ତମକୁ ବତେଇବନି । ଜିନ୍ଦେଗି ଚାଲିଯାଉ ଲେକିନ୍ ଦୋସ୍ତିକୋ ନେହିଂ ଗ୍ରେଡ଼େଙ୍ଗେ । ନହେଲେ ସେ କୁଆଡ଼େ ସାଇଡ୍ ହିରୋ ବନିଯିବାର ଚକ୍‌କରେ ଥିଲା ।

: ସେଠୁ ଆସିଲାପରେ ସେ କିପରି ଗୋଟେ ଫାଇଭ୍‌ଷ୍ଟାର୍ ହୋଟେଲ୍‌ରେ ବୟ୍ କାମ କରୁଥିଲା । ଦିନେ ଏମିତି ପିଇଦେଲା ଯେ, ଶଃ ଫରେନ୍‌ରୁ ଆସିଥାନ୍ତି ହନିମୁନ୍ ପାଇଁ ବମ୍ବେ, ହୋଟେଲ୍‌ରେ ତାଙ୍କୁ ଦେଖି ଟୋକା ବେହୋସ୍ । କ'ଣ ଗୋଟା କରିପକେଇଲା ଯେ ତା'ର ଅନେକଦିନ ପର୍ଯ୍ୟନ୍ତ ସେ ମେଡ଼ିକାଲ ବେଡ୍‌ରୁ ଉଠି-ପାରୁନଥିଲା । କିନ୍ତୁ ସେ କହୁଥିଲା, ମୁଁ କମେଣ୍ଟ୍ ମାରିନି ଶଃ କଟକିଆ ଟେକାଟା ମାରିଲା, କହିଦେଇଥିଲେ ଶଃ ଦୋସ୍ତିରେ ହାନି ଆସିନଥାନ୍ତା !

ଆଉଦିନେ ଗୋଟେ କଥା ଲାଗି ଗାଁ ହୁଲୁସ୍ଥୁଲ ହୋଇ ପୁଣି ନୀରବଗଲା । ଖାଲି ଫୁସ୍‌ଫାସ୍-ଚୁପ୍‌ଚାପ୍ କଥା । ଆଲୋକ କାହାକୁ ମର୍ଡ଼ର କରିଛି । ସେ ଲୋକଟା ଖାଲି ସୁକ୍‌ସୁକୁ ହେଉଛି । କୋଉ ମୁହୂର୍ତ୍ତରେ ଜୀବନ ଯିବ ଠିକ୍ ନାହିଁ । ଏଠି ପାରିଲେନି । କଟକ ମେଡ଼ିକାଲ ଗଲାଣି । ହଁ, କଥାଟା ସେମିତି ଗହଣିଆ ନହେଲେ କଟକଯାକେ କଥା ଯାଇଥାନ୍ତା ? ଧଡ଼ିଆଇ ଏତିକି କହି ପୁଣି ଗାମୁଛା କାନିରେ ମୁହଁ ପୋଛୁଆଣି ନାକ ପୋଛିପକାଏ । ସେବେଠୁ ଆଲୋକ ଫେରାର୍ ହୋଇଯାଇଛି । ଅଥଚ ବେଳେବେଳେ ତା'ର ଖବର ଆସୁଛି ବୋଲି ବାସ୍ନା ଶୁଙ୍ଘୁଥିଲୁ । ପୋଲିସ୍ ତା' ପିଛା ଧରିଛି, ପାଇପାରୁନି ।

ମୁଁ ଦିନେ ଠିକ୍ ଅଫିସ୍‌କୁ ବାହାରୁଥାଏ, ଜଣେ କିଏ ଆସି ଖବରଦେଲା ଯେ କିଏ ଜଣେ ଆସିଛନ୍ତି । କବାଟ ଖୋଲି ଦେଖେ ତ ଟୋକାଟା ଦାନ୍ତ ନିକୁଟି ହସୁଛି । ତା' କଳାଧୂମର ମୁହଁଟା ଭିତରେ ଧଳା ଧଳା ହସ ମଲ୍ଲୀଫୁଲ ପରି ଛୁଇହୋଇ-

Digitized by PPRACHIN, SOA

ଯାଇଥିଲା । ସେ ମୋତେ ପ୍ରଣାମ କଲା ଏବଂ ମୋ' ପୁଅ କାହିଁ ବୋଲି ପ୍ରଶ୍ନ କଲା । ସେ ଦିନ ମୋତେ ବହୁତ ବିଳମ୍ବରେ ଅଫିସ୍ ଯିବାକୁ ହେଲା । ତାକୁ ଭଲଭାବରେ ଖାଇବାକୁ ଦେଇ ପଚାରିଲି, ଏବେ ଯିବୁ କୁଆଡ଼େ ? ଗାଁକୁ । ତଥାପି ତା' କଥାରେ ମୋର ବିଶ୍ୱାସ ନଥାଏ । ମୋର ଇଚ୍ଛାହେଉଥିଲା, ତାକୁ ସେହି ମୁହୂର୍ତ୍ତରେ ଗୃପୁଡ଼ା ଦେଇ ପଚାରିଥାନ୍ତି : ଆବେ, ହ'ଟା ବୁଢ଼ାବୁଢ଼ୀଙ୍କୁ ତୁ ଘର ବାଲରେ ଖଟେଇ ଖଟେଇ କି ସୁଖ ପାଉଛୁରେ ପୁଅ ? ଦେ ଜବାବ୍ ଦେ—। ସେ କିନ୍ତୁ ଜବାବ୍ ଦେଇନଥାନ୍ତା କି ଏଠିକି ଆଉ କେବେ ଆସିନଥାନ୍ତା । ତେଣୁ ତ ମୁଁ ତାକୁ କିଛି ପଚାରି ପାରିଲିନି । ଅଥଚ ସେ ଆଉ ଆସୁନଥିଲା ।

କାହିଁକି ଯେ ଆସୁନି ଅନେକଦିନ ପର୍ଯ୍ୟନ୍ତ ଜାଣିନଥିଲି । ଶୁଣିଲି ଯେ ଆଲୋକ ମର୍ଡ଼ର କରିଛି । କାରଣ : ଆଲୋକର ଧରମଭଉଣୀର ଜୀବିକା ଉପରେ ଆସାମୀ ଜଣକ ବାରବାର ବାଧାଦେଉଥିଲା । ତେଣୁ ଭଉଣୀକୁ ଖାଇବାର ସାହାଯ୍ୟ ନେବାକୁ ପଡ଼ୁଥିଲା । ଏହି ଘଟଣାରେ ପୋଲିସ୍ ତା' ପିଚ୍ଛା ଲାଗିଛନ୍ତି । ପୁଣି ନିର୍ବାଚନ ଶୋଭାଯାତ୍ରାରେ ବିରୋଧୀ ଦଳର ଜିପ୍‌କୁ ଭାଙ୍ଗିଛି, କାହାକୁ କମେଣ୍ଟ୍ ମାରିଛି, କାହାର କାନ ଟାଣି ତା'ଠୁ ଚପଲମାଡ଼ ଖାଇ ପୁଣି ମାନହାନୀ କେଶ୍‌ରେ ପକା-ଯାଇଛି । ସେବେଠୁ ନିଅ ନିଅଟା କେଶ୍‌ଥିବା ଏକ ଦୁର୍ଦ୍ଧର୍ଷ ବ୍ୟକ୍ତିର ଅନୁସନ୍ଧାନରେ ଥାନ୍ତି ପୋଲିସ୍ ପ୍ଲାଟୁନ୍ । ଅନେକ ଖୋଜଖବର କରିସାରିଲାପରେ ଜନୈକ ଯୁବକ ଆସି ଖବର ଦେଲା ଯେ ଏକ ନିର୍ଦ୍ଦିଷ୍ଟ ଗାଁରେ ସେ ଆତ୍ମଗୋପନ କରିଛି । ତେଣୁ ସେମାନଙ୍କ ଭିତରେ ତତ୍ପରତା ଲାଗିଗଲା, ପ୍ରକୃତରେ ଆଲୋକ ଓରଫ୍ ଏକ କୁଖ୍ୟାତ ଅପରାଧୀକୁ ସେଠି ଠାବ କଲେ । ସେ କିନ୍ତୁ ପୋଲିସ୍‌ବାଲାଙ୍କ ସହିତ ଖେଳ ଆରମ୍ଭ କରିଦେଲା । ସେମାନେ ରାସ୍ତାକୁ ଗଲେ ଆଲୋକ ବାଡ଼ିପଟରେ, ସେମାନେ ସେଠିକୁ ଗଲାବେଳେ ଇଏ ଦଳଭିତ୍ତି ନଈରେ ବୁଡ଼ିରହି ମଝିରେ ମଝିରେ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଶୋଧିବାକୁ ଲାଗିଲା । ସେମାନଙ୍କ ଆଖିରେ ଧୂଳିଦେଇ ଯେତେବେଳେ ବାଡ଼ିପଟେ ଛପି ଛପି ଘରକୁ ଆସି ତା' ବୋଉର ଗୋଡ଼ତଳେ ପଡ଼ିଗଲା, ବୋଉ ତା'ର ଯେମିତି ଖୁବ୍ ରୁକ୍ଷ-କର୍କଶ ପାଲଟିଗଲା । ସେ ଖୁବ୍ ଚଢ଼ାଗଳାରେ କହିଲା : ଉଠ୍ ଉଠ୍ ମୋ ଆଗରୁ ଉଠ୍ । ଭୁଲ ମାଗିଲା ଭୁଲ । କ'ଣ ଅଛି ଆଉ ଆଇଲୁ ? ଯାଆ —ଯାଆ ଏଠୁ ବାହାର । ମୋ ଦଶବର୍ଷର ପୁଅ ଗୋଲେଖା ତ ଯାଇ ପରର ମଳୁଆ ଲାଗିଲା । ହୋପା ତ ମରିବା ଉପରେ । ଆଉ ତୁ କୁଆଡ଼େ ଆଇଲୁ ? ମୋ' ମାଉଁସ ଖାଇବାକୁ ?

ସେତେବେଳକୁ ଆଲୋକ ପ୍ରଥମକରି ଥରୁଥିଲା । ତା' ମୁହଁ ହାତ କାଦୁଅ ସାଲୁବାଲୁ । ପାଟିରୁ ଲାଳ ଗଳୁଛି । ସୋରଭାଉଜ ସେଇଠି ବସିପଡ଼ିଲେ ଏବଂ

Digitized by PPRACHIN, SOA

ପୋଛିବାକୁ ହାତ ବଢ଼େଇଲାବେଳକୁ ସେ ଖପ୍‌କିନା ବାଡ଼ଡେଇଁ ଆମ ଘର ଭିତରକୁ ପଶିଗଲା ଏବଂ ଏଇ ସମୟରେ ଆମ ବାଣ୍ଡରେ ପୋଲିସ ହୁଇସିଲ ସହ ଭାରି ଜୋତାର ପଦ ଶବ୍ଦ ଚହଲିଉଠିଲା । ଘରଆଡ଼େ ଖୋଜଖବର ହେଲା । ଶେଷକୁ ବଡ଼ ପୁଲିସ ଯେତେବେଳେ କହିଲା ଯେ ଅମାର ଦେଖିଲ, ସେତେବେଳେ ମୋ' ବୋଉ ଆସି ଅମାର ଖୋଲି ତାକୁ ଚୁପ୍‌ରେ ଇସାରା ଦେଇଦେଲା । ସେମାନେ ପାଇଲେନି । ସେଠୁ ଯାଇ ବାଡ଼ିପଟ ସପୁରୀ ବଗିଚ୍ଛରେ ଲୁଚିଥିଲା । କିଏ ଜଣେ ଦେଖିଥିଲା ଆର ପାର୍ଟିର ଲୋକ । ପୋଲିସ ଖବର ପାଇ ତ ଚକ୍ରବ୍ୟୂହ କରି-ଦେଲେ ।

ତା'ପରେ ମୋ' ଝିଅ ଆଉ କିଛି ଅନେକ କହିବାକୁ ଚେଷ୍ଟାକରି ପାରୁନଥିଲା । ତା' କଣ୍ଠ ରୁଦ୍ଧହୋଇଯାଉଥିଲା । ସେ ଖାଲି କହିଁ କହିଁ ହୋଇ କାନ୍ଦୁଥିଲା । ତା'ପରେ ମୋ' ବୋଉ କହିଲା : କହନାରେ ପୁଅ, ସିଏ ବୋଲି ସେ ପାହାର ସବୁ ସହିଲା । ନହେଲେ ଆଉ କିଏ ହେଇଥେଲେ ଗୋଟିଏ ପାହାରରେ ସଫାହୋଇ ଯାଇଥାନ୍ତା । ଖାଲି ବେଲରେ, ବନ୍ଧୁକ ମୁନରେ ଭୁଷିପକେଇଲେ । ବାରି ଖଲାଯାକ ତ ଖାଲି ରକତ । ମୋ' ଆଡ଼କୁ ଖାଲି ବାଲୁ ବାଲୁ କରି ଚାହୁଁଥାଏ । ଆଖିରୁ ତ ଲୁହ ନୁହଁ ଯେମିତି ନିଆଁ ହୁଳା ବାହାରୁଥିଲା । ତାକୁ ବାନ୍ଧିନେଇଗଲେ । ସେ ପଛକୁ ଚାହୁଁଥିଲା ଆଉ ତା' ଝିଲି ଯେମିତି ଭାଇ-ଭାଇ ହୋଇ ଦାଣ୍ଡ ବାଲିରେ ଗଡ଼ୁଥାଏ ।

ସକାଳକୁ ସୋରଭାଉଜ ଦେଖାହେଲା । ପଚାରିଲି ଆଲୋକ କଥା । ସେ ଟିକେ ଟିକେ ପାସୋରି ଆସୁଥିଲା । ପୁଣି ଆରମ୍ଭ କଲା, କେମିତି ଥାନାରେ ଛନଦନ ତାକୁ ସେମିତି ଲୋକ ଓପାସରେ ପକେଇଲେ । ସେ ତ ଆଉ ଆଲୋକପରି ଦେଖା-ଯାଉନଥାଏରେ । ତ'ଖଣ୍ଡ ହାଡ଼, ମୁଣ୍ଡରେ ବାଳପୁଳାଏ ଥାଏ ବୋଲି ମଣିଷଟା ପରି ଦେଖାଯାଉଛି । ବଗଦ'ଟା ସିଙ୍ଗଡ଼ାଟା ନେଇଥିଲି । ସେ ପୁଲିସ କ'ଣ ମୋ' ପୁଅକୁ ଦେଲେ ? ନାହିଁ ନାହିଁ ହଉଥିଲେ । ହାତ ଓଠ ଧରିଲି । ଶେଷକୁ କହିଲେ, ତୁ ଆଗ ଗୋଟା ଚାଖ୍ । ତା'ପରେ ତୋ' ପୁଅକୁ ଦେବୁ । ଏଗୁଡ଼ାଙ୍କର ଏତେ ଅବିଶ୍ୱାସ । ମୋ' ପୁଅଟାକୁ କ'ଣ ମୁଁ ନିଜ ହାତରେ ବିଷ ଦଉଥିଲି ? ତା'ପରେ ସୋରଭାଉଜ ପଚାରିଲା, ସେ କ'ଣ ସବୁଦିନେ ରହିବ ? ସେ ତ ମଣିଷ ମାରିନି । ମଣିଷ ମାରିଲେ ସିନା ମର୍ଡ଼ର କେଶ୍ ହବ । ସାରା ଜୀବନ ଜେଲ୍ ଭୋଗିବ । ହଁ, ତା' ଦାଦା କହୁଥିଲା, ଏଇ ମନ୍ତ୍ରିମଣ୍ଡଳଟା ଭାଙ୍ଗିଯାଉ । ଆମ ସରକାର ଆସିଲେ ପୁଣି ସବୁ କୁଆଡ଼େ ଠିକ୍‌ଠାକ ହେଇଯିବନି ଯେ । ନା' କ'ଣ କହୁଚ ତମେ ? ଏ ପ୍ରଶ୍ନରେ ମୁଁ ନିଶ୍ଚୟ ତାକୁ ଆସ୍ତିବାଚକ ଉତ୍ତର ଦେଲି ।

Digitized by PPRACHIN, SOA

: ବଗ୍ ଡ଼'ଟା ଖାଇଲି । ନୋଟାଏ ପାଣି ପିଇଲି । ସେଟା ତ ପେଟ-ବିକଳିଆଟା । ତେଲଭଳିକ ଭାବ ଆଗ । ତେମେ ଦେଖିନା, କେତେ ଥର ଯାତେବରେ ପବ୍ ତେମେ ନଜେ ତାକୁ ବଗ୍ ଗୁଲୁଗୁଲ ଛଙ୍କା ତର୍କାଶ ଖୁଆଇଥିବ କୋଳରେ ବସେଇ । ଭାବ ଅବାଇଜଟା ଥେଲି । ଯାହା ଭିଦ୍ ଧଶଥିବ ନା ଧଶଥିବ । ସେଇ ଗୁଣଟା ରହିଗଲି । ହେଲେ ଏମିତି ତ କେବେ ଆଗରୁ ହାତ ଉଠାଉଠି କରେନି···।

ଆଲେକ ଏହା ଭିତରେ ଖୁବ୍ ବଡ଼ ହୋଇଯାଇଥିଲି । ଆମେ ଚାହୁଁଥିଲେ ବି ସେ ଆସୁନଥିଲି । ସେ କାହାର ଆଜ୍ଞାବହ ହବାକୁ ଚାହୁଁନଥିଲି । କାହାର ବୋକଚ୍-ରୁହା ହୋଇ ଜୀବନକୁ ବିତେଇବ ବୋଲି ଜମାରୁ ସେ ପ୍ରତିଜ୍ଞାବଦ୍ଧ ହୋଇ-ପାରୁନଥିଲି । ନହେଲେ ସେ ତା' ଦାଦିପୁଅଭାଇ ପରି ସେଇ ଚାରଗୁଣ୍ଠ ଜମିରେ ଘର ତୋଳେଇ ପାରିଥାନ୍ତା । ବାହାହୋଇ ପିଲାଛୁଆର ବାପା ହୋଇପାରିଥାନ୍ତା । ଭାଇଭଉଣୀ କି ମଣିଷ କରେଇ ପାରିଥାନ୍ତା ।

ସେ ଆମ ହାତମୁଠାରୁ ଖସିଯାଇଥିଲି । ସେଦିନ ମୋ' ବସାକୁ ଗଲାଦିନ ତା'ର ଅଦ୍ଭୁତ ବେଶପୋଷାକରେ ସ୍କୁଲ ଯାଉଥିବା ପିଲାମାନେ କମେଣ୍ଟ ଦେଲା-ବେଳେ ମୋ' ଉପସ୍ଥିତିରେ ସେ ସେମାନଙ୍କୁ ଗୁପ୍ତ ଭାବରେ ଦାନ୍ତ ରଗଡ଼ୁଥିଲେ ମଧ୍ୟ ମୁଁ ସେ ପିଲାମାନଙ୍କୁ ପ୍ରତ୍ୟୁତ୍ତର ଦେଇଥିଲି ଏବଂ ବୋଧହୁଏ ପ୍ରଥମକରି ଆଲେକ ସେଦିନ ମୋ' ଆଡ଼କୁ ଚାହିଁଦେଲା ଏବଂ ଭାବିନେଲା ଯେ ମୋ' ଭିତରେ ବି ଗୋଟେ ସ୍ପର୍ଦ୍ଧା ରହିଛି । ଯାହା ଉପରେ ଆଞ୍ଚ ଆସିଲେ ସେ ଫୁତ୍କାରଟିଏ କାଢ଼ିବ; ମୋ' ଭିତରେ ବି ଶୀତଳ ନଈଟିଏ ଅଛି, ଖରାତେଜ ପଡ଼ିଲେ ସେ ଗ୍ରାମଟିଏ ପାଇଁ ଆକୃଷ୍ଟ କରିବ; ମୋ ଭିତରେ ପକ୍ଷୀଟିଏ ଅଛି, ଯାହା ଉପରେ ହାତ ଲାଗିଲେ ସେ ଡେଣା ଫଡ଼ଫଡ଼େଇବ । ସେଦିନ ପ୍ରଥମକରି ଆଲେକ ଦେଖିଲା ଯେ ମୁଁ ଖୁବ୍ ଚଞ୍ଚଳ ହୋଇ-ଉଠିଛି ।

ଅଲେକକୁ ଯେଉଁଦିନ ପୋଲିସ ବାନ୍ଧିକରି ବାଡ଼ଉଥିଲା ସେଦିନ ଯେମିତି ପାହାରଟା ବାଜୁଥିଲା ଆସି ସିଧା ମୋ ଛାତି ଉପରେ । ତା'ପରେ ସେ କହୁଥିଲା : ଏଇ ଗାଁରେ ପଶ୍ ମଲେ । କହିଦେଲେ ପୁଲିସ ଆଗରେ । ନହେଲେ ସେ ତ ଅମ ଅମାରରେ ରହିଯାଇଥିଲେ । ମୋତେ ଆଲେକଭାଇ ଭାରି ଭଲପାଆନ୍ତି । ଯୋଉ-ଥରକ ଯାଇଥିବେ ବଢ଼ିଆ ବଢ଼ିଆ ସିଗାରେଟ୍ ଖୋଳ, ଲକେଟ, ପପିନ୍ସ ଆଣି ଦିଅନ୍ତି । ସେ ତ ମୋତେ ଜମାରୁ ମାରନ୍ତିନି । ତାଙ୍କୁ ଯିଏ ମାରିବ ସେ କ'ଣ ଆଉ ତାକୁ ନମାର ପୂଜା କରନ୍ତେ ?

Digitized by PPRACHIN, SOA

ସେ କନ୍ତୁ ଆସୁନଥିଲା । ସେଦିନ ବର୍ଷା ଭିତରେ ଥିବା ଲଙ୍କାଟାକୁ ଗୋଟେଇ ଦେଇ ପିଲାଟା ଯାହା ଭିତରେ ସେଉଁ ରକ୍ତ ଗୁଡ଼ୁଥିଲା, ଆଉ ତାକୁ ବୁଝେଇବାକୁ ଯାଇ ମୁଁ ସବୁତକ ବେଲୁନ ତା' ହାତକୁ ଧରେଇଦେଲେ ବି ସେ ଆସୁନଥିଲା କି ବୁଝୁନଥିଲା ।

ଝିଅ ମୋର ଏମିତି କହୁଗ୍ଭଲିଥିଲା । ଏହା ଭିତରେ ରାତି ବଢ଼ୁଥିଲା ଏବଂ ସକାଳ ଆସିବାକୁ ଅନେକ ଡେରି ଥିଲା । ସୋରଷ୍ଟଙ୍କଙ୍କ ପାଟିଶୁଭିଲା । ଝିଲିର କାନ୍ଦ ଶୁଭିଲା । ଲୋକମାନେ ଭିଡ଼ ଜମେଇଦେଇଥିଲେ । ଶବ ବାହାରି ନେବାକୁ ଉଦ୍ୟମ ଜାରିରହିଥିଲା ଏବଂ ଧଡ଼ିଆଇଙ୍କ ଶବକୁ ମଶାଣି ପଦାରେ ପୋଡ଼ି ଆସିଲା ପରେ ମୋତେ ଲାଗିଲା : କେହି ଆସିଲେ ନାହିଁ ? ସେ କନ୍ତୁ ଆସୁନଥିଲା, ଅଥଚ ଧଡ଼ିଆଇ ତ ପୁରାପୁରି ପାଉଁଶ ପାଲଟିଗଲେ !!

Digitized by PPRACHIN, SOA

ଗୋଟିଏ କାହାଣୀ ସମ୍ପର୍କରେ

ରାତିର ବିଳମ୍ବିତ ପ୍ରହରଯାଏ ଛଟପଟ ହେଲି । ଶୀତଦିନ ସରିଆସୁଥାଏ । ଫ୍ୟାନ୍‌ର ଗତିକୁ ଯଥେଷ୍ଟ ବଢ଼େଇଲି ପରେ ବି ଶୀତୁଳିଆ ଉଷ୍ମତା ଅନୁଭୂତ ନହେବାରୁ ରେଜେଇଟିକୁ ବାଧ୍ୟ ହୋଇ ପାଦ ତଳକୁ ଘୁଞ୍ଚେଇଦେଲି । ପାଖ ଖଟରେ ଶୋଇଥିବା ବନ୍ଧୁ ଜଣକ ସେତେବେଳକୁ ଗାଢ଼ ନିଦ୍ରାରେ ବିଭୋର । ଏଇ କିଛିକ୍ଷଣ ପୂର୍ବରୁ ଆମେ ଅନ୍ତେ୍ୟବାସୀମାନେ ବିବିଧ ପ୍ରସଙ୍ଗରେ ଆଳାପରତ ହୋଇ ନିଷ୍ଫଳ ସମୟକୁ ବିତେଇଦେଲୁ । ଆମ ଭିତରୁ ଜଣେ ବନ୍ଧୁ ସାମୁଦ୍ରିକ ବିଦ୍ୟାରେ ନିଜର ପାରଙ୍ଗମତାକୁ ବେଶ୍ ଚମତ୍କାର ଢଙ୍ଗରେ ଉପସ୍ଥାପନ କଲେ । ଜଣକ ପରେ ଜଣେ ତାଙ୍କ ନିକଟକୁ ହାତ ବଢ଼େଇଦେଉଥିଲୁ ଏବଂ ସେ ଚିନ୍ତାବିଷ୍ଟ ମାନସିକତାରେ ଆମର ଅଦୃଷ୍ଟ ସମ୍ପର୍କରେ ଭବିଷ୍ୟବାଣୀ କରିଚାଲିଥିଲେ : କିଏ ବା ପ୍ରେମଜନିତ ବ୍ୟାପାରରେ ହାରିଯିବ, କିଏ ବା ଜିତାପଟ ମାରିବ । କାହାର ଧନପ୍ରାପ୍ତିର ଯଥେଷ୍ଟ ସମ୍ଭାବନା, କିଏ ବା ଚିରାଚରିତ ତେଲ-ଲୁଣର ଜଞ୍ଜାଳକୁ ମୁଣ୍ଡେଇ ଚାଲିଥିବ, ଏମିତି···ଏମିତି । ତା'ପରେ ସେମାନେ କିଏ କୁଆଡ଼େ ଶୋଇଗଲେ । ମୁଁ କିନ୍ତୁ ଆଦୌ ଶୋଇପାରୁନଥିଲି । ବାରମ୍ବାର ଉଠୁଥିଲି । ବାଥ୍‌ରୁମ୍‌କୁ ଯାଉଥିଲି । ପୁଣି ରେପେଇଦରୁ ପାଣି ଗ୍ଲାସେ ପିଇ ବିଛଣାରେ ପଡ଼ି ନିଦ ପାଇଁ ବ୍ୟାକୁଳ ହେଉଥିଲି । ଅଥଚ ନିଦ ଆସୁନଥିଲା କି ମୁଁ ଜମାରୁ ନିରବ ଯାଉନଥିଲି ।

ଦିନସାରା ବିଡ଼ି ପିଇ ପିଇ ତଣ୍ଟି ପାଟି ଧୂଆଁଳିଆ ହୋଇଯାଇଥିଲେ ବି ପୁଣି ଏତେବେଳେ ବିଡ଼ି ଖଣ୍ଡେ ଟାଣିବାକୁ ପ୍ରବଳ ଆଗ୍ରହ ହେଲା । ର୍ୟାକ୍ ଉପର ହାତଘଣ୍ଟାକୁ ଦେଖିଲି । ରାତି ଗୋଟାଏ । ବନ୍ଦ ଥାକକୁ ତେରଛା ହୋଇଥିବା ଆଇନା ଆଗରେ ନିଜର ମୁହଁକୁ ଦେଖିଲି । ବିପରୀତ ପଟରୁ ଟେବୁଲ ଲ୍ୟାମ୍ପ୍‌ର ମ୍ଳାନ ଆଲୋକ ରେଖା ଘର ଭିତରଟାକୁ ଏକ ଭୌତିକ ପରିବେଶରେ ପରିଣତ କରିଥିଲା । ଆଇନା ଆଗରେ ଠିଆହୋଇ ବିଡ଼ିରେ ନିଆଁ ଧରେଇଲି । ଚୁହୁଁ ଚୁହୁଁ ମୋ ମୁହଁସାରା ଧୂଆଁ ଚରିଗଲା ଏବଂ କ୍ରମଶଃ ମୁଁ ଅନୁଭବ କଲି ଯେ ଦର୍ପଣ ଆଗରେ ଗୋଟେ ବିଶାଳକାୟ କଙ୍କାଳ ଯେମିତି ଠିଆହୋଇଛି । ତା' ଦେହରୁ ମାଂସତକ ଝଡ଼ିଯାଇଛି । ଆଜି ସକାଳେ ଯେଉଁ ଚମକୁ ସେ ଲିରିଲ ସାବୁନ ଦେଇ ଅଧଘଣ୍ଟାକାଳ ବାଥ୍‌ରୁମ୍‌ରେ

Digitized by PPRACHIN, SOA

ଧୋଉଥିଲି, ସେ ଚମର ପରସ୍ତ କୁଆଡ଼େ ମିଳେଇଯାଇଥିଲା । ତା' ଆଗରେ ଖାଲି ଅସ୍ଥିକଙ୍କାଳସାର ମୂର୍ତ୍ତିଟିଏ ଠିଆହୋଇଛି । ପୁଳାକୁପୁଳା ଧୂଆଁ ଯେମିତି ଏକ ବିଶାଳ ଗର୍ତ୍ତ ଭିତରେ ପ୍ରବେଶ କରିଯାଉଛି ଏବଂ ସେ ଧୂଆଁ କ୍ରମଶଃ ତା' ପଞ୍ଜରା ହାଡ଼ ସନ୍ଧିରେ ସଞ୍ଚରିଯାଇ ତାକୁ ଉଲ୍ଲସେଇ ଦେଉଛି । ତା' ଭିତରେ ଶୁଖିଯାଇଥିବା ହାଡ଼-ଗଣ୍ଠି ଭିତରେ ଯେମିତି କ'ଣ ରକ ରକ ହୋଇଯାଉଛି । ତା'ପରେ ସାମାନ୍ୟ ପବନରେ ଯେମିତି କ୍ଷେତରେ ବନ୍ଧାହୋଇଥିବା ପାଳଭୂତ ହୁରୁଡ଼ା ପରି ସେ ଥରି-ଯାଉଛି । କିଛି ଖଡ଼ ଖଡ଼ ଧାତବ ଶବ୍ଦ ଯେମିତି ସୃଷ୍ଟି ହେଉଛି । ତା'ପରେ ସେ ନିଜକୁ ନିଜେ ଦେଖି କ୍ରମଶଃ ଶାଙ୍କୋଡ଼ିଯାଉଛି । ସାହସ ପାଉନି ଆଉ ଥରେ ସେ ରୂପକୁ ଦେଖିବାକୁ । ସାହସ ବି ପାଉନି ପୁଣି ଥରେ ଶେଯକୁ ଲେଉଟିଆସି ରେଜେଇ ତଳେ କୁଣ୍ଡଳାକାର ହୋଇ ପଶି ଆଖି ବୁଜିଦେବାକୁ ।

ଏହି ସମୟରେ ଘରର ଶ୍ମଶାନ-ନିସ୍ତବ୍ଧତାକୁ ଭାଙ୍ଗି କିଛି ଶବ୍ଦ ହେଲା । ସେ ଚମକିପଡ଼ିଲା । ଦେଖିଲା କାନ୍ଥରେ ଟଙ୍ଗାହୋଇଥିବା କ୍ୟାଲେଣ୍ଡରଟା ଫ୍ୟାନ ପବନରେ ଝୁଲୁଛି ଏବଂ କାନ୍ଥରେ ଘଷିହୋଇ ଖର୍‌ର ଖର୍‌ର ଶବ୍ଦ କରୁଛି । ତା'ପରେ ସେ ଆଖି ଫେରେଇଲା ସେଠାକୁ । କାଳୀମୂର୍ତ୍ତିଟିଏ । ବେକରେ ନରମୁଣ୍ଡ-ମାଳ । ହାତରେ ଖଣ୍ଡା-ଖର୍ପର । ଲହ ଲହ ଜିଭ । ଏକ ପାଦ ପଡ଼ିଛି ଶିବଙ୍କ ବକ୍ଷ-ଦେଶରେ ଏବଂ ଚାରିପାଖରେ ଅନେକ ଭକ୍ତ ଯାହା ଭିତରୁ ରାମକୃଷ୍ଣ, ବିବେକାନନ୍ଦଙ୍କୁ ଚିହ୍ନି ହେଉଛି । ଯେହେତୁ ଇତିହାସ ପୃଷ୍ଠାରୁ ଏ ଦୁଇଜଣଙ୍କର ମୁହଁ ତା'ର ମନେ ରହିଯାଇଛି । ସେ ପ୍ରକୃତିସ୍ଥ ହେବାକୁ ଚେଷ୍ଟାକଲା ଏବଂ ବାରମ୍ବାର କାଳୀଙ୍କର ଭୟଙ୍କର ରୂପ ତାକୁ ଆହୁରି ଭୀତ ବିବ୍ରତ କରିପକାଉଥିଲା ।

ପୁଣି ଶେଯ ଉପରକୁ ଆସିଲା । ଛନଛନ ହେଲା ଅଧାହୋଇ ପଡ଼ିଥିବା କାଫକାଙ୍କ 'ଟ୍ରାଏଲ'କୁ ସାରିବାକୁ ଚେଷ୍ଟାକଲା । ଅଥଚ ଗୋଟିଏ ପୃଷ୍ଠା ଭିତରେ ସେ ଯେମିତି ଅଟକିଯାଉଥିଲା । ତାକୁ ଲାଗୁଥିଲା, କିଏ ଯେମିତି ତା' ତଣ୍ଟିଟାକୁ ଚିପିଧରୁଛି । ତା' ହାଡ଼ରୁ ମାଂସ ରକ୍ତ ସବୁ କୋରିନେଉଛି । ତା'ର ଆଗରେ ତା' ହୃଦୟଟିକୁ କିଏ ଯେମିତି ତା' ବାଆଁ ଗ୍ରୁଡି ତଳୁ କାଢ଼ିଆଣି ଗୋଟିଏ ଟ୍ରେରେ ରଖି ମାଇକ୍ରୋସ୍କୋପ୍‌ରେ ଦେଖି ପରୀକ୍ଷା କରୁଛି । ବିବିଧ ଆକୃତିର କଣ୍ଟା ଓ ଛୁରି ସାହାଯ୍ୟରେ ହୃଦୟଟାକୁ ଚିରିପକାଉଛି । ଥପ୍-ଥପ୍ ହୋଇ ନିଗିଡ଼ିପଡ଼ୁଥିବା ଶୋରି ଶୋରି ରକ୍ତକୁ ବାଁହାତରେ ମେଞ୍ଚା ମେଞ୍ଚା ତୁଳାରେ ଥୋପିଦେଉଛି ଓ ଡାହାଣ ହାତରେ ଧରିଥିବା ଛୁରିଟିକୁ ପୁଣି ଚଳେଇ ଆଣୁଛି । ସେଇ ମୁହୂର୍ତ୍ତରେ ମୁଁ ଭାବୁଥିଲି ଯେ ପାଖ ଖଟରେ ଶୋଇଥିବା ବନ୍ଧୁଜଣଙ୍କୁ ନିଦରୁ ଉଠାଇବି । ସେ ହୁଏତ ମୋର ହୃଦୟଟିକୁ ପୁନଃସଂସ୍ଥାପିତ କରିଦେଇପାରିବ ଅଥବା ମୋ ହୃଦୟର

Digitized by PPRACHIN, SOA

କ୍ଷତକୁ ଚକାସ୍ତା କରିବ । ବନ୍ଧୁ ଜଣଙ୍କ ଯେମିତି ଶୋଇ ଶୋଇ ଦୃଙ୍ଗୁଡ଼ିମାରୁଥିଲେ ଏବଂ ମୋର ଆଗରେ ମୋ ହୃଦସ୍ୱକୁ ନେଇ ବୈଜ୍ଞାନିକଜଣଙ୍କ ଗବେଷଣା କରି ଚାଲିଥିଲେ । ମୁଁ ନିରବଦ୍ରଷ୍ଟା ପରି ଦେଖିଚାଲିଥିଲି ।

ପ୍ରାୟତଃ ସେତେବେଳକୁ ମୁଁ ମୋ ମୁହଁରେ ଆଇନାଟିକୁ ଧରି କଡ଼େଇ-ଦେଇଥିଲି । ମୋ ଆଖି ଦୁ'ଟା ଅସାଧାରଣ ଭାବେ ବଢ଼ିଯାଉଥିଲା । ନାକଟା ଯେମିତି ଗଣ୍ଡାନାକ ପରି ଫୁଲିଯାଉଥିଲା । ପାଟିଟା ଠିମି ପାଟିପରି ବିସ୍ତରିଯାଉଥିଲା । ଦାନ୍ତ-ଗୁଡ଼ାକ ଏତେ ବୀଭତ୍ସ ଓ ବିଶାଳ ବଡ଼ାକାର ଦେଖାଗଲା ଯେ ମୁଁ ନିଜକୁ ଦେଖି-ନପାରିବାକୁ ଚେଷ୍ଟା କରି ମଧ୍ୟ ବାରମ୍ବାର ନିଜ ଆଗରେ ନିଜେ ଠିଆହୋଇ-ଯାଉଥିଲି । ଧୂଆଁଗୁଡ଼ାକ ସେତେବେଳକୁ ମୋ ଶିରାପ୍ରଶିରା ଅନ୍ତନାଡ଼ି ଭିତରେ ବସାବାନ୍ଧିଗଲାଣି । ମୋ ରକ୍ତ ମାଂସ ସବୁ ପଚି ଦୁର୍ଗନ୍ଧ ହେଲାଣି । ଅଗଣିତ କୀଟ ଯାଲୁବାଲୁ ହୋଇ ମୋ ଦେହସାରା ଚରିଯାଉଥିଲେ ଆଉ ଏକ ନାରକୀୟ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରିଉଠିଲାବେଳକୁ ବନ୍ଧୁ ଜଣକ ନିଦରୁ ଉଠିପଡ଼ି କାରଣ ଜିଜ୍ଞାସା କଲାବେଳକୁ ମୋ ନିକଟକୁ ଚେତନା ଫେରିଆସୁଥିଲା ଏବଂ ମୁଁ ଯେ କପରି ଶେଯ ଗୁଡ଼ି ଦର୍ପଣ ସମ୍ମୁଖରେ ଏତେକାଳ ଠିଆହୋଇଛି—ସେ କଥା ବୁଝିନପାରି ମାନସିକ ଦୁଶ୍ଚିନ୍ତାରେ ଘାରିହେଉଥିଲି । ତା'ପରେ ବନ୍ଧୁଜଣକ ସାମାନ୍ୟ ବିବ୍ରତ ହୋଇ ପୁଣି ରେଜେଇ ଭିତରକୁ ପଶିଯାଉଥିଲେ । ମୁଁ ଫିଡ଼ା ଖଟ ଉପରେ ବାରମ୍ବାର କଡ ଲେଉଟଉଥିଲି । ଫିଡ଼ାଖଟରେ ଶୋଇ ଶୋଇ ଅଣ୍ଟା ଦରଜ ହୋଇଥିଲା । ଭାରି କଷ୍ଟ ଲାଗୁଥିଲା । ଏଇ କଷ୍ଟ ଭିତରେ ବାରକଥା ମନକୁ ଆସି ମୋତେ ବେଥସ୍ତ କରିଦେଉଥିଲା । ସେଥିରୁ ଗୋଟିଏ କଥା ଥିଲା ଏମିତି :

ପ୍ରଥମେ ଯେତେବେଳେ ମୁଁ ଆସି ଏ ଇଲାକାରେ ପହଞ୍ଚିଲି, ସେତେବେଳେ ମୋତେ ପିକ୍‌ନିକ୍ ଆସିଲା ପରି ଭାରି ଆମୋଦ ଲାଗୁଥିଲା; ଯଦିଓ ଅଜଣା ଅଞ୍ଚଳର ଖାଉଜାତ ମୋତେ କେମିତି କେମିତି ବୋଧହେଉଥିଲା । ଚାରିଆଡ଼େ ଚାହିଁଲେ ପାହାଡ଼-ମୁଣ୍ଡିଆ । ଗ୍ରେଟ ଗ୍ରେଟ ଜଙ୍ଗଲ । ରାସ୍ତା କଡ଼େ ମୁର୍ଗାବୁଦାର ବସ୍ତି । ଏଗୁଡ଼ିକ ମୃତ୍ତିକା ସଂରକ୍ଷଣ ପାଇଁ ସରକାରଙ୍କର ଅଦମ୍ୟ ପ୍ରଚେଷ୍ଟାର ଫଳ । ପାହାଡ଼-ଗୁଡ଼ାକ ଚାରିକଡ଼ରୁ ଗୋଡ଼ ଲମ୍ବେଇଦେଇଥିଲେ ଆଉ ସେହିମାନଙ୍କ କୋଳରେ ଯେମିତି ଏ ଅନୁଷ୍ଠାନଟି ନିଜପଦ ଅସ୍ତିତ୍ୱକୁ ବହନ କରି ବଢ଼ିଉଠିଛି । କ୍ୟାମ୍ପସ୍ ଭିତରେ କ୍ୱାର୍ଟର୍ସ । ଗ୍ରେଟକାଟର କଲୋନିଟିଏ । ସହରି ତ ଏଠୁ ଅନେକ ଦୂର । ତେଣୁ ସବୁଦିନ ସନ୍ଧ୍ୟାବେଳେ ଆମେ ବୁଲି ବାହାରୁଥିଲୁ ଏଇ ନିରୋଳା ରାସ୍ତା କଡ଼େ ଅନତି ଦୂରରେ ଥିବା ଗ୍ରେଟ ଗୁମୁଟିକୁ, ଯେଉଁଠି ଅତ୍ୟନ୍ତ ଆବଶ୍ୟକୀୟ ପଦାର୍ଥ ପ୍ରାୟତଃ ସୁଲଭ ଥିଲା ।

Digitized by PPRACHIN, SOA

ଜଗୁଗଡ ହୋଇଥିଲେ ଏଇ ରାସ୍ତାରେ ଆନମନା ହୋଇ ବୁଲିବାରେ ଗୋଟେ ସହଜ ଅଛି । ଅନ୍ଧାର ଗାଢ ହୋଇଥିଲେ ଟିକେ ଆଶଙ୍କାଗ୍ରସ୍ତ ହେବା ଅକାରଣ ନୁହେଁ । ନଗରଜନ ଗୋଟିଏ ନିର୍ଦ୍ଦିଷ୍ଟ ଦୂରତ୍ୱକୁ ଅତିକ୍ରମ କରିବାରେ ଅରୁଚି ଆସେ । ତେଣୁ ପ୍ରାୟତଃ ମୁଁ ବେଳେବେଳେ ଏହି ଅନୁଷ୍ଠାନର ଅଧଃସ୍ତନ କର୍ମଚାରୀମାନଙ୍କ ସହିତ କ୍ୟାମ୍ପସରେ ଆଳାପରତ ହେବାକୁ ସମୟ ପାଏ । ସେମାନେ ଆମ୍ଭଙ୍କ ସହିତ କଥାବାର୍ତ୍ତା ହେବାରେ ସଙ୍କୋଚ ବୋଧକରୁଥିଲେ ମଧ୍ୟ ମୁଁ ସେମାନଙ୍କୁ ପ୍ରାୟତଃ ସୁଯୋଗ ଦେଇଥାଏ । ସୁଯୋଗ ଦେଇଥାଏ ଏଇଥିପାଇଁ ଯେ ଗୋଟେ ଅଞ୍ଚଳର ଇତିହାସ ସେ ଅଞ୍ଚଳର ମାଟିର ମଣିଷମାନଙ୍କ ସହିତ ଅଧିକ ସମ୍ପର୍କିତ ଥାଏ ।

ସେତେବେଳକୁ ମୁହଁଅନ୍ଧାର ହୋଇଗଲାଣି । ଗୁଣ୍ଡାମା ଉପରେ ବସିଛି ଜନା । କୋଡ଼ିଏ ବର୍ଷର ଚାକିରିକାଳ ଭିତରେ ଜନା ଯେମିତି ଏ ଜାଗା ସହିତ ପୋଷିତ ସମ୍ପର୍କ ଯୋଡ଼ିଛି । ଏଠାର ଧୂଳିମାଟିଠୁ ଗଛବୃକ୍ଷଯାଏ, ଇଟାକଂକ୍ରିଟଠାରୁ ସ୍କାଏଲାଇଟ୍‌ଯାଏ, ଏପରିକି ଅଧ୍ୟକ୍ଷଙ୍କଠାରୁ କରଣି-ପିଅନ ପର୍ଯ୍ୟନ୍ତ । ସମସ୍ତଙ୍କୁ ସେ ତା' ଆଗରେ ଯିବାଆସିବା ଦେଖିଛି । କିଏ ଜଣେ ଆସିଲେ ଯେମିତି ସେ ନିରାସକ୍ତ, କିଏ ଜଣେ ବଦଳି ହୋଇ ଚାଲିଗଲେ ବି ଅନୁରୂପ । ସେ କିନ୍ତୁ ସେମିତି ଏପଟ-ସେପଟ ହେଉଥାଏ ଦିନସାରା । ତା' ଦେହରେ ମଇଳା କଟକଟ ସାର୍ଟ ଖଣ୍ଡେ ଓ ଧୂଡ଼ୁ ଧୂଡ଼ୁ ଧୋତିଟିକୁ ବୋହି । ରାତି ଆସିଲେ ଖୋର୍ଦ୍ଧା ଲୁଙ୍ଗି ଓ ହାତବାଲା ମଇଳା ଗେଞ୍ଜି ଖଣ୍ଡେ । ପ୍ରଥମେ ମୁଁ ଜନାକୁ ଦେଖିଲି ଜଣେ ସହକର୍ମୀ ଝିଅର ଜନ୍ମଦିନ ଭୋଜିଭାତ ରୋଷେଇ କରୁଥିବା ଅବସ୍ଥାରେ । ନିଆଁ ଧାସରେ ସେ ତା' କାମରେ ସେମିତି ଲେଟିଯାଉଥାଏ । ବନ୍ଧୁମାନେ ବାଃ-ବାଃ କରୁଥାନ୍ତି ତାକୁ—ମାନେ ତା' ରୋଷେଇପଣିଆକୁ । ସେ କିନ୍ତୁ ଦୁଇଧାଡ଼ି ହଳଦିଆ ଦାନ୍ତକୁ ନିକୁଟି-ଦେଇ ପୁଣି ଖଡ଼ିକା ଚଳେଇ ଆଣୁଥାଏ ଡେକ୍‌ଚି ଭିତରେ । ପାଣି ଢାଳୁଥାଏ-। ମସଲା କମୁଥାଏ । ସମସ୍ତେ ଖାଇ ସାରିଲା ପରେ ସେ କେତେବେଳେ ଖାଇଲା କେଜାଣି, ମୁଁ କିନ୍ତୁ ମୋ ଘରକୁ ଫେରିଆସିଥିଲି ।

ଉଦାସିଆ ହୋଇ ସେଠି ପହଞ୍ଚିଲାବେଳକୁ ସେ ହାତଯୋଡ଼ି ପ୍ରଣାମ କଲା । ମୁଁ ସେହି ଗୁଣ୍ଡାମା ଉପରେ ବସିଲାବେଳକୁ ସେ ଉଠିସାରିଥିଲା । ମୁଁ ତାକୁ ବସିବାକୁ କହିଲି । ସେ ହାଁଅପାଅଁ ହୋଇ କିଛି ସମୟ ପରେ କିଛି ଦୂରରେ ବସିଲା । ଆଜ୍ଞା କୋଉଠୁ ଆସିଛନ୍ତି···ଇତ୍ୟାଦି କଥା ପଚାରିଲା । ମୁଁ ଉତ୍ତର ଦେଇଚାଲିଥାଏ । ସେ ସେମିତି ପଚାରିଚାଲିଥାଏ । ସେ ତା' ଦୁଃଖୀ ଜୀବନର କଥା ଆରମ୍ଭ କଲା । କେମିତି ତା' ପୁଅର ହାତ କଟିଗଲା କରତ କଳରେ । ଓଲଟପୁର ଯାଇଛି ହାତ ଲଗେଇ-ବାକୁ । ତା' ଜୀବନଟା ବରବାଦ ହୋଇଗଲା । ସାରା ଜୀବନ କାହା ଉପରେ ବୋଝ ହୋଇ ରହିବ ! ମୁଁ ଥିବାଯାଏ ସିନା ଚଳେଇନେବି । ତା'ପରେ କିଏ ବା ତାକୁ

Digitized by PPRACHIN, SOA

ପଚାରିବି । ତା' ବାପା ମରିବାର ଖବର ତେରଦିନେ ପାଇଲି । ସେତେବେଳକୁ ସବୁ କାମ ଶେଷ । ବାପାଙ୍କୁ ଶେଷ ମୁହୂର୍ତ୍ତରେ ଟିକେ ଦେଖିପାରିଲିନି କି ମହାର୍ଘ ଟିକେ ପାଟିରେ ଦେଇପାରିଲିନି । ଆଉ ଆଜ୍ଞା ମୁଁ ଚଳିନି । ବାପା ତ ଗଲେ । ଆଉ କିଏ ଅଛି ? ଭାଇ ତ ଲାଗିଛି ମୋତେ ସଂସାରରୁ ଉଚ୍ଛନ୍ନ କରିବ । ଯାଇଥିଲେ ଶୁଣି ବାବଦକୁ ମୋ ଜମି ଅଧିକ ବି ବିକେଇଥାନ୍ତା । ଶୁଣନ୍ତୁ ଆଜ୍ଞା, ଏଡ଼େ ଟିକେ ହୋଇଥିଲି ମାଆ ମଲାବେଳକୁ । କୋଳେଇ କାଖେଇ ମଣିଷ କଲା । ଏବକୁ ମୋ ସାଥିରେ ଦାଉ ସାଧୁଛି । ମୋ ଜୀବନଟା ଆଜ୍ଞା, ଏମିତି ଏମିତି ବରବାଦ ହୋଇଗଲା । ଝିଅ ଦି'ଟାକୁ ଯେମିତି ଦୁଃଖକଷ୍ଟେ ଦି'ହାତ କରେଇଦେଲି । ଗୋଟା ପୁଅର ତ ଏମିତିଆ ଅବସ୍ଥା । ଆଉ ଦି'ଟା ଏଇ ବକଟେ ବକଟେ । ସେ କୋଉକାଳେ କ'ଣ ହେବେ, ମତେ ପୋଷିବେ ? ସେ ଆଶା ମୋର ନାହିଁ ଆଜ୍ଞା । ମୋ ଇସ୍ତ୍ରୀ ତ ରୋଗିଣୀଟା । ଶୁଆସ ବେମାରି । କୋଉ କ୍ଷଣି କ'ଣ ହେବ କହିହେବନି । ଏମିତି ଆଜ୍ଞା ମୋ ଦୁନିଆ ଚାଲିଛି ।

ହେଇ, ପୁଅଟା ଆଠଦିନ ହେବ ଓଲଟପୁର ଯାଇଛି ଯେ ବାହୁଡ଼ିନି । ତିନିଶ ଟଙ୍କା ନେଇ ଯାଇଥିଲା । କ'ଣ କରିଥିବ କେଜାଣି ! ମନଟା ଭଲ ଲାଗୁନି ଆଜ୍ଞା, ଏମିତି ପଡ଼ିଛି ।

ଏସବୁ କଥା କହିଲାବେଳେ ତା' ତଣ୍ଟି ଭିତରଟା ଯେମିତି ବାରମ୍ବାର ବାନ୍ଧେଇହଉଥିଲା ଆଉ ମୋ ଆଗର ସଂସାରଟା ବି ନାଚିଉଠୁଥିଲା । ତା'ପରେ ମୁଁ ସିଗାରେଟ୍‌ରେ ନିଆଁ ଧରେଇଲି ଏବଂ ତାକୁ ଖଣ୍ଡେ ଯାଚିଲି । ନାହିଁ ଆଜ୍ଞା, ମୋର କି'ଣ ଦରକାର । ଏତିକି କହୁ କହୁ ଅଣ୍ଟାରୁ ବିଡ଼ିଖଣ୍ଡେ କାଢ଼ି ନିଆଁ ଧରେଇଲା ।

ହଁ, ଠିକ୍ ସେତେବେଳକୁ ମୋ ମନ ଭିତରେ ଥିବା ଆଶଙ୍କାଟା ମନେପଡ଼ିଲା ଏବଂ ମୁଁ ଜନାକୁ ପଚାରିବି ପଚାରିବି ବୋଲି ପଚାରିଦେଲି ।

ସେ ଏକ କରୁଣ କଥା ଆଜ୍ଞା, ଜନା ଆରମ୍ଭ କଲା :

ଥେଲେ ଥେଲେ ପଲେ ଖଣ୍ଡେ ଚଢ଼େଇ ଏକାବେଳକେ କିଚିରିମିଚିରି ହୋଇ ଉଠିଲେ । ସେତେବେଳକୁ ତା'ର ନିଦ ଭାଙ୍ଗି ଯାଇଥିଲା । ସେମିତି ପଡ଼ିରହିଥିଲା । ନିଦ ବାଉଳାରେ ସୋମି ଉପରେ ପଡ଼ିଥିବା ଗୋଡ଼ଟିକୁ ଆସ୍ତେ କାଢ଼ି ଆଣିଲା । କାଳେ ପେଟରେ ବାଜିଯିବ । ହଁ, ପେଟଟା ଏହା ଭିତରେ କେତେ ଦେଖାଗଲାଣି । ସେ ଭଲକରି ଚାହିଁଲା । ଚମଗୁଡ଼ାକ ଟାଣିହୋଇଯାଇଛି ଏତେ ଶକ୍ତ କରି ଯେମିତି କିଏ ଭିଡ଼ିଧରିଛି । ସେ ଟିକେ ଆଙ୍ଗୁଠି ଚଳେଇ ଆଣିଲା । ତା' ହାତକୁ କେମିତି କେମିତି ଲାଗିଲା । ଭାରି ଟାଣ ହୋଇଯାଇଛି । ସୋମି ଟିକେ ଚମକିପଡ଼ିଲା । ପୁଣି କଡ଼ ଲେଉଟେଇ ଶୋଇଲା । ହାତ ପକେଇଲା ତା' ଦେହ ଉପରକୁ । ତାକୁ ଭିଡ଼-

Digitized by PPRACHIN, SOA

ନେଉଥିଲା ଆଉର ଟିକେ ପାଖକୁ । ପାହାନ୍ତିଆ ଶୀତରେ ଦୁ'ଜଣଯାକ କୁଙ୍କୁର-ହଉଥିଲେ । ସେ ଭାବୁଥିଲା ଆଉ କେଇଦିନ ପରେ ଏ ଯେଉଁ ସତର୍କତା, ଏ ଯେଉଁ ହୋସିଆର ଆଉ ବା କୋଉ ମାନିବ । ହଁ, ସକାଳ ଛଅଟାରୁ ନ ପହଞ୍ଚିଲେ ଖାତାରେ ଛକ ବାଜିଯାଉଛି । ତା'ପରେ ହାଜିରଖାତା ଚାଲିଯାଉଛି ବଡ଼ ଅଫିସର ପାଖକୁ । ଚଢ଼େଇପକ୍ଷୀଙ୍କ କଚର ମିଚର ହୋଇ ପୁଣି ହଠାତ୍ ନିରବଯାଉଥିଲେ । ବସାହୁଡ଼ା କାଉଟା ବି ଦୁ'ଚାରିଥର କା-କା କରି ଡେଣା ପଡ଼ଫଡ଼ଉଛି । ସେ ଉଠିଲା । କବାଟ ଖୋଲିଲା । ତାକୁ କିଛି ଦେଖାଯାଉନଥିଲା । ଯେମିତି ପାଣି ଆକାଶରୁ ମାଟିଯାଏ ମାଡ଼ିଯାଇଛି । ଖାଲି ଯାହା ତା' ଘର ଭିତରଟା ରହିଯାଇଛି । ଶୀତୁଳିଆ ପବନ ପୁଳାଏ ପଶିଆସୁଥିଲା । ସେ ପଛରୁ କବାଟ ମୁଦିଦେଇ ଗଲା ପାହାଚ ତଳକୁ । ପରିସ୍ରା କଲା । ମାଟିହାଣ୍ଡିରୁ ଗିଲାସେ ପାଣି ଆଣି ପିଇଲା । ଝାଡ଼ା ଗଲା । ଫେରିଲାବେଳକୁ ସୋମି ସେମିତି ଶୋଇଚି । ସେ 'କ୍ରୁଶ'ଙ୍କୁ ମୁଣ୍ଡରେ ମାରିଲା । ଯୀଶୁଙ୍କୁ ସ୍ମରଣକଲା । ଏଇ ମୁହୂର୍ତ୍ତରେ ଭାବୁଥିଲା, ଏଣିକି ସୋମି ପାଇଁ ବାବୁଙ୍କୁ କହି ଛୁଟିଆଣିବ । ନହେଲେ ସେ ବା କୋଉ ଆଉ କାମ କରିପାରିବ ? ପେଟଛୁଆଟାର କାଲେ କ'ଣ ହେଇଯିବ ! ହଁ, ଆଜି ତ ହେଲାଣି ମାସର କୋଡ଼ିଏ ତାରିଖ । ଆଉ ଦଶଟା ଦିନ ମାରିଦେଲେ···ନା-ନା, ଏଇଟା ପରା ଏକତିରିଶିଆ ମାସ । ହଁ ଆଉ ଗୋଟାଏ ଦିନ ଅଧିକା ତ ! ପହିଲାବେଳକୁ ଛୁଟି ଆଣି ଘରେ ରହିବ । ଏତେବାଟ ସାଇକେଲ ପଛରେ ବସି ବସି ସେ ବି ହାଲିଆ ହୋଇଯାଉଛି । ନିଜେ ବି ଚଳେଇବା ଅବସ୍ଥାରେ ନାହିଁ ।

ସୋମି ଉଠିଲା । ତରବର ହୋଇ ଘଣ୍ଟା ଦେଖିଲା । ସତ ସାଢ଼େ ଚାରି । ତେମେ କେତେବେଳୁ ଉଠିଲଣି, ମୋତେ ଡାକୁନ ? ତରବର ହୋଇ ସେ ଝାଡ଼ାଝପଟ ଯାଇ ଗାଧୋଇପଡ଼ିଲା । ଚମ୍ପାଗଛରୁ ଫୁଲଟିଏ ଆଣି ଯୀଶୁଙ୍କ ପାଖରେ ଥୋଇ କ୍ରୁଶକୁ ମୁଣ୍ଡରେ ମାରିଲା । ଉଭୟେ ବାଇବେଲର କେଇ ଧାଡ଼ି ଓଡ଼ିଆ ପଦକୁ ଗୁଣୁଗୁଣୁ ହୋଇ ଗାଇଲେ । ପଖାଳ କଂସାଏ ଲେଖାକୁ ଆଳୁଚକଟା କଞ୍ଚାଲଙ୍କା ଲଗେଇ ଗିଳିପକେଇଲେ । ଖଇନି ଟିପେ ଲେଖାଏଁ ଚୂନ ଦେଇ ଦଳୁ ଦଳୁ ଟିଫିନ କ୍ୟାରିଅର୍‌ରେ ପଖାଳ ରହିଯାଇଥିଲା । କବାଟ କିଳି ସାଇକେଲରେ ପେଡ଼ାଲ ଦେଲେ ।

ହଁ, ମୁଇଁ ଭୁଲିଯାଇଛି ପାସ୍ ବୁକଟା ଆଣିବାକୁ । ଆଜି ପରା କିଛି କିଣାକିଣି କରିବା । ପୁଷୁର ବାହାଘର । କିଛି ତ ହେଲେ ଦବାକୁପଡ଼ିବ । ସୋମୁ ପୁଣି ଫେରିଲା । ବାଟସାରା ପଛରେ ପଡ଼ିଯାଉଥିଲା କେତେ ମୋଟା ମୋଟା ନିମଗଛ, ଆମ୍ବଗଛ, ଜାମୁ-ଶାଳ-ପିଆଶାଳ-ଶିଶୁ-ମହୁଲ-କେନ୍ଦୁ । ଅନୁମାନ କରି ସେମାନେ ସାଇକେଲ ଗଡ଼ାଉଥିଲେ । ଏମିତି କୁହୁଡ଼ି ଘେରିଯାଇଥିଲା ଯେ ପାହାଡ଼ ଓ ମାଟି

Digitized by PPRACHIN, SOA

ଯେମିତି ଗୋଟିଏ ସ୍ତରକୁ ଆସିଯାଇଥିଲେ । ମଫଲର୍‌ଟାକୁ ସେ ଭଲକରି ଭିଡ଼ିନେଲା । ସାଲଟାରେ ସୋମୁ ତା' କାନମୁଣ୍ଡା ଘୋଡ଼େଇ ନେଲା । କାରଖାନାରେ ପହଞ୍ଚିଲା ବେଳକୁ ରାତି ରତରତ । ରାତିସାରା ଖଟୁଥିବା ଲୋକମାନେ ଫେରିଆସୁଥିଲେ । ଏମାନେ କାମରେ ଲାଗିଯାଉଥିଲେ ।

ସେ ଚାଲିଗଲା କ୍ରସର୍ ମେସିନ୍ ପାଖକୁ । ସୋମୁ ଓ ଅନ୍ୟ ରେଜାମାନେ ଝୁଡ଼ିରେ ବୋହିଆଣୁଥିଲେ ପଥର ଖଣ୍ଡ । ମେସିନ୍‌ରେ ଚୂରିହୋଇଯାଉଥିଲା ପଥର ଖଣ୍ଡ । ବିକଟ ଶବ୍ଦରେ ସେମାନେ ଯେମିତି ଆଉ ବ୍ୟତିବ୍ୟସ୍ତ ଜଣାପଡ଼ୁନଥିଲେ । ଭୈରବ ରାଗିଣୀ ଭିତରେ ସେମାନେ କ୍ରମଶଃ ଗୀତିମଗ୍ନ ହୋଇଯାଉଥିଲେ । ସେ ଚାହିଁଲା ସୋମୁ ଆଡ଼କୁ । ସୋମୁ ବୋଝ ମୁଣ୍ଡେଇ ଆଉ ଆଗପରି ଚାଲିପାରୁନି । ମୁହଁରେ ରେଖା ଦେଖାଗଲାଣି । ତା' ମନ ଭିତରଟା ଆଉଟିପାଉଟି ହୋଇଯାଉଥିଲା । ହଉ, ଆଉ କେଇଟା ଦିନ, ଟିକେ ଦୁଃଖକଷ୍ଟ ସହିଯାଆ । ସେତେବେଳକୁ ତ କ'ଣ ନାହିଁ କ'ଣ ଖର୍ଚ୍ଚ ହେବ । ପାଖରେ ତ ଆଉ କେହି ନାହିଁ । ସରକାରୀ ମେଡ଼ିକାଲକୁ ନେଇଆସିବ । ଆଉ ଭୟ କ'ଣ !!

ସୋମି ବୋହିଆଣୁଥିବା ପଥର ଖଣ୍ଡକୁ ସେ କ୍ରସର୍‌ରେ ପକେଇଲାବେଳକୁ ରଡ଼ ରଡ଼ ଶବ୍ଦରେ ଖାଇଯାଉଥିଲା ଯନ୍ତ୍ରଟା । ତାକୁ ଲାଗୁଥିଲା ଯେମିତି ସୋମିର ହାଡ଼ ମାଂସ ରକ୍ତ ସବୁ ପେଷି ହୋଇଯାଉଛି ଏଥିରେ । ସେ ଆଉ ଅଧିକ କିଛି ଭାବିପାରୁନଥିଲା । ପେଟର ଛୁଆଟା !!

ସେ ମନକୁ ଭଲେଇବାକୁ ଦୋକ୍ତା ଟିକେ କାଢ଼ି ଦଳିଲା । ସୋମି ହାତରେ ଟିକେ ଗୁଞ୍ଜି ଦେଲା । ଅତି ସତର୍କତାର ସହିତ ସେ କ୍ରସର୍ ମେସିନ୍ ପାଖରେ ଠିଆହେଉଛି । ଯଦି କ'ଣ ହୋଇଯାଏନା, ସୋମି ମୋର କ'ଣ କରିବ ? ଚାହୁଁ ଚାହୁଁ ଭେଣ୍ଡାଟୋକାଟା ଆଖୁଝଡ଼ା ପରି ଏଇଥିରେ ପେଷି ହୋଇଗଲା । ଏଇଟା ପରା ରକ୍ତ ଚାଖିଛି । ସେ ଆହୁରି ବ୍ୟସ୍ତ ହୋଇଯାଉଥିଲା । ଖରାବେଳେ ପଖାଳ ଖାଇବାରେ ତା'ର ଯେଉଁ ସଉକ କି ହାଣ୍ଡିଆ ଗିନାଏ ଠୁଙ୍କିଦେବାରେ ଯେଉଁ ଆଗ୍ରହ ତାହା ନଥିଲା । ସେ ଆଜି ଭାରି ଅନମନା ହୋଇଉଠୁଥିଲା । ସୋମିର ଦୁଃଖ କଷ୍ଟ ତା' ହାଡ଼ ମଜ୍ଜା ଭିତରେ ଶିର୍ ଶିର୍ ହୋଇ ଚରିଯାଉଥିଲା ।

ସୋମି ମନାକଲା—ନା ଥାଉ, ପୁଅ ପାଇଁ ଏଥରକ ଚେନ୍ ଦେଇହବନି । ଦେଖିବା ତା' ଆରଥରକ । ଘର ଦି'ବଖରା ନକଲେ କେମିତି ମୁଣ୍ଡ ଗୁଞ୍ଜିବା ? ଆମ ଦି'ଜଣଙ୍କର ଦିନ ଚାଲିଯାଉଚି । ଛୁଆଟିଏ ଆସିଲା ପରେ ତ ପୁଣି ଆଗକୁ ଭଲମନ୍ଦ ଅଛି । ସେ ଶୁଣୁନଥିଲା । ବଜାର ଭିତରେ ଦି'ଜଣଯାକ ହାଟ ସଉଦାପାଇଁ ଏଗଲି ସେଗଲି ଗଲୁଥିଲାବେଳେ ସୋମି ଏହି କଥାକୁ ବାରବାର ତାକୁ ମନେପକେଇଦେଉଥିଲା ଏବଂ ସେ ନଶୁଣିଲା ପରି ହେଉଥିଲା । କେମିତି ନହେବା ? ତା'

Digitized by PPRACHIN, SOA

ବର ପରା ବ୍ୟାଙ୍କ୍ ଅଫିସର୍ । ନଦେଲେ ଗୋଟା ଆମର ଇଜ୍ଜତ ରହିବ ତ ? ସୋମି ବି କିଛି କହିପାରୁନଥିଲା । ଆଳୁ କଲେ, ପିଆଜ ଯାଏ, ଏଆଡ଼ୁ ସେଆଡ଼ୁ ପରିବାପତ୍ର ଟିକେ ଧରି ସେମାନେ ଚାଲିଲେ ବସଷ୍ଟାଣ୍ଡ ପାଖ ବଜାରକୁ । ସୋମି ଗୋଟା ପ୍ଲାଷ୍ଟିକ୍ ବାଲ୍ଟି ମୁଲଉଥିଲା । ଦାମ୍ ଶୁଣି ସେ କହିଲା, ହଉ ଥାଉ, ଆରମାସକୁ ଦେଖିବା । ଚାଉଳ, ଡାଲି, ତେଲ, ଫୁଟଣ ଧରି ସେମାନେ ବାଟ ଧରୁଥିଲେ । ସେତେବେଳକୁ ସଞ୍ଜ ଚାଲିଗଲାଣି । ଅନ୍ଧାର ଟିକେ ଟିକେ ମାଡ଼ିଆସିଲାଣି । ରାସ୍ତାଟା ଭଲ ନୁହେଁ । ସବୁବେଳେ ଡମ୍ଫର୍, ଟ୍ରକ୍ ଚାଲି ଚାଲି ଫୁଟିଗଲାଣି । ଗଡ଼ାଣି ରାସ୍ତାରେ ସେ ପେଲି ଚାଲୁଥିଲା ସାଇକେଲ୍ଟାକୁ । ସୋମି ବସିଛି । ଟ୍ରକ୍ଟିଏ ଆଗରୁ ଆସିଲାବେଳକୁ ଲାଇଟ୍ ପଡ଼ୁଛି ତା' ଆଖି ଉପରେ । ଜଳକା ହୋଇଯାଉଛି । କିଛି ବାଟଘାଟ ଦିଶୁନି । ଖାଲି ଚିହ୍ନାଜଣା ରାସ୍ତା ବୋଲି ସେ ମାଡ଼ିଚାଲିଥିଲା । ବାଟରେ ସୋମି ପଚାରିଲା, ଆମର ସମୁଦାୟ କେତେ ହେଲାଣି ? କ'ଣ ଦ'ଶହ ହଜାର ଖଣ୍ଡେ ହେବ ? ସେଥିକରେ କୋଉ ଘର ହେବ । କାଠ ତ ମିଳୁନି । ଖପର କିଣିବାକୁ ହେବ । ମଜୁରି, ବାଉଁଶ, କିଛି କୁଆଡ଼ୁ ହେବନି । ବୁଝିଲ, ଆଉ ସେ ପୁରୁ କଥା ଉଠାନି । ତା' ବର ଏତେ ବଡ଼ ଚାକିରି କରନ୍ତି, ଅଫିସର୍ । ସେ କ'ଣ ଆମର ହାତକୁ ଚାହିଁବସିଛି ? ନହେଲେ ଆମେ କ'ଣ ଏତେ ଗ୍ରେଟ୍ ଲୋ ସୋମି ! ସୋମି ପୁଣି ନୀରବ ଆସୁଥିଲା । ଠିକ୍ ଉତ୍ତରଟା ଦେଇପାରୁନଥିଲା ।

ସେତେବେଳକୁ ପହରକିଆ ବିଲୁଆ ପାହାଡ଼ ତଳୁ ଲହରେଇ ଲହରେଇ ଭୁକିବା ଆରମ୍ଭ କଲେଣି । ସାନ୍ତାଳସାଇରୁ କୁକୁର ପଞ୍ଝାଟା ଥୋଡ଼ାଏ ବାଟ ସେଗୁଡ଼ାକୁ ଗୋଡ଼େଇନେଲେ । ପୁଣି ଫେରିଆସିଲେ ହାରିଯାଇ । ପଛପଟରୁ ଜହ୍ନ ଉଇଁବାର ବେଳ ହୋଇଯାଇଥିଲା । ଗଛର ଲମ୍ବା ଲମ୍ବା ଛାଇ ରାସ୍ତାସାରା ଛାୟାମୂର୍ତ୍ତି ପରି ଲମ୍ବି ଯାଇଥିଲା । ଏପଟ ସେପଟ ଗଛ ଭିତରେ ରାସ୍ତା ଠିକ୍ ସୁଡ଼ଙ୍ଗ ପରି ଦିଶୁଛି । ସେ ସାଇକେଲ୍ ଚଳଉଛି । ଗୀତ ଗାଉଛି । ସୋମି ସ୍ୱର୍ ଧରୁଛି । ଲମ୍ବି ଯାଉଛି ଗୀତର ଲହରୀ । ସୋମି ପଚାରିଲା, ସେ ଯେଉଁ ଶାଢ଼ି କଥା କହୁନଥିଲ, ଆଜି ଦେଖିଲ ତ ? ସେଇ ବଡ଼ ଦୋକାନରୁ ଝୁଲୁନଥିଲା ଉପରୁ ? ଏଇ ନେଳି ନେଳି ଧଡ଼ି । ନାଲି ନାଲି ଗାର । କେତେ ଜାତିର ଫୁଲ ବା । ଚକ୍ ଚକ୍ ଡାକୁନଥିଲା ? ସେଇଥିରୁ । ଗୀତର ଲହରୀ ସେତେବେଳକୁ ଭାଙ୍ଗି ଯାଇଥିଲା । ସେ ଚୁପ୍ ରହିଲାନି । ଆରମାସକୁ ଦେଖିବା । ସୋମି ଟିକେ ଅଭିମାନ କଲା । ସବୁ ତ ଖାଲି ଆରମାସକୁ । ଆରମାସରେ ତେମେ ହୁନଆଟାକୁ କିଣିଦେବ, ଦେଖୁଛି ।

ଏହା ଭିତରେ ସୋମି ଗୋଡ଼ରୁ ଚପଲଟା ଖସିପଡ଼ିଲା । ରଖ ରଖ ବୋଲି ଚିଲେଇଦେଲା । ସେ ବ୍ରେକ୍ କଷିଲାବେଳକୁ ସାଇକେଲ୍ଟା ଥୋଡ଼ାବାଟ ଗଡ଼ି-ଯାଇଥିଲା । ସୋମି ଯାଉଥିଲା । ସେ ମନାକଲା । ନିଜେ ଯାଇ ହାତରେ ଆଣି ସୋମି ଗୋଡ଼ତଳକୁ ପକେଇଦେଲା । ଗଛମୂଳରେ ବସି ପରସ୍ତା କଲେ । ଖାଇନି ଟିପେ ଲେଖାଏଁ ଓଠତଳେ ଜାକିଲେ । ତା' ଦେହରୁ ଝାଳତକ ଥୋପିନେଲା ।

Digitized by PPRACHIN, SOA

ଅଣ୍ଡାଳିଆ ପବନରେ ଦେହ ଟିକେ ଶୀତେଇଉଠିଲା । ପୁଣି ବସିଲେ ସାଇକେଲ୍‌ରେ । ଏତିକିବେଳେ ଉଚା ରାସ୍ତା ଟପି ସେମାନେ ତଳକୁ ପହଁଚିଯାଉଥିଲେ । କେଉଁଠି ଥିଲା ପୋକଟା କେଜାଣି, ଚାଁ କରି ଲାଗିଗଲା ଆଖିରେ । ଝକ୍‌ମକ ଆଲୁଅ ବାହାରିଗଲା । ସେ ଆଉ କିଛି ଦେଖିପାରୁନଥିଲା, ଖାଲି ଅନ୍ଧାର ଛଡ଼ା । ତା' ବାଲାନ୍‌ସ ରହୁନଥିଲା । ଚାହିଁଲେ ବି ପାରୁନଥିଲା । ସାରା ପୃଥିବୀଟା ଜସର ମେସିନ୍ ପରି ଘୂରିଯାଉଥିଲା । ତା'ପରେ କିଛି ଶବ୍ଦ ବ୍ୟତୀତ ଆଉ କିଛି ଶୁଣାଯାଉନଥିଲା ।

କ'ଣ କହିବି ଆଜ୍ଞା, କାହା ଦେହ ସହିବ ! ଆମେ ସବୁ ଖବର ପାଇ ଏଠୁ ଦଉଡ଼ାଦଉଡ଼ି ହୋଇ ଗଲୁ । କିଏ ସେ ଦେଖିବ ଆଜ୍ଞା ସେ ଦୃଶ୍ୟ । କିଛିଦିନ ପାଇଁ ଆମେ ଖାତ ଛାଡ଼ିଦେଲୁ । କଲେଜ ଆମର ବନ୍ଦହୋଇଗଲା ଦି'ଦିନ । ଚାରିଅଡ଼ ଖାଲି ମାଡ଼ ମାଡ଼ ପଡ଼ୁଥାଏ । ଦି'ଜଣଯାକ ସେମିତି ପଡ଼ିଥାନ୍ତି । ଯେମିତି ସେମାନଙ୍କର କିଛି ହୋଇନି । ମରି ଯାଇଛନ୍ତି । ଖାଲି ଦି'ଚାରି ବାଲ୍‌ଟି ରକ୍ତ ରାସ୍ତା-ସାରା ମାଡ଼ିଯାଇଥିଲା । ପିମ୍ପୁଡ଼ି ଘେରିଯାଇଥିଲେ । ମାଛି ଲାଗିଗଲେ ସକାଳକୁ । ଟର୍ଚ୍ଚ ମାରି ଦେଖିଲାବେଳକୁ ମାଇକନଆଟାର ପେଟ ଫାଟି ଛୁଆଟା ଚକଟି ହୋଇ-ଯାଇଛି । ଛୁଆଟା ତ ନୁହେଁ ଯେମିତି ଆଉ ଗୋଟେ ମାଂସପିଣ୍ଡୁଳା ତା ଦେହରେ ମିଶି ବାଟି ହୋଇଯାଇଛି ।

ସେବେଠୁ ମୁଁ କିଛି ଦେଖିନଥିଲି । ହେଲେ ଆଜ୍ଞା, ଏଇ ଦି'ଚାରିମାସ ହେବ ଯେମିତି ମୁଣ୍ଡା ସାଇରେ ଡୁଙ୍ଗ୍‌ଡୁଙ୍ଗା ବାଜିବ, ମାଦଳ ବାଜିବ, ହାଣ୍ଡିଆ ପିଇ ମାଇପେ ମରଦେ ନାଚିବେ, ଏପଟରେ ଆମେ ଟିକେ ଭସ୍ତ ଛଡ଼ା ହୋଇଯାଉ । ଠିକ୍ ସେ ଶବ୍ଦ ବନ୍ଦ ହେଲାବେଳକୁ କିଏ ଦି'ଜଣ କଇଁ କଇଁ ହୋଇ କାନ୍ଦିବାର ଶୁଭେ । ସେତେବେଳକୁ ମୋ' ଦେହ ଶୀତେଇଉଠିଲା । ଲୋମମୂଳ ଠିଆହୋଇଗଲା । ମୁଁ ପଚାରିଲି ଆଉ କିଏ ଶୁଣିଛି ନା ତମେ ଏକୁଟିଆ ? ନାହିଁ, ଆଜ୍ଞାଙ୍କ ଆଗରେ ମୁଁ ମିଛ କହିବି ? ସେମାନେ ତ ସ୍ୱର୍ଗପୁରରେ । ତାଙ୍କ ନାଁରେ ମିଛ କହି କ'ଣ ପାଇବି ? ପଚାରିବେ ଆମ କଲେଜର ଦରୁଆନ୍ ଏକ୍‌କାକୁ । ସେ ପରା ସେ ଗେଟ୍ ପାଖକୁ ଜମାରୁ ଯାଏନି । ଏଇଠି ଏମିତି ଖାଲି ଚକ୍‌କରମାରେ । ସେଠା କ'ଣ ମୋତେ ରାତିରେ ଶୁଭାଇଦିଏ । ଘଣ୍ଟାକୁ ଘଣ୍ଟା ଖାଲି ମୋର ଘର ଆଗରେ ଡାକଛାଡ଼ିବ । ସକାଳୁ ତାକୁ ଯେତେ ଶୋଧିଲେ ବି ସେ ଦାନ୍ତ ଦେଖେଇ କହିବ, କ'ଣ କରିବି ? ଦିଟାଯାକ ରାତିସାରା ପଶି କାନ୍ଦୁଛନ୍ତି ।

ସେତିକି ନୁହେଁ ଆଜ୍ଞା, ଏଇ ଗତସନ କଥା । ଆଉରି ଗୋଟିଏ କାଣ୍ଡ ଘଟିଲା । ଟୋକାଟୋକୀ ଦି'ଟାଯାକ ଏଇଠି ପଢ଼ୁଥିଲେ । ତାଙ୍କ ଭିତରେ ଭଲ ଥିଲା । ଟୋକା ଥିଲା ଖ୍ରୀଷ୍ଟିଆନ୍ ଆଦିବାସୀ । ଟୋକୀଟା ହିନ୍ଦୁ । ଘରେ ରାଜି-ହେଲେନି । ଟୋକାଟା ଆଗରୁ କିଛି ଛୁଉଁନଥିଲା । ଏମିତି ସିଗାରେଟ୍ ଖାଇଲା ଯେ ଆଜ୍ଞାମାନଙ୍କ ଆଗରେ ଟିକେ ଶଙ୍କା କରୁନଥିଲା । ଏଇ ଯେଉଁ ଚମ୍ପା ଗଛଟା ଦେଖୁ-ନାହାନ୍ତି; ସେଇଠି ହଳକଯାକ ସବୁବେଳେ ଗପସପ ହୁଅନ୍ତି । ସମସ୍ତଙ୍କ ଆଖିରେ

Digitized by PPRACHIN, SOA

ପଡ଼େ । କାହାର କାମନାଇଁ କଏ କ'ଣ କହିବ ? ତାଙ୍କ ନାତରେ ତ ଏଇଟା ମାମୁଲି କଥା । କୋଉ ଆମ ଡମ ନାହିଁ ହେଉଚ ଯେ ବାର କଟକଣା । କ'ଣ କହିବ ଆଜ୍ଞା, ତା'ପରଦିନ ସକାଳୁ ଦେଖିଲୁ ଯେ, ଦ'ଟାଯାକ କୁଣ୍ଢାକୁଣ୍ଢି ହୋଇ ସେଇ ଗଛମୂଳେ ପଡ଼ିଛନ୍ତି । ପାଖରେ ପଡ଼ିଛି ପୁଳେ ପୋଡ଼ା ସିଗାରେଟ୍ । ଔଷଧ ଶିଶିଟୁ ଗୋଟା ।

ସିଏ ବି ଗୋଟା କାଣ୍ଡ । ସେଇଦିନଠୁ ମୁଁ ଯେବେ ବାହାରକୁ ଯାଏ କୁଆଡ଼େ କିଛି ନଥିଲେ ବି ଖାଲି ସିଗାରେଟ୍ ଧୂଆଁ ଉଚ୍ଛୁଳିପଡ଼ିବ । ମୁଁ ବୋଲି ଏଠି ପଡ଼ି-ରହିଛି ଆଜ୍ଞା, ନହେଲେ ଏ ବଣ ଭିତରେ କଏ ଗୁଡ ଧରି ରହିବ । ଏବକୁ ସିନା ଆଜ୍ଞାମାନେ ରହିଲେ କ୍ୱାର୍ଟର ଘରେ । ସେ କଥା କହୁନାହିଁ ଆଜ୍ଞା, ଏଠି ଖାଲି ମହାକାଳ ଘୂରୁଛି ନାଗ ରୂପରେ । ଶୋଷି ନେଇଯିବ । ଯେତେଥର ମନାକଲେଣି ଟୁଅକୁ, ତୁ ସେ ମହାକାଳ ପାଖକୁ ଯାଆନ । ସେ ମାନିଲାନି । ସବୁବେଳେ ତା' ସାଙ୍ଗରେ ଲଟରପଟର ହେଲା । ଦିନେ ସେ ମାଇକିନିଆଟାକୁ ମନାକଲି । ତା' ଗେରସ୍ତକୁ ମନାକଲି । ହେଲେ ମୋ ସାଙ୍ଗରେ ଦୁନିଆ ପାଲି ଲଗିଲା । ସେ ମହାକାଳି ମୋ' ପୁଅ ହାତକୁ ନେଲା । ପାଗେଲାଟା ଓଳଟପୁର ଯାଇଚ ଯେ କାହିଁ ଫେରିଲାନି ଆଜ୍ଞା, ଆପଣଙ୍କର ସେଠି କେହି ଚହ୍ନାଜଣା ନାହିଁ ?

ମଇଲା ଗେଞ୍ଜି ଟେକି ସେ ତା' ବାହୁକୁ ଦେଖେଇଦେଲା । ତମ୍ବା କବଚ ଉପରେ ହନୁମାନ ମୂର୍ତ୍ତି । ଗନ୍ଧମାର୍ଦ୍ଦନ ପର୍ବତକୁ ମୁଣ୍ଡେଇଛି । ଗୁଡ ଫାଡ଼ି ଦେଖେଇ ଦେଇଛି ନିମୂର୍ତ୍ତିକ । ଏଇମତେ ମହାକାଳରୁ ବଞ୍ଚେଇଛି, ଆଜ୍ଞା । ମୁଁ ଟିକେ ଶଙ୍କି-ଯାଉଥିଲି । ଘରକୁ ଟିକେ ଆଜ୍ଞା ଯାଇହଉନି । ପୂର୍ବ ବୟସ ଗଲା ଏଇଠି ଏକୁଟିଆ । ସେ ତ ଆସିଲେ ସେଆଡ଼େ ଘର ଅଚଳ । ନା ଆଣିଲେ କୋଉ ଦ' ପଇସା ବଳେଇହେବ ? ହଁ ଆଜ୍ଞା ସେଇ ମହାକାଳ ମୋତେ ଘେରୁଛି । ବାଟ ଗୁଡ଼ୁନି । ମୁଁ ଏ ବାଟରେ ଗଲେ ସେ ସେଇଠି । ସେ ବାଟରେ ଗଲେ ବି ସେଇଠି । କେତେ ଆଉ ଯୁଝିବ ଯେ ?

ନରେନ୍ଦ୍ରବାବୁ କହୁଥିଲେ, ନନା କୁଆଡ଼େ ଗୋଟେ ହିଷ୍ଟିରିଆ ରୋଗୀ । ସ୍ତ୍ରୀ ଛାଡ଼ି ସାରା ଜୀବନ ଏଇଠି ରହିଲାଣି ତ ଆଉ କ'ଣ କରିବ ? ଏ କଥା ମନେପଡ଼ିଲା-ବେଳକୁ ନନା ପ୍ରତି ମୋ ମନଟା ଦରଦୀ ହୋଇଉଠୁଥିଲା ।

ରାତି ବସ୍ ଆସି ପହଞ୍ଚେଇଦେଲା ପାହାନ୍ତିପହରୁ । ପୁଅ ଶୋଇଯାଇଥିଲା । ଝିଅଟା ବି ବଳିବଳାଉଥିଲା । ଆମେ ଜିନିଷପତ୍ର ଧରି ଓହ୍ଲେଇଲୁ । କୁହୁଡ଼ି ଚାରିଆଡ଼େ ମାଡ଼ିଯାଇଥିଲା । ପୁଅକୁ କାନ୍ଧରେ ପକେଇ ଗୋଟା ହାତରେ ଆଟାଚି ଧରିଲି । ସ୍ତ୍ରୀ ଝିଅକୁ କୋଳରେ ଧରି ଆର ହାତରେ ବାସ୍କେଟ୍‌ଟାକୁ ଧରିଥାନ୍ତି । ଏଇ ଏତିକି ବାଟ ଆସିବାକୁ ବି ଭାରି କଷ୍ଟ ଲାଗୁଥାଏ । ରାତିସାରା ଶୋଇହେଇନି । ସେ ତ ବସ୍‌ରେ ବସିବେ ମାନେ ବାନ୍ତି । ତା' ସାଙ୍ଗକୁ ଦ'ଟାଯାକ ଛୁଆ ମତେ

Digitized by PPRACHIN, SOA

ଡାକରେ ପାଣି ପିଆଇଦେଉଛନ୍ତି । ନାଚ ଦେଖିଲା ପରି ଲାଗୁଥାଏ । କଲେଜ ଗେଟ୍ ଟପି କ୍ୟାମ୍ପସରେ ପାଦ ଦେଉଛୁ ଚଢ଼େଇଟିଏ ଜୋର୍‌ରେ ଉଡ଼ିଗଲା । ଆମେ ଚମକି-ପଡ଼ିଲୁ । କିଛି ବାଟ ଯାଇଛୁ ପଛରୁ କାନ୍ଦଣା ଶୁଭୁଥିଲା ଖୁବ ସ୍ତିମିତ କଣ୍ଠରେ । ମୋ' ଦେହ ଶୀତେଇଉଠିଲା । ନନାଠୁ ଶୁଣିଥିବା କଥା ମୋତେ ଆହୁରି ଦୁର୍ବଳ କରିଦେଉଥିଲା । ତା'ପରେ ଠିକ୍ ସେଇ ଚମ୍ପା ଗଛ ସିଧା ରାସ୍ତାରେ ପହଞ୍ଚିଲାବେଳକୁ ସିଗାରେଟ୍ ଧୂଆଁ ବି ବାରିଲି । ଅବଶ୍ୟ ସେତେବେଳକୁ କେହି କ୍ୟାମ୍ପସ୍ ଭିତରେ ଉଠିନଥିଲେ । ମହାନ୍ତିବାବୁ, ଘୋଷବାବୁ, ସାହୁବାବୁ କି ପାଣିଗ୍ରାହୀବାବୁ ଏମାନେ କେହି ବି ଫୁଲ ତୋଳିବାକୁ ଆସିନଥିଲେ । କୁହୁଡ଼ି ଘେରିରହିଥିଲା । ମୁଁ ଆହୁରି ଦୁର୍ବଳ ହୋଇଯାଉଥିଲି । ପତ୍ନୀଙ୍କୁ ସମ୍ଭାଳିବା ପାଇଁ ମୁଁ ନିଜକୁ ଖୁବ୍ ଦୃଢ଼ କରି ଆଣୁଥିଲି ।

ଆଉ କାନ୍ଦଣା ଶୁଭୁନଥିଲା କି ଧୂଆଁଗନ୍ଧ ଆସୁନଥିଲା । ଘର ସାମ୍ନାରେ ଥିବା ବଡ଼ କାଜୁଗଛର ଗହଳ ପତ୍ର ଭିତରେ କିଏ ଗୋଟାଏ ଖଜ୍‌ବଜ୍ ହୋଇଗଲା । ସେତେବେଳକୁ ମୋର ସାହସ ଆସିଯାଇଥିଲା । ଅନ୍ୟ ଘର ଭିତରୁ ଲାଇଟ୍ ଦିଶୁଥିଲା । ଉଡ଼ିଗଲା ଚଢ଼େଇଟା । ମୁଁ ଆଶ୍ୱସ୍ତ ହେଲି । ଘରେ ପଶିଲାବେଳକୁ ଅନେକ ଦିନର ଅନୁପସ୍ଥିତିରେ ଆମେ ଘରର ନିଜସ୍ୱ ନିଃସଙ୍ଗ ବାସ୍ନାକୁ ଶୋଷିପକାଇ ଅଣନିଃଶ୍ୱାସୀ ହୋଇଯାଇଥିଲୁ । ଝରକା କବାଟ ଖୋଲି ଫ୍ୟାନ୍ ଚଳେଇଦେଲୁ । ଥଣ୍ଡା ଲାଗୁଥିଲେ ବି ମୋ ଦେହରେ ଝାଳ ଜକେଇ ଆସିଥିଲା । ଟିକେ ଥଣ୍ଡା ଲାଗିଲା । ପିଲାଙ୍କୁ ଶୁଆଇଦେଇ ଆମେ ଟିକେ ଗଡ଼ିପଡ଼ିଲୁ । ପେଟ ଗରମ ହୋଇ ନିଦ ହେଉନଥାଏ । ପତ୍ନୀ ମୋ ପାଖକୁ ଘୁଞ୍ଚିଆସି କାନ ପାଖରେ ମୁହଁ ଗୁଞ୍ଜି କହିଲେ, କ'ଣ ସିନେମାଟା ଭଲ ଲାଗିଲା ? ମୁଁ କୋଉ ଦେଖିଛି ଯେ କହିବି । ତା'ପରେ ସେ କହିଲେ—ଆଚ୍ଛା, ତମେ ଗୋଟେ କଥା ଶୁଣିଛ ? ମୁଁ ଉତ୍ସୁକତାର ସହିତ ଚାହିଁରହିଲି । ସେ କହିଲେ ଗେଟ୍ ପାଖରେ କିଏ ଗୋଟା ଗୁଣୁଗୁଣୁ ହୋଇ କାନ୍ଦୁଥିଲା । ମଝିରାସ୍ତାରେ ପୁଣି ଧୂଆଁଗନ୍ଧ । କେହି ତ ଉଠିନଥିଲେ ସେତେ-ବେଳେ । ମୁଁ ନୀରବ ରହିବାକୁ ଚାହିଁ ରହିପାରୁନଥିଲି । ନନାଠୁ ଶୁଣିଥିବା କଥାକୁ ତାଙ୍କ ଆଗରେ କହିଲି । ସେ ଚୁପ୍ ପଡ଼ିଯାଇଥାନ୍ତି । ତାଙ୍କ ତଣ୍ଟି ଭିତରଟା ଶୁଖି-ଯାଇଥିଲା । ଆଖି ଦି'ଟା ଛଳଛଳ ହୋଇଉଠୁଥିଲା । ସେ ପ୍ରଥମେ ପ୍ରଥମେ ଡରିଯାଇ-ଥିଲେ ବି ତା'ପରେ ପରେ ଖୁବ ଅସହଜ ମନେକରୁଥିଲେ ।

ଝିଅ ଉଠିଲା । ଆମେ କେହି କିଛି ଆଉ ନକହି ଯେମିତି ଚୁପ୍ ପାଲଟି-ଯାଇଥିଲୁ । ଝିଅକୁ କ୍ଷୀର ଦେଲାବେଳେ ସେ ତା' କଅଁଳ ବାଳକେରାକୁ ସାଉଁଳେଇ ଆଣୁଥିଲେ ଆଉ ତା'ର ଚଁ-ଚଁ ଶବ୍ଦ ଭିତରେ ସକାଳ ଆସୁଥିଲା । ସୂର୍ଯ୍ୟ ଉଠିଥିଲା ସୂର୍ଯ୍ୟ !!

Digitized by PPRACHIN, SOA